

୨୦ରେ 'କାନ୍ତାରା ଚାପ୍ଟର୍ ୧' ଟ୍ରେଲର୍
▸ପୃଷ୍ଠା ୧୧ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


◆VOLUME- 43 ◆ISSUE-83 ◆TUESDAY ◆16 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୮୩ ◆ମଙ୍ଗଳବାର ◆୧୬ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ନେପାଳରେ ଟେଣ୍ଟ ଭିତରେ ଚାଲୁଛି ସୁପ୍ରିମକୋର୍ଟ



■ **କାଠମାଣ୍ଡୁ, ୧୫।୯ (ଏଜେନ୍ସି):** ନେପାଳରେ ହିଂସାରେ ସୁପ୍ରିମକୋର୍ଟ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ସୁପ୍ରିମକୋର୍ଟରେ ଥିବା ହଜାର ହଜାରର ମାମଲାର ରେକର୍ଡ ଜଳି ଯାଇଛି କିମ୍ବା ହଜି ଯାଇଛି। କୋର୍ଟଙ୍କ କାର୍ଯ୍ୟ ଉପରେ ଏହା ପ୍ରତ୍ୟକ୍ଷ ପ୍ରଭାବ ପକାଉଛି। ନେପାଳ ସୁପ୍ରିମକୋର୍ଟ ଆଜି ପୁଣିଥରେ ଖୋଲିଛି। ଏବେ କୋଠା ବଦଳରେ ଟେଣ୍ଟ ତଥା ତମ୍ବୁରେ କୋର୍ଟ କାର୍ଯ୍ୟ ଚାଲିଛି। ସ୍ୱାଭାବିକ ଭାବେ ଶୁଣାଣି ଆରମ୍ଭ ହୋଇପାରି ନାହିଁ। ଏପରି ହେବାକୁ ଅଧିକ ସମୟ ଲାଗିବ ବୋଲି କୁହାଯାଉଛି। ବରିଷ୍ଠ ଓକିଲ ତଥା ସୁପ୍ରିମକୋର୍ଟ ବାର୍ ଆସୋସିଏସନର ପୂର୍ବତନ ସଭାପତି ପୂର୍ଣ୍ଣ ମାନ ଶାକ୍ୟ କହିଛନ୍ତି ଯେ ଅଗ୍ନିକାଣ୍ଡରେ ପ୍ରାୟ ୨୬,୦୦୦ ବିଚାରାଧୀନ ମାମଲାର ଫାଇଲ୍ ଏବଂ ୩୬,୦୦୦ରୁ ଅଧିକ ପୁରୁଣା ମାମଲା ରେକର୍ଡ ନଷ୍ଟ ହୋଇଯାଇଛି। ଏହି କାରଣରୁ ଅନେକ ମାମଲାର ▸ପୃଷ୍ଠା-୭

## ୩ ମିନିଟ୍‌ରେ ଭଙ୍ଗା ହାଡ଼ ଯୋଡ଼ିବ 'ବୋନ୍ ଗ୍ଲୁ'



■ **ବେଜିଂ, ୧୫।୯ (ଏଜେନ୍ସି):** ଚୀନ୍ ବୈଜ୍ଞାନିକଙ୍କୁ ବଡ଼ ସଫଳତା ମିଳିଛି। ଭଙ୍ଗା ହାଡ଼ ଯୋଡ଼ିବା ପାଇଁ ବୈଜ୍ଞାନିକମାନେ ଫେବିକ୍ୱିକ ଭଳି ଉପାଦାନ ପ୍ରସ୍ତୁତ କରିଛନ୍ତି। ଏହି ବୋନ୍ ଗ୍ଲୁ ତଥା ପ୍ରଲେପ ତିନି ମିନିଟରେ ଭଙ୍ଗା ହାଡ଼କୁ ଯୋଡ଼ି ଦେଉଛି। ଆଉ ହାଡ଼ ଯୋଡିବା ପାଇଁ ପ୍ଲାଷ୍ଟର କିମ୍ବା ମେଟାଲ ରଡ୍, ଫିଲର୍ସର ଆବଶ୍ୟକତା ପଡ଼ିବ ନାହିଁ। ସପ୍ତାହେ ପର୍ଯ୍ୟନ୍ତ ପ୍ଲାଷ୍ଟର ଲଗାଇ ରଖିବାକୁ ପଡ଼ିବନି। ଏହା ମାଧ୍ୟମରେ ଆପେ ଆପେ ହାଡ଼ ଯୋଡ଼ି ହୋଇଯିବ। ଚୀନ୍ ଗଣମାଧ୍ୟମ ଗ୍ଲୋବାଲ ଟାଇମ୍ସର ରିପୋର୍ଟ ଅନୁଯାୟୀ ଏହି ବୋନ୍ ଗ୍ଲୋରର ନାମ 'ବୋନ-୨' ରଖାଯାଇଛି। ଚୀନ୍‌ର ଝେଜିୟାଙ୍ଗ ୟୁନିଭର୍ସିଟି ସହ ଜଡ଼ିତ ସାର୍ ରନ୍ ରନ୍ ସା ହସ୍ପିଟାଲର ଡାକ୍ତରମାନେ ଏହାକୁ ପ୍ରସ୍ତୁତ କରିଛନ୍ତି। ହାଡ଼ ଡାକ୍ତର ଲିନ୍ ଏହି ଗବେଷଣାର ନେତୃତ୍ୱ ନେଇଥିଲେ। ଶାମୁକାକୁ ଦେଖି ତାଙ୍କୁ ଏହି ଗ୍ଲୋ ପ୍ରସ୍ତୁତ କରିବା ପାଇଁ ପ୍ରେରଣା ମିଳିଥିଲା। ଜୋରରେ ଲହଡି ଆସିଲେ ମଧ୍ୟ ଶାମୁକା ପୋଲରେ ସେମିତି ଲାଖି ରହିଥାଏ। ଏହା ନିଜ ପାଦରୁ ଏକ ପ୍ରକାରର ପ୍ରଲେପ ବାହାର କରିଥାଏ। ଏହା ପଥର କିମ୍ବା ପୋଲ ସହ ଲାଖି ରହିଥାଏ। ଏଥିରେ ୧୦ ପ୍ରତିଶତ ପ୍ରୋଟିନ ଏବଂ ୯୦ ପ୍ରତିଶତ ପର୍ଯ୍ୟନ୍ତ କ୍ୟାଲିସିୟମ କାର୍ବୋନେଟ ଥାଏ। ଯେତେ ▸ପୃଷ୍ଠା-୭

## ଏସ୍‌ଆଇଆର୍‌କୁ ନେଇ ସୁପ୍ରିମକୋର୍ଟଙ୍କ ଚେତାବନୀ

# ତ୍ରୁଟି ଥିଲେ ରଦ୍ଦ



■ **ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି):** ଭାରତର ନିର୍ବାଚନ କମିସନ ହେଉଛନ୍ତି ଏକ ସାମ୍ବିଧାନିକ ସଂସ୍ଥା। କମିସନ ଦ୍ୱାରା ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର୍ ପ୍ରକ୍ରିୟା ଚାଲିଛି। ଏହି ପ୍ରକ୍ରିୟା ଆଇନ ଅନୁଯାୟୀ ଚାଲିଛି ବୋଲି ଭାବିନେବା ସ୍ୱାଭାବିକ। ତେବେ କୌଣସି ସ୍ତରରେ ଟିକିଏ ହେଲେ ଆଇନ ବିରୋଧୀ କାମ ହୋଇଥିବା ଧରାପଡ଼ିଲେ ସମଗ୍ର ଏସ୍‌ଆଇଆର୍ ପ୍ରକ୍ରିୟାକୁ ରଦ୍ଦ କରି ଦିଆଯିବ ବୋଲି ସୁପ୍ରିମ କୋର୍ଟ ଆଜି ନିର୍ବାଚନ କମିସନଙ୍କୁ ଚେତାବନୀ ଶୁଣାଇଦେଇଛନ୍ତି। ସୁପ୍ରିମ କୋର୍ଟଙ୍କ ଏହି ଆଦେଶ କେବଳ ବିହାର ନୁହେଁ, ସମଗ୍ର ଦେଶରେ ଲାଗୁହେବ।

ବିହାରରେ ଏସ୍‌ଆଇଆର୍‌କୁ ବିରୋଧ କରି ଆଗତ ପିଟିସନର ଶୁଣାଣି ବେଳେ ଏଭଳି ଚେତାବନୀ ଦେଇଛନ୍ତି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ। ଆସନ୍ତା ଅକଟୋବର ୭ ତାରିଖକୁ ଚୂଡ଼ାନ୍ତ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରି ଖଣ୍ଡପୀଠ କହିଛନ୍ତି ଯେ ବର୍ତ୍ତମାନ ଏହି ପ୍ରକ୍ରିୟା ଉପରେ ଆମେ ମୌଣସି ମତାମତ ଦେଉନୁ। କିନ୍ତୁ ବିହାର ଏସ୍‌ଆଇଆର୍ ଉପରେ କୋର୍ଟ ଯେଉଁ ରାୟ ଦେବେ, ତାହା ସମଗ୍ର ଦେଶ ପାଇଁ ପ୍ରଯୁଜ୍ୟ ହେବ। ସେପଟେମ୍ବର ୩୦ ତାରିଖରେ ଯେଉଁ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ତାହାର ପ୍ରଭାବ କୋର୍ଟ ରାୟ ଉପରେ ପଡ଼ିବ ନାହିଁ। ଏହା ଆମ ପାଇଁ କିଛି ଫରକ ପଡ଼ିବ ନାହିଁ। ପ୍ରକ୍ରିୟାରେ ଆଇନ ବିରୋଧୀ କାମ ହୋଇଛି ବୋଲି କୋର୍ଟର ହୃଦବୋଧ ହେଲେ ସମଗ୍ର ପ୍ରକ୍ରିୟାକୁ ରଦ୍ଦ କରିଦିଆଯିବ। ଅନ୍ୟ ରାଜ୍ୟରେ ଏସ୍‌ଆଇଆର୍ ପାଇଁ ନିର୍ବାଚନ କମିସନଙ୍କୁ ବାରଣ କରାଯାଇ ପାରିବ ନାହିଁ ବୋଲି ଉଲ୍ଲେଖ କରି କୋର୍ଟ କହିଲେ ଚୂଡାନ୍ତ ଶୁଣାଣି ଦିନ ଆବେଦନକାରୀ ଏହା ଉପରେ ଯୁକ୍ତି ଉପସ୍ଥାପନ କରିପାରିବେ। ବିହାର ଏସ୍‌ଆଇଆର୍ ମାମଲା କୋର୍ଟଙ୍କ ବିଚାରାଧୀନ ଥିବା ବେଳେ ନିର୍ବାଚନ କମିସନ ଅନ୍ୟ ରାଜ୍ୟରେ ଏହି ପ୍ରକ୍ରିୟା ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଛି ବୋଲି ଆବେଦନକାରୀଙ୍କ ପକ୍ଷରୁ ଦୃଷ୍ଟି ଆକର୍ଷଣ କରାଯିବାରୁ ମାନ୍ୟବର ବେଞ୍ଚ ଏହା କହିଛନ୍ତି। ଏକ ବେଆଇନ ସର୍ତ୍ତ ଯୋଗୁଁ କୌଣସି ନାଗରିକ ମତଦାନରୁ ବଞ୍ଚିତ ହେବା ଉଚିତ ନୁହେଁ ବୋଲି ଆବେଦନକାରୀଙ୍କ ପକ୍ଷରୁ ଆଡଭୋକେଟ୍ ବୃନ୍ଦା ଗ୍ରୋଭର ଯୁକ୍ତି କରିବାରୁ ମାନ୍ୟବର କୋର୍ଟ କହିଲେ ଯେ 'ଆମ କଥା ମନେ ରଖ। ବିହାରରେ ଏସ୍‌ଆଇଆର୍ ପ୍ରକ୍ରିୟାରେ କୌଣସି ଭୁଲ୍ ହୋଇଥିବା ଧରାପଡ଼ିଲେ ସମଗ୍ର ପ୍ରକ୍ରିୟାକୁ ରଦ୍ଦ କରିଦିଆଯିବ।'

ବିହାର ଏସ୍‌ଆଇଆର୍‌ରେ ଆଧାରକୁ ବୈଧ ଦସ୍ତାବିଜ ରୂପେ ଗ୍ରହଣ କରିବା ଲାଗି ସେପଟେମ୍ବର ୮ ତାରିଖରେ ନିର୍ବାଚନ କମିସନଙ୍କୁ କୋର୍ଟ ଦେଇଥିବା ଆଦେଶକୁ ପ୍ରତ୍ୟାହାର କରିବା ଲାଗି ଇତିମଧ୍ୟରେ ପିଟିସନ ଆସିଛି। ଏହା ଉପରେ ସୁପ୍ରିମ କୋର୍ଟ କେନ୍ଦ୍ର ସରକାର ଓ ନିର୍ବାଚନ କମିସନଙ୍କୁ ନୋଟିସ ଜାରି କରିଛନ୍ତି।

## ୱାକଫ୍ ଆଇନରେ ଆଂଶିକ ରୋକ୍

■ **ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି):** କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ୱାକଫ୍ ସଂଶୋଧନ ଆଇନ, ୨୦୨୫ ଉପରେ ସାମଗ୍ରିକ ଭାବେ ରୋକ୍ ଲଗାଇବାକୁ ମନା କରିଦେଇଛନ୍ତି ସୁପ୍ରିମ କୋର୍ଟ। ତେବେ ନୂଆ ଆଇନର କେତେକ ବ୍ୟବସ୍ଥାରେ ରୋକ୍ ଲଗାଇଛନ୍ତି ସର୍ବୋଚ୍ଚ ଅଦାଲତ।

ମାମଲାର ବିଚାର କରୁଥିବା ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇ ଏବଂ ଜଷ୍ଟିସ ଏଜି ମସିହଙ୍କୁ ।।ନେଇ ଗଠିତ ବେଞ୍ଚ ଯେଉଁ କେତେକ ବ୍ୟବସ୍ଥା ଉପରେ ଅନ୍ତରୀଣ ରୋକ୍ ଲଗାଇଛନ୍ତି ସେଥିମଧ୍ୟରେ ରହିଛି ଜିଲ୍ଲାପାଳଙ୍କ କ୍ଷମତା। କୋର୍ଟ କହିଛନ୍ତି ଯେ ଏକ ନିର୍ଦ୍ଦିଷ୍ଟ ସଂପତ୍ତି ୱାକଫ କି ନୁହେଁ, ତାହା ଜିଲ୍ଲାପାଳ ବା ସରକାରୀ ଅଧିକାରୀ ସ୍ଥିର କରିପାରିବେ ନାହିଁ। ନାଗରିକଙ୍କ ସଂପତ୍ତି ଅଧିକାର ଉପରେ ବିଚାର କରିବା ଲାଗି ଜିଲ୍ଲାପାଳଙ୍କର କ୍ଷମତା ନାହିଁ। ଏହା କ୍ଷମତା ପୃଥକୀକରଣ ନିୟମର ଉଲ୍ଲଂଘନ କରୁଛି। ଟ୍ରିବ୍ୟୁନାଲ ରାୟ ନଶୁଣାଇବା ପର୍ଯ୍ୟନ୍ତ କୌଣସି ତୃତୀୟ ପକ୍ଷ ଏଥିରେ ଆସିପାରିବ ନାହିଁ। ଏହସହିତ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ୱାକଫ୍ ସଂପତ୍ତି ବିବାଦ ବିଚାରାଧୀନ ଥିବା ବେଳେ ଏହି ବିବାଦୀୟ ସଂପତ୍ତିରୁ ୱାକଫ୍ ମାନ୍ୟତା ପ୍ରତ୍ୟାହାର କରିପାରିବେ ନାହିଁ ସରକାର। ଟ୍ରିବ୍ୟୁନାଲ ବା କୋର୍ଟ ରାୟ ଶୁଣାଇବା ପର୍ଯ୍ୟନ୍ତ ସଂପୃକ୍ତ ସଂପତ୍ତିକୁ ୱାକଫ୍ ହିଁ କୁହାଯିବ। ୱାକଫ୍ ବାଇ ୟୁଜର୍ସ ସଂପର୍କରେ ଅଦାଲତ କହିଲେ ଯେ ଏସଂକ୍ରାନ୍ତ ରାୟ କେବଳ ସଂପୃକ୍ତ ହାଇକୋର୍ଟ ହିଁ ଦେଇପାରିବେ। ହାଇକୋର୍ଟ ରାୟ ନଶୁଣାଇବା ପର୍ଯ୍ୟନ୍ତ

**ୱାକଫ ବିଚାର କ୍ଷମତା ଜିଲ୍ଲାପାଳଙ୍କର ନାହିଁ**

**ସଂପତ୍ତି ୱକଫ ପାଇଁ ୫ ବର୍ଷ ଧରି ମୁସଲିମ ହେବା ଜରୁରି ନୁହେଁ**

**ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମୁସଲିମ ରହିବା ଉଚିତ**

**ବୋର୍ଡରେ ଅଣମୁସଲିମ ସଭ୍ୟସଂଖ୍ୟା ୩ରୁ ଅଧିକ ହେବନାହିଁ**

ସରକାରୀ ଅଧିକାରୀଙ୍କ ରିପୋର୍ଟ ଆଧାରରେ ୱାକଫ୍ ସଂପତ୍ତିର କିସମ ପରିବର୍ତ୍ତନ କରାଯାଇପାରିବ ନାହିଁ।

ସେହିଭଳି ଜଣେ ବ୍ୟକ୍ତି ଅତିକମ୍‌ରେ ୫ ବର୍ଷ ଧରି ଇସଲାମ ଧର୍ମ ପାଳନ କରିଥିଲେ ଯାଇ ସଂପତ୍ତି ୱାକଫ୍ (ଦାନ) କରିପାରିବ ବୋଲି ଆଇନରେ ଥିବା ସର୍ତ୍ତ ଉପରେ ମଧ୍ୟ ରୋକ୍ ଲଗାଇଛନ୍ତି ସର୍ବୋଚ୍ଚ ଅଦାଲତ। ▸ପୃଷ୍ଠା-୭

## ବ୍ରହ୍ମଗିରିରେ ଲଜ୍ଜା

## ପ୍ରେମିକକୁ ଗଛରେ ବାନ୍ଧି ପ୍ରେମିକାକୁ ଗଣଦୁଷ୍କର୍ମ !



■ **ବ୍ରହ୍ମଗିରି, ୧୫।୯ (ସମିସ):** ପ୍ରେମିକକୁ ଗଛରେ ବାନ୍ଧି ପ୍ରେମିକାକୁ ଗଣଦୁଷ୍କର୍ମ। ବ୍ରହ୍ମଗିରି ପ୍ରସିଦ୍ଧ ଶକ୍ତିପୀଠ ମା' ବାଲିହରିଚଣ୍ଡୀ ପୀଠ ନିକଟ ଜଙ୍ଗଲରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ତେବେ ଏ ସଂପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ବେଳେ ପୁଲିସ ବି ମୁହଁ ଖୋଲୁନି। ତେବେ ବ୍ରହ୍ମଗିରି ଏବଂ ସଦର ଥାନା ପୁଲିସ ଏହି ଘଟଣାରେ ୩ଜଣଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଆଉ ଜଣେ ଫେରାର୍ ଥିବା ସୂଚନା ମିଳିଛି।

ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଗତ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଏକ ପ୍ରେମୀଯୁଗଳ ବାଲିହରଚଣ୍ଡୀ ବୁଲିବାକୁ ଆସିଥିଲେ। ସେମାନେ ମା'ଙ୍କୁ ଦର୍ଶନ କରିସାରିବା ପରେ ସମୁଦ୍ର କୂଳକୁ ବୁଲିବାକୁ ଯାଇଥିଲେ। ଏହି ସମୟରେ ୪ଜଣ ଦୁର୍ବୃତ୍ତ ସେମାନଙ୍କୁ ପିଛା କରିଥିଲେ। ସମୁଦ୍ର କୂଳକୁ ଯିବାକୁ ହେଲେ ଏକ ନଦୀ ପାର୍ ହେବାକୁ ପଡ଼ିଥାଏ। ସମ୍ପୃକ୍ତ ଯୁବକମାନେ ଉଭୟଙ୍କୁ ଡଙ୍ଗାରେ ନଦୀ ପାର୍ କରାଇଥିଲେ। କିନ୍ତୁ ନଦୀ ଅପରପାର୍ଶ୍ୱରେ ପହଞ୍ଚିବା ପରେ ଯୁବକମାନଙ୍କ ସ୍ୱଭାବ ବଦଳି ଯାଇଥିଲା। ସେମାନେ ପ୍ରେମିକୁ ଏକ ଗଛରେ ବାନ୍ଧି ତାଙ୍କ ସାମ୍ନାରେ ପ୍ରେମିକାକୁ ଗଣଦୁଷ୍କର୍ମ କରିଥିଲେ। ପ୍ରେମୀଯୁଗଳ ଯେତେ କାକୁତିମିନତି ▸ପୃଷ୍ଠା-୭

## ୨୮ ହଜାର ଲିଟର ଅପମିଶ୍ରିତ କ୍ଷୀର ନଷ୍ଟ କଲା ପ୍ରଶାସନ

■ **ତିଗିରିଆ, ୧୫।୯ (ସମିସ):** ଗୁରୁଡିଝାଟିଆ ଥାନା ଅନ୍ତର୍ଗତ କୁଷ୍ପଙ୍ଗିରେ ଜବତ ହୋଇଥିବା ୨୮ ହଜାର ଲିଟର ଅପମିଶ୍ରିତ କ୍ଷୀରକୁ ଆଜି ପ୍ରଶାସନ ନଷ୍ଟ କରିଛି। ସୋମବାର ଆଠଗଡ଼ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିର୍ଦ୍ଦେଶକ୍ରମେ ଟ୍ୟାଙ୍କର୍ ମଧ୍ୟରେ ଥିବା ସମସ୍ତ ୨୮ ହଜାର ଲିଟର କ୍ଷୀରକୁ ଅପରାହ୍ଣରେ ତଦନ୍ତକାରୀ ଅଧିକାରୀ ଏସଆଇ ତନୁଶ୍ରୀ ସାହୁ, ଆଇଆଇସି ତପନ କୁମାର ପତ୍ରି ଓ ସାଇଣ୍ଟିଫିକ ଟିମଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଏହି ଥାନା ନିକଟ ସାଉରିଆ ଗ୍ରାମ ପାର୍ଶ୍ୱରେ ଥିବା ଏକ ବନ୍ଦପଥର ଖାଦାନ ଭିତରେ ଢ଼ଳା ଯାଇଥିଲା। କାଳେ ଏହି କ୍ଷୀରକୁ କେହି ଜୀବଜନ୍ତୁ ଖାଇବେ କିମ୍ବା ତାଙ୍କର କୌଣସି ଅସୁବିଧା ହେବ, ସେଥିପାଇଁ କ୍ଷୀର ଢ଼ଳା ସରିବା ପରେ ଟ୍ରାକ୍ଟର ଦ୍ୱାରା ତା ଉପରେ ମାଟି ମୋରମ ପକାଯାଇ ଘୋଡ଼ାଇ ଦିଆଯାଇଥିଲା। ନଷ୍ଟ କରାଯାଇଥିବା ସମସ୍ତ ୨୮ ହଜାର ଲିଟର କ୍ଷୀରର ପ୍ରକୃତ ମୂଲ୍ୟ ବଜାର ଦର ଅନୁସାରେ ▸ପୃଷ୍ଠା-୭

**ସୁସଂଗଠିତ ରାକେଟ ଦ୍ୱାରା ଚାଲିଥିଲା କାରବାର**

**ପୁଲିସର ଖୋଳତାଡ଼ ଜାରି**

## ସାର ଅଭାବକୁ ନେଇ ଗର୍ଜିଲା ବିଜେଡି

### ରାଜଭବନ ସମ୍ମୁଖରେ ବିଶାଳ ଗଣବିକ୍ଷୋଭ



■ **ଭୁବନେଶ୍ୱର, ୧୪।୯ (ସମିସ):** ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ୍ ଥିବାନେଇ ସରକାର ଦାବି କରୁଛନ୍ତି। ଅଥଚ ଓଡ଼ିଶାର ଚାଷୀ ସାର ପାଉନାହିଁ। ସାର ପାଇଁ ଚାଷୀଟିଏ ରାତି ରାତି ଅନିଦ୍ରାରେ ଛିଡ଼ା ହେଉଥିବା ବେଳେ କଳାବଜାରୀ ଚଢ଼ାଦରରେ ସାର ଖୋଲା ବଜାରରେ ବିକ୍ରି କରୁଛନ୍ତି। ଖରିଫ ଚାଷ କାମ ଶୀର୍ଷରେ ଥିବାବେଳେ ରାଜ୍ୟ ସରକାର ସାର ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଖରିଫ ଧାନ ଅଧିକ ଉତ୍ପାଦନ ହେଲେ ସରକାରଙ୍କୁ ଅଧିକ ବୋନସ ଦେବାକୁ ହେବ ବୋଲି ସରକାର ଖରିଫ ଧାନ ଉତ୍ପାଦନରେ ରୋକ ଲଗାଇବା ପାଇଁ ସାର ଯୋଗାଣ ଅଭାବର ଷଡ଼ଯନ୍ତ୍ର ରଚିଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି। ରାଜ୍ୟରେ ସାରର ଅଭାବ ଯୋଗୁଁ ଚାଷୀ ମାନେ ହନ୍ତସନ୍ତ ହେଉଥିବା ଅଭିଯୋଗ କରି ବିଜେଡି ପକ୍ଷରୁ ସୋମବାର ରାଜଭବନ ସମ୍ମୁଖରେ ବିଶାଳ ଗଣଧାରଣା କରି ▸ପୃଷ୍ଠା-୭

**ଖରିଫ ଉତ୍ପାଦନ କମାଇବାକୁ ସାର ଅଭାବ ଏକ ସରକାରୀ ଷଡ଼ଯନ୍ତ୍ର**

**ସାର ଯୋଗାଣ ଓ କଳାବଜାରୀ ରୋକିବାରେ ସରକାର ସମ୍ପୂର୍ଣ୍ଣ ବିଫଳ**



## ସ୍ୱର୍ଗଦ୍ୱାରରେ ଚମତ୍କାର !

# ଶବରେ ପଶିଲା ଜୀବ

■ **ପୁରୀ, ୧୫।୯ (ସମିସ):** ସ୍ୱର୍ଗଦ୍ୱାରରେ ଆଶ୍ଚର୍ଯ୍ୟ। ସମସ୍ତଙ୍କୁ ଚକିତ କଲା ଭଳି ଆଜି ଏକ ଘଟଣା ଘଟିଛି। ଦାହ ପାଇଁ ପରିଜନ ଜଣେ ବୃଦ୍ଧାଙ୍କୁ ସ୍ୱର୍ଗଦ୍ୱାର ଆଣିଥିଲେ। ସତ୍କାର ପାଇଁ ଆବଶ୍ୟକ ପ୍ରସ୍ତୁତି ଚାଲିଥିଲା। ଏପଟେ ସମ୍ପର୍କୀୟମାନେ ବି କାନ୍ଦବୋବାଳି କରୁଥିଲେ। ହଠାତ୍ ଘଟିଲା ଚମତ୍କାର। ବୃଦ୍ଧାଜଣଙ୍କ ଜୀବିତ ବୋଲି ଜଣାପଡ଼ିଲା। ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ସଙ୍ଗେସଙ୍ଗେ ସ୍ୱର୍ଗଦ୍ୱାର ସ୍ୱେଚ୍ଛାସେବୀଙ୍କ ସହାୟତାରେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା।

ସୂଚନାନୁଯାୟୀ, ଗଞ୍ଜାମ ପୋଲସରା ଅଞ୍ଚଳର ପି. ଲକ୍ଷ୍ମୀ(୮୬)ଙ୍କ ଶେଷକୃତ୍ୟ ପାଇଁ ପରିବାରଲୋକ ଆଜି ଅପରାହ୍ନ ପ୍ରାୟ ୪ଟାରେ ତାଙ୍କୁ ଏକ ଆମ୍ବୁଲାନ୍ସରେ ସ୍ୱର୍ଗଦ୍ୱାର ଆଣି ଆସିଥିଲେ। ସ୍ୱର୍ଗଦ୍ୱାରର କର୍ମଚାରୀମାନେ ନିୟମ ଅନୁଯାୟୀ ତାଙ୍କ ପରିବାରଙ୍କୁ ମେଡିକାଲ ରିପୋର୍ଟ ମାଗିଥିଲେ। ହେଲେ ପରିବାରଲୋକେ ରିପୋର୍ଟ ଆଣି ନ ଥିଲେ। ତେଣୁ ଶବଦାହ ପ୍ରକ୍ରିୟା ବିଳମ୍ବ ହୋଇଥିଲା। କାଗଜପତ୍ର ଆଣିବା ପାଇଁ ତାଙ୍କୁ କୁହାଯାଇଥିଲା। ଏହାରି ଭିତରେ କିଛି ସମୟ ବିଳମ୍ବ ହୋଇଥିଲା। ସ୍ୱର୍ଗଦ୍ୱାରର କର୍ମଚାରୀ ପି. ଲକ୍ଷ୍ମୀଙ୍କ ପାଖକୁ ଯାଇଥିଲେ। ହେଲେ ତାଙ୍କର ନିଃଶ୍ୱାସପ୍ରଶ୍ୱାସ ଚାଲୁଥିବା ଦେଖିବାକୁ ପାଇଥିଲେ। ସେ ଜୀବିତ ଥିବା ଜାଣିବା ପରେ ସଙ୍ଗେସଙ୍ଗେ ତାଙ୍କୁ ହସ୍ପିଟାଲ ନେବା ପାଇଁ ନିଷ୍ପତ୍ତି ହୋଇଥିଲା। ସ୍ୱର୍ଗଦ୍ୱାର କର୍ମଚାରୀ ୧୦୮ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଆମ୍ବୁଲାନ୍ସ ପହଞ୍ଚିବା ପରେ ପରିବାର ସଦସ୍ୟ ଓ ସ୍ୱର୍ଗଦ୍ୱାର ▸ପୃଷ୍ଠା-୭

**ଜୁଇ ଜଳିବା ଆଗରୁ ଜିଇଁ ଉଠିଲେ ଅଶିତିପର ବୃଦ୍ଧା**

## ବାଇଶିପାହାଚରେ ଟଳିପଡ଼ିଲେ ଶ୍ରଦ୍ଧାଳୁ

■ **ହସ୍ପିଟାଲରେ ମୃତ ଘୋଷଣାକଲେ ଡାକ୍ତର**
■ **ଅଧୁରା ରହିଗଲା ମହାପ୍ରଭୁଙ୍କ ଦର୍ଶନ ଇଚ୍ଛା**

■ **ପୁରୀ,୧୫।୯ (ସମିସ):** ଇଚ୍ଛା ଥିଲା ପିତୃପୁରୁଷଙ୍କୁ ପିଣ୍ଡଦାନ କରିବେ। ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏଥିପାଇଁ ପରିବାର ସଦସ୍ୟଙ୍କ ସହ ପୁରୀ ଆସିଥିଲେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଅଞ୍ଚଳର ମନ୍ଦାକିନୀ ସାହୁ(୬୫)। ପିଣ୍ଡଦାନ କଲେ ସିନା କିନ୍ତୁ ମହାପ୍ରଭୁଙ୍କୁ ଦର୍ଶନ କରିବାର ଇଚ୍ଛା ଅଧୁରା ରହିଗଲା। ଦର୍ଶନ ପାଇଁ ମନ୍ଦିରକୁ ଯିବା ବେଳେ ବାଇଶିପାହାଚରେ ଟଳି ପଡ଼ିଲେ। ତାଙ୍କୁ ତୁରନ୍ତ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ମନ୍ଦାକିନୀଙ୍କୁ ଡାକ୍ତର ତାଙ୍କୁ ମୃତ ଘୋଷଣା ▸ପୃଷ୍ଠା-୭

# ଦୁର୍ଘଟଣା ପରେ ଡ୍ରାଇଭରଙ୍କ ଉନ୍ମତ୍ତ କାଣ୍ଡ

### ଅର୍ଥ ମନ୍ତ୍ରଣାଳୟର ଉପ ନିର୍ଦ୍ଦେଶକଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୫ ।୯ (ଏଜେନ୍ସି): କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟରେ ଉପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ନଭଜୋତ ସିଂ ଦିଲ୍ଲୀ କାଣ୍ଟନମେଣ୍ଟ ମେଟ୍ରୋ ଷ୍ଟେସନ ନିକଟସ୍ଥ ରିଙ୍ଗ୍ ରୋଡ୍‌ରେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି । ଏଥିରେ ତାଙ୍କ ପତ୍ନୀଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି । ତେବେ ପାଖରେ ମେଡିକାଲ ଥାଇ ୧୭ କିମି ଦୂରରେ ଥିବା ମେଡିକାଲକୁ ନେବାରୁ ଉପ-ନିର୍ଦ୍ଦେଶକଙ୍କ ମୃତ୍ୟୁ ହୋଇଯାଇଥିଲା । ତାଙ୍କ ପତ୍ନୀ କାନ୍ଦି କାନ୍ଦି କାକୁତିମିନତି କରିବା ସତ୍ତ୍ୱେ କାର୍ ଡ୍ରାଇଭର ତାଙ୍କ କଥା ଶୁଣି ନ ଥିଲେ । ଦୁର୍ଘଟଣାସ୍ଥଳରୁ ୧୭ କିମି ଦୂର ଜିଟିବି ନଗରରେ ଥିବା ନ୍ୟୁଲାଇଫ ହସ୍ପିଟାଲକୁ ନେଇଥିଲେ । ନଭଜୋତଙ୍କ ପତ୍ନୀ ସନ୍ଦୀପ କୌର କହିଛନ୍ତି ଯେ ଦୁର୍ଘଟଣା ପରେ କାର୍‌ରେ ନେବା ସମୟରେ ସ୍ୱାମୀ ଚେତାଶୂନ୍ୟ ଥିଲେ । ନିକଟସ୍ଥ ହସ୍ପିଟାଲକୁ ନେବା ପାଇଁ ତାଙ୍କୁ ଅନୁରୋଧ କରିଥିଲି । କିନ୍ତୁ କେହି ମୋ କଥା ଶୁଣି ନ ଥିଲେ । ନଭଜୋତଙ୍କ ପୁଅ କହିଛନ୍ତି ଯେ ଦୁର୍ଘଟଣା ପରେ ବାପାମାଙ୍କୁ ବହୁତ ଦୂରରେ ଥିବା ହସ୍ପିଟାଲକୁ ନିଆଯାଇଥିଲା । ଯଦି ପାଖରେ ଥିବା ହସ୍ପିଟାଲକୁ ନିଆଯାଇଥାନ୍ତା ତେବେ ଜୀବନ ବଞ୍ଚି ଯାଇଥାନ୍ତା ।

ସୂଚନା ଅନୁଯାୟୀ ରବିବାର ନଭଜୋତ ଓ ତାଙ୍କ ପତ୍ନୀ ମୋଟର ସାଇକଲ ଯୋଗେ ଯାଉଥିବା ବେଳେ ଏକ ବିଏମ୍‌ଡବ୍ଲ୍ୟୁ କାର୍ ଧକ୍କା ଦେଇଥିଲା । ନଭଜୋତ ଦିଲ୍ଲୀର ହରି ନଗରରେ ରହୁଥିଲେ । ଦୁର୍ଘଟଣା ପରେ ନଭଜୋତ ଓ ତାଙ୍କ ପତ୍ନୀଙ୍କୁ ଜିବିଟ ନଗରର ନୁ୍ୟଲାଇଫ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହସ୍ପିଟାଲରେ ସେ ମୃତ୍ୟୁବରଣ କରିଥିଲେ । ତାଙ୍କ ପତ୍ନୀ ସ୍ଥିତି ଗୁରୁତର ରହିଛି । ସେହିପରି ଦୁର୍ଘଟଣା ଘଟାଇଥିବା ବିଏମ୍‌ଡବ୍ଲ୍ୟୁ ଚାଳକ ଓ ତାଙ୍କ ପତ୍ନୀ ମଧ୍ୟ ଆହତ ହୋଇଛନ୍ତି । ଏମାନେ ଗୁରୁଗ୍ରାମ ବାସିନ୍ଦା । ଏହି ଘଟଣାରେ ମାମଲା ଦାଏର କରାଯାଇଛି ଓ ପୁଲିସ ତଦନ୍ତ ଆରମ୍ଭ କରିଛି । ପୁଲିସ କାର ଓ ବାଇକ ଦୁଇଟି ଯାନକୁ ଜବତ କରିଛି । ମହିଳା ଜଣକ ବିଏମ୍‌ଡବ୍ଲ୍ୟୁ ଚଳାଉଥିଲେ ଓ ପାଖରେ ତାଙ୍କ ସ୍ୱାମୀ ବସିଥିଲେ ବୋଲି ଅନୁମାନ କରାଯାଉଛି ।



## ଉଡ଼ାଣ ପୂର୍ବରୁ ଜୟପୁର-ଦୁବାଇ ବିମାନରେ ଯାନ୍ତ୍ରିକ ତ୍ରୁଟି

ଜୟପୁର, ୧୫ ।୯ (ଏଜେନ୍ସି) : ଜୟପୁର ବିମାନ ବନ୍ଦରରୁ ଦୁବାଇ ଯିବାକୁ ଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସର ବିମାନରେ ସୋମବାର ଟେକ୍ ଅଫ୍ ପୂର୍ବରୁ ବୈଷୟିକ ତ୍ରୁଟି ଦେଖାଦେଇଥିଲା । ଫଳରେ ବିମାନର ଉଡାଣକୁ ଶେଷ ମୁହୂର୍ତ୍ତରେ ହିଁ ବାତିଲ କରାଯାଇଥିଲା । ଏୟାର ଇଣ୍ଡିଆ ଏକ୍ସପ୍ରେସର ଫ୍ଲାଇଟ୍ ଆଇଏକ୍ସ-୧୯୫ ସୋମବାର ସକାଳ ୫ଟା ୫୫ ମିନିଟ୍‌ରେ ଦୁବାଇକୁ ଉଡାଣ ଭରିବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ଟେକ୍‌ଅଫ୍ ଠିକ୍ ପୂର୍ବରୁ ପାଇଲଟ୍‌ଙ୍କୁ ବିମାନରେ ବୈଷୟିକ ତ୍ରୁଟି ଥିବା ଜଣା ପଡ଼ିଥିଲା । ଏହାପରେ ପାଇଲଟ୍ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ୟୁନିଟ୍‌କୁ ଏ ସଂକ୍ରାନ୍ତରେ ସୂଚନା ଦେଇଥିଲେ ଓ ବିମାନକୁ ଟ୍ୟାକ୍ସି ୱେରୁ ଆପ୍ରନ ଏରିଆକୁ ଆଣିଥିଲେ । ଇଞ୍ଜିନିୟରମାନେ ବିମାନର ଏହି ବୈଷୟିକ ତ୍ରୁଟି ସୁଧାରିପାରି ନଥିଲେ । ଫଳରେ ଶେଷରେ ବିମାନର ଉଡାଣକୁ ରଦ୍ଦ କରାଯାଇଥିଲା । ସେହିପରି ଜୟପୁରରୁ ମୁମ୍ବାଇ ଯିବାକୁ ଥିବା ଇଣ୍ଡିଗୋ ବିମାନ ଫ୍ଲାଇଟ୍ ୬ଇ ୫୨୮୨କୁ ବି ଶେଷ ମୁହୂର୍ତ୍ତରେ ରଦ୍ଦ କରାଯାଇଛି । ଏହି ବିମାନ ଜୟପୁର ବିମାନ ବନ୍ଦରରେ ସକାଳ ୬ଟା ୫ ମିନିଟ୍‌ରେ ମୁମ୍ବାଇ ଯିବାର କାର୍ଯ୍ୟକ୍ରମ ଥିଲା । କିନ୍ତୁ ଇଣ୍ଡିଗୋ ଏୟାର ଲାଇନ୍ସର ବିମାନ ନିର୍ଦ୍ଧାରିତ ସମୟସୁଦ୍ଧା ପୁଣେରୁ ଜୟପୁର ପହଞ୍ଚି ପାରି ନଥିଲା । ଫଳରେ ଫ୍ଲାଇଟ୍ ୬ଇ-୫୨୮୨ର ଉଡାଣକୁ ବାତିଲ କରିବାକୁ ପଡ଼ିଥିଲା । ଫଳରେ ଏହି ବିମାନର ଯାତ୍ରୀମାନେ ବିମାନ ବନ୍ଦରରେ ହୋ-ହଲ୍ଲା କରିଥିଲେ ।

## ମୁମ୍ବାଇରେ ପ୍ରବଳ ବର୍ଷା; ଟ୍ରାକ୍ ବୁଡ଼ିବାରୁ ଲୋକାଲ ଟ୍ରେନ୍ ବିଳମ୍ବ

ମୁମ୍ବାଇ୧୫ ।୯ (ଏଜେନ୍ସି): ମୁମ୍ବାଇରେ ସୋମବାର ସକାଳୁ ପ୍ରବଳ ବର୍ଷା ଜାରି ରହିଛି । ପୁଣି ଆଗକୁ ମୁମ୍ବାଇରେ ପ୍ରବଳ ବର୍ଷା ହେବ ଓ ୪୦ କିମି ବେଗରେ ପବନ ବହିବ ବୋଲି ପାଣିପାଗ ବିଭାଗ ରେଡ୍ ଆଲର୍ଟ ଜାରି କରିଛି । ବର୍ଷା କାରଣରୁ ମୁମ୍ବାଇରେ କେତୋଟି ଅଞ୍ଚଳରେ ପାଣି ଭରି ରହିଛି ଓ ଟ୍ରାଫିକ ଜାମ୍ ହୋଇଛି । ଅନ୍ଧେରୀ ସବ୍‌ୱେରେ ଦେଢ଼ ଫୁଟ୍ ପର୍ଯ୍ୟନ୍ତ ପାଣି ଠିଆ ହୋଇଥିବାରୁ ପୁଲିସ ଏହାକୁ ବନ୍ଦ କରିଛି । ସେହିପରି ଦରାର, କୁର୍ଲା ଓ ବାନ୍ଦ୍ରା ଷ୍ଟେସନରେ ପାଣି ଭରି ଯିବାରୁ ସବୁ ଲୋକାଲ ଟ୍ରେନ୍ ୧୦ରୁ ୧୫ ମିନିଟ ବିଳମ୍ବରେ ଚାଲିଥିଲା । ସେହିପରି ହାଇଦରାବାଦ୍‌ରେ ମଧ୍ୟ ପ୍ରବଳ ବର୍ଷା କାରଣରୁ ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି । ହବିବ ନଗର ଅଞ୍ଚଳରେ ରବିବାର ରାତିରେ ବର୍ଷା ହେବା ପରେ ଦୁଇ ଲୋକ ବନ୍ୟାରେ ବହିଯାଇଛନ୍ତି । ୩ଟି ଡିଜାଷ୍ଟର ରେସ୍ପନ୍ସ ଫୋର୍ସ (ଡିଆରଏଫ୍) ଟିମ୍ ଏହି ଦୁଇ ଲୋକଙ୍କୁ ଖୋଜିବା ଜାରି ରଖିଛି । କିନ୍ତୁ ଏହି ଅଞ୍ଚଳରେ ପାଣି ଏବେ ବହୁଥିବାରୁ ଖୋଜିବାରେ ସମସ୍ୟା ସୃଷ୍ଟି ହୋଇଛି । ପ୍ରବଳ ବର୍ଷା କାରଣରୁ ହାଇଦରାବାଦରେ ବାଇକ୍ ସହ ଜଣେ ଲୋକ ଭାସି ଯାଇଥିଲେ ଓ ତାଙ୍କୁ ବହୁକଷ୍ଟରେ ଉଦ୍ଧାର କରାଯାଇଥିଲା ।ଅନ୍ୟପଟେ ପଶ୍ଚିମ ରାଜସ୍ଥାନରୁ ମୌସୁମୀ ୩ ଦିନ ତଳେ ବିଦାୟ ନେବାର ପକ୍ରିୟା ଆରମ୍ଭ ହୋଇଛି । ରାଜସ୍ଥାନର ଶ୍ରୀଗଙ୍ଗାନଗର, ନାଗୋର, ଯୋଧପୁର ଓ ବିକାନେରରେ ମୌସୁମୀ ବିଦାୟ ନେଇସାରିଛି । ଆଗାମୀ ଦୁଇ ତିନି ଦିନରେ ପଞ୍ଜାବ ଓ ଗୁଜରାଟର କିଛି ଅଞ୍ଚଳରୁ ମୌସୁମୀ ବିଦାୟ ନେବା ଆରମ୍ଭ କରିବ । ସେହିପରି ମଧ୍ୟପ୍ରଦେଶରେ ମୌସୁମୀ ଦୁଇ ସପ୍ତାହ ରହିବ । ଅକ୍ଟୋବର ୧୫ ସୁଦ୍ଧା ମୌସୁମୀ ଦେଶର ଅଧିକାଂଶ ଅଞ୍ଚଳରୁ ସମ୍ପୂର୍ଣ୍ଣ ଭାବେ ବିଦାୟ ନେବ । ତେବେ ଦକ୍ଷିଣ କର୍ଣ୍ଣାଟକ, ଆନ୍ଧ୍ର ପ୍ରଦେଶ, କେରଳ, ତାମିଲନାଡୁ ଓ ପୁଡୁଚେରୀରେ ବର୍ଷା ଜାରି ରହିବ ବୋଲି ପାଣିପାଗ ବିଭାଗ ତରଫରୁ କୁହାଯାଇଛି ।

## ଶିମ୍‌ଲାରେ ପିକ୍‌ଅପ୍ ଭ୍ୟାନ୍ ଓଲଟି ୫ ମୃତ

ଶିମ୍‌ଲା, ୧୫ ।୯ (ଏଜେନ୍ସି): ହିମାଚଳ ପ୍ରଦେଶର ଶିମ୍‌ଲା ଜିଲ୍ଲାର କୋଟଖାଇରେ ସୋମବାର ସକାଳେ ଏକ ପିକ୍‌ଅପ୍ ଭ୍ୟାନ ପଲଟିବା ସହ ଖାଇକୁ ଖସି ପଡ଼ିବା ଫଳରେ ୫ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି । ଆହତଙ୍କୁ ଶିମ୍‌ଲାର ଆଇଜିଏମ୍‌ସି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଘଟଣାସ୍ଥଳରେ ପହଞ୍ଚି ପୁଲିସ ଯାଞ୍ଚ ଆରମ୍ଭ କରିଛି । ପିକ୍‌ଅପ୍ ଭ୍ୟାନରେ ୭ଜଣ ଲୋକ ବସିଥିଲେ । ସ୍ଥାନୀୟ ଲୋକ ଗାଡି ଚଳାଉଥିବା ବେଳେ ବାକି ୬ ଜଣ ନେପାଳର ଶ୍ରମିକ ଥିଲେ । ସେମାନଙ୍କ ପରିଚୟ ମିଳିନାହିଁ । ଦୁର୍ଘଟଣା ସକାଳ ସାଢ଼େ ୮ଟାରେ ଘଟିଥିଲା । ରାମନଗର ନିକଟସ୍ଥ ଖୋଲେ କାଞ୍ଚିଠାରେ ଡ୍ରାଇଭର ନିୟନ୍ତ୍ରଣ ହରାଇବା ପରେ ଗାଡ଼ି ୬୦ ମିଟର ତଳେଥିବା ଦ୍ୱିତୀୟ ସଡ଼କ ଉପରେ ଖସି ପଡ଼ିଥିଲା । ୪ ଜଣ ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ୫ମ ବ୍ୟକ୍ତି ହସ୍ପିଟାଲକୁ ନିଆଯାଉଥିବା ବେଳେ ବାଟରେ ପ୍ରାଣ ହରାଇଥିଲେ । ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ମୃତକଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରକାଶ କରିଛନ୍ତି ।

## କରନ ଜୋହର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଏବଂ ତାଙ୍କ ସ୍ୱାମୀ ଅଭିଷେକ ବଚ୍ଚନଙ୍କ ପରେ ଏବେ ନିର୍ଦ୍ଦେଶକ କରନ ଜୋହର ବ୍ୟକ୍ତିଗତ ଅଧିକାରର ସୁରକ୍ଷା ଦାବି କରି ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଉଛନ୍ତି । ତାଙ୍କ ନାମ, ଫଟୋ ଏବଂ ସ୍ୱର ବ୍ୟବହାର କରି ବେଆଇନ ଭାବେ ସାମଗ୍ରୀ ବିକ୍ରି ଏବଂ ପାଣ୍ଠି ସଂଗ୍ରହ କରାଯାଉଥିବା କହିଛନ୍ତି । ଆଜି ଏହି ମାମଲାର ଶୁଣାଣି ହୋଇଛି । କୋର୍ଟରେ କରନଙ୍କ ପକ୍ଷରୁ ବରିଷ୍ଠ ଓକିଲ ରାଜଶେଖର ରାଓ ଉପସ୍ଥିତ ରହି କହିଥିଲେ ଯେ ଏଭଳି ବେଆଇନ କାର୍ଯ୍ୟକଳାପ ଦ୍ୱାରା ବ୍ୟକ୍ତିଗତ ଛବି ଖରାପ ହେଉଛି । ଆର୍ଥିକ ବିପଦ ମଧ୍ୟ ରହିଛି । କେଉଁ କେଉଁ ଘଟଣାରେ କରନ ପରିଚୟକୁ ବ୍ୟବହାର କରାଯାଇଥିଲା ତାହାର ସୂଚନା ମଧ୍ୟ ସେ କୋର୍ଟଙ୍କୁ ଦେଇଥିଲେ । ସାମାଜିକ ଗଣମାଧ୍ୟମରେ ତାଙ୍କ ନାମରେ ଅନେକ ଆକାଉଣ୍ଟ କରାଯାଇଥିବା ମଧ୍ୟ ଉଲ୍ଲେଖ କରିଥିଲେ । ନାମରପେ ପାଣ୍ଠି ସଂଗ୍ରହ କରାଯାଉଥିବାରୁ ଏହା ଉପରେ ତୁରନ୍ତ କଟକଣା ଲଗାଇବାରୁ ଆବଶ୍ୟକତା ରହିଛି ବୋଲି କହିଥିଲେ । କୋର୍ଟରେ ଫେସବୁକ, ହ୍ୱାଟସଆପ୍‌ର ପ୍ୟାରେଣ୍ଟ କମ୍ପାନୀ ମେଟା ପ୍ଲାଟଫର୍ମ ପକ୍ଷରୁ କୁହାଯାଇଥିଲା ଯେ କରନଙ୍କ ଆବେଦନକୁ ମାନହାନୀ ଭାବେ ଧରାଯାଇପାରିବ ନାହିଁ । ଏଭଳି ମାମଲାରେ ନିଷେଧାଜ୍ଞା ଜାରି କରିବା ଦ୍ୱାରା ଅତ୍ୟଧିକ ଆବେଦନ ଦାଏର କରାଯାଇପାରେ ।

# ପ୍ରତ୍ୟେକ ଥାନାରେ ସିସିଟିଭି ଜରୁରି: ସୁପ୍ରିମକୋର୍ଟ




### ରେକର୍ଡିଂର ଯାଞ୍ଚ ପାଇଁ ଏଆଇ ଆଧାରିତ ନିୟନ୍ତ୍ରଣ କକ୍ଷ ହେଉ
### ମାନବିକ ହସ୍ତକ୍ଷେପ ହ୍ରାସ କରାଯାଉ
### ସ୍ୱାଧୀନ ଏଜେନ୍ସି ଦ୍ୱାରା ଥାନାର ଯାଞ୍ଚ ହେଉ

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ଦେଶରେ ପୁଲିସ ବର୍ବରତାର ଅନେକ ମାମଲା ସାମ୍ନାକୁ ଆସୁଛି । କେଉଁଠି ଥାନାରେ ଗଣ୍ଡଗୋଳ ହେଉଛି ତ ଆଉ କିଏ ହେପାଜତରେ ରହି ପ୍ରାଣ ହରାଉଥିବା ଅଭିଯୋଗ ହେଉଛି । ଏପରି ସମୟରେ ନିଜଆଡୁ ଏକ ମାମଲାର ବିଚାର କରି ସୁପ୍ରିମକୋର୍ଟ ସୋମବାର ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଥାନାରେ ସିସିଟିଭି ନ ଥିବାରୁ ପର୍ଯ୍ୟବେକ୍ଷଣରେ ସମସ୍ୟା ହେଉଛି । ତେଣୁ ପ୍ରତ୍ୟେକ ଥାନାରେ ସିସିଟିଭି ଇନ୍‌ଷ୍ଟଲ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ସିସିଟିଭି ଗୁଡିକୁ ଅଧିକାରୀ ବନ୍ଦ କରିଦେବାର ସମ୍ଭାବନା ରହିଛି । ତେଣୁ ସିସିଟିଭି ଗୁଡିକ ଉପରେ ନଜର ରଖିବା ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଆଧାରିତ ନିୟନ୍ତ୍ରଣ କକ୍ଷ ପ୍ରତିଷ୍ଠା ନିମନ୍ତେ ଜୋର୍ ଦେଇଛନ୍ତି । ମାନବିକ ହସ୍ତକ୍ଷେପ ହ୍ରାସ ଏବଂ ଡିଭାଇସ ସ୍ୱିଚ୍ ଅଫ୍ ନ ହେବାକୁ ସୁନିଶ୍ଚିତ କରିବା ପାଇଁ ଏପରି ପଦକ୍ଷେପ ଜରୁରୀ ବୋଲି ଜଷ୍ଟିସ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ କହିଛନ୍ତି । ଥାନାଗୁଡିକରେ ସିସିଟିଭିର କାର୍ଯ୍ୟକାରିତା ଉପରେ ଆଗତ ରିଟ୍ ପିଟିସନ ଉପରେ ନିଜଆଡୁ ଶୁଣାଣି କରି ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି । ୨୬ ତାରିଖରେ ଏହି ମାମଲାର ଚୂଡ଼ାନ୍ତ ରାୟ ଆସିବ ।

ଆଜି ଶୁଣାଣି ସମୟରେ ସିସିଟିଭି ଇନ୍‌ଷ୍ଟଲ ପ୍ରକ୍ରିୟାରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ଆଇଆଇଟିଏସ)ର ସହାୟତା ନେବା ପାଇଁ ପ୍ରସ୍ତାବ ଦେଇଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ ଏହି ସମସ୍ୟା ପର୍ଯ୍ୟବେକ୍ଷଣରେ ରହିଛି । ଆଜି ଏହାକୁ ପାଳନ କରିବାକୁ ନେଇ ସତ୍ୟପାଠ ଜାରି ହୋଇପାରେ । କିନ୍ତୁ କାଲିକୁ ଅଧିକାରୀ କ୍ୟାମେରାକୁ ସ୍ୱିଚ୍‌ଅଫ୍ କରିଦେଇପାରନ୍ତି । ତେଣୁ ମାନବିକ ହସ୍ତକ୍ଷେପ ବିନା ନିୟନ୍ତ୍ରଣ କକ୍ଷ ପରିଚାଳନା କରିବା ପାଇଁ କୋର୍ଟ ବିଚାର କରୁଛନ୍ତି । ଯଦି କୌଣସି କ୍ୟାମେରା ବନ୍ଦ ହୋଇଯାଏ ତେବେ ତାହାର ସୂଚନା ତୁରନ୍ତ ନିୟନ୍ତ୍ରଣ କକ୍ଷକୁ ମିଳୁ । ସମସ୍ୟାର ସମାଧାନ ଲାଗି ଏହା ହିଁ ଉଚିତ ଉପାୟ । ଏହା ବ୍ୟତୀତ ଅନ୍ୟ କୌଣସି ମାର୍ଗ ନାହିଁ । ଏହି ଜ୍ଞାନକୌଶଳ ପାଇଁ ଆଇଆଇଟିକୁ ପ୍ରକ୍ରିୟାରେ ସାମିଲ କରିବାକୁ ବିଚାର କରାଯାଉଛି । ସ୍ୱାଧୀନ ଏଜେନ୍ସି ଦ୍ୱାରା ମଧ୍ୟ ଥାନାର ଯାଞ୍ଚ କରାଯାଉ ବୋଲି ଜଷ୍ଟିସ ମେହେଟା କହିଛନ୍ତି । ଗତ ୪ ତାରିଖରେ ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଉପରେ ନିଜ ଆଡୁ ମାମଲାର ଶୁଣାଣି କରିଥିଲେ । ଏହି ରିପୋର୍ଟରେ ହେପାଜତ ମୃତ୍ୟୁକୁ ନେଇ ରାଜସ୍ଥାନ ପୁଲିସ ସିସିଟିଭି ଫୁଟେଜ ଦେଉ ନ ଥିବା କୁହାଯାଇଥିଲା । ସିସିଟିଭି ଖରାପ ଥିବା କୁହାଯାଇଥିଲା । ଥାନାରେ ସିସିଟିଭି କାମ କରୁ ନ ଥିବାକୁ ନେଇ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଦୈନିକ ଭାସ୍କରରେ ପ୍ରକାଶିତ ରିପୋର୍ଟରେ ଗତ ୮ ମାସରେ ରାଜସ୍ଥାନରେ ୧୧ ହେପାଜତ ମୃତ୍ୟୁ ହୋଇଥିବା କୁହାଯାଇଥିଲା । ତେବେ ଏହାକୁ ନେଇ ସିସିଟିଭି ଫୁଟେଜ ଦେବାକୁ ଅଧିକାରୀ ମନା କରିଦେଇଥିଲେ । ସିସିଟିଭି ଖରାପ, ଷ୍ଟୋରେଜ ଫୁଲ୍ ଏବଂ ଗୋପନୀୟତାର ବାହାନା କରିଥିଲେ ।

## ରାଜନୈତିକ ଦଳଙ୍କୁ ଯୌନ ଉତ୍ପୀଡ଼ନ ଆଇନ ଅଧିନରେ ଆଣିବାକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ରାଜନୈତିକ କ୍ଷେତ୍ରରେ ସାମିଲ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ନିରୋଧୀ ଆଇନ ଅଧିନରେ ସୁରକ୍ଷା ପ୍ରଦାନ ଦାବିରେ ଆଗତ ଆବେଦନର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ସୋମବାର ମନା କରିଦେଇଛନ୍ତି । ରାଜନୈତିକ ଦଳଗୁଡ଼ିକ କିପରି ପିଓଏସ୍‌ଏଚ ଆଇନ ଅଧିନରେ ସାମିଲ କରାଯିବ ବୋଲି ପ୍ରଧାନ ବିଚାରପତି ବିଆର ଗଭାଇ, ଜଷ୍ଟିସ କେ ବିନୋଦ ଚନ୍ଦ୍ରନ, ଅତୁଲ ଏସ ଚନ୍ଦ୍ରାକରଙ୍କ ଖଣ୍ଡପୀଠ କହିଛନ୍ତି । କୌଣସି ଦଳ ଏବଂ ଏହାର କର୍ମୀଙ୍କ ମଧ୍ୟରେ ନିଯୁକ୍ତିଦାତା ଓ କର୍ମଚାରୀ ସମ୍ପର୍କ ନାହିଁ । ଏପରି ସ୍ଥଳେ ଦଳଗୁଡିକ 'କର୍ମସ୍ଥଳୀ'ର ପରିଭାଷା ମଧ୍ୟରେ କେମିତି ଆସିପାରିବେ? ତେଣୁ ସୁପ୍ରିମକୋର୍ଟ ଏପରି କରିବାକୁ ମନା କରିଦେଇଥିଲେ ।

# ବିହାରରେ ଆସନ ପାଇଁ ଟଣାଓଟରା

### ବିହାରରେ ଇଣ୍ଡିଆ ମେଣ୍ଟରେ କେଁ
### ସବୁ ଆସନରେ ଲଢ଼ିବାକୁ ତେଜସ୍ୱୀଙ୍କ ଧମକ



ପାଟନା, ୧୫।୯ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ବିହାର ରାଜନୀତି ସରଗରମ ହୋଇ ଉଠିଛି । ଏ ପର୍ଯ୍ୟନ୍ତ ଇଣ୍ଡିଆ ମହାମେଣ୍ଟରେ ସହଯୋଗୀଙ୍କ ମଧ୍ୟରେ ଆସନ ବୁଝାମଣା ଚୂଡ଼ାନ୍ତ ହୋଇପାରି ନାହିଁ । ଏହାକୁ ନେଇ ଦୁଇ ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ଏବଂ ଆର୍‌ଜେଡି ମଧ୍ୟରେ କେଁ ଫସି ରହିଛି । ଆଉ କିଛି ମାସ ମଧ୍ୟରେ ନିର୍ବାଚନ ହେବାକୁ ଥିବାବେଳେ ଆସନ ବଣ୍ଟନକୁ ନେଇ ମତଭେଦ ଦୂର ହୋଇପାରୁ ନାହିଁ । ଆସନ ବୁଝାମଣାକୁ ନେଇ କଂଗ୍ରେସ କଠୋର ଆଭିମୁଖ୍ୟ ଗ୍ରହଣ କରୁଛି । ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ କାହାକୁ ଉପସ୍ଥାପନ କରିବାକୁ ଏହି ଦଳ ଅନିଚ୍ଛା ପ୍ରକାଶ କରିଛି । ତେବେ ବିରୋଧୀ ଗୋଷ୍ଠୀରେ ଆର୍‌ଜେଡି ନେତା ତେଜସ୍ୱୀ ଯାଦବଙ୍କୁ ଅଧିକାଂଶ ମୁଖ୍ୟମନ୍ତ୍ରୀ ଭାବେ ପସନ୍ଦ କରୁଥିବା ଚର୍ଚ୍ଚା ହେଉଛି । ଏପରି ସମୟରେ ତେଜସ୍ୱୀ ଚାପ ରାଜନୀତିକୁ ଆୟୁଧ କରିଛନ୍ତି । ରାଜ୍ୟର ସମସ୍ତ ୨୪୩ ଆସନରେ ଆରଜେଡି ଲଢିବ ବୋଲି କହି ସେ ମେଣ୍ଟ ସହଯୋଗୀଙ୍କ ଉପରେ ଚାପ ପକାଇଛନ୍ତି । ଏହାକୁ ନେଇ ବିରୋଧୀ ମେଣ୍ଟରେ ଛନକା ପଶିଛି ।

ମୁଜାଫରପୁର ଜିଲ୍ଲାର କାନ୍ତିରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ବିରୋଧୀ ଦଳ ନେତା ତେଜସ୍ୱୀ ଶନିବାର କହିଥିଲେ ଯେ ଚଳିତ ଥର ସେ ୨୪୩ ଆସନରେ ନିର୍ବାଚନ ଲଢିବେ । ବୋଚହାଁ ହେଉ ଅବା ମୁଜଫରପୁର ସବୁଠି ଲଢ଼ିବୁ । ତେଜସ୍ୱୀଙ୍କ ନାମରେ ଭୋଟ ଦେବାକୁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି । ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ଭୋଟର ଅଧିକାର ଯାତ୍ରା ସଫଳ ହୋଇଥିବା ନେଇ କଂଗ୍ରେସ ଦାବି କରୁଥିବାବେଳେ ତେଜସ୍ୱୀ ଏଭଳି ଟିପ୍ପଣୀ ଦେଇ ହଟଚମଟ ସୃଷ୍ଟି କରିଛନ୍ତି । ରାହୁଲଙ୍କ ଏହି ଯାତ୍ରା ବିହାରର ୧୧୦ ବିଧାନସଭା କ୍ଷେତ୍ର ଦେଇ ଯାଇଥିଲା । କଂଗ୍ରେସ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ଅତିକମରେ ୭୦ ଆସନ ଚାହୁଁଛି । ଏଥିପାଇଁ ଦଳ ମେଣ୍ଟ ଉପରେ ଚାପ ପକାଉଥିବା କୁହାଯାଉଛି । ଗତ ଥର ଦଳ ୭୦ ଆସନରେ ଲଢି ମାତ୍ର ୧୯ଟିରେ ବିଜୟୀ ହୋଇଥିଲା । ତେଣୁ ଅନ୍ୟ ଦଳଗୁଡିକ ବିଶେଷ କରି ଆରଜେଡି ଏତେ ଆସନ କଂଗ୍ରେସକୁ ଦେବାକୁ ଚାହୁଁନାହିଁ ।

ଗତ ସପ୍ତାହରେ ଏଆଇସିସିର ବିହାର ପ୍ରଭାରୀ କୃଷ୍ଣ ଆଲ୍ଲାଭାରୁ କହିଥିଲେ ଯେ ବିହାରର ଲୋକମାନେ ମୁଖ୍ୟମନ୍ତ୍ରୀ ନେଇ ନିଷ୍ପତ୍ତି ନେବେ । ଏହାକୁ ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର୍ ଧରିଥିଲ । ବିରୋଧୀ ଦଳ କ୍ଷମତାକୁ ଫେରିଲେ କିଏ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହେବ ତାହାକୁ ଭୋଟର ଅଧିକାର ଯାତ୍ରା ସମୟରେ ରାହୁଲଙ୍କୁ ପ୍ରଶ୍ନ କରାଯାଇଥିଲା । ତେବେ ସେ ଏହି ପ୍ରଶ୍ନକୁ ଏଡାଇ ଯାଇଥିଲେ । ଏହାକୁ ନେଇ ମଧ୍ୟ ଆରଜେଡିରେ ଅସନ୍ତୋଷ ଦାନା ବାନ୍ଧୁଛି । ତେଜସ୍ୱୀ ମୁଖ୍ୟମନ୍ତ୍ରୀ ଚେହେରା ହୁଅନ୍ତୁ ବୋଲି ଆରଜେଡି ଚାହୁଁଥିବାବେଳେ କଂଗ୍ରେସ ବିନା ଚେହେରାରେ ଲଢିବାକୁ ଚାହୁଁଛି ।

## ୭୭ତମ ଏମି ପୁରସ୍କାର 'ଦି ଷ୍ଟୁଡିଓ'କୁ ସର୍ବାଧିକ ୧୩ଟି ଟ୍ରଫି

ଲସ୍‌ଏଞ୍ଜେଲ୍ସ, ୧୫ ।୯ (ଏଜେନ୍ସି): ଟେଲିଭିଜନ ଇଣ୍ଡଷ୍ଟ୍ରୀର ସର୍ବୋଚ୍ଚ ପୁରସ୍କାର ବିବେଚିତ ହେଉଥିବା 'ଏମି ପୁରସ୍କାର'ର ୭୭ତମ ସଂସ୍କରଣରେ ସ୍ଥାନୀୟ ପିକକ୍ ଥିଏଟରରେ ଅନୁଷ୍ଠିତ ହୋଇଛି । ଏହି ପୁରସ୍କାର ବିତରଣ ଉତ୍ସବକୁ କମେଡିଆନ୍ ନେଟ୍ ବାରଗାଜ ଉପସ୍ଥାପକ ଭାବେ ସଞ୍ଚାଳନ କରିଥିଲେ । ଏଥିରେ ଉଭୟ ଅଭିଜ୍ଞ ଓ ଉଦୀୟମାନ ତାରକାଙ୍କୁ ପୁରସ୍କୃତ କରାଯାଇଥିଲା । 'ଦି ଷ୍ଟୁଡିଓ'କୁ ଆଉଟଷ୍ଟାଣ୍ଡିଂ କମେଡି ସିରିଜ ପାଇଁ ପୁରସ୍କୃତ କରାଯାଇଥିଲା । ଏହି ସିରିଜ ସର୍ବାଧିକ ୧୩ଟି ପୁରସ୍କାର ହାସଲ କରିଥିଲା । ଏଥିରେ ଅଭିନୟ କରିଥିବା ୧୫ ବର୍ଷୀୟ ଓୱେନ କୁପର ସର୍ବକନିଷ୍ଠ ଅଭିନେତା ଭାବେ ଟ୍ରଫି ଜିତି ଇତିହାସ ସୃଷ୍ଟି କରିଛନ୍ତି ।

# ଇସ୍ରାଏଲ ବିରୋଧରେ ମେଳି କଲେ ୫୦ ମୁସଲିମ୍ ଦେଶ

### ସମ୍ପର୍କ ଛିନ୍ନ କରିବାକୁ ଇରାନ ପରାମର୍ଶ
### ନାଟୋ ଭଳି ସାମରିକ ମେଣ୍ଟ ଗଠନ ସପକ୍ଷରେ ପାକିସ୍ତାନ

ଦୋହା, ୧୫ ।୯ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଏକ ନୂଆ ମେଣ୍ଟ ଗଠନ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ଇସ୍ରାଏଲ ବିପକ୍ଷରେ କାତାର ରାଜଧାନୀ ଦୋହାଠାରେ ୫୦ଟି ମୁସ୍‌ଲିମ ଦେଶ ଏକାଠି ହୋଇଛନ୍ତି । ଆରବ ଲିଗ୍ ଓ ଅର୍ଗାନାଇଜେସନ ଅଫ୍ ଇସ୍‌ଲାମିକ କୋପରେସନ (ଓଆଇସି) ବୈଠକ ଡାକି ଏହି ୫୦ ଦେଶର ପ୍ରତିନିଧିଙ୍କୁ ଏକାଠି କରିଛି । ସେପ୍ଟେମ୍ବର ୯ରେ କାତାର ରାଜଧାନୀ ଦୋହା ଉପରେ ଇସ୍ରାଏଲ କରିଥିବା ଆକ୍ରମଣର ଜବାବ ଦେବା ହେଉଛି ଏହି ବୈଠକ ଉଦ୍ଦେଶ୍ୟ ବୋଲି କୁହାଯାଇଛି । ଇସ୍ରାଏଲର ଏହି ଆକ୍ରମଣରେ ହମାସର ୫ ସଦସ୍ୟ ଓ କାତାର ଜଣେ ସୁରକ୍ଷାକର୍ମୀ ନିହତ ହୋଇଥିଲେ । ଗତ ଦୁଇବର୍ଷ ହେବ ଗାଜାରେ ଚାଲିଥିବା ଯୁଦ୍ଧକୁ ଶେଷ କରିବା ପାଇଁ ହମାସର ଏକ ଟିମ୍ ଆମେରିକାର ପ୍ରସ୍ତାବ ଅନୁସାରେ ଦୋହାରେ ଥିଲେ ଓ ଏତିକି ବେଳେ ଇସ୍ରାଏଲ ଆକ୍ରମଣ କରିଥିଲା ବୋଲି ଏହି ବୈଠକରେ କୁହାଯାଇଛି । ଏହି ବୈଠକରେ ସବୁ ମୁସ୍‌ଲିମ ଦେଶଗୁଡିକ ସେମାନଙ୍କର ଇସ୍ରାଏଲ ବିରୋଧୀ ମନୋଭାବକୁ ସ୍ପଷ୍ଟ କରିଛନ୍ତି । ଏହି କ୍ରମରେ ଇସ୍ରାଏଲ ସହ ସବୁ ପ୍ରକାର ସମ୍ପର୍କ ଛିନ୍ନ କରିବାକୁ ଇରାନ ରାଷ୍ଟ୍ରପତ ମାସୁଦ ପଜଶକିଆନ ଇସ୍‌ଲାମିକ୍ ରାଷ୍ଟ୍ରଗୁଡିକୁ ପରାମର୍ଶ ଦେଇଛନ୍ତି । ଇସ୍ରାଏଲର ଏହି ଦମନଲୀଳା ବିରୋଧରେ ସବୁ ମୁସ୍‌ଲିମ୍ ଦେଶକୁ ଏକାଠି ହେବାକୁ ସେ ପରାମର୍ଶ ଦେଇଛନ୍ତି । ସେହିପରି ନାଟୋ ଭଳି ଏକ ସାମରିକ ମେଣ୍ଟ ଗଠନ କରିବାକୁ ପାକିସ୍ତାନ ପରାମର୍ଶ ଦେଇଛି ।

ଇସ୍ରାଏଲ ବିପକ୍ଷରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସବୁ ଇସ୍‌ଲାମିକ ଦେଶଗୁଡିକର ବୈଦେଶିକ ମନ୍ତ୍ରୀ ବନ୍ଦ କୋଠାରୀରେ ବୈଠକରେ ଏକାଠି ହୋଇଥିଲେ । ଏହି ଅବସରରେ କାତାରା ପ୍ରଧାନମନ୍ତ୍ରୀ ଓ ବିଦେଶ ମନ୍ତ୍ରୀ ଶେଖ ଜସିମ ଅଲ ଥାନୀ ଇସ୍ରାଏଲର ଆକ୍ରମଣକୁ କଡ଼ା ନିନ୍ଦା କରିଥିଲେ । କାତାର ନିଜର ସାର୍ବଭୌମତ୍ୱ ରକ୍ଷା କରିବାକୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ପଛାଇବ ନାହିଁ ଓ ଏହି ଘଟଣାରେ ଆରବ ଓ ଅନ୍ୟ ଇସ୍‌ଲାମି ଦେଶଗୁଡିକ ସମର୍ଥନ କରିଥିବାରୁ ସେ କୃତଜ୍ଞତା ଜଣାଇଥିଲେ । ଏହା ପୂର୍ବରୁ ଇସ୍ରାଏଲ ଜାତିସଂଘ ମହାସଭାରେ କାତାର ଉପରେ କରିଥିବା ଆକ୍ରମଣକୁ ଯଥାର୍ଥ ବୋଲି ଅଭିହିତ କରିଥିଲା । ବିଗତ କେତେ ବର୍ଷ ଧରି ଇସ୍ରାଏଲ ଉପରେ ଆକ୍ରମଣ କରିବାକୁ ପ୍ରୟାସ କରିଆସୁଥିବା ହମାସ ନେତାମାନଙ୍କୁ ଟାର୍ଗେଟ କରି ଏହି ଆକ୍ରମଣ କରାଯାଇଥିଲା ବୋଲି ଇସ୍ରାଏଲ କହିଥିଲା ।

● ବିବାହର ଜିଦ୍ ନେଲା ହତ୍ୟାକାଣ୍ଡର ରୂପ

# ୬୦୦ କିମି ଡ୍ରାଇଭ କରି ଯାଇଥିବା ମହିଳାଙ୍କୁ ମାରିଲେ ପ୍ରେମିକ

ବାରମେର, ୧୫ ।୯ (ଏଜେନ୍ସି) : ରାଜସ୍ଥାନରେ ଏକ ଚାଞ୍ଚଲ୍ୟ ସୃଷ୍ଟି କଲା ଭଳି ଘଟଣା ସାମ୍ନାକୁ ଆସିଛି । ଜଣେ ୩୭ ବର୍ଷୀୟ ମହିଳା ନିଜ ପ୍ରେମିକଙ୍କୁ ବିବାହ କରିବା ପାଇଁ ବୁଝାଇବାକୁ ୬୦୦କିମି କାର୍ ଚଳାଇ ଯାଇଥିଲେ । କିନ୍ତୁ ଏହାର ଫଳ ଓଲଟା ହୋଇଥିଲା । ପ୍ରେମିକ ତାଙ୍କୁ ହତ୍ୟା କରିବାକୁ ପଛାଇ ନାହାନ୍ତି । ସମ୍ପୃକ୍ତ ପ୍ରେମିକଙ୍କୁ ପୁଲିସ ଗିରଫ କରିଛି । ମହିଳା ଜଣକ ଅଙ୍ଗନାବାଡି ସୁପରଭାଇଜର ହୋଇଥିବା ବେଳେ ପ୍ରେମିକ ଜଣକ ଏକ ସରକାରୀ ସ୍କୁଲ୍‌ରେ ଶିକ୍ଷକ । ସାମାଜିକ ଗଣମାଧ୍ୟମ ଫେସ୍‌ବୁକ ଜରିଆରେ ଦୁହେଁ ପରିସ୍ପର ସହ ପରିଚିତ ହୋଇଥିଲେ । ପରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା । କିନ୍ତୁ ବିବାହ କରିବାକୁ ମହିଳା ଜଣକ ଚାପ ପକାଇବା ପରେ ଦୁହିଁଙ୍କ ମଧ୍ୟ ସମ୍ପର୍କ ବିଗିଡି ଯାଇଥିଲା । ଶେଷରେ ଦୁହିଁଙ୍କ ମଧ୍ୟରେ ଝଗଡ଼ା ହତ୍ୟାକାଣ୍ଡର ରୂପ ନେଇଥିଲା । ପ୍ରେମିକ ଜଣକଙ୍କ ତାଙ୍କୁ ଲୁହା ରଡ୍‌ରେ ପିଟି ହତ୍ୟା କରିଥିଲେ । ପୁଲିସ ଏହି ଘଟଣାରେ ଯାଞ୍ଚ୍ ଆରମ୍ଭ କରିଛି । ବାରମେରଠାରୁ ୨୦କିମି ଦୂର ସଦର ଅଞ୍ଚଳରେ ଏହି ଘଟଣା ଘଟିଛି । ଫରେନସିକ ସାଇନ୍ସ ଲାବୋରାଟୋରୀ, ଡଗ୍ ସ୍କ୍ୱାଡ, ମୋବାଇଲ କ୍ରାଇମ ୟୁନିଟ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ଏକାଠି କରିବାରେ ଲାଗି ପଡ଼ିଛନ୍ତି ।



ରାଜସ୍ଥାନର ଝୁନଝୁନୁରେ ରହୁଥିବା ୩୭ ବର୍ଷୀୟା ଅଙ୍ଗନାବାଡି ସୁପରଭାଇଜର ମୁକେଶ କୁମାରୀ ପ୍ରାୟ ଏକ ଦଶନ୍ଧି ତଳେ ସ୍ୱାମୀଙ୍କଠାରୁ ଅଲଗା ହୋଇଥିଲେ । ଗତବର୍ଷ ଅକ୍ଟୋବର ମାସରେ ସେ ବାରମେରରେ ରହୁଥିବା ମାନାରାମ ନାମକ ଜଣେ ଶିକ୍ଷକ ସହ ପରିଚିତ ହୋଇଥିଲେ । ପରସ୍ପରକୁ ବରାବର ଭେଟିବା ସହ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ସୃଷ୍ଟି ହୋଇଥିଲା । ମାନାରାମଙ୍କୁ ବିବାହ କରି ମୁକେଶ ଘର ବସାଇବାକୁ ଚାହୁଁଥିଲେ । ଦୁହେଁ ପୂର୍ବରୁ ବିବାହିତ ଥିଲେ । ମୁକେଶ ତାଙ୍କ ସ୍ୱାମୀଙ୍କଠାରୁ ଛାଡ଼ପତ୍ର ନେଇ ସାରିଥିଲେ । କିନ୍ତୁ ମାନାରାମଙ୍କ ଛାଡ଼ପତ୍ର ମାମଲା କୋର୍ଟରେ ବିଚାରାଧିନ ରହିଛି । ତେଣୁ ବିବାହ କରିବାକୁ ନେଇ ଦୁଇଜଣଙ୍କ ମଧ୍ୟରେ ଝଗଡ଼ା ହେଉଥିଲା । ବିବାହ ପାଇଁ ଅତ୍ୟଧିକ ଚାପ ପକାଉଥିବାରୁ ମାନାରାମ ତାଙ୍କୁ ହତ୍ୟା କରିବାକୁ ଚରମ ନିଷ୍ପତି ନେଇଥିଲେ । ମୁକେଶଙ୍କୁ ହତ୍ୟା କରିବା ପରେ ତାଙ୍କ ମୃତଦେହକୁ କାରର ଡ୍ରାଇଭର ସିଟ୍‌ରେ ରଖି ମାନାରାମ ଘରକୁ ଫେରି ଶୋଇ ପଡ଼ିଥିଲେ । ପରଦିନ ସକାଳୁ ଉଠି ସେ ନିଜ ଓକିଲଙ୍କ ସାହାଯ୍ୟରେ ମୁକେଶଙ୍କ ମୃତଦେହ ସମ୍ପର୍କରେ ପୁଲିସକୁ ଖବର ଦେବାକୁ କହିଥିଲେ ।

# ବନ୍‌ତାରାକୁ କ୍ଲିନ୍‌ଚିଟ୍ ଦେଲେ କମିଟି

ନୂଆଦିଲ୍ଲୀ, ୧୫।୯ (ଏଜେନ୍ସି): ମହାରାଷ୍ଟ୍ର କୋହ୍ଲାପୁର ଜୈନ ମଠର ମାଧୁରୀ ହାତୀ ସ୍ଥାନାନ୍ତରକୁ ନେଇ ବିବାଦରେ ଥିବା ଜାମନଗର ସ୍ଥିତି 'ବନତାରା ୱାଇଲ୍ଡଲାଇଫ ରେସ୍‌କ୍ୟୁ ଆଣ୍ଡ ରିହାବିଲିଟେସନ ସେଣ୍ଟର'କୁ ସୁପ୍ରିମକୋର୍ଟ ସୋମବାର କ୍ଲିନ୍‌ଚିଟ୍ ଦେଇଛନ୍ତି । ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ରିଲାଏନ୍ସ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ବନତାରା ପଶୁପକ୍ଷୀଙ୍କ କ୍ରୟବିକ୍ରୟ ନିୟମ ଅଧିନରେ ଆସୁଛି ବୋଲି ଜଷ୍ଟିସ ପଙ୍କଜ ମିତ୍ତଲ ଏବଂ ଜଷ୍ଟିସ ପିବି ବରାଲେଙ୍କ ଖଣ୍ଡପୀଠ କହିଛନ୍ତି । ଏସ୍‌ଆଇଟି ଯାଞ୍ଚ ରିପୋର୍ଟରେ କୌଣସି ତ୍ରୁଟି ନ ଥିବା ଜଣାପଡ଼ିଛି । ଏବେ ବାରମ୍ବାର ଏହି ପ୍ରସଙ୍ଗ ଉଠାଇବାକୁ ଅନୁମତି ଦିଆଯିବ ନାହିଁ । ସ୍ୱତନ୍ତ୍ର କମିଟି ମାମଲାର ଯାଞ୍ଚ କରିଛି । ଏହା ଉପରେ ଆମେ ଭରସା କରିବୁ ବୋଲି ଖଣ୍ଡପୀଠ କହିଛନ୍ତି ।

ଏହା ପୂର୍ବରୁ ସୁପ୍ରିମକୋର୍ଟ ଅଗଷ୍ଟ ୨୬ରେ ୨ଟି ଜନସ୍ୱାର୍ଥ ମାମଲାର ଶୁଣାଣି କରି ତଦନ୍ତ ପାଇଁ ଏସଆଇଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମାଧୁରୀକୁ ବନତାରା ନେବା ପରେ ଓକିଲ ସିଆର ଜୟା ସୁକିନ ଏବଂ ଦେବ ଶର୍ମାଙ୍କ ପକ୍ଷରୁ ଏହି ଆବେଦନ ଦାଏର କରାଯାଇଥିଲା । ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଥିଲେ ଯେ ଯଦି କୌଣସି ହାତୀକୁ ଆଇନଗତ ପ୍ରକ୍ରିୟାରେ ହେପାଜତରେ ରଖି ଯତ୍ନ ନିଆଯାଉଛି ତେବେ ତାହା ଉପରେ ଆପତ୍ତି ଉଠାଇବା ଅନୁଚିତ । ମନ୍ଦିରରେ ମଧ୍ୟ ହାତୀ ରଖାଯାଉଛି । ଶୋଭାଯାତ୍ରା କିମ୍ବା ଦଶହରା ଭଳି ଆୟୋଜନରେ ଏହାକୁ ବ୍ୟବହାର କରାଯାଉଛି । ବନତାରା ଓକିଲ ହରିଶ ସାଲ୍‌ଭେ କହିଥିଲେ ଯେ ଯାଞ୍ଚ ରିପୋର୍ଟକୁ ସାର୍ବଜନୀନ କରା ନ ଯିବା ଉଚିତ । ଯଦି ରିପୋର୍ଟ ସାମ୍ନାକୁ ଆସେ ତେବେ ନ୍ୟୁୟର୍କ ଟାଇମ୍ସ ଭଳି ଖବରକାଗଜର କିଛି ଅଂଶ ପ୍ରକାଶନ କରି ନକରାତ୍ମକ ପ୍ରଚାରପ୍ରସାର କରିବେ । ଏହା ପରେ ରିପୋର୍ଟ ସାର୍ବଜନୀନ ହେବ ନାହିଁ ବୋଲି ସୁପ୍ରିମକୋର୍ଟ କହିଥିଲେ ।

### ୨୭ ନୂତନ ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

## ଓଡ଼ିଶା ହେବ ପୂର୍ବ-ଭାରତର ମାନୁଫାକ୍‌ଚରିଂ ହବ୍: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୯ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ୧୨ଟି ଜିଲ୍ଲାରେ ସମୁଦାୟ ୨୭ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବା ପାଇଁ ୨୫ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ ହେବାକୁ ଥିବା ବେଳେ ଏହାଦ୍ୱାରା ୫୨ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି

■ ୨୫,୦୦୦ କୋଟିରୁ ଉର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ
■ ୫୨ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି

ଯେ ଯେତେବେଳେ ଓଡ଼ିଶାକୁ କିଛି ନିବେଶ ଆସୁଛି, ସେତେବେଳେ ଓଡ଼ିଶା ପ୍ରତି ଶିଳ୍ପ ଜଗତର ଭରସା ବୃଦ୍ଧି ପାଉଛି। ଶିଳ୍ପ ସ୍ଥାପନ ପାଇଁ ଓଡ଼ିଶା ସରକାରଙ୍କ ନୀତି ଓ ନିଷ୍ଠା ପ୍ରତି ନିବେଶକମାନଙ୍କ ଆସ୍ଥା ବୃଦ୍ଧି ପାଉଛି। ଓଡ଼ିଶାକୁ ପୂର୍ବ-ଭାରତର ମାନୁଫାକଚରିଂ ହବ୍ କରିବା ପାଇଁ ଆମେ ବିଭିନ୍ନ ହାଇଭାଲ୍ୟୁ ପ୍ରଡକ୍ଟ ଉତ୍ପାଦନ ଦିଗରେ ନିବେଶକମାନଙ୍କୁ ଆକୃଷ୍ଟ କରୁଛୁ। ମାନୁଫାକଚରିଂ ଭାଲ୍ୟୁ ଚେନ୍‌ରେ ଆହୁରି ଉପରକୁ ଉଠି ସାରା ବିଶ୍ୱର ବଜାରରେ ପ୍ରତିଯୋଗିତା କରିପାରୁଥିବା ଭଳି ଉତ୍ପାଦ ନିର୍ମାଣ କରୁଛୁ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ରାଜ୍ୟ ବିଜେପି ସରକାର ସ୍ୱଳ୍ପ ସମୟ ମଧ୍ୟରେ ୨୬୦ଟି ଶିଳ୍ପ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହାଦ୍ୱାରା ୫.୬ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଆସିବା ସହ ୩.୬ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଏହି ସମୟ ମଧ୍ୟରେ ୮୪ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହା ଦ୍ୱାରା ଓଡ଼ିଶାରେ ୨ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ନିବେଶ ହୋଇପାରିଛି ଏବଂ ୧ଲକ୍ଷ ୬୪ ହଜାର ନିଯୁକ୍ତି ସୃଷ୍ଟି କରାଯାଇପାରିଛି।

ଶିଳ୍ପପତିମାନଙ୍କୁ ଭରସା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶାରେ ଶିଳ୍ପ ସ୍ଥାପନ ପାଇଁ ଉପଯୁକ୍ତ ନୀତି ସହ ପ୍ରତ୍ୟେକ କ୍ଷେତ୍ରକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ଦିଆଯାଉଛି। ଶିଳ୍ପ ପ୍ରତିଷ୍ଠାର ଯାତ୍ରାରେ ଶିଳ୍ପପତିଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ଆମେ ସବୁ ସମୟରେ ଉପସ୍ଥିତ ଅଛୁ।

କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗ ଏବଂ ପ୍ରମୁଖ ଶିଳ୍ପପତିମାନେ ମଞ୍ଚାସୀନ ଥିଲେ। ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତଭାଷଣ ଦେଇଥିବା ବେଳେ ଦକ୍ଷତା ବିକାଶ ବିଭାଗର କମିଶନର ତଥା ସଚିବ ଭୂପେନ୍ଦ୍ର ସିଂ ପୁନିଆ ଧନ୍ୟବାଦ ଦେଇଥିଲେ।

## ୫ ମାସ ହେବ ଦରମା ପାଇନାହାନ୍ତି ଜିପିଏଲଏଫ୍ କର୍ମୀ

### ପର୍‌ଫର୍ମାନ୍ସ ଦରମାକୁ ବିରୋଧ କରି ଏକାଠି ହେଲେ ୪ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ



ଭୁବନେଶ୍ୱର,୧୫।୯ (ସମିସ): କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ମାନଙ୍କୁ ପରଫରମାନ୍ସ ବୋନସ୍ ବଦଳରେ ପୂର୍ବଭଳି ମାସିକିଆ ଦରମା ପ୍ରଦାନ ପାଇଁ ଅଲ୍ ଓଡ଼ିଶା ଜିପିଏଲଏଫ୍ କର୍ମୀ ସଂଘର ଶହଶହ ସଦସ୍ୟ ଆଜି ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ଦାବି ଜଣାଇଛନ୍ତି।

**ଦଶହରା ମଧ୍ୟରେ ଦରମା ନମିଳିଲେ ଆନ୍ଦୋଳନ ଚେତାବନୀ**

ସେମାନେ ଅଭିଯୋଗ କରିଥିଲେ ଯେ ରାଜ୍ୟର ୩୧୪ବ୍ଲକ୍‌ରୁ ପ୍ରାୟ ୪ହଜାର କର୍ମୀ ଗତ ୫ମାସ ହେବ ଦରମା ପାଇନାହାନ୍ତି। ୨୦୧୨ ମସିହାରୁ ଓଡ଼ିଶା ମିଶନ ଶକ୍ତି ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ଏମ୍‌ବିକେ, ସିଆରପି, ବ୍ୟାଙ୍କମିତ୍ର, କୃଷିମିତ୍ର, ପ୍ରାଣୀମିତ୍ରମାନେ ପୂର୍ବରୁ ପାରିଶ୍ରମିକ ବାବଦକୁ ମାସିକ ଏକ ନିର୍ଦ୍ଦିଷ୍ଟ ଦରମା ପାଉଥିଲେ। କିନ୍ତୁ, ବର୍ତ୍ତମାନ ସେମାନଙ୍କୁ ପରଫରମାନ୍ସ ବୋନସ୍ ଭାବେ ପାରିଶ୍ରମିକ ଦିଆଯାଉଛି। ନୂଆ ସରକାର ଆସିବା ପରେ ଗତ ମାର୍ଚ୍ଚରେ ଶେଷ ଦରମା ପାଇଥିବା ବେଳେ ଏପ୍ରିଲଠାରୁ ପରଫରମାନ୍ସ ବୋନସ୍ ଭାବେ ଦରମା ନେବାକୁ ବିଭାଗ ପକ୍ଷରୁ ଚିଠି ମାଧ୍ୟମରେ ଅବଗତ କରାଯାଇଥିଲା। ଏହାକୁ କର୍ମଚାରୀମାନେ ବିରୋଧ କରିବା ସହ ପୂର୍ବଭଳି ଦରମା ଦେବାକୁ ଦାବି କରି ଆସୁଛନ୍ତି। ଏ ବାବଦରେ ବିଭାଗୀୟ ଅଧିକାରୀଙ୍କୁ ମଧ୍ୟ ଜଣାଇଛନ୍ତି। କିନ୍ତୁ, ଏହାକୁ ୫ମାସ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଯିବାରୁ ଆଜି ସଂଘର ସଦସ୍ୟମାନେ ଓଡ଼ିଶା ଜୀବିକା ମିଶନ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇ ଦାବି ଜଣାଇଛନ୍ତି। ଏ ସଂପର୍କରେ ସେମାନେ ଆଜି ବିଭାଗୀୟ ନିର୍ଦ୍ଦେଶିକା, ଶାସନ ସଚିବଙ୍କ ସହ ଆଲୋଚନା କରିଛନ୍ତି। ଯଥାଶୀଘ୍ର ଏହାର ସମାଧାନ କରାଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିବା ସଂଘ ସୂଚନା ଦେଇଛି। ତେବେ ଆସନ୍ତା ଦଶହରା ମଧ୍ୟରେ ଏନେଇ କୌଣସି ପଦକ୍ଷେପ ନିଆ ନଗଲେ, ରାଜ୍ୟରେ ସମସ୍ତ ଜିପିଏଲଏଫ୍ କର୍ମୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ଚେତାବନୀ ଦେଇଛି।

### ସାର ପାଇଁ ପ୍ରବଳ ଉତ୍ତେଜନା

## ରାତି ୪ରୁ ଅପେକ୍ଷା କରି ବି ପାଇଲେନି

ଛେଣ୍ଡିପଦା, ୧୫।୯(ସମିସ): ସାରା ରାଜ୍ୟରେ ଏବେ ଧାନ ଚାଷ ପାଇଁ ୟୁରିଆ ସାରର ବେଶ୍ ଆବଶ୍ୟକତା ରହିଛି। ହେଲେ ରାଜ୍ୟରେ ବର୍ତ୍ତମାନ ସାରର ଉତ୍କଟ ଅଭାବ ସମସ୍ୟା ଦେଖିବାକୁ ମିଳିଛି। ଏପରିକି, କଳାବଜାରରେ ୟୁରିଆ ବିକ୍ରି ହେଉଛି। ଅସାଧୁ ବ୍ୟବସାୟୀମାନେ ୨୭୦ ଟଙ୍କାର ୟୁରିଆ ପ୍ୟାକେଟକୁ ୭୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରୁଛନ୍ତି। ସରକାର ପାକ୍ସଗୁଡ଼ିକୁ ଯୋଗାଇ ଦେଉଥିବା ୟୁରିଆ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ପାକ୍ସକୁ ସାର ଆସିଲେ ଶହଶହ ଚାଷୀଙ୍କ ଭିଡ଼ ଜମୁଛି। ସାର ନେବା ପାଇଁ ଚାଷୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି।

**ବର୍ଷାରେ ୨ଘଣ୍ଟା ଭିଜିଲେ ଚାଷୀ**

ଅନୁଗୋଳ ଜିଲ୍ଲା ବାଗଡ଼ିଆ ସେବା ସମବାୟ ସମିତିକୁ ସାର ଆସିଥିବା ଖବର ପ୍ରଚାର ହେବା କ୍ଷଣି ସୋମବାର ଭୋର୍ ୪ଟାରୁ ଏଠାରେ ଚାଷୀଙ୍କ ଭିଡ଼ ଜମିଥିଲା। ଚାଷୀମାନେ ଧାଡ଼ିରେ ଆଧାରକାର୍ଡ ରଖି ସାର ପାଇଁ ଅପେକ୍ଷା କରିଥିଲେ। ତେବେ ବାଗଡ଼ିଆ ସମବାୟ ସମିତିକୁ ୭ଶହ ବସ୍ତା ସାର ଆସିଥିବା ବେଳେ ପ୍ରାୟ



୧୫ଶହରୁ ଉର୍ଦ୍ଧ୍ୱ ଚାଷୀ ରୁଣ୍ଡ ହୋଇଥିଲେ। ଦୀର୍ଘ ସମୟ ଅପେକ୍ଷା ପରେ ପୁଲିସ ଉପସ୍ଥିତିରେ ସାର ବିକ୍ରି ହୋଇଥିଲା। କିନ୍ତୁ ବିକ୍ରି ବେଳେ ଅନିୟମିତତା ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବହୁ ଚାଷୀ ପ୍ରାୟ ୧୦ ଘଣ୍ଟା ଧରି ଅପେକ୍ଷା କରିଥିଲେ ମଧ୍ୟ ସାର ନ ପାଇ ନିରାଶରେ ଫେରିଛନ୍ତି। ଏପରିକି, ଏହି ସମୟରେ ପ୍ରବଳ ବର୍ଷା ହୋଇଥିଲେ ମଧ୍ୟ ଚାଷୀ ବର୍ଷାରେ ଭିଜିଭିଜି ଅପେକ୍ଷା କରିଥିଲେ। ଉତ୍ତେଜନା ପରେ ବାଗଡ଼ିଆ ଥାନା ଅଧିକାରୀ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଚଷୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ସମବାୟ ସମିତି କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଫଳରେ ସାର ବିକ୍ରି ବନ୍ଦ କରି ଦିଆଯାଇଥିଲା।

### ବଲାଙ୍ଗିରରେ ଲଜ୍ଜା

## ମହିଳାଙ୍କୁ ବିଜେପି ନେତାଙ୍କ ଦୁଷ୍କର୍ମ !

କଣ୍ଟାବାଞ୍ଜି,୧୫।୯(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ସହରରୁ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ବିଜେପିର ଜଣେ ଯୁବନେତା ଜଣେ ମହିଳାଙ୍କୁ ଦୁଷ୍କର୍ମ କରିଛନ୍ତି। ଏନେଇ ମହିଳାଜଣଙ୍କ ଅଭିଯୋଗ କରିବାରୁ ପୁଲିସ ବିଜେପି ନେତା ଚିଣ୍ଟୁ ଅଗ୍ରୱାଲଙ୍କ ବିରୋଧରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



ପୁଲିସ୍ ସୂଚନାନୁସାରେ, ମହିଳାଜଣଙ୍କ ତାଙ୍କ ପ୍ରେମିକ ସହ ସହରରେ ଏକ ଭଡ଼ା ଘରେ ରହୁଛନ୍ତି। ମହିଳାଙ୍କ ପ୍ରେମିକ ସହ ଚିଣ୍ଟୁଙ୍କର ଭଲ ବନ୍ଧୁତା ଥିଲା। ଏଥିଯୋଗୁଁ ଚିଣ୍ଟୁ ଅନେକ ସମୟରେ ତାଙ୍କ ଘରକୁ ଯିବାଆସିବା କରୁଥିଲେ। ଗତ ୧୩ ତାରିଖ ରାତି ପ୍ରାୟ ୭ଟାରେ ଚିଣ୍ଟୁ ତାଙ୍କ ଘରକୁ ଯାଇଥିଲେ। ତେବେ ସେଠାରେ ମହିଳାଜଣଙ୍କ ଏକୁଟିଆ ଥିବା ସୁଯୋଗରେ ଚିଣ୍ଟୁ ତାଙ୍କୁ ଦୁଷ୍କର୍ମ କରିଥିଲା। ଏହାସହ ଘଟଣା ସମ୍ପର୍କରେ କାହାରିକୁ କହିଲେ, ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ମହିଳାଜଣଙ୍କ ଏ ସଂପର୍କରେ ତାଙ୍କ ପ୍ରେମିକଙ୍କୁ ଜଣାଇବା ପରେ କଣ୍ଟାବାଞ୍ଜି ଥାନାରେ ଅଭିଯୋଗ ହୋଇଥିଲା।

**ଥାନାରେ ମାମଲା ରୁଜୁ**

ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ମହିଳାଙ୍କ ଡାକ୍ତରୀ ପରୀକ୍ଷା କରାଯାଇଛି। ସେପଟେ, ମାମଲା ରୁଜୁ ପରେ ଅଭିଯୁକ୍ତ ଚିଣ୍ଟୁ ଫେରାର୍ ହୋଇଯାଇଥିବା ଜଣାଯାଇଛି। ଚିଣ୍ଟୁ ବିଜେପିର ଅନେକ ରାଜନେତାଙ୍କ ନିକଟତମ ଲୋକ। ଅନ୍ୟପକ୍ଷରେ, ଚିଣ୍ଟୁଙ୍କୁ ତୁରନ୍ତ ଗିରଫ କରାନଗଲେ, କଣ୍ଟାବାଞ୍ଜି ଥାନା ଘେରଉ କରାଯିବ ବୋଲି ବିଜେଡି ନେତା ଗିରିରାଜ ସିଂ ମାଝୀ ଚେତାବନୀ ଦେଇଛନ୍ତି।

## ଦେବଦାସ ଛୋଟରାୟ ପାଇବେ 'ଶାରଳା ପୁରସ୍କାର'


ଭୁବନେଶ୍ୱର, ୧୫।୯(ସମିସ): ବିଶିଷ୍ଟ କଥାକାର ତଥା କବି ଦେବଦାସ ଛୋଟରାୟଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର' ପ୍ରଦାନ କରାଯିବ। ଟାଇମପାସ୍ ପ୍ରକାଶନୀ ଦ୍ୱାରା ୨୦୨୩ ମସିହାରେ ପ୍ରକାଶିତ ତାଙ୍କ ଗଳ୍ପସଂକଳନ 'ମ୍ୟାଟିନି ସୋ' ପାଇଁ ସେ ଏହି ପୁରସ୍କାର ଲାଭ କରିବେ। ଶ୍ରେଷ୍ଠ ସାହିତ୍ୟକୃତି ପାଇଁ ଇମ୍ପା ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ପକ୍ଷରୁ



ଦେବଦାସ ଛୋଟରାୟ



ବଳଦେବ ମହାରଥା



ଗୁରୁ ରାମହରି ଦାସ

ପ୍ରତିବର୍ଷ ଏହି ପୁରସ୍କାର ପ୍ରଦାନ କରାଯାଇ ଆସୁଛି। ଆସନ୍ତା ଅକ୍ଟୋବର ୨୬ ତାରିଖରେ ଆୟୋଜିତ ହେବାକୁ ଥିବା ଏକ ସାରସ୍ୱତ ସମାବେଶରେ ଲେଖକଙ୍କୁ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହ ୭ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ।

ଏଥିସହ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନାର ଉତ୍କର୍ଷ ପାଇଁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ' ମଧ୍ୟ ୨୦୨୫ ମସିହା ପାଇଁ ଘୋଷିତ ହୋଇଛି। ବିଶିଷ୍ଟ ଚିତ୍ରଶିଳ୍ପୀ ବଳଦେବ ମହାରଥା ଏବଂ ସଙ୍ଗୀତଗୁରୁ ରାମହରି ଦାସଙ୍କୁ ଚଳିତବର୍ଷ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ଉଭୟଙ୍କୁ ଅଢ଼େଇଲକ୍ଷ ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯିବ।

ପ୍ରାଥମିକ ପୁସ୍ତକ ଚୟନମଣ୍ଡଳୀରେ ଦୁର୍ଗାପ୍ରସାଦ ପଣ୍ଡା, କୃଷ୍ଣକୁମାର ମହାନ୍ତି, ପବିତ୍ର ମୋହନ ଦାଶ, ଶ୍ରୀଦେବ, ଶକ୍ତି ମହାନ୍ତି ପ୍ରମୁଖ ବିଚାରକ ଥିଲା ବେଳେ ଚୂଡ଼ାନ୍ତ ପର୍ଯ୍ୟାୟର ବିଚାରକମାନେ ଥିଲେ ପ୍ରକାଶ ମହାପାତ୍ର, ପବିତ୍ର ପାଣିଗ୍ରାହୀ, ଧନଞ୍ଜୟ ସ୍ୱାଇଁ, ପାରମିତା ଶତପଥୀ, ସୁସ୍ମିତା ବାଗ୍‌ଚୀ, ପ୍ରବୀଣା ମହାନ୍ତି ଏବଂ ସୂର୍ଯ୍ୟ ମିଶ୍ର। ସେହିପରି ସଙ୍ଗୀତ ବିଭାଗରେ

**ଚିତ୍ରଶିଳ୍ପୀ ବଳଦେବ ମହାରଥା ଏବଂ ସଙ୍ଗୀତଗୁରୁ ରାମହରି ଦାସଙ୍କୁ 'ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ'**

ଆଦ୍ୟାଶା ଦାସ, ସୁଜାତା ମହାପାତ୍ର, ସଙ୍ଗୀତା ପଣ୍ଡା ଏବଂ ଚିତ୍ରକଳା ବିଭାଗରେ ପଞ୍ଚମୀ ମାନୁଉକିଲ, ସୁଦର୍ଶନ ପଟ୍ଟନାୟକ ଓ ପ୍ରଦୋଷ ସ୍ୱାଇଁ ବିଚାରକ ଭାବେ ମୂଲ୍ୟାୟନ କରିଥିଲେ।

ଏଥର ଶାରଳା ପୁରସ୍କାର ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟର ପୁସ୍ତକଗୁଡ଼ିକ ଥିଲା ଦେବଦାସ ଛୋଟରାୟଙ୍କ ଗଳ୍ପ ସଂକଳନ 'ମ୍ୟାଟିନି ସୋ', ଅପର୍ଣ୍ଣା ମହାନ୍ତିଙ୍କ କବିତା ସଂକଳନ 'ଅପର୍ଣ୍ଣା ମହାନ୍ତିମାନଙ୍କ ପାଇଁ କବିତା', ମମତା ଦାଶଙ୍କ କବିତା ସଂକଳନ 'ଭୂମି ସ୍ପର୍ଶ', ପଦ୍ମଜ ପାଳଙ୍କ ଉପନ୍ୟାସ 'ସୀତା ମୁଁ ସୀତା', ପଦ୍ମଜ ପାଳଙ୍କ ଗଳ୍ପ ସଂକଳନ 'ଡାହାଣ ପାଦ ବାମ ପାଦ', ଆଶୁତୋଷ ପରିଡ଼ାଙ୍କ କବିତା ସଂକଳନ 'ବିଶ୍ୱାସ ଦେ ପୃଥ୍ୱୀ', ବିଜୟ କୁମାର ଶତପଥୀଙ୍କ ନାଟକ 'ଅନ୍ଧାରର ବିଭୀଷିକା'।

### ଜାଲ୍ ପ୍ରମାଣପତ୍ର ଦେଇ ଚାକିରି

## ବାଲିକୁଦା କଲେଜ ଅଧ୍ୟାପକ ନିଲମ୍ବିତ

ଜଗତସିଂହପୁର/ବାଲିକୁଦା, ୧୫।୯(ସମିସ): ଜାଲ୍ ପ୍ରମାଣପତ୍ର ଦେଇ ଜଗତସିଂହପୁର ଜିଲ୍ଲାର ବାଲିକୁଦା କଲେଜର ବାଣିଜ୍ୟ ବିଭାଗରେ ଚାକିରି କରିଥିବା ଅଧ୍ୟାପକଙ୍କୁ ନିଲମ୍ବନ କରାଯାଇଛି। ଏଥିସହ ଚାକିରି ଆରମ୍ଭ ଦିନରୁ ନେଇଥିବା ଦରମା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସନ୍ତୋଷ କୁମାର ଶତପଥୀ ଜାଲ୍ ପ୍ରମାଣପତ୍ର ଦେଇ ବାଲିକୁଦା କଲେଜ ପରିଚାଳନା କମିଟି ଦ୍ୱାରା ବାଣିଜ୍ୟ ବିଭାଗରେ ୨୦୧୮ ମାର୍ଚ୍ଚ ୧୭ ତାରିଖରେ ନିଯୁକ୍ତି ପାଇଥିଲେ। ତାଙ୍କ ପ୍ରମାଣପତ୍ର ଜାଲ୍ ପ୍ରମାଣିତ ହେବା ପରେ ବିଭାଗୀୟ ରିଜୋନାଲ ଡାଇରେକ୍ଟରଙ୍କ ନିର୍ଦ୍ଦେଶରେ ଉପଜିଲ୍ଲାପାଳ ନିଲମ୍ବିତ କରିଛନ୍ତି।

ସୂଚନା ମୁତାବକ, ଶ୍ରୀ ଶତପଥୀଙ୍କ ସାର୍ଟିଫିକେଟ୍ ନକଲି ଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ୨୦୨୨ରେ ଏକ ଫ୍ୟାକ୍ଟଫାଇଣ୍ଡିଂ ଟିମ୍ ଗଠନ କରାଯାଇ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଏହି ଟିମ୍ ତଦନ୍ତ ସମୟରେ ଉକ୍ତ ପ୍ରମାଣପତ୍ର ୨୦୧୫ରେ ଭାଙ୍ଗିଯାଇଥିବା ସିକିମର ଏକ ବିଶ୍ୱବିଦ୍ୟାଳୟର ହୋଇଥିବା ଜଣାପଡ଼ିଥିଲା। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପୋର୍ଟାଲରେ ଅଭିଯୋଗ କରାଯିବା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଚଶିକ୍ଷା ବିଭାଗର ଟିମ ଘଟଣାର ତଦନ୍ତ କରି ଉକ୍ତ ବିଶ୍ୱବିଦ୍ୟାଳୟ ଭାଙ୍ଗିବାର ୨ବର୍ଷ ପରେ ଏହି ପ୍ରମାଣପତ୍ର ଆଣିଥିବା ଜଣାପଡ଼ିଥିଲା। ଯେଉଁ ଆଧାରରେ ରିଜୋନାଲ ଡାଇରେକ୍ଟର କଲେଜର ସଭାପତି ଥିବା ଉପଜିଲ୍ଲାପାଳଙ୍କୁ ଚିଠି କରି ତୁରନ୍ତ ବହିଷ୍କାର ପାଇଁ ନିର୍ଦ୍ଦେଶ ଦେବା ସହ ନେଇଥିବା ଦରମା ବାବଦକୁ ପ୍ରାୟ ୬ ଲକ୍ଷରୁ ଉର୍ଦ୍ଧ୍ୱ ଅର୍ଥ ସମେତ ଉକ୍ତ ଅଧ୍ୟାପକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବା ପାଇଁ ନିର୍ଦ୍ଦେଶ ରହିଥିଲା।

## ନୂଆପଡ଼ା ଉପନିର୍ବାଚନ: ଘାସିରାମ କଂଗ୍ରେସ ପ୍ରାର୍ଥୀ !

ଭୁବନେଶ୍ୱର, ୧୫।୯ (ସମିସ): ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ପରଲୋକ ପରେ ନୂତନ ସରକାରରେ ପ୍ରଥମ ଉପନିର୍ବାଚନ ହେବାକୁ ଯାଉଛି। ଯଦିଓ ଏହି ବିଧାନସଭା ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇନାହିଁ, ମାତ୍ର ଏହି ଆସନକୁ ନେଇ ଏବେଠୁ ରାଜ୍ୟ ରାଜନୀତି ସରଗରମ ହେଲାଣି। କୌତୁହଳ କଥା ଯେ, ଉଭୟ ଶାସକ ଓ ବିରୋଧୀ ଦଳ ଅପେକ୍ଷା ଗତ ନିର୍ବାଚନରେ ୪ ନଂ ସ୍ଥାନରେ ଥିବା କଂଗ୍ରେସ ଦଳ ଏହି ଆସନକୁ ନେଇ ଏଥର ସବୁଠୁ ଉତ୍ସାହୀ ଓ ତତ୍ପର ଦେଖାଯାଉଛି। ଯାହାର ପରିଣାମ ସ୍ୱରପ ହେବାକୁ ଥିବା ଏହି ଉପନିର୍ବାଚନରେ ଦଳର ପ୍ରାର୍ଥୀଙ୍କୁ ନେଇ ମଧ୍ୟ ଅଙ୍କ କଶା ଆରମ୍ଭ ହୋଇଯାଇଛି। ଏମିତି କି ଗତ ନିର୍ବାଚନରେ ଏହି ଆସନରୁ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ଘାସିରାମ ମାଝୀଙ୍କୁ ଏଥର କଂଗ୍ରେସ ପ୍ରାର୍ଥୀ କରିପାରେ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ପରୋକ୍ଷରେ ସଙ୍କେତ ଦେଇଛନ୍ତି।

ସୋମବାର ପିସିସି ସଭାପତି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଗତ ୨୦୨୪ ନିର୍ବାଚନରେ ଘାସିରାମ କଂଗ୍ରେସରୁ ଟିକଟ ନ ପାଇବାରୁ ସ୍ୱାଧୀନ ଭାବେ ଲଢ଼ିଥିଲେ। ସେଠାରୁ ସେ ୫୧ ହଜାର ଭୋଟ୍ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ୧୫ ହଜାର ଭୋଟ୍ ପାଇଥିଲେ। ଏହି ସଂଖ୍ୟା ଦେଖି ଅନ୍ୟମାନେ ଆତୁର ହୋଇପଡ଼ିଛନ୍ତି। ବର୍ତ୍ତମାନ ଘାସିରାମ କଂଗ୍ରେସରେ ଅଛନ୍ତି ଓ ଏବେ ସେ ନୂଆପଡ଼ା କଂଗ୍ରେସ ଜିଲ୍ଲା ସଂଯୋଜକ ମଧ୍ୟ ରହିଛନ୍ତି। ପୂର୍ବରୁ ସେ ଜିଲ୍ଲାସଭାପତି ଥିଲେ। ଆମେ ତାଙ୍କୁ ଟିକଟ ଦେଇପାରି ନ ଥିଲୁ। ଏଥର ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନିଆଯିବ ବୋଲି ଭକ୍ତ କହିଛନ୍ତି। ଏମିତି କି ଘାସିରାମଙ୍କୁ ଅଣ କଂଗ୍ରେସ ଦଳଗୁଡ଼ିକ ନଜ ଦଳକୁ ନେବା ପାଇଁ ଉଦ୍ୟମ

**ଘାସିରାମଙ୍କ ପ୍ରାର୍ଥିତ୍ୱ ସପକ୍ଷରେ ଭକ୍ତଙ୍କ ପରୋକ୍ଷ ସଙ୍କେତ**

ଆରମ୍ଭ କରିଥିବା ଭକ୍ତ ପରୋକ୍ଷରେ କହିଛନ୍ତି। ଏହାସହିତ ଆମ ଆଶାୟୀ ପ୍ରାର୍ଥୀଙ୍କୁ ଯେତେ ଟଙ୍କା ଦେଲେ ମଧ୍ୟ ସେ ବିକ୍ରି ହେବାର ପ୍ରଶ୍ନ ଉଠୁନି ବୋଲି ଭକ୍ତ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଗତ ୨୦୨୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ୬୧ ହଜାର ୮୨୨ ଖଣ୍ଡ ଭୋଟ୍ ପାଇ ବିଜୟୀ ହୋଇଥିଲେ। ତାଙ୍କ ପଛକୁ ସ୍ୱାଧୀନ ଭାବେ ଲଢ଼ି ଘାସିରାମ ମାଝୀ ୫୦ ହଜାର ୯୪୧ ଖଣ୍ଡ ଭୋଟ୍ ପାଇବାକୁ ସକ୍ଷମ ହୋଇଥିଲେ। ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ୪୪ ହଜାର ୮୧୪ ଖଣ୍ଡ ଭୋଟ୍ ପାଇ ତୃତୀୟ ସ୍ଥାନରେ ରହିଥିବା ବେଳେ ତତ୍‌କାଳୀନ ପିସିସି ସଭାପତି ତଥା କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକ ମାତ୍ର ୧୫ ହଜାର ୫୦୧ ଖଣ୍ଡ ଭୋଟ୍ ପାଇ ଚତୁର୍ଥ ସ୍ଥାନରେ ରହିଥିଲେ। ଆସନ୍ତା ନିର୍ବଚନରେ ଘାସିରାମଙ୍କୁ ପ୍ରାର୍ଥୀ କରି କଂଗ୍ରେସ ନୂଆ ରଣନୀତି ଆପଣାଇବାକୁ ଯୋଜନା କରିଛି।

## ବନ ବିଭାଗକୁ ହାତୀଙ୍କ ପେଟ ଚିନ୍ତା

ଭୁବନେଶ୍ୱର,୧୫।୯ (ସମିସ): ରାଜ୍ୟରେ ପ୍ରତିବର୍ଷ ହାତୀ-ମଣିଷ ଲଢ଼େଇ ଯୋଗୁଁ ଶତାଧିକ ଲୋକଙ୍କ ଜୀବନ ଯାଉଛି। ଅନେକ ସମୟରେ ହାତୀ-ମଣିଷ ଲଢ଼େଇରେ ଓଡ଼ିଶାର ମୃତକଙ୍କ ସଂଖ୍ୟା ସାରା ଦେଶରେ ଅଧିକ ରହୁଛି। ମୁଖ୍ୟତଃ ଜଙ୍ଗଲରେ ଖାଦ୍ୟ ଅଭାବ ହେଉଥିବା ଯୋଗୁଁ ହାତୀମାନେ ଜନବସତିକୁ ପଳାଇ ଆସୁଛନ୍ତି। ଫଳରେ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ସହାବସ୍ଥାନ ପାଇଁ ହାତୀ ଓ ମଣିଷ ମଧ୍ୟରେ ସଂଘର୍ଷ ଘଟୁଛି। ତେବେ ଏଥିରେ ରୋକ୍ ଲଗାଇବା ପାଇଁ ରାଜ୍ୟ ବନ ବିଭାଗ ଅଣ୍ଟା ଭିଡ଼ିଛି। ଏକ ଅଭିନବ ଉପାୟ ସ୍ୱରୂପ ଜଙ୍ଗଲ ଭିତରେ ହାତୀମାନଙ୍କ ପାଇଁ ଧାନ ଓ କଦଳୀ ଚାଷ କରିବାକୁ ବିଭାଗ ଯୋଜନା କରିଛି। କିଛି ଦିନ ତଳେ ମୁଖ୍ୟମନ୍ତ୍ରୀ ଜଙ୍ଗଲ ଭିତରେ ହାତୀଙ୍କ ପାଇଁ ଧାନ ଚାଷ କରିବାକୁ ପରାମର୍ଶ ଦେଇଥିବା ବେଳେ ଏହାକୁ ଆଧାର କରି ବନ ବିଭାଗ ପ୍ରତି ବନଖଣ୍ଡରେ ପ୍ରାୟ ୧୫ ହେକ୍ଟର ଜମିରେ ଧାନ ଓ କଦଳୀ ଚାଷ କରିବାକୁ ଯୋଜନା ଆରମ୍ଭ କରିଛି।

ଏହି କ୍ରମରେ ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ କୁମାର ଝା ରାଜ୍ୟର ସମସ୍ତ ଆଞ୍ଚଳିକ ଓ



■ ପ୍ରତି ବନଖଣ୍ଡରେ ୧୫ ହେକ୍ଟରରେ ଧାନ ଓ କଦଳୀ ଚାଷ
■ ଜାଗା ଚିହ୍ନଟ ପାଇଁ ଡିଏଫ୍‌ଓଙ୍କୁ ଚିଠି ଲେଖିଲେ ପିସିସିଏଫ
■ ହାତୀ-ମଣିଷ ଲଢ଼େଇ ରୋକିବାକୁ ବିଭାଗର ଯୋଜନା

ବନ୍ୟପ୍ରାଣୀ ଡିଏଫ୍‌ଓଙ୍କୁ ପତ୍ର ଲେଖି ନିଜ ନିଜ ବନଖଣ୍ଡ ଅଧୀନରେ ଅତିକମ୍‌ରେ ୧୫ ହେକ୍ଟର ଖୋଲା ସ୍ଥାନ ଚିହ୍ନଟ କରିବାକୁ କହିଛନ୍ତି। ଏଥିମଧ୍ୟରୁ ୧୦ ହେକ୍ଟର ଜମିରେ ସ୍ଥାନୀୟ କିସମର ଶସ୍ୟ ରୋପଣ ପାଇଁ ବ୍ୟବହୃତ ହେବା ସହ ଅନ୍ୟ ୫ ହେକ୍ଟରରେ ସ୍ଥାନୀୟ ପ୍ରଜାତିର କଦଳୀ ଗଛ ରୋପଣ କରାଯିବାକୁ ନିଷ୍ପତ୍ତି ହୋଇଛି। ପିସିସିଏଫ୍ ନିଜ ଚିଠିରେ ଦର୍ଶାଇଛନ୍ତି ଯେ ଫସଲ ଅମଳକ୍ଷମ ବା ବଡ଼ ହେବା ପର୍ଯ୍ୟନ୍ତ ଏହାକୁ ବାଡ଼ ଘେରାଇ ରଖାଯିବ। ଏହାପରେ ସେଗୁଡ଼ିକୁ ଧୀରେ ଧୀରେ ହାତୀ ଏବଂ ଅନ୍ୟ ତୃଣଭୋଜୀ ପ୍ରାଣୀମାନଙ୍କ ପାଇଁ ଉପଲବ୍ଧ କରାଯିବ। ବନ୍ୟପ୍ରାଣୀ ପରିଚାଳନାର ଏକ ଅଂଶ ଭାବରେ ଚାରା ଏବଂ ଫଳ ଉତ୍ପାଦନକାରୀ ଉଦ୍ଭିଦ ସହିତ ଘାସ ବିକାଶ, ମାଟି ଏବଂ ଆର୍ଦ୍ରତା ସଂରକ୍ଷଣ ଏବଂ ଜଳାଶୟ ସୃଷ୍ଟି ଭଳି ପଦକ୍ଷେପମାନ ପୂର୍ବରୁ କାର୍ଯ୍ୟକାରୀ ହୋଇ ଆସୁଛି। ଏବେ ହାତୀଙ୍କ ପାଇଁ ଖାଦ୍ୟ ଉପଲବ୍ଧିକୁ ବଢ଼ାଇବା ଲକ୍ଷ୍ୟ ସହ ଜନବସତିକୁ ହାତୀଙ୍କ ପ୍ରବେଶ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ଫଳପ୍ରଦ ହେବ ବୋଲି ବନ ବିଭାଗ ଆଶା ରଖିଛି। ତେଣୁ ରାଜ୍ୟ ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ ଫସଲ ଯଥା ଧାନ, ମକ୍କା, ଜଅ ଏବଂ ସ୍ଥାନୀୟ ଘାସ ଭଳି ଶସ୍ୟ ଫସଲ ଚାଷ ଉପରେ ଏଥର ଗୁରୁତ୍ୱ ଦିଆଯାଉଥିବା ବିଭାଗ ପକ୍ଷରୁ କୁହାଯାଇଛି।

ସାଧାରଣତଃ ଗୋଟିଏ ହାତୀ ଦିନକୁ ପ୍ରାୟ ଦେଢ଼ କୁଇଣ୍ଟାଲର ଖାଦ୍ୟ ଓ ୨୦୦ରୁ ୨୫୦ ଲିଟର ପାଣି ଆବଶ୍ୟକ କରିଥାଏ। ଏହି ପରିମାଣରେ ଖାଦ୍ୟ ମିଳିଲେ ହିଁ ହାତୀର ପେଟ ପୂରିଥାଏ। ଓଡ଼ିଶାରେ ଏବେ ୨୧୦୦ ହାତୀ ଥିବା ରହିଛନ୍ତି। ଜଙ୍ଗଲ ଅନୁପାତରେ ହାତୀମାନଙ୍କ ସଂଖ୍ୟା ଅଧିକ ରହିଛି। ରାଜ୍ୟରେ ବିଭିନ୍ନ ପ୍ରକାର ଭିତ୍ତିଭୂମି ବିକାଶ ଯୋଗୁଁ ହାତୀଙ୍କ ବାସସ୍ଥାନ ହ୍ରାସ ହେବା ସହ ଜଙ୍ଗଲରେ ଖାଦ୍ୟାଭାବ ଯୋଗୁଁ ହାତୀଙ୍କ ପେଟ ପୂରୁ ନାହିଁ। ଫଳରେ ସେମାନେ ଜନବସତି ମୁହାଁ ହେଉଥିବା ବନ୍ୟପ୍ରାଣୀ ବିଶେଷଜ୍ଞମାନେ ମତ ଦେଉଛନ୍ତି।

### ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବୈଠକ

## ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତ ଉପରେ ଗୁରୁତ୍ୱାରୋପ



ଭୁବନେଶ୍ୱର, ୧୫।୯ (ସମିସ): ସୋମବାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱୀକୃତିପ୍ରାପ୍ତ ସମସ୍ତ ରାଜନୈତିକ ଦଳଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର.ଏସ୍ ଗୋପାଳନ ଏକ ବୈଠକ କରିଛନ୍ତି। ନୂଆପଡ଼ା ନିର୍ବାଚନମଣ୍ଡଳୀର ଆସନ୍ନ ଉପ-ନିର୍ବାଚନ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ସମ୍ପର୍କରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି। ବୈଠକରେ ସିଇଓ ସ୍ୱୀକୃତିପ୍ରାପ୍ତ ସମସ୍ତ ରାଜନୈତିକ ଦଳମାନେ ଯେତେ ଶୀଘ୍ର ସମ୍ଭବ, ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରି ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟାକୁ ତୃଣମୂଳସ୍ତରରେ ଅଧିକ କ୍ରିୟାଶୀଳ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ଏହାସହ ନୂଆପଡ଼ା ବିଧାନସଭା ମଣ୍ଡଳୀର ଚିଠା ଭୋଟର୍ ତାଲିକାର ସଫ୍ଟ କପି ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଥିଲା।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର

# ୮୨ ଅଭିଯୋଗରୁ ୯ଟିର ତତ୍କାଳ ସମାଧାନ

ନୀଳଗିରି, ୧୫।୯ (ସମିସ)



ସୋମବାର ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ତରଫରୁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ନିରଞ୍ଜନ ବେହେରାଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣି ଶିବିରରେ ନୀଳଗିରି ପଞ୍ଚାୟତ ସମିତି ଅଧକ୍ଷା ଶୁଭ ଲକ୍ଷ୍ମୀ ମାଝୀ, ବାଲେଶ୍ୱର ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ କୁମାର ରାଉତ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡା. ପ୍ରଭାତ କୁମାର ବେହେରା, ସ୍ଥାନୀୟ ଉପ- ଜିଲ୍ଲାପାଳ ଡ. ମଧୁସ୍ମିତା ସାମନ୍ତରାୟ, ବିଡିଓ ବିକ୍ରମ କେଶରୀ ପରିଡା, ତହସିଲଦାର ସୋନମ୍ ଦାସ ସମେତ ଜିଲ୍ଲା ଓ ଉପଖଣ୍ଡସ୍ତରୀୟ ସମସ୍ତ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ। ନୀଳଗିରି ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୮୨ ଜଣ ଅଭିଯୋଗକାରୀ ନିଜ ନିଜର ନାମ ପଞ୍ଜୀକରଣ କରି ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୭୮ଟି ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବାର୍ଦ୍ଧକ୍ୟ ଭତ୍ତା, ରେସନ କାର୍ଡ, ବିଦ୍ୟୁତ୍ ସମସ୍ୟା, ସାମାଜିକ ସୁରକ୍ଷା, ଯୋଜନା ମହିଳା ଓ ଶିଶୁ ବିକାଶ ଯୋଜନା, ପାନୀୟଜଳ, ଆଇନ ଶୃଙ୍ଖଳା ସମ୍ପର୍କିତ ହୋଇଥିବାବେଳେ୨ଟି ସାମୁହିକ ଏବଂ ୨ଟି ଡାକ୍ତରୀ ଚିକିତ୍ସା ପାଇଁ ରେଡ୍‌କ୍ରସ ସହାୟତା ନିମନ୍ତେ ଦରଖାସ୍ତ ପ୍ରଦାନ କରିଥିଲେ। ୯ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା।

# ସିପିଏମ୍ ନୀଳଗିରି ଆଞ୍ଚଳିକ କମିଟି ପକ୍ଷରୁ ଦାବିପତ୍ର



ନୀଳଗିରି, ୧୫।୯ (ସମିସ): ଆଜି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ନୀଳଗିରି ବ୍ଲକ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ସି ପି ଆଇ (ଏମ୍ )ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ଦୁଇ ଗୋଟି ଦାବିପତ୍ର ପ୍ରଦାନ କରିଥିବା ଜଣାଯାଇଛି। ପ୍ରଥମ ଦାବିପତ୍ରରେ ନୀଳଗିରି -ବଉଲଗଡିଆ ପୂର୍ତ୍ତରାସ୍ତାର ପୁନଃ ନିର୍ମାଣ ପାଇଁ ଦାବି କରିଛନ୍ତି। ଦୀର୍ଘ ବର୍ଷ ଧରି କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା, ପ୍ରତିଦିନ ଉକ୍ତ ରାସ୍ତାରେ ହଜାର ହଜାର ଲୋକ ଯିବା ଆସିବା କରୁଥିବା ବେଳେ ଅନ୍ୟ ରାଜ୍ୟରୁ ବହୁ ପର୍ଯ୍ୟଟକ ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠକୁ ଦର୍ଶନ ପାଇଁ ଆସି ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାଟି ଅତ୍ୟନ୍ତ ବିପଦ ସଙ୍କୁଳ ହୋଇ ପଡ଼ିଥିବାରୁ ଏହାର ଆଶୁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଦ୍ୱିତୀୟ ଦାବିପତ୍ରରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟର ବହୁ ସମସ୍ୟା ବାବଦରେ ଉଲ୍ଲେଖ କରାଯାଇଛି। ରୋଗୀ ସଂଖ୍ୟା ଅନୁସାରେ ଡାକ୍ତର ସଂଖ୍ୟା ବଢ଼ାଇବା, ଏଲଟି ଓ ଫାର୍ମାସିଷ୍ଟ ସଂଖ୍ୟା ବଢ଼ାଇବା, ଦନ୍ତ ଓ ଚକ୍ଷୁ ବିଭାଗକୁ କାର୍ଯ୍ୟକ୍ଷମ କରିବା ସହିତ ଉକ୍ତ ଉପଖଣ୍ଡ ସ୍ତରୀୟ ଡାକ୍ତରଖାନାର ପାଇଖାନା ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା, ରାତ୍ରି ସମୟରେ ଜଣେ ଡାକ୍ତର ରହୁ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେବା, ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସୁରକ୍ଷା ବ୍ୟବସ୍ଥା ବଢ଼ାଇବା, ଜନ୍ମ ମୃତ୍ୟୁ ପଞ୍ଜୀକରଣ ପାଇଁ ନୀତି ଦିନିଆ ବ୍ୟବସ୍ଥା କରାଯିବା ଇତ୍ୟାଦି ଦାବିପତ୍ରରେ ଉଲ୍ଲେଖ କରା ଯାଇଛି। ସିପିଆଇଏମ୍ ନୀଳଗିରି ଆଞ୍ଚଳିକ କମିଟି ପକ୍ଷରୁ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର ଉପରୋକ୍ତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ। ଜିଲ୍ଲାପାଳ ଉକ୍ତ ଦାବି ଗୁଡ଼ିକୁ ଗୁରୁତ୍ୱର ସହ ନେବା ସହିତ ଆଶୁ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ପାତ୍ର କହିଛନ୍ତି।

# ଜାତୀୟ ଇଞ୍ଜିନିୟର୍ସ ଦିବସ ପାଳିତ




ବାଲେଶ୍ୱର,୧୫।୯ (ସମିସ): ଭାରତରତ୍ନ ସାର୍ ଡ. ଏମ୍. ବିଶ୍ୱଶ୍ୱରାୟାଙ୍କ ୧୬୪ ତମ ଜନ୍ମଦିନ ତଥା ତଥା ଜାତୀୟ ଇଞ୍ଜିନିୟର୍ସ ଦିବସ ଅବସରରେ ବାଲେଶ୍ୱର ଇଞ୍ଜିନିୟର୍ସ ଫୋରମ୍ ପକ୍ଷରୁ ସ୍ଥାନୀୟ ଏକ ସଭାଗୃହରେ ଆଜି ପାଳିତ ହୋଇଯାଇଛି। ସନ୍ଧ୍ୟାର ସାଧାରଣ ଅଧିବେଶନରେ ଅନୁଷ୍ଠାନର ସଭାପତି ଇଂ. ସୁଗତ ବୋଷ ସଭାପତିତ୍ୱ କରିଥିଲେ। ଅତିଥି ବକ୍ତା ଭାବେ ଟାଟା ମୋଟର୍ସର ପୂର୍ବତନ ମୁଖ୍ୟ ପରିଚାଳକ ଇଂ. ଅମୀୟସିଂହ, ପୂର୍ତ୍ତବିଭାଗର ପ୍ରାକ୍ତନ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଅଚ୍ୟୁତାନନ୍ଦ ଦାସ ଯୋଗଦେଇ ଦେଶ ନିର୍ମାଣରେ ଇଞ୍ଜିନିୟରମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଆଲୋଚନା କରିଥିଲେ । ପ୍ରାରମ୍ଭରେ ସଂପାଦକ ଇଂ. ହୃଷିକେଶ ସାହୁ ସଂଗଠନର ବିବରଣୀ ପାଠ କରିଥିଲେ। ସଭାକାର୍ଯ୍ୟ ଆରମ୍ଭରେ ମଞ୍ଚାସୀନ ଅତିଥିମାନେ ଉତ୍ସବକୁ ଉଦ୍‌ଘାଟନ କରି କରିଥିଲେ। ଏହି ଅବସରରେ ସଂଖ୍ୟା ସଂଗଠନ ମୁଖପତ୍ରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଶିଷ୍ଟ ସେବାସମ୍ମାନରେ ଇଂ. ପଞ୍ଚାନନ ବାରିକ ଓ ଇଂ. ବିଶ୍ୱନାଥ ସାହୁଙ୍କୁ ଅତିଥିମାନେ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରିଥିଲେ। ଉପସଭାପତି ଇଂ. ଅନନ୍ତ ନାରାୟଣ ବିଶୋଇ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସଂଗଠନର ଉପସଭାପତି ଇଂ ଶଶାଙ୍କ ଶେଖର ଦେ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସକାଳେ ଅନୁଷ୍ଠିତ ରକ୍ତଦାନ ଶିବିରକୁ ପୂର୍ତ୍ତ ବିଭାଗର ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ଇଂ. ମାନସ ରଞ୍ଜନ ସେଠୀ ଉଦ୍‌ଘାଟନ କରି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୧୦୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଅପରାହ୍ନରେ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଷୟିକ ଜ୍ଞାନର ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦିବସବ୍ୟାପୀ କାର୍ଯ୍ୟକ୍ରମ ପରିଚାଳନାରେ ଇଂ. ବିଜୟ ଦାସ, ସନ୍ତୋଷ ଦାସ, ରାଧାରଞ୍ଜନ ଦାସ, ସପନ କୁମାର ପ୍ରଧାନ, ନରନାରାୟଣ ପାଣିଗ୍ରାହୀ, ସୁଦର୍ଶନ ଘଡ଼ାଇ, ଶ୍ୟାମସୁନ୍ଦର ମିଶ୍ର ମିଶ୍ର, ରାଜେଶ ପତି, ସଞ୍ଜିବ ସେନାପତି, ମାନସ ରଞ୍ଜନ ସାହୁ ଓ ମାନସ ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଭାଗବତ ପାଠ ଓ ଆଲୋଚନାଚକ୍ର

କାଳିପଦା, ୧୫।୯ (ସମିସ): ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତର ବିଲକୁମ୍ଭାରୀ, ଖପରାପଦାସ୍ଥିତ ରାଧା ମାଧବ ଜୀଉ ମଠ ପରିସରରେ ରବିବାର ସନ୍ଧ୍ୟାରେ ଭାଗବତ ପାଠ ଓ ଆଲୋଚନାଚକ୍ର ଏବଂ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରବଚନ କାର୍ଯ୍ୟକ୍ରମରେ 'କଳମା'ସ୍ଥିତ ରାଧା ମାଧବ ଜୀଉ ମଠର ବାବା ରାଧାକୃଷ୍ଣ ଦାସ ଯୋଗ ଦେଇ ପ୍ରବଚନ ଦେଇଥିଲେ । କାର୍ଯ୍ୟକ୍ରମରେ ବିଲକୁମ୍ଭାରୀ, ଖପରାପଦା ମଠର ବାବା ଅଦ୍ୱୈତ୍ୟ ଦାସଙ୍କ ସମେତ ବିଲକୁମ୍ଭାରୀ ଏବଂ ଆଖ ପାଖ ଅଞ୍ଚଳରୁ ବହୁ କୃଷ୍ଣ ପ୍ରେମୀ ଶ୍ରଦ୍ଧାଳୁ ଉପସ୍ଥିତ ହୋଇଥିଲେ । ପ୍ରତି ରବିବାର ସନ୍ଧ୍ୟାରେ ରାଧା ମାଧବ ଜୀଉ ମଠ ପରିସରରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ରାଧା ମାଧବ ଜୀଉ ମଠ କମିଟିର ସଦସ୍ୟ/ ସଦସ୍ୟା କହିଛନ୍ତି।

# ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତି ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର



ବାଲେଶ୍ୱର,୧୫ ।୯ (ସମିସ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବାଲେଶ୍ୱର ଗସ୍ତ ଅବସରରେ ଆଜି ସ୍ଥାନୀୟ ସର୍କିଟ ହାଉସଠାରେ ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତି ପକ୍ଷରୁ ଏକ ପ୍ରତିନିଧିଦଳ ତାଙ୍କୁ ସାକ୍ଷାତ କରି ବାଲେଶ୍ୱରରେ ଏକ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ବାଲେଶ୍ୱର ଏକ କୃଷିପ୍ରଧାନ ଜିଲ୍ଲା ହୋଇଥିବା ବେଳେ ରାଜ୍ୟ ସରକାର ଏଥିପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରତିନିଧିମାନେ ମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ଏହି ସାକ୍ଷାତକାର ସମୟରେ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଓ ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦାବି ସମ୍ପର୍କରେ ସରକାରଙ୍କୁ ଅବଗତ କରାଇ ଆବଶ୍ୟକୀୟ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସମ୍ପର୍କରେ କ୍ରିୟାନୁଷ୍ଠାନ ସମିତି ପକ୍ଷରୁ କୁହାଯାଇଛି। ଏହି ଆଲୋଚନାରେ କ୍ରିୟାନୁଷ୍ଠାନ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡା, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ସାଧାରଣ ସମ୍ପାଦକ ଅଭୟ ଚନ୍ଦ୍ର ମିଶ୍ରଙ୍କ ସମେତ ପ୍ରଫୁଲ୍ଲ କୁମାର ଦାସ, ଭାସ୍କର ଚନ୍ଦ୍ର ପାଢ଼ୀ, ନିରଞ୍ଜନ ରାଉତ, ଶ୍ୟାମସୁନ୍ଦର ଜେନା, ଯତୀନ ପାତ୍ର, ଯୋଗେଶ ଚନ୍ଦ୍ର ପ୍ରଧାନ ଓ ରମେଶ ଚନ୍ଦ୍ର ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ,କ୍ରିୟାନୁଷ୍ଠାନ ସମିତିର କାର୍ଯ୍ୟକାରୀ କମିଟି ବୈଠକରେ ଆସନ୍ତା ମଙ୍ଗଳବାର ଦିନ ରେମୁଣା ବ୍ଲକ ଅଫିସ ସମ୍ମୁଖରେ ସ୍ଥାନୀୟ କମିଟି ପକ୍ଷରୁ ଗଣଧାରଣା ଦିଆଯିବାକୁ ନିଷ୍ପତ୍ତି ନିଆଯାଇଛି। ଚଳିତ ବିଧାନସଭା ଅଧିବେଶନ ସମୟରେ କ୍ରିୟାନୁଷ୍ଠାନ ସମିତିର ପ୍ରମୁଖ କର୍ମକର୍ତ୍ତା ଜିଲ୍ଲାର ସମସ୍ତ ବିଧାୟକମାନଙ୍କୁ ସାକ୍ଷାତ କରି ବାଲେଶ୍ୱରରେ କୃଷି ସମ୍ବନ୍ଧୀୟ ଏକ ଉଚ୍ଚ ଶିକ୍ଷାନୁଷ୍ଠାନ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

# ୟୁଥ୍ ରେଡ୍‌କ୍ରସ ତରଫରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ




ସୋର,୧୫।୯ (ସମିସ): ସୋର ଥାନା ମଙ୍ଗଳପୁରସ୍ଥିତ ଶ୍ରୀନିବାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୟୁଥରେଡ କ୍ରସ ତରଫରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ଯୁବ ରେଡକ୍ରସ ୟୁନିଟ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର ଶିବିରରେ ଇଂରାଜୀ ବିଭାଗର ମୁଖ୍ୟ ଅଧ୍ୟାପକ ତଥା ୟୁଥ ରେଡକ୍ରସର କାଉନସେଲର ଡ. ପୁଣ୍ୟବ୍ରତ ମହାନ୍ତି ବିଦ୍ୟାଳୟର ସମସ୍ତ ସ୍ୱେଚ୍ଛାସେବୀମାନଙ୍କୁ ପ୍ରାଥମିକ ଚିକିତ୍ସା ବିଷୟରେ ତାଲିମ ପ୍ରଦାନ କରିଥିଲେ। ଦୁର୍ଘଟଣା କିମ୍ବା ଅନ୍ୟ କାରଣ ଯୋଗୁଁ ଆଘାତପ୍ରାପ୍ତ ବ୍ୟକ୍ତିଙ୍କର ଯଥାଶୀଘ୍ର (ସୁବର୍ଣ୍ଣ ସମୟରେ) ପ୍ରାଥମିକ ଚିକିତ୍ସା କରି, ତାପରେ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିବା ଉଚିତ ବୋଲି ସେ କହିଥିଲେ। ଏତଦ୍ୱାରା ଆମେ ବହୁ ମୂଲ୍ୟବାନ ଜୀବନ ରକ୍ଷା କରି ପାରିବ ବୋଲି ମଧ୍ୟ ସେ ମତବ୍ୟକ୍ତ କରିଥିଲେ। କାଲାମ ଚାରିଟେବଲ ଟ୍ରଷ୍ଟର ସଭାପତି, ନିଷ୍ଠ ସାଇନ୍ସ କଲେଜର ପ୍ରତିଷ୍ଠାତା ସଦସ୍ୟ ତଥା ରସାୟନ ବିଭାଗର ବରିଷ୍ଠ ଅଧ୍ୟାପକ ଡ. ପଙ୍କଜ କୁମାର ଜେନା ଏହି ତାଲିମ ଶିବିରକୁ ଉଦଘାଟନ କରି ସମସ୍ତେ ନିଜ ଅନୁଷ୍ଠାନରେ ଏବଂ ପ୍ରତ୍ୟେକ ଘରେ ଗୋଟିଏ ଲେଖାଏଁ ଫାଷ୍ଟଏଡ ବକ୍ସ ରଖିବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଅଜୟ କୁମାର ବାରିକ ସଭାପତିତ୍ୱ କରିଥିବାବେଳେ ଓଡ଼ିଆ ବିଭାଗର ମୁଖ୍ୟ ଅଧ୍ୟାପିକା ପୁଷ୍ପଲତା ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ସତ୍ୟ ନାରାୟଣ ସାହୁ, ପି. ଜି. ଟି. ଗଜେନ୍ଦ୍ର କବି, ଶାନ୍ତନୁ କୁମାର ପାତ୍ର, ମନୋଜ କୁମାର ଶବର, କସ୍ତୁରୀ ପଳତା, ସୁଦେଷ୍ଣା ଦାଶମହାପାତ୍ର, ଇତିଶ୍ରୀ ମହଲା, ଡି. ଇ. ଓ. ଭରତ ଚନ୍ଦ୍ର ମାହାନା ଏବଂ କର୍ମଚାରୀ ପ୍ରଦ୍ୟୁମ୍ନ କୁମାର ସାହୁ ଉକ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ ସକ୍ରିୟ ସହଯୋଗ କରଥିଲେ।

## ଜାତୀୟ ରାଜପଥରେ ଗୋଚାଲାଣ

# ୮ ଗୋରୁ ଉଦ୍ଧାର, ୪ ଅଟକ



ଜଳେଶ୍ୱର/ ଜଳେଶ୍ୱର ବ୍ଲକ,୧୫।୯ (ସମିସ)

କଲିକତା ଓ ବାଂଲାଦେଶରେ ଗୋଧନର ବ୍ୟାପକ ଚାହିଦା ଥିବାରୁ ବେଆଇନ ଗୋ ଚାଲାଣ ଲାଗି ବେପାରୀ ବିଭିନ୍ନ ଅଭିନବ ଉପାୟ ଅବଲମ୍ବନ କରୁଛନ୍ତି। ୬୦ ନଂ ଜାତୀୟ ରାଜପଥ ଓ ୫୭ ନଂ ରାଜ୍ୟପଥରେ କଣ୍ଟେନର, ପିକ୍ ଅପ୍ ମାଧ୍ୟମରେ କ୍ରୁରତାର ସହ କ୍ରମାଗତ ଚୋରା ଚାଲାଣ ହୋଇଆସୁଛି। ସୀମାନ୍ତରେ ପଶ୍ଚିମବଂଗ ପୁଲିସ ଧରପଗଡ ପରେ ଗୋ ମାଫିଆ ମାନେ ଚଲେଇ ଚଲେଇ ସଂଘବଦ୍ଧ ଭାବେ ସୀମା ପାର କରାଉଛନ୍ତି। ରାଜ୍ୟରୁ ବିଭିନ୍ନ ହାଟରୁ ଗୋଧନ ସଂଗ୍ରହ କରି ଟ୍ରକ ଯୋଗେ ରାଜଘାଟ ବସ୍ତା ଅଞ୍ଚଳରେ ଓହ୍ଲାଇ ଥାଏ। ପରେ କେତେକ ଏଜେଣ୍ଟ ଜରିଆରେ ଚଲେଇ ଚଲେଇ ୫୭ ରାଜ୍ୟ ରାଜପଥ ରାସ୍ତାରେ ଆମ୍ବିଳିଅଠା, ବେଲି ଗୋପୀନାଥ ପୁର, ନଛିମପୁର ରାସ୍ତାରେ ସୀମା ପାରି କରାଯାଇଥାଏ। ସୋମବାର ମଧ୍ୟାହ୍ନରେ ୮ଟି ଗୋରୁ କୁ ନେଉଥିବା ବେଳେ ନରସିମା କ୍ଲବର ଯୁବକ ମାନେ ପ୍ରତିଦିନ ଗୋରୁ ଗୁଡ଼ିକୁ କେଉଁଠାକୁ ନେଉଛ ପଚାରିଥିଲେ। ସୂଚନା ପାଇ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତା ବିପ୍ଲବ ପ୍ରଧାନ, ସଂଗ୍ରାମ ଜେନା ପ୍ରମୁଖ ଓ ବହୁ ଯୁବକ ସମବେତ ହୋଇ ସେମାନଙ୍କୁ ଅଟକ ରଖି ହୋହଲ୍ଲା କରିଥିଲେ। ଜଳେଶ୍ୱର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ୪ ଗୋଚାଲଣ କାରୀଙ୍କୁ ଅଟକ ରଖି ଭିଡ଼କୁ ବୁଝାଇଥିଲେ। କିଛି ସମୟ ଧରି ଜାତୀୟ ରାଜପଥରେ ଯାତାୟାତ ବାଧାପ୍ରାପ୍ତ ହୋଇଥିବା ବେଳେ ଉଦ୍ଧାର ଗୋଧନକୁ ବାଲେଶ୍ୱର ସ୍ଥିତ ଗୋଶାଳାକୁ ପଠାଯାଇଛି। ସୂଚନା ଯୋଗ୍ୟ ଓଡ଼ିଶା ରେ ଗୋଧନ କମି କମି ଆସୁଥିବା ବେଳେ ସୀମାନ୍ତ ଗାଁ ମାନଙ୍କରେ ଅସନ୍ତୋଷ କୁହୁଳୁଛି।

# ସୋରରେ ରକ୍ତଦାନ ଶିବିର ୨୦୬ ୟୁନିଟ୍ ସଂଗ୍ରହ



ସୋର, ୧୫।୯ (ସମିସ): ଜାତୀୟ ରାଜପଥ ମାଟିଆପହ୍ଲା ନିକଟସ୍ଥ ଲକ୍ଷ୍ୟ କମ୍ପିଟେଟିଭ୍ ସେଣ୍ଟର ଆନୁକୂଲ୍ୟରେ ଆୟୋଜିତ ଏକ ମେଗା ରକ୍ତଦାନ ଶିବିରକୁ ଜିଲ୍ଲା ରକ୍ତଦାତା ସଂଘର ସଭାପତି କମଲ ଚକ୍ରବର୍ତ୍ତୀ ଏବଂ ସଂପାଦକ ଇଂ. ହୃଷିକେଶ ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହିତ ରକ୍ତଦାନ ମହାପୁଣ୍ୟ, ଗୋଟିଏ ବିନ୍ଦୁ ରକ୍ତରେ ଗୋଟିଏ ଜୀବନ ରକ୍ଷା ହୋଇପାରୁଥିବାରୁ ସମସ୍ତେ ଏଭଳି ମହାନ୍ କାର୍ଯ୍ୟରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅତିଥି ଭାବେ ମାନସ ରଂଜନ ପଣ୍ଡା, ନରେନ୍ଦ୍ର ସାମଲ, ଗୋଲକ ପାତ୍ର, ନିରଂଜନ ତ୍ରିପାଠୀ, ପୂର୍ବାଶା ମହାନ୍ତି, ଅଜୟ ଦାସ, ପ୍ରଫୁଲ୍ଲ ନାୟକ, ପ୍ରଫୁଲ୍ଲ ମହାନ୍ତି, ଏମଏନଏସ ରାଜା, ଗୌରୀଶଙ୍କର ଘଡ଼ାଇ ଯୋଗ ଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। କଟକ ସେଣ୍ଟ୍ରାଲ ରେଡକ୍ରସ ଟିମ୍ ଏହି ଶିବିରରେ ୨୦୬ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଅନୁଷ୍ଠାନ ପ୍ରତିଷ୍ଠାତା କବିନ୍ଦ୍ର ପଣ୍ଡା ଏବଂ ପରିଚାଳନା ନିର୍ଦ୍ଦେଶକ ଅଭିରାମ ପଣ୍ଡା ଏହାକୁ ପରିଚାଳନା କରିଥିବାବେଳେ ରବୀନ୍ଦ୍ର ରଣା, ପ୍ରଭାତ ବାରିକ, ରଂଶ୍ମିରଂଜନ ପଲେଇ, ଶୁଭଶ୍ରୀ ବେହେରା, ସ୍ୱର୍ଣ୍ଣଶ୍ରୀ ସାହୁ, ସୁବ୍ରତ ବେହେରା, ରବୀନ୍ଦ୍ର ସାହୁ, ଭଗବାନ ନାୟକ, ଶେଫାଳି ଘଡ଼ାଇ, ସୁଚିସ୍ମିତା ପଣ୍ଡା ଏହାକୁ ପରିଚାଳନାରେ ସହଯୋଗ କରିଥିଲେ।

ସ୍ମୃତିରେ ...
ଗାନ୍ଧୀ ମଣିଷ
ଦୋଳଗୋବିନ୍ଦ



ସପ୍ତମ ଶ୍ରାଦ୍ଧବାର୍ଷିକୀ
ତା: ୧୬.୦୯.୨୦୨୫
(ମଙ୍ଗଳବାର)
ଆପଣଙ୍କୁ ସ୍ମରଣ କରି
କୃତଜ୍ଞତା ଜଣାଉଛୁ।
ଅମ୍ବିକା, ପୁଷ୍ପରାଜ, ପୁଷ୍ପାଞ୍ଜଳି,
ପୃଥ୍ୱୀରାଜ ସ୍ନିଗ୍ଧା, ପ୍ରଜ୍ଞରାଜ,
ସବିତା, ସତ୍ୟଭାମା, ସର୍ବେଶ୍ୱର,
ହୈମବତୀ ଅରିନ୍ଦମ, ନିବେଦିତା,
ବିଜୟ, ସବିତା, ସଂଜୟ, ଟୁକୁନି
ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ
ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର,
ଡଃ ବୁଦ୍ଧ ଦେବ ମିଶ୍ର

## ● ନୀଳଗିରି ଅବକାରୀ ବିଭାଗର ଚଢ଼ଉ


# ୧୭ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ଦୁଇ ଗିରଫ

ନୀଳଗିରି, ୧୫।୯ (ସମିସ): ନୀଳଗିରି ଅବକାରୀ ବିଭାଗକୁ ପୁଣି ଏକ ସଫଳତା ମିଳିଛି। ୧୭୦ ଗ୍ରାମ ବ୍ରାଉନ ସୁଗାର୍ ଜବତ କରିଥିବାବେଳେ ଦୁଇ ଜଣଙ୍କୁ ଗିରଫ କରିଛି।




ବାଲେଶ୍ୱର ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ନୀଳଗିରି ଅବକାରୀ ଇନ୍ସପେକ୍ଟର କେଶବ ଚନ୍ଦ୍ର ଦାସ, ନୀଳଗିରି ଅବକାରୀ ବିଭାଗର ଅଫିସର୍ ଇନ୍ ଚାର୍ଜ ମନୋଜ କୁମାର ସାହୁ, ଅବକାରୀ କର୍ମଚାରୀ ସନ୍ତୋଷ କୁମାର ବେହେରା, ତପନ କୁମାର ମଲ୍ଲିକ, ନାହାନ୍ ମୁର୍ମୁ ପ୍ରମୁଖ ସଦଳବଳେ ନୀଳଗିରି ଥାନା ଅନ୍ତର୍ଗତ ଅସ୍ତିଆ ଛକ ନିକଟରେ ଦୁଇ ବ୍ରାଉନସୁଗର ବେପାରୀଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ୧୭୦ଗ୍ରାମ ବ୍ରାଉନସୁଗାର ସହ ଏକ ମୋଟର ସାଇକଲ ଜବତ କରାଯାଇଛି। ଏହି ଜବତ ବ୍ରାଉନ ସୁଗାରର ଆନୁମାନିକ ମୂଲ୍ୟ ସତର ଲକ୍ଷ ଟଙ୍କା ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଖନ୍ତାପଡା ଥାନା ଅନ୍ତର୍ଗତ ଜିର୍ତାଳ ଗ୍ରାମର ଜ୍ୟୋତିରଂଜନ ନାୟକ (୩୫) ଓ ପ୍ରଶାନ୍ତ ମଲ୍ଲିକ (୪୨)। ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ରୋଟାରିଆନ
ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ
ସମ୍ମାନଜନକ ଡକ୍ଟରେଟ୍ ଉପାଧି !



ଗତ ତା ୧୪.୦୯.୨୦୨୫ ରିଖରେ ନୂଆଦିଲ୍ଲୀସ୍ଥିତ ଲଳିତ ହୋଟେଲରେ ଆୟୋଜିତ ଏକ ଭବ୍ୟ ସମାରୋହରେ ଆମେରିକାନ ଇଷ୍ଟକୋଷ୍ଟ ୟୁନିଭରସିଟି ଦ୍ୱାରା ରୋଟାରିଆନ ଇଂ ଶ୍ରୀ ସୁକାନ୍ତ କୁମାର ବିଶ୍ୱାଳଙ୍କୁ ସମ୍ମାନଜନକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି । ଏହି ଉପାଧି ଶ୍ରୀ ବିଶ୍ୱାଳଙ୍କର ଇଞ୍ଜିନିୟରିଂ ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରଦାନ କରାଯାଇଛି । ଶ୍ରୀ ବିଶ୍ୱାଳ ସିଭିଲ ଇଞ୍ଜିନିୟରିଂ କ୍ଷେତ୍ରରେ ଜଣେ ସଫଳ ଉଦ୍ୟୋଗପତି । ସେହିପରି ସେ ଜଣେ ଉତ୍ସାହୀ ସମାଜସେବୀ । ସାମାଜିକ ଉତ୍ଥାନ ଦିଗରେ ସେ ସତ ଚେଷ୍ଟିତ । କୋଭିଡ ମହାମାରୀ ସମୟରେ ବସ୍ତିରେ ତାଙ୍କର ରନ୍ଧାଖାଦ୍ୟ ବାଣ୍ଟିବା ପ୍ରଂଶସନୀୟ । ସେହିପରି ସାମାଜିକ ବନୀକରଣ କାର୍ଯ୍ୟକ୍ରମରେ ସଦାସର୍ବଦା ଲିପ୍ତ । ତାଙ୍କ ପାଇଁ ଆଜି ଆମ ଓଡ଼ିଶା ରାଜ୍ୟ ଗର୍ବିତ ।

JOB OPPORTUNITY
Ev mechanic -3 nos, Experience -3 years
Salary -Rs 8,000/- with Lunch
Service incharge -1 nos, experience- 1year
Salary -Rs 10,000/- With lunch
IF INTRESTED...
SEND YOUR BIODATA & CONTACT WITH
SATYA ENTERPRISES
WARD NO-13, SRIPADGANJ, NEAR SDPO OFFICE,
STATION BAZAR, PALABANI, BARIPADA
Phone No-8144751467, E-Mail:- dealereve@gmail.com

# ଓଡ଼ିଶା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ ପକ୍ଷରୁ ବିଧାୟକଙ୍କୁ ଦାବିପତ୍ର

ବାଲେଶ୍ୱର,୧୫।୯ (ସମିସ): ଏନ୍‌ପିଏସ୍ ଶିକ୍ଷକଙ୍କ ଛଅ ବର୍ଷ ଚୁକ୍ତି ଅବଧିକୁ ମୂଳ ଚାକିରିରେ ଯୋଗ କରିବା ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲା ସଂଘର ଅଗ୍ରଣୀ ନେତୃତ୍ୱ ଶିକ୍ଷକମାନେ ସଦର ବିଧାୟକ ମାନସ କୁମାର ଦତ୍ତଙ୍କୁ ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଥିଲେ। ବିଧାୟକ ଆସନ୍ତା ବିଧାନସଭା ଅଧିବେଶନ ସମୟରେ ଶୂନ୍ୟ କାଳରେ ଏ ପ୍ରସଙ୍ଗ ଉତ୍ଥାପନ ପାଇଁ ସଂଘ ତରଫରୁ ନିବେଦନକୁ ଗ୍ରହଣ କରିଛନ୍ତି। ଏହାର ସମାଧାନ ନିମନ୍ତେ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କ ସହିତ ଏବଂ ଷ୍ଟାଣ୍ଡିଂ କମିଟି ସହ ନିଜେ ଆଲୋଚନା କରି ଏହି ପ୍ରସଙ୍ଗ ଉପସ୍ଥାପନ କରାଇବା ତଥା ସେମାନଙ୍କ ସହ ସଂଘର ଏହି ଦାବି ସମ୍ପର୍କିତ ଅଧିକ ଆଲୋଚନା ପାଇଁ ବୈଠକ କରାଇବାର ପ୍ରୟାସ ଜାରି ରଖିବା କଥା କହିଥିଲେ। ତା' ପୂର୍ବରୁ ଏହି ବାବଦରେ ଅଧିକ ଆଲୋଚନା ନିମନ୍ତେ ପୁଣି ଥରେ ଏହି ପ୍ରତିନିଧି ମଣ୍ଡଳୀକୁ ଯଥାଶୀଘ୍ର ଉଚିତ ସ୍ଥାନକୁ ଡକାଇବେ ବୋଲି କହିଥିଲେ। ଏହି ଆଲୋଚନାରେ ଜିଲ୍ଲା ସଂଘର ସଭାପତି ଡ. ସନ୍ଦୀପ କୁମାର ଖଟୁଆ, କୋଷାଧ୍ୟକ୍ଷ ଚକ୍ରଧର ମିଶ୍ର, ଉପଦେଷ୍ଟା ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂଘ ମୁଖ୍ୟ ସଚେତକ ତଥା ରାଜ୍ୟ ସଂଘ ର ସାଙ୍ଗଠନିକ ସମ୍ପାଦକ ଶାଶ୍ୱତ ମହାପାତ୍ର, ବରିଷ୍ଠ କର୍ମକର୍ତ୍ତା ଉମାଶଙ୍କର ସିଂ, ପ୍ରଫୁଲ୍ଲ ନାୟକ, କମଳ ଲୋଚନ ବିଶ୍ୱାଳ, ମିନାରାଣୀ ଜେନା, ଶକ୍ତିଧର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଧଳ, ଗୌତମ ବାରିକ୍, ଶୈଳେନ୍ଦ୍ର ବିକାଶ ପଣ୍ଡା, ସସ୍ମିତା ବାରିକ୍, ମନୋଜ କୁମାର ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାଗ୍ରସ୍ତ ବାଛୁରିର ଚିକିତ୍ସା କଲେ ସମାଜସେବୀ

ଜଳେଶ୍ୱର,୧୫।୯ (ସମିସ) : ଜଳେଶ୍ୱର ସହର ମଧ୍ୟସ୍ଥଳ ବଡ଼ବଜାର ପୋଲ ଉପରେ ଗାଡ଼ି ଧକ୍କାରେ ଏକ କଅଁଳ ବାଛୁରୀ ଗୁରୁତର ଆହତ ଦୀର୍ଘ ସମୟ ଧରି ପଡ଼ିରହିଥିଲା। ସୋମବାର ଶହଶହ ଲୋକେ ଯାତାୟାତ କରୁଥିଲେ ମଧ ଆହା କରିବା ଲାଗି କାହାର ସମୟ ନ ଥିଲା। ଯୁବ ସମାଜସେବୀ ବିପ୍ଳବ ପ୍ରଧାନ ପହଞ୍ଚି ଜଳେଶ୍ୱର ପ୍ରାଣୀ ଚିକିତ୍ସାଳୟ, ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ କାର୍ଯ୍ୟକର୍ତ୍ତାଙ୍କ ସହ ଯୋଗାଯୋଗ କରିଥିଲେ। ପ୍ରାଣୀ ଚିକିତ୍ସକ ସାର୍ଥକ ଘୋଷ, ବିଶ୍ୱହିନ୍ଦୁ ପରିଷଦର ସମ୍ପାଦକ ଜଗନ୍ନାଥ ପରିଡ଼ା, ବଜରଙ୍ଗ ଦଳ ସଂଯୋଜକ ସାଗର ଦାସ, ସହ ସଂଯୋଜକ ସଂଗ୍ରାମ ଜେନା, ରାଜେଶ ଖଟୁଆ, ଗଜେନ୍ଦ୍ର ନାଥ ଖମାରୀ, ଜୟକୃଷ୍ଣ ପ୍ରମାଣିକ ପ୍ରମୁଖ ଉପସ୍ଥିତ ହୋଇ ଗୋମାତାର ଚିକିତ୍ସା କରାଇ ଥିଲେ।



# ବ୍ରାଉନସୁଗର ଜବତ; ଜଣେ ଅଟକ

ଜଳେଶ୍ୱର ବ୍ଲକ, ୧୫।୯ (ସମିସ) : ଜଳେଶ୍ୱର ସହରରେ ଧଳା ଜହର କାରବାର କମିବାର ନାଁ ନେଉ ନାହିଁ। ଆଜି ଜଳେଶ୍ୱର ସହରରେ ଧଳା ଜହର କାର ବାର ଡିଲ ବେଳେ ମାଡି ବସିଲା ଜଳେଶ୍ୱର ଅବକାରୀ ସାଟେଲାଇଟ। ଜଳେଶ୍ୱର ଥାନା ଶିଖରପୁର ହାଇସ୍କୁଲ ନିକଟରେ ସନ୍ଦେହ ଜଣକ ଅବସ୍ଥାରେ ଏକ ଯୁବକ ବାଇକରେ ବୁଲୁ ଥିବାର ଅବକାରୀ ବିଭାଗ ଖବର ପାଇ ଥିଲା ଏବଂ ଗତିବିଧି ଲକ୍ଷ୍ୟ କରି ଯୁବକ ଅଟକ ରଖିଥିଲେ। ଯୁବକ ନିକଟରେ ୬୨ ଗ୍ରାମର ଧଳା ଜହର ମିଳି ଥିଲା। ଯାହାର ଆନୁମାନିକ ୬ଲକ୍ଷ୨୦ ହଜାର ଟଙ୍କାର ହେବ ବୋଲି ବିଭାଗ ପକ୍ଷରୁ କୁହା ଯାଇଛି। ଯୁବକ ଜଣକ ଘର ପଡୋଶୀ ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ଅଞ୍ଚଳର ଉଳଦିହା ଗ୍ରାମର ନନ୍ଦୀ କୁମାର ମାଝୀ । ଜଳେଶ୍ୱର ଅବକାରୀ ସେଟେଲାଇଟ୍ ବିଭାଗର ଇନ୍ସପେକ୍ଟର ଲକ୍ଷେସାଧବ ପ୍ରଧାନ, ଅନ୍ୟ ଅଧକାରୀ ସଞ୍ଜୀବ କୁମାର ମୁଣ୍ଡା, ବରୁଣ କୁମାର ନାୟକ , ରାଜେଶ୍ ସୁତାର, ମଧୁସ୍ମିତା ମହାନ୍ତ, ସଲାୟ ହେମରମ୍ ଚଢ଼ଉରେ ସାମିଲ ଥିଲେ।

ଆସୁଛନ୍ତି ମା'ଦୁର୍ଗା

## ୯୦ ବର୍ଷରେ ନୂଆବଜାର ସାର୍ବଜନୀନ ଦୁର୍ଗାପୂଜା କମିଟି

# ଏବର୍ଷ ଚେନ୍ନାଇର ଶ୍ରୀରାମକୃଷ୍ଣ ମଠ ତୋରଣ

ବାଲେଶ୍ୱର,୧୫।୯ (ସମିସ)





ବାଲେଶ୍ୱର ସହରରେ ଦେଖିବାକୁ ମିଳିବ ଚେନ୍ନାଇର ଶ୍ରୀ ରାମକୃଷ୍ଣ ମଠ। ରାମକୃଷ୍ଣ ମଠ ପରି ହେବ ବିଶାଳ ତୋରଣ। ପ୍ରତିବର୍ଷ କିଛି ଭିନ୍ନ ଏବଂ ଆକର୍ଷଣୀୟ ତୋରଣ ନିର୍ମାଣ କରେ ନୂଆବଜାର ବ୍ୟବସାୟୀ ମହାସଂଘ ସାର୍ବଜନୀନ ଦୁର୍ଗାପୂଜା କମିଟି। ସେହିପରି ଚଳିତବର୍ଷ ପୂଜାରେ ମୁମ୍ବାଇର ଶ୍ରୀ ରାମକୃଷ୍ଣ ମଠ ସଦୃଶ ତୋରଣ ନିର୍ମାଣ ପାଇଁ କମିଟି ତରଫରୁ ନିଷ୍ପତ୍ତି ନିଆଯାଇଛି। ଯାହା ଏଥର ମୁଖ୍ୟ ଆକର୍ଷଣ ସାଜିବ୍। ଦୁର୍ଗାପୂଜା ପାଇଁ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ବାଲେଶ୍ୱର ସହରରେ ଦୁର୍ଗାପୂଜା ବେଶ୍ ଧୁମଧାମରେ ପାଳିତ ହୋଇଥାଏ। ଚଳିତବର୍ଷ ଦୁର୍ଗା ପୂଜା ପାଇଁ ସହରରେ ଥିବା ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଓ ସାଜସଜ୍ଜା ଆରମ୍ଭ ହୋଇଯାଇଛି। ସେଥିମଧ୍ୟରୁ ସହରର ସର୍ବପୁରାତନ ନୂଆବଜାର ସାର୍ବଜନୀନ ଦୁର୍ଗାପୂଜା କମିଟି ଅନ୍ୟତମ। ୧୯୩୫ ମସିହାରେ ପ୍ରଥମେ ନୂଆବଜାରର ବଙ୍ଗୀୟମାନେ ଦୁର୍ଗା ପୂଜା ଆରମ୍ଭ କରିଥିଲେ। ସେଥିପାଇଁ ଏବେ ବି ଏହି ମଣ୍ଡପରେ ବଙ୍ଗୀୟ ରୀତିନୀତିରେ ପୂଜା ହୋଇଥାଏ। ଏହି ପୂଜାକୁ ସହରର ଦ୍ୱିତୀୟ ପୁରାତନ ସାର୍ବଜନୀନ ପୂଜା ବୋଲି କୁହାଯାଏ। ଚଳିତବର୍ଷ କମିଟି ୯୦ ବର୍ଷର ପୂଜା ପାଳନ କରିବ। ଏଥିପାଇଁ ପ୍ରାୟ ୯ ଲକ୍ଷ ଟଙ୍କା ବଜେଟ୍ ରହିଛି। ବିଶେଷ ଆକର୍ଷଣ ତୋରଣ ରହିଛି। ଯାହାର ଉଚ୍ଚତା ୬୦ ଫୁଟ୍ ରହିବ। ତୋରଣ ଓ ମଣ୍ଡପ ବଙ୍ଗୀୟ କାରିଗର ତିଆରି କରୁଛନ୍ତି। ଭାଇଚାରାର ପ୍ରତୀକ ଭାବରେ ମହାସଂଘରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଆଦି ସମସ୍ତ ସମ୍ପ୍ରଦାୟର ବ୍ୟବସାୟୀ ସଭ୍ୟ ରହିଛନ୍ତି। କମିଟି ଉପଦେଷ୍ଟା ରତନ ଦାସ ପଟ୍ଟନାୟକ, ସଭାପତି ?। ଶାନ୍ତନୁ ଦାସ, ସାଧାରଣ ସମ୍ପାଦକ ଶୁଭେନ୍ଦୁ ଦାସ, ଦୈତାରୀ ସାହାଣୀ, ଗଙ୍ଗାଧର ନାୟକ, ସୁଶୀଲ ରାଠୀ, ଅଭୟ ନାୟକ, ବିମଳ ବାରିକ, ସର୍ବେଶ୍ୱର ବୁଗୁଡେଇ, ପପୁ ଜୈଶ୍?ାଲ, ମନୋଜ ଗୋଛାୟତ, ପ୍ରଦୀପ ପରିଡ଼ା, ଅମରଜିତ ଦାସ, ରବିନାରାୟଣ ସାହୁ, ହରିଶଙ୍କର ସାହୁ, ଗୋବିନ୍ଦ ସ, ମନୋରଞ୍ଜନ ମହାନ୍ତି, ପ୍ରଶାନ୍ତ ଭୋଇ, ଅରବିନ୍ଦ ପାତ୍ର, ଗୋବିନ୍ଦ ରାଠୀ, ବିଶ୍ୱନାଥ ପାତ୍ର, ଯାମିନୀ ପାତ୍ର, ହରିଶ ଚନ୍ଦ୍ର ଜେନା, ଶକ୍ତିପଦ ଆଢ୍ୟ,ଦିନେଶ ନାୟକ, ରଞ୍ଜନ ନାୟକ, ବସନ୍ତ ଦାସ, ଦୀପକ ଦାସ, ବସନ୍ତ ମହାର୍ଣା, ବେଣୁଧର ପରିଡ଼ା, କାର୍ତ୍ତିକ ବେହେରା ପ୍ରମୁଖଙ୍କ ସହଯୋଗରେ ପୂଜା ସମ୍ପନ୍ନ ହୁଏ।

● ମାଆଙ୍କ ମୂର୍ତ୍ତିର ଉଚ୍ଚତା ପ୍ରାୟ ୧୫ ଫୁଟ୍ ରହିବ। ମାଆଙ୍କ ସହିତ ସବୁ ଦେବଦେବୀଙ୍କ ପାଇଁ ଚାନ୍ଦିରେ ମୁକୁଟ ରହିଛି। ପ୍ରତିବର୍ଷ ପରି ଚଳିତବର୍ଷ ପ୍ରାୟ ୧ କିମି ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଆଲୋକମାଳାର ସାଜସଜ୍ଜା ଆକର୍ଷଣ ସାଜିବ।



ଶୁଭେନ୍ଦୁ ଦାସ, ସାଧାରଣ ସମ୍ପାଦକ

● ଦୁର୍ଗାପୂଜାକୁ ବାଲେଶ୍ୱରବାସୀ ବଡ଼ ପୂଜା ଭାବେ ପାଳନ କରନ୍ତି। ଆମ ମଣ୍ଡପରେ ନବମୀ ଦିନ ଦୁଇ ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ରହିଛି। ସେହିପରି ପାରମ୍ପରିକ ବାଦ୍ୟରେ ଭସାଣି କରାଯିବ।



ଡା. ଶାନ୍ତନୁ ଦାସ, ସଭାପତି

# ମହାବୀର ଆଖଡ଼ା ସଂଘ ପକ୍ଷରୁ ଚିତ୍ରକଳା ପ୍ରତିଯୋଗିତା



ବାଲେଶ୍ୱର,୧୫।୯ (ସମିସ): ବାଲେଶ୍ୱର ମହାବୀର ଆଖଡ଼ା ସଂଘର ଶତ ବାର୍ଷିକ ପୂର୍ତ୍ତୀ ଉପଲକ୍ଷେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଚିତ୍ରକଳା ପ୍ରତିଯୋଗିତା ସ୍ଥାନୀୟ ମଲ୍ଲୀକାଶପୁର ଶାନ୍ତିକାନନ ସମ୍ମୁଖସ୍ଥ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯାହାକି ବାଲେଶ୍ୱରରେ ଆଖଡ଼ା ଖେଳ ସଂସ୍କୃତି, ପରମ୍ପରା ଓ ଐତିହ୍ୟକୁ ନେଇ ପିଲାମାନଙ୍କୁ ସଚେତନ କରାଇବା ସହ ଉତ୍ସାହିତ କରିବା ଏହି ଚିତ୍ରକଳା ପ୍ରତିଯୋଗୀତାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଅଂଶ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଫଳକ ପ୍ରଦାନ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ବାଲେଶ୍ୱର ମହାବୀର ଆଖଡ଼ା ସଂଘର ସଭାପତି- ଗୋପୀନାଥ ଶତପଥୀଙ୍କ ଅଧ୍ୟକ୍ଷତାରେ ସାଧାରଣ ସମ୍ପାଦକ ମନୋଜ କୁମାର ଦାସ, ଉପସଭାପତି ପଦ୍ମଲୋଚନ ଲୋଚନ ଲେଙ୍କା, ମନୋଜ କୁମାର ରାଉତ, ସହକାରୀ ସାଧାରଣ ସମ୍ପାଦକ ବୈଲୋଚନ ଦାଶ, ଯୁଗ୍ମ ସମ୍ପାଦକ ରାମେଶ୍ୱର ବେହେରା, ଲମ୍ବୋଦର ବେହେରା, ସହ-ସମ୍ପାଦକ ଦେବେନ୍ଦ୍ର ଦାସ, ବିଜୟ କୁମାର ପଲାଇ, ଉପଦେଷ୍ଟା ମଣ୍ଡଳୀ ସଦସ୍ୟ କମଳାକାନ୍ତ ନାୟକ, ପଦ୍ମଲୋଚନ ଦତ୍ତ, ପ୍ରଦୀପ କୁମାର ଚାଟାର୍ଜୀ, ପ୍ରତିମା ପଣ୍ଡା, ଅର୍ଚ୍ଚନା ନନ୍ଦୀ, ଶର୍ମିଳା ବାରିକ, ଆଶ୍ରୀତା ତରେଇ ପ୍ରମୁଖଙ୍କ ସହିତ ହୋସେନ ଚାଚା,ଶ୍ରୀମନ୍ତ ମାଝୀ, ଭାରତ ଭୁଷଣ ଦାସ, ରାଜେନ୍ଦ୍ର ଦାସ, ସୁବୋଧ ଚନ୍ଦ୍ର ମହାନ୍ତି, ରିଦ୍ଧିକ ଜୀ, ଧିରେନ ନାୟକ ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ। ମରୁତ କୁମାର ରାଉତ ଓ ଅନ୍ତର୍ଯ୍ୟାମୀ ସାହୁ ପର୍ଯ୍ୟବେକ୍ଷକ ଭାବେ ଚିତ୍ରକଳା ପ୍ରତିଯୋଗୀତା ପର୍ଯ୍ୟବେକ୍ଷଣ କରିଥିଲେ।

## ● ଅଲ୍‌ଓଡ଼ିଶା ଜୁନିଅର ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ

# ବାଲେଶ୍ୱରର ମୟଙ୍କ ବିଜୟୀ

ବାଲେଶ୍ୱର,୧୫।୯ (ସମିସ): ସୁନ୍ଦରଗଡ଼ରେ ଅନୁଷ୍ଠିତ ଅଲ୍ ଓଡ଼ିଶା ଜୁନିଅର ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟରେ ବାଲେଶ୍ୱର ବ୍ୟାଡମିଣ୍ଟନ ସେନସେସନ୍ ମୟଙ୍କ ଭରଦ୍ୱାଜ ପୁନର୍ବାର ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ଇଭେଣ୍ଟ ଜିତିଛନ୍ତି। ଶେଷ ଖେଳରେ ମୟଙ୍କ ୨୨/୨୦ ଏବଂ ୨୧/୧୪ ପଏଣ୍ଟରେ ସୌମ୍ୟଜିତ ସାହୁଙ୍କୁ ପରାସ୍ତ କରି ଟାଇଟଲ ଜିତିଥିଲେ। ଏହି ଟୁର୍ଣ୍ଣାମେଣ୍ଟଟି ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ଦ୍ୱାରା ଆୟୋଜିତ ହୋଇଥିଲା। ଯେଉଁଥିରେ ସାରା ଓଡ଼ିଶାରୁ ୧୨୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ବାଲେଶ୍ୱର ଜିଲ୍ଲାରୁ ୨ ଜଣ ଖେଳାଳି ଏଥିରେ ଅଂଶଗ୍ରହଣ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଅର୍ଜନ କରିଥିବା ପଏଣ୍ଟ ମୟଙ୍କଙ୍କୁ ଆଗାମୀ ଅଲ୍ ଇଣ୍ଡିଆ ଜୁନିଅର ନ୍ୟାସନାଲ ବ୍ୟାଡମିଣ୍ଟନ ଚାମ୍ପିଅନସିପ ପାଇଁ ଚୟନ କରିବାରେ ସାହାଯ୍ୟ କରିବ। ପୁରସ୍କାର ବିତରଣ ଉତ୍ସବରେ ଅତିରିକ୍ତ ଏସ୍ପି ଶ୍ରାବଣୀ ନାୟକ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘର ଯୁଗ୍ମ ସମ୍ପାଦକ ଜୟପ୍ରକାଶ ସିଂହ ଏବଂ ଶୈଳେନ୍ଦ୍ର ଚୌଧୁରୀ, ନୁଆପଡା ଜିଲ୍ଲା ସଚିବ ସୁଦୀପ୍ତା ବିସୋଇ, ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ସଚିବ ମନୋରଂଜନ ପଣ୍ଡା, ସୁନ୍ଦରଗଡର ବିକାଶ କମିଟିର ମୁଖ୍ୟ ଶୁଭମ ନାୟକ ଉପସ୍ଥିତ ଥିଲେ। ସେମାନେ ସମସ୍ତ ଫାଇନାଲିଷ୍ଟଙ୍କୁ ଟ୍ରଫି, ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ କରିଥିଲେ।



# ସୁଲଗ୍ନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର






୮୨ ୟୁନିଟ ରକ୍ତ ସଂଗୃହୀତ

ବାଲେଶ୍ୱର,୧୫।୯ (ସମିସ): ମଠସାହି ସରିତାନଗରସ୍ଥିତ ସୁଲଗ୍ନା କଲେଜ ଠାରେ ସୁଲଗ୍ନା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟର ଅଧ୍ୟକ୍ଷ ତଥା ସୁଲଗ୍ନା ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ୍ସର ପ୍ରତିଷ୍ଠାତା ଚେୟାରମ୍ୟାନ ଡ଼ ଘନଶ୍ୟାମ ବିଶ୍ୱାଳଙ୍କ ଆହ୍ୱାନ ଓ ନେତୃତ୍ୱ କ୍ରମେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ରକ୍ତଦାନ ମହାପୁଣ୍ୟ। ଏହାଦ୍ୱାରା ଅପାତ କାଳୀନ ସ୍ଥିତିରେ ମୁମୂର୍ଷୁ ରୋଗୀର ଜୀବନ ବଞ୍ଚାଯାଇ ପାରିବା ସହ ରକ୍ତଦାତା ପାଇଁ ମଧ ବିଭିନ୍ନ ଜଟିଳ ରୋଗର ଉପଶମ ମିଳିଥାଏ ବୋଲି ସ୍ଥାନୀୟ ସଦର ବାଲେଶ୍ୱରର ପୋଲିସ ଏସ ଡି ପି ଓ ଶୁଭ୍ରାଂଶୁ ଶେଖର ନାୟକ ଶିବିର ଉଦଘାଟନ କରିବା ସହ ନିଜେ ରକ୍ତଦାନ କରି ମତ ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ଜିଲ୍ଲା କ୍ରୀଡା ମୁଖ୍ୟ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଏବଂ ସ୍ୱତନ୍ତ୍ର ଅତିଥିଭାବେ ସୋରର ଅତିରିକ୍ତ ତହସିଲଦାର କୃଷ୍ଣ ମୋହନ ସିଂହ ଓ ଯୁବ ଶିଳ୍ପ ଉଦ୍ୟୋଗୀ ତଥା ସମାଜ ସେବୀ ଇଂ ପରମାନନ୍ଦ ମହାପାତ୍ର ଯୋଗଦେଇ ରକ୍ତଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଲଗ୍ନା ଯୁକ୍ତ ତିନି କଲେଜର ପ୍ରିନସିପାଲ ଡ଼ ଧରଣୀଧର ଘୋଷ, ସୁଲଗ୍ନା ଯୁକ୍ତ ଦୁଇ କଲେଜର ପ୍ରିନସିପାଲ ପ୍ରଫେସର ଚକ୍ରଧର ସାହୁ, ସୁଲଗ୍ନା ପବ୍ଲିକ ସ୍କୁଲର ପ୍ରିନ୍ସପାଲ ମଧୁସ୍ମିତା ଦାସ, ବରିଷ୍ଠ ଅଧିକାରୀ ଜଗଦୀଶ କୁମାର ସିଂହ, ସଂଜୀବ କୁମାର ମିର୍ଦ୍ଧା, ରମେଶ ଚନ୍ଦ୍ର ବିଶ୍ୱାଳ, ସୌମ୍ୟ ରଞ୍ଜନ ପାଣିଗ୍ରାହୀ, ଶୁଭେନ୍ଦୁ ଦିନ୍ଦା, ହେମନ୍ତ କୁମାର ସାହୁ, ବୃନ୍ଦାବନ ସାହୁ, ଅଶୋକ ପରିଡା, ଭାସ୍କର ଚନ୍ଦ୍ର ପଲାଇ, ଯତୀନ୍ଦ୍ର ମାର୍ଣ୍ଡି ପ୍ରମୁଖ ରକ୍ତଦାନ କରିବା ସହ ରକ୍ତଦାନର ମହନୀୟତା ପ୍ରକାଶ କରିଥିଲେ। ଶିବିରରେ ମୋଟ ୮୨ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମର ସଫଳ ରୂପାୟନରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଉପସ୍ଥିତ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ।

# ପୂର୍ବତନ ସହକାରୀ ଯନ୍ତ୍ରୀଙ୍କ ପରଲୋକ

ଭୋଗରାଇ,୧୫।୯ (ସମିସ): ଓଡ଼ିଶା ସରକାରଙ୍କ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ତଥା ବିଶିଷ୍ଟ ସମାଜସେବୀ ବିଜୟବନ୍ଧୁ ଗିରି ୮୦ ବର୍ଷ ବୟସରେ ତାଙ୍କ ଭୋଗରାଇ ବ୍ଲକ ଚକବାଡ଼ି ଜଳେଶ୍ୱରପୁରସ୍ଥିତ ବାସଭବନରେ ବାର୍ଦ୍ଧକ୍ୟଜନିତ କାରଣରୁ ପରଲୋକ ହୋଇଯାଇଛି। ଓଡିଶା ସରକାରଙ୍କ ଅଧିନରେ ଜଳସେଚନ ବିଭାଗରେ ସହକାରୀ ଯନ୍ତ୍ରୀ ଭାବେ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ନିଷ୍ଠାପର ସହକାରେ ସମ୍ପାଦନ କରିଥିଲେ। ଗତ ୨୦୦୫ ମସିହାରେ ଅବସର ଗ୍ରହଣ କରିବା ପରେ ସମାଜ ସେବା କର୍ମରେ ନିଜକୁ ନିୟୋଜିତ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କର ପାର୍ଥିବ ଶରୀରରେ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲାବେଳେ ଏକମାତ୍ର ପୁତ୍ର ଡ. ବିଷ୍ଣୁପଦ ଗିରି ମୁଖାଗ୍ନି ପ୍ରଦାନ କରିଥିଲେ।

# ସାମ୍ବାଦିକ ଅନିରୁଦ୍ଧ ନନ୍ଦଙ୍କ ଶ୍ରଦ୍ଧାଞ୍ଜଳି ସଭା



ବାଲେଶ୍ୱର,୧୫।୯ (ସମିସ): ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ପକ୍ଷରୁ ଅନିରୁଦ୍ଧ ନନ୍ଦଙ୍କ ୪୩ ତମ ଶ୍ରଦ୍ଧାଞ୍ଜଳି ସଭା ଆୟୋଜନ କରାଯାଇଥିଲା। ଦିବଙ୍ଗତ ସାମ୍ବାଦିକ ସ୍ମୃତି କମିଟି ସଭାପତି ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ସାମ୍ବାଦିକ ନିରଞ୍ଜନ ଦାସ, ଉଦଘାଟକ ଭାବରେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ମୁଖ୍ୟ ବକ୍ତା ଭାବରେ ସାମ୍ବାଦିକ ରବି ରାଉତ, ସମ୍ମାନିତ ଅତିଥି ସାମ୍ବାଦିକ ଉଜ୍ୱଳ କର, ଉପସଭାପତି ସନ୍ଦିପ୍ତ ଦାସ, ସାଧାରଣ ସମ୍ପାଦକ ସାମ୍ବାଦିକ ଗଗନ କୁମାର ସେଠୀ ଉପସ୍ଥିତ ରହି ସ୍ୱର୍ଗତ ଅନିରୁଦ୍ଧ ନନ୍ଦଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସାମ୍ବାଦିକ ବାସୁଦେବ ରାଉଳ ଓ ଭଗବାନ ଦାସଙ୍କୁ ସମ୍ମାନିତ କରାଯାଇଥିଲା। ଏହି ସ୍ମୃତି ସଭାରେ ବିଦ୍ୟାଧର ମହାନ୍ତି, ମହେଶ୍ୱର ପ୍ରଧାନ, ତ୍ରିଲୋଚନ ମହାନ୍ତି, କୁଞ୍ଜମଣି ସ୍ୱାଇଁ, ମମତା ଦାସ, କୋମନା କାନ୍ତ ନାୟକ ଉପସ୍ଥିତ ଥିଲେ। ସାମ୍ବାଦିକ ମିତ୍ରବନ୍ଧୁ ପଲେଇ ଧନ୍ୟବାଦ ଦେଇଥିଲେ।

# ବିଶ୍ୱବିଦ୍ୟାଳୟସ୍ତରୀୟ 'ଇନୋଭେସନ୍ ଓ ଷ୍ଟାର୍ଟଅପ୍' ପ୍ରତିଯୋଗିତା

ବାଲେଶ୍ୱର,୧୫।୯ (ସମିସ)




ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ୫ ଜଣ ବିଜେତା ସମ୍ମାନିତ


ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସୃଜନଶୀଳତା, ଉଦ୍ଭାବନ ଓ ସମସ୍ୟା-ସମାଧାନର ଉତ୍ସାହପୂର୍ଣ୍ଣ ପରିବେଶରେ ୨୦୨୫ ବର୍ଷର ୟୁନିଭର୍ସିଟି-ସ୍ତରୀୟ ଇନୋଭେଶନ୍ ଏବଂ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତାର ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଫକୀରମୋହନ ବିଶ୍ୱବିଦ୍ୟାଳୟର ଟେକ୍ନୋଲୋଜି ଇନ୍‌କ୍ୟୁବେସନ୍ ଫାଉଣ୍ଡେସନ୍ ଓ ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା। ୧୨ ଅଗଷ୍ଟ ୨୦୨୫ରୁ ଇଣ୍ଟର-ଡିପାର୍ଟମେଣ୍ଟାଲ୍ ପ୍ରଥମ ପର୍ଯ୍ୟାୟ ଦ୍ୱାରା ଏହି ପ୍ରତିଯୋଗିତାର ଯାତ୍ରା ଆରମ୍ଭ ହୋଇଥିଲା। ସମସ୍ତ ବିଭାଗରୁ ଆସିଥିବା ଛାତ୍ରଛାତ୍ରୀଙ୍କ ନବୋତ୍ଥାନମୂଳକ ପ୍ରକଳ୍ପ ପ୍ରସ୍ତୁତିକୁ ପ୍ରଫେସର ପଙ୍କଜ କୁମାର ପାରହି (ସମ୍ପାଦକ, ଟିବିଆଇ), ଡ. ଅଶାନ୍ତ ରଞ୍ଜନ ରାଉତରାୟ (ବିଭାଗ ଅଧ୍ୟକ୍ଷ, କମ୍ପ୍ୟୁଟର ସାଇନ୍ସ), ଡ଼କ୍ଟର ୟୁସୁଫ ଅଲି ସୋଲାଙ୍କି (ଜିଏମ-ଏଚଆର, ଇମାମୀ ପେପର୍ ମିଲ୍ସ, ବାଲେଶ୍ୱର) ଏବଂ ଶ୍ରୀ ପିତାମ୍ବର ସାହୁ (ସ୍ଥାପକ ଓ ସିଇଓ, ବଜାରସାଇଡ ପ୍ରାଇଭେଟ ଲିମିଟେଡ ଓ ଲୁଫ୍ରା ଅର୍ଗାନିକ୍ସ) ପ୍ରମୁଖ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପ ଗୁଡିକର ମୂଲ୍ୟାୟନ କରିଥିଲେ। ଏହି ପର୍ଯ୍ୟାୟରେ ମୋନାଲିସା ସାହୁ (ବାୟୋସାଇନ୍ସ ଏବଂ ବାୟୋଟେକ୍ନୋଲୋଜି), ପୁରଞ୍ଜୟ ସାହୁ (ଶିକ୍ଷାରେ ଦୂରଶିକ୍ଷା ଏମଏ) ଏବଂ ଦିନେଶ ଭୈରବ ଦ୍ୱିବେଦୀ (ଏମବିଏ ବିଭାଗ)ଙ୍କ ପ୍ରକଳ୍ପଗୁଡ଼ିକ ତାଙ୍କର ସୃଜନାତ୍ମକତା ଓ ପ୍ରଭାବଶୀଳତା ପାଇଁ ବିଶେଷ ସ୍ଥାନ ଅଧିଗ୍ରହଣ କରିଥିଲା। ୧୧ ସେପ୍ଟେମ୍ବରରେ ଆୟୋଜିତ ବିଶ୍ୱବିଦ୍ୟାଳୟ-ସ୍ତରୀୟ ପର୍ଯ୍ୟାୟରେ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ଶେଷ ପର୍ଯ୍ୟାୟର ଉପସ୍ଥାପନ ପାଇଁ ନିମନ୍ତ୍ରଣ କରାଯାଇଥିଲା। ଦୁଇଟି ବିଶେଷଜ୍ଞ ପ୍ୟାନେଲ୍‌ରେ ଡ଼କ୍ଟର ନିନା ସିଂହ, ଡ଼କ୍ଟର ସିଦ୍ଧାର୍ଥ ପତି (ସ୍ଥାପକ ଓ ସିଇଓ, ନାଟନୋଭ ବାୟୋସାଇନ୍ସ ପ୍ରାଇଭେଟ ଲିମିଟେଡ), ପିତାମ୍ବର ସାହୁ ଏବଂ ବିଶ୍ୱକିଶୋର ଦେ (ଟେକ୍ନିକାଲ୍ ଅଫିସର୍, ଏସଟିପିଆଇ, ବାଲେଶ୍ୱର) ଅନ୍ତିମ ବିଚାରକ ଭାବରେ ଯୋଗଦେଇ ୧୬ ଜଣଙ୍କୁ ଫାଇନାଲ୍ ପାଇଁ ଚୟନ କରିଥିଲେ। ଆଜି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପ୍ରୋ. ଭାସ୍କର ବେହେରା (ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ), କୁକୁମିନା ଦାସ (ରେଜିଷ୍ଟ୍ରାର) ଏବଂ ପ୍ରଫେସର ପଙ୍କଜ କୁମାର ପାରହିଙ୍କ ଉପସ୍ଥିତିରେ ଏକ ପୁରସ୍କାର ବିତରଣ ସଭା ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ଶ୍ରେଷ୍ଠ ୫ ଜଣ ବିଜେତା ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ନିଳମ୍ବର ବେହେରା, ଉପେନ୍ଦ୍ରନାଥ ମହାବିଦ୍ୟାଳୟ, ବାଲେଶ୍ୱର କୃପାଳୀ ଦାସ ମହାପାତ୍ର, ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସାଇକୃଷ୍ଣା ରଣା, ଫକୀରମୋହନ ବିଶ୍ୱବିଦ୍ୟାଳୟ ଦିନେଶ ଭୈରବ ଦ୍ୱିବେଦୀ, କେ.କେ.ଏସ. ମହିଳା ମହାବିଦ୍ୟାଳୟ ପ୍ରତିକ୍ଷା ଦାସଙ୍କୁ ଚୟନ କରାଯାଇ ପ୍ରତ୍ୟେକଙ୍କୁ ୧ ଲକ୍ଷ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଏହି ଯୁବ ନବୋତ୍ଥାନୀମାନଙ୍କୁ ସୃଜନାଶୀଳତା, ଉଦ୍ୟମିତାର ମନୋଭାବ ଓ ସମାଜ ପରିବର୍ତ୍ତନରେ ସକ୍ଷମ ସମାଧାନ ପ୍ରଦାନ କରିବାରେ ସ୍ୱକ୍ଷମତା ପାଇଁ ଅଭିନନ୍ଦିତ କରାଯାଇଥିଲା।

यूनियन बैंक ऑफ इंडिया Union Bank of India | ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

କ୍ଷେତ୍ରୀୟ କାର୍ଯ୍ୟାଳୟ, ବାଲେଶ୍ୱର, ତୃତୀୟ ମହଲା, ଆଶିଷ ପ୍ଲାଜା, ପୋଲିସ୍ ଲାଇନ୍ ସ୍କୋୟାର ନିକଟ, ଓଟି ରୋଡ୍, ଭାସ୍କରଗଞ୍ଜ, ବାଲେଶ୍ୱର-୭୫୬୦୦୧

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ** ଯୋଗ୍ୟ ସଂସ୍ଥାଗୁଡ଼ିକ ଠାରୁ ରିକଭରୀ ଏଜେଣ୍ଟ / ଏନ୍‌ଫୋର୍ସମେଣ୍ଟ ଏଜେଣ୍ଟ / ଆସେଟ ଇନ୍‌ଭେଷ୍ଟିଗେସନ୍ ଏଜେଣ୍ଟମାନଙ୍କୁ ବ୍ୟାଙ୍କ ନିଜ ପ୍ୟାନେଲରେ ତାଲିକାଭୁକ୍ତ କରିବା ପାଇଁ ଆବେଦନପତ୍ର ଆହ୍ୱାନ କରୁଛନ୍ତି। ଆବେଦନ ଫର୍ମ ଓ ଅନ୍ୟାନ୍ୟ ବିବରଣୀ ପାଇଁ, ଆଗ୍ରହୀ ସଂସ୍ଥାମାନେ ମୁଖ୍ୟ ପ୍ରବନ୍ଧକ, ସିଆର୍‌ଏଲ୍‌ଡି, କ୍ଷେତ୍ରୀୟ କାର୍ଯ୍ୟାଳୟ, **ମୋବାଇଲ ନଂ.: ୮୯୨୮୯୧୭୪୧୧** ରେ ଯୋଗାଯୋଗ କରିପାରିବେ।
ଯୋଗ୍ୟତା ମାନଦଣ୍ଡ ଏବଂ ଦରଖାସ୍ତ ଫର୍ମାଟ୍ ପାଇଁ ଆମର ସରକାରୀ ୱେବସାଇଟ୍ **www.unionbankofindia.com** ପରିଦର୍ଶନ କରନ୍ତୁ। ଏହାକୁ ୱେବସାଇଟ୍‌ରୁ ଡାଉନଲୋଡ୍ କରିପାରିବେ।
୧. ତାଲିକାଭୁକ୍ତ ହେବା ସମ୍ପର୍କିତ ସମସ୍ତ ଅଧିକାର ସମ୍ପୂର୍ଣ୍ଣ ଭାବରେ ବ୍ୟାଙ୍କର ଅଧିନରେ ରହିବ ଏବଂ କେବଳ ତାଲିକାଭୁକ୍ତ ହେବା ପାଇଁ ଆବେଦନ କଲେ ତାଲିକାଭୁକ୍ତ ହେବାର କୌଣସି ଅଧିକାର ମିଳିବ ନାହିଁ ଏବଂ ତାଲିକାଭୁକ୍ତ ପ୍ରକ୍ରିୟ ଏବଂ ପରିଣାମ ସମ୍ପର୍କରେ କୌଣସି ଲିଖିତ ପରାମର୍ଶକୁ ଗ୍ରହଣ କରାଯିବ ନାହିଁ।
୨. ଯୋଗ୍ୟ ବିବେଚିତ ହୋଇଥିବା ସଂସ୍ଥାମାନଙ୍କ ମଧ୍ୟରୁ ଶୀର୍ଷ ୧୦ଟି ସଂସ୍ଥାକୁ ତାଲିକାଭୁକ୍ତ କରିବାର ଅଧିକାର ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି।
୩. ଆନେକ୍ସରରେ ଉଲ୍ଲେଖିତ ଯୋଗ୍ୟତା ମାନଦଣ୍ଡଗୁଡ଼ିକ ନିର୍ଣ୍ଣାୟକ ନୁହେଁ ଏବଂ ସେଗୁଡ଼ିକ ବ୍ୟାଙ୍କର ସ୍ୱତନ୍ତ୍ରତା ଉପରେ ସୀମାବଦ୍ଧ ନୁହେଁ। ଅନ୍ୟାନ୍ୟ ଗୁଣାତ୍ମକ ଏବଂ ସମ୍ମାନଜନକ ଦିଗଗୁଡ଼ିକୁ ପରିଗଣନା କରି ତାଲିକାଭୁକ୍ତିକରଣ ନିମନ୍ତେ ଯଥାର୍ଥ ନିର୍ଣ୍ଣୟ ନେବାର କ୍ଷମତା ବ୍ୟାଙ୍କ ସଂରକ୍ଷିତ ରଖିଛନ୍ତି।
୪. ଆସେଟ୍ ଇନ୍‌ଭେଷ୍ଟିଗେସନ୍ ଏଜେଣ୍ଟମାନେ ତାଲିକାଭୁକ୍ତିକରଣ ପାଇଁ, ନିମ୍ନଲିଖିତ ମାନଦଣ୍ଡଗୁଡ଼ିକ ଯଥା ଗୁଣାତ୍ମକ, ପରିମାଣାତ୍ମକ, ପରିଚାଳନାତ୍ମକ ଏବଂ ସଂସ୍ଥାର ପ୍ରତିଷ୍ଠା ଆଧାରରେ ବିଚାର କରାଯିବ।
● ଡିଟେକ୍ଟିଭ ଏଜେନ୍ସି ଯେଉଁମାନେ ଏନ୍‌ଫୋର୍ସମେଣ୍ଟ ଏଜେନ୍ସି ଦ୍ୱାରା ମାନ୍ୟତାପ୍ରାପ୍ତ ହୋଇ ଡିଟେକ୍ଟିଭ ସେବା ପ୍ରଦାନ କରୁଛନ୍ତି।
● ରାଜସ୍ୱ କର କିମ୍ବା ପୋଲିସ୍ ବିଭାଗର ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ଯେଉଁମାନେ ସେବା ନିବୃତି ପରେ ଆସେଟ୍ ଇନ୍‌ଭେଷ୍ଟିଗେସନ୍ ସେବା ପ୍ରଦାନ କରୁଛନ୍ତି।
● ଯେଉଁମାନେ ସକ୍ରିୟ ଭାବରେ ଲ ଏନ୍‌ଫୋର୍ସମେଣ୍ଟ ଏଜେନ୍ସିମାନଙ୍କୁ ସହଯୋଗ କରୁଛନ୍ତି, ଯାହାର ସେବାଗୁଡ଼ିକୁ ବ୍ୟାଙ୍କର ମହାପ୍ରବନ୍ଧକଙ୍କ ମତାନୁସାରେ ଆସେଟ୍ ଇନ୍‌ଭେଷ୍ଟିଗେସନ୍ କାର୍ଯ୍ୟ ପାଇଁ ବ୍ୟବହାର କରିପାରିବେ।
● ଆବେଦନ ଫର୍ମଗୁଡ଼ିକ ସଠିକ ଭାବରେ ପୂରଣ କରି ଆବଶ୍ୟକିୟ ଦସ୍ତାବେଜ ସହିତ ଉପରେ ଦର୍ଶାଯାଇଥିବା ଠିକଣାକୁ **ତା.୦୧.୧୦.୨୦୨୫ରିଖ** ମଧ୍ୟରେ ପହଞ୍ଚିବା / ପ୍ରାପ୍ତ ହେବା ଆବଶ୍ୟକ।
ସ୍ୱା/- କ୍ଷେତ୍ରୀୟ ମୁଖ୍ୟ

# ସମ୍ପାଦକୀୟ



ବଳପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇପାରିବ ନାହିଁ। ଆପୋସ ବୁଝାମଣା ଦ୍ୱାରା ହିଁ ଏହା ସମ୍ଭବ।
-ଆଲବର୍ଟ ଆଇନଷ୍ଟାଇନ୍

ସକାଳ THE SAKALA

## ଅହଂକାରୀ ନେତାନ୍ୟାହୁ

ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଅନମନୀୟ ଆଚରଣ ଓ ଆତ୍ମଗର୍ବ ସମଗ୍ର ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଓ ଆତଙ୍କର ବାତାବରଣ ସୃଷ୍ଟି କରିଛି। ପ୍ରସଙ୍ଗ ଓ ବିବାଦ ଯାହାହେଉନା କାହିଁକି ଗାଜାପଟିରେ ଦୀର୍ଘ ଦୁଇବର୍ଷ ଧରି ଇସ୍ରାଏଲ ଯେଉଁ ଗଣହତ୍ୟା ଓ ଭୟଙ୍କର ଯୁଦ୍ଧର ବିଭୀଷିକା ସୃଷ୍ଟି କରିଛି, ତାହାକୁ ରୋକିବାରେ ବିଶ୍ୱ ଜନସମୁଦାୟର ବିବଶତା ସବୁଠାରୁ ଚିନ୍ତା ଓ ଉଦ୍‌ବେଗର କାରଣ। ଇସ୍ରାଏଲ ପ୍ରତି ଆମେରିକାର ଅତୁଟ ସମର୍ଥନ ନେତାନ୍ୟାହୁଙ୍କ ବିସ୍ତାରବାଦୀ ଆଭିମୁଖ୍ୟକୁ ବଳ ଦେଇ ଚାଲିଛି। ମିଳିତ ଜାତିସଂଘର ସାଧାରଣ ଆସେମ୍ବ୍ଲିରେ ଫ୍ରାନସ ଓ ସାଉଦୀଆରବ ପକ୍ଷରୁ ଇସ୍ରାଏଲ ଓ ପାଲେଷ୍ଟାଇନକୁ ସ୍ୱତନ୍ତ୍ର ରାଷ୍ଟ୍ରର ମର୍ଯ୍ୟାଦା ଦେବା ପାଇଁ ଆଗତ ପ୍ରସ୍ତାବ ସପକ୍ଷରେ ୧୪୨ ଭୋଟ ମିଳିଥିଲେ ମଧ୍ୟ ନେତାନ୍ୟାହୁ ଓ ଟ୍ରମ୍ପଙ୍କ ଜିଦ୍ ଭାଙ୍ଗିନାହିଁ। ପ୍ରସ୍ତାବ ବିପକ୍ଷରେ ଆମେରିକା, ଇସ୍ରାଏଲ, ହଙ୍ଗେରି ଓ ଆର୍ଜେଣ୍ଟିନାକୁ ବାଦ ଦେଲେ ସେଭଳି କୌଣସି ପ୍ରଭାବଶାଳୀ ରାଷ୍ଟ୍ରଙ୍କ ସମର୍ଥନ ନାହିଁ। ସବୁଠାରୁ ଉଲ୍ଲେଖଯୋଗ୍ୟ ଘଟଣା ହେଲା, ଭାରତ ନିଜର ଆଭିମୁଖ୍ୟ ବଦଳାଇ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇ ମଧ୍ୟପ୍ରାଚ୍ୟରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠା ଭାରତ ଚାହେଁ ବୋଲି ପରୋକ୍ଷରେ ବାର୍ତ୍ତା ଦେଇଛି।

ହମାସ ଆତଙ୍କବାଦୀ ଆଶ୍ରୟ ନେଇଥିବା ଆଳରେ କାତାରର ରାଜଧାନୀ ଦୋହା ଉପରେ ଇସ୍ରାଏଲର ବୋମାମାଡ଼ ମଧ୍ୟପ୍ରାଚ୍ୟ ପରିସ୍ଥିତିରେ ନୂଆମୋଡ଼ ଆଣିଛି। ଆମେରିକାର ଅନ୍ୟତମ ନିକଟତମ ସହଯୋଗୀ ରାଷ୍ଟ୍ର କାତାର। ମଧ୍ୟପ୍ରାଚ୍ୟରେ ଆମେରିକାର ସବୁଠାରୁ ବୃହତ୍ ସାମରିକ କେନ୍ଦ୍ର ଓ ସେନାବାହିନୀ ସେଠାରେ ଥିବାରୁ ତାହାର ପ୍ରଭାବ ଓ ପତିଆରା ଅପେକ୍ଷାକୃତ ଅଧିକ। ଏହାସତ୍ତ୍ୱେ ଇସ୍ରାଏଲର ଆକ୍ରମଣ ସମସ୍ତଙ୍କୁ ଚକିତ କରିଛି। ଏହି ଘଟଣାରେ ଆମେରିକାର ଭୂମିକା ଯାହା ହେଉନା କାହିଁକି ଆରବ ରାଷ୍ଟ୍ରସମୂହ ଇସ୍ରାଏଲ ବିରୋଧୀ ମଞ୍ଚରେ ଏକଜୁଟ ହେବା ସହ ରଣନୀତି ପ୍ରସ୍ତୁତ କରୁଥିବାର ସୂଚନା ମିଳିଛି। ସିଆ-ସୁନି ବିବାଦ ଏବଂ ଆମେରିକା ବିରୋଧୀ ଆଭିମୁଖ୍ୟ ଦୃଷ୍ଟିରୁ ଇରାନ ଏକପ୍ରକାର ଏକଘରିକିଆ ହୋଇ ରହିଥିଲେ ମଧ୍ୟ ପରିବର୍ତ୍ତିତ ପରିସ୍ଥିତିରେ ଆରବରାଷ୍ଟ୍ର ତେହେରାନ ସହ ହାତ ମିଳାଇବାର ସୂଚନା ମିଳିଛି। କାତାର- ସାଉଦୀ ଆରବ ଓ ଇରାନ ମିଳିତ ସମରାଭ୍ୟାସ ସକାଶେ ଏକଜୁଟ ହେବା ପାଇଁ ଦୋହା ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହା ଏବେ ଆରବର ମୁସଲିମ ସମୁଦାୟକୁ ଐକ୍ୟବଦ୍ଧ ଭାବେ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ସୁଯୋଗ ସୃଷ୍ଟି କରିଛି। ଏପରିକି ଆରବ ଏମିରେଟ୍‌କୁ ଇସ୍ରାଏଲ ସହ କୂଟନୈତିକ ସଂପର୍କ ଛିନ୍ନ କରିବା ସକାଶେ କାତାର ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହି ମେଣ୍ଟକୁ ଇଜିପ୍ଟ ଓ ତୁର୍କୀ ମଧ୍ୟ ଖୋଲା ସମର୍ଥନ ଦେଉଥିବାର ଜଣାପଡ଼ିଛି। ମଧ୍ୟ-ପ୍ରାଚ୍ୟରେ ସୃଷ୍ଟି ହୋଇଥିବା ରୁଷ ଓ ଚୀନ ଯଦି ପକ୍ଷ ନିଅନ୍ତି ତେବେ ତୃତୀୟ ବିଶ୍ୱଯୁଦ୍ଧ ପାଇଁ ପଥ ପରିଷ୍କାର ହୋଇଯିବ।

ନେତାନ୍ୟାହୁ ଜାରି ରଖିଥିବା ଯୁଦ୍ଧ ଘନଘଟା ଆମେରିକାର ଅସ୍ତ୍ରଶସ୍ତ୍ର ଓ ବିପୁଳ ଅର୍ଥରାଶି ଉପରେ ନିର୍ଭରଶୀଳ। ଅଥଚ ଦୋହା ପ୍ରସଙ୍ଗରେ ଟ୍ରମ୍ପଙ୍କ ପ୍ରତିକ୍ରିୟା ନେଇ ନେତାନ୍ୟାହୁ ଯେଭଳି ରୋକଠୋକ ଶୁଣାଇଛନ୍ତି ତାହା କମ କଥା ନୁହେଁ। ଆରବରାଷ୍ଟ୍ର ସହ ନିବିଡ଼ ସମ୍ପର୍କ ସତ୍ତ୍ୱେ ଆମେରିକାର ଇସ୍ରାଏଲ ପ୍ରତି ଏତେ ଦୁର୍ବଳତା ଓ ବିବଶତା ପଛରେ 'ଫାଇଲ୍ ଇପଷ୍ଟିନ୍' କିମ୍ବା 'ମୋସାଦ୍' ମାଧ୍ୟମରେ ସଂଗୃହୀତ କିଛି ଗୋପନ ତଥ୍ୟ ଥିବା ମନେ ହୁଏ। ●

## ଭେଣ୍ଡିଆବୋଧ କେତେଦିନ?

ଫେରନ୍ତା ପଥରେ ମୌସୁମୀ। ତେବେ ଉତ୍ତର ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣଓଡ଼ିଶା ଉପକୂଳରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ତୁହାକୁ ତୁହା ବର୍ଷା ଜାରି ରହିଛି। ଏହି ବର୍ଷା ଚାଷ ପାଇଁ ଅନୁକୂଳ। ଏବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଆଗୁଆ ଆଗମନ ପ୍ରାୟ ସାତଦିନ ପୂର୍ବରୁ ହୋଇଥିଲେ ମଧ୍ୟ କେରଳରୁ ଓଡ଼ିଶା ଆସିବାରେ ବାଟ ହୁଡ଼ିବାରୁ ଏବଂ ଅଗଷ୍ଟ ମାସରେ ଅପେକ୍ଷାକୃତ ଅଧିକ ବର୍ଷା ହେବାରୁ ଆମ ରାଜ୍ୟରେ ଖରିଫ ଚାଷ ଅପେକ୍ଷାକୃତ ବିଳମ୍ବ ହୋଇଛି। ଏଭଳି ସ୍ଥିତିରେ ସାର ଅଭାବ ଚାଷୀଙ୍କ ପାଇଁ ସଙ୍କଟ ସୃଷ୍ଟି କରିଛି।

କଥାରେ ଅଛି, ଚାଷ ତରତର ବଣିଜ ମଠ। ପରିସ୍ଥିତିର ଗୁରୁତ୍ୱ ଦୃଷ୍ଟିରୁ ସାର ଉପରେ ଚାଷୀଙ୍କ ନିର୍ଭରଶୀଳତା ବଢ଼ିଛି। ଚାହିଦା ଅନୁଯାୟୀ ରାଜ୍ୟକୁ ସାର ଯୋଗାଇ ଦିଆଯାଇଛି ବୋଲି ଦାବି କରାଯାଉଥିବା ବେଳେ ତାହା ଠିକଣା ସମୟରେ ଚାଷୀଙ୍କ ପାଖରେ ପହଞ୍ଚି ପାରୁନାହିଁ। ସରକାରଙ୍କୁ ଅଡୁଆ ଲାଗିପାରେ। କିନ୍ତୁ ପ୍ରତିଶ୍ରୁତି, ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶରେ ଯଦି ସମସ୍ୟାର ସମାଧାନ ହୋଇଯାଉଥା'ନ୍ତା ତେବେ ଚାଷୀ ବିଲବାଡ଼ି ଛାଡ଼ି ବିକ୍ଷୋଭ, ପ୍ରତିବାଦ ଓ ରାଜପଥ ଅବରୋଧ କରିବା ଭଳି ସ୍ଥିତି ଉପୁଜି ନଥା'ନ୍ତା। ରାଜଧାନୀ ଓ ରାଜଭବନ ଘେରାଉ, ବିକ୍ଷୋଭ ଆଦି ସହ ଚାଷୀଙ୍କ ସଂପୃକ୍ତି କମ। ରାଜ୍ୟର ଚାଷୀଙ୍କ ସମସ୍ୟା ଓ ପ୍ରସଙ୍ଗ ଉପସ୍ଥାପନ କରିବାର ଦାୟିତ୍ୱ ବିରୋଧୀ ଦଳର ହୋଇଥିବାରୁ ସେମାନେ ତାଙ୍କ ଦାୟିତ୍ୱ ତୁଲାଉଛନ୍ତି। ଏହି ପରିସ୍ଥିତିରୁ ଆମେ ଦୁଇଟି ସିଦ୍ଧାନ୍ତରେ ଉପନୀତ ହେଉଛୁ। ପ୍ରଥମଟି ହେଲା, ରାଜ୍ୟରେ ଚାଷୀଙ୍କ ଚାହିଦା ମୁତାବକ ସାର ପହଞ୍ଚିପାରି ନ ଥିବାରୁ ସରକାର ତାଙ୍କ ବିଫଳତା ଲୁଚାଉଛନ୍ତି। ଦ୍ୱିତୀୟତଃ, ଯଦି ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ଅଛି ତେବେ ଚାଷୀଙ୍କୁ ଯୋଗାଇବାରେ ଅସୁବିଧା କେଉଁଠି? ଏହି ଦୁଇଟି ଦିଗକୁ ତର୍ଜମା କଲେ ମନେ ହୁଏ ରାଜ୍ୟରେ ସାର କଳାବଜାର ସରକାରଙ୍କ ଜ୍ଞାତସାରରେ ଚାଲିଛି; ଯାହା ବିରୋଧରେ କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରୁନି।

ଗଣମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ କଠୋର କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶର ପ୍ରଭାବ କଳାବଜାର ଉପରେ ପଡୁନି। ଏବେ ଚାଷୀଙ୍କୁ ସମୟ ନାହିଁ ଦିନ ଦିନ ଧରି କମେଇ ହୋଇ ସାର ପାଇଁ ଲାଇନ ଦେବାକୁ। ଲାଇନ ଦେବା ସତ୍ତ୍ୱେ ଯଦି ଚାଷୀ ସାର ପାଇବନି ସେ ରାଜରାସ୍ତା ଅବରୋଧ କରିବ। ସ୍ଥାନୀୟଅଧିକାରୀ ସେମାନଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇ ରାସ୍ତାରୁ ହଟାଇଲେ, ତାହା ପୂରଣ କରିବାକୁ ସେମାନେ ସମର୍ଥ ତ? ଏସବୁ ପ୍ରଶ୍ନର ଉତ୍ତର ହେଉଛି 'ନା'। ମାଲିକେ କେବଳ ହେଡ୍‌ଲାଇନ୍ ମ୍ୟାନେଜ୍ କଲେ ସମସ୍ୟାର ସମାଧାନ ହୁଏନି। ତୃଣମୂଳ ସ୍ତରରେ ଠୋସ କାର୍ଯ୍ୟାନୁଷ୍ଠାନ ହେବା ଜରୁରୀ। ●

# କୃଷିର ନବସୃଜନ ଓ କୃଷକ କଲ୍ୟାଣ

**ବିଦ୍ୟାଧର ମହାରଣା**

ଓଡ଼ିଶା କୃଷି ଜଳବାୟୁ ପରିବର୍ତ୍ତନ, ଅନିୟମିତ ବୃଷ୍ଟିପାତ, କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟ ଏବଂ ଆଧୁନିକ ପ୍ରଯୁକ୍ତିବିଦ୍ୟାର ସୀମିତ ପ୍ରୟୋଗ ଯୋଗୁଁ ବହୁ ପ୍ରତିବନ୍ଧକର ସମ୍ମୁଖୀନ ହେଉଛି। ପରିଣାମ ସ୍ୱରୂପ ଅନେକ ଚାଷୀ ଚାଷ ଛାଡୁଛନ୍ତି କିମ୍ବା କର୍ମନିଯୁକ୍ତି ଆଶାରେ ପ୍ରବାସନ ଯିବାକୁ ଉଚିତ ମନେ କରୁଛନ୍ତି। ଏପରି ଏକ ଆହ୍ୱାନର ମୁକାବିଲା କରିବା ଏବଂ କୃଷକମାନଙ୍କ ଜୀବିକାର୍ଜନ ପନ୍ଥାର ଉନ୍ନତିକରଣ ନିମନ୍ତେ କେତେକ ନବସୃଜନ ଓ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ଆବଶ୍ୟକତା ରହିଛି।

ଆଜିକାଲି କୃଷିକ୍ଷେତ୍ରରେ ଡିଜିଟାଲ ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ହେଲାଣି, ଯାହା ହାଇଟେକ୍ କୃଷି ରୂପେ ଆଦୃତ। ଏଥିରେ ଡ୍ରୋନ, ସେନସର, ସ୍ୱତଃ ପ୍ରକ୍ରିୟା ଓ ରୋବର୍ଟ, କୃତ୍ରିମ ମେଧା(ଏଆଇ. ମେସିନ୍ ଲର୍ଣ୍ଣିଂ, ଉଦ୍ଧ୍ୱାଧର କୃଷି(ଭର୍ଟିକାଲ ଫାର୍ମି) ଓ ହାଇଡ୍ରୋପୋନିକ ଏବଂ ଜୈବ ପ୍ରଯୁକ୍ତି ବିଦ୍ୟା ଆଦି ଅନ୍ତର୍ଭୁକ୍ତ। ଅଧିକ ଶ୍ରମିକ ଆବଶ୍ୟକ କରୁଥିବା ରୋପଣ, ଘାସ ବଛା ଓ ଫସଲ ଅମଳ ପାଇଁ ସ୍ୱୟଂଚାଳିତ ଯନ୍ତ୍ର ଓ ରୋବର୍ଟ ବ୍ୟବହାର, ଏଆଇ ଓ ମେସିନ୍ ଲର୍ଣ୍ଣ ମାଧ୍ୟମରେ ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରି ଫସଲ ଅମଳ ପରିମାଣ ବୃଦ୍ଧି, ରୋଗ ପୋକ ଆକ୍ରମଣ ସମ୍ବନ୍ଧୀୟ ଆଗୁଆ ଆକଳନ କରି ସଠିକ ପରିଚାଳନା ଆଦି ହାଇଟେକ୍ କୃଷିରେ ସମ୍ଭବ। ପାରମ୍ପରିକ କୃଷି ତୁଳନାରେ କମ୍ ଜଳ ଓ କମ୍ ଜାଗା ବ୍ୟବହାର କରି ଘର ମଧ୍ୟରେ ଏକ ନିୟନ୍ତ୍ରିତ ପରିବେଶରେ ଅଧିକ ଅମଳ ପାଇଁ ଭର୍ଟିକାଲ ଫାର୍ମି ଓ ହାଇଡ୍ରୋପୋନିକ (ବିନା ମାଟିରେ ଜଳୀୟ ଦ୍ରବଣ ଦ୍ୱାରା ଚାଷ) ପ୍ରଣାଳୀ ଅନୁସରଣ କରାଯାଇ ପାରିବ। ହାଇଟେକ୍ କୃଷିର ଏହି ଅବଦାନ ସହରାଞ୍ଚଳ ପାଇଁ ଉପଯୁକ୍ତ।

ହାଇଟେକ୍ କୃଷିରେ ମୋବାଇଲ ଆପ ଦ୍ୱାରା କୃଷକମାନେ ପାଣିପାଗ ତଥ୍ୟ, ବଜାର ଦର ଓ କୃଷି ପରାମର୍ଶ ସୂଚନା ଆଗୁଆ ପ୍ରାପ୍ତ ହୋଇପାରିବେ। ସ୍ଥାନୀୟ ଭାବରେ ସଂସାଧନ କେନ୍ଦ୍ର ସ୍ଥାପନ ଜରିଆରେ କୃଷକମାନେ ସେମାନଙ୍କ ଉତ୍ପାଦଗୁଡ଼ିକର ପ୍ରକ୍ରିୟାକରଣ କରି ବିଶେଷ ଲାଭବାନ ହେବେ। ନୂତନ ପ୍ରଯୁକ୍ତିବିଦ୍ୟା ଆଧାରିତ ପରିଶୁଦ୍ଧ କୃଷି ବା ପ୍ରେସିସନ ଏଗ୍ରିକଲଚର ବର୍ତ୍ତମାନ ଧୀରେଧୀରେ ଲୋକପ୍ରିୟ ହେବାକୁ ଲାଗିଲାଣି। ଆମେ କିଆରୀ ସାରା ସମାନ ପରିମାଣରେ ଜଳ ଓ ସାର ବ୍ୟବହାର କରୁ, ଅଥଚ କିଆରୀରେ ବିଭିନ୍ନ ଭାଗରେ ଜଳୀୟ ଅଂଶ ଓ ଖାଦ୍ୟସାର ପରିଣାମ ସମାନ ନଥାଏ। ଫଳରେ ଫସଲ ଅମଳ ସବୁଆଡ଼େ ସମାନ ହୁଏ ନାହିଁ। ଆମେ ଯଦି ଭୌଗୋଳିକ ସୂଚନା ପ୍ରଣାଳୀ ବା ଜି.ଆଇ.ଏସ୍ କିମ୍ବା ଭୌଗୋଳିକ ସ୍ଥିତି ପ୍ରଣାଳୀ ବା ଜିପିଏସ୍ ଓ ସୂକ୍ଷ୍ମ ସମ୍ବେଦୀ ବା ରିମୋର୍ଟ ସେନ୍ସିଙ୍ଗ କୌଶଳ ବ୍ୟବହାର କରିବା ତେବେ କ୍ଷେତ୍ରର ପରିଶୁଦ୍ଧ ତଥ୍ୟ ହାସଲ କରି ସଠିକ ନିଷ୍ପତ୍ତି ଗ୍ରହଣ କରିପାରିବା। କ୍ଷେତ୍ରରେ ସ୍ୱତନ୍ତ୍ର ଅଞ୍ଚଳ ଚିହ୍ନଟ କରି ସାର ଓ ଜଳସେଚନ କିମ୍ବା କୀଟନାଶକ ଔଷଧ ପ୍ରୟୋଗ କରିପାରିବା। ଏହାଦ୍ୱାରା ଖର୍ଚ୍ଚ କମିବା ସହିତ ପରିବେଶ ପ୍ରଦୂଷିତ ହେବନାହିଁ। ସେନସର ଓ ଜିପିଏସ୍ ପ୍ରଣାଳୀ ଉପଯୋଗରେ ପରିବର୍ତ୍ତନୀୟ ଦର ପ୍ରଯୁକ୍ତିବିଦ୍ୟା ବା ଭି.ଆର୍.ଟି ପଦ୍ଧତିରେ କୃଷି କ୍ଷେତ୍ରରେ ବିଭିନ୍ନ ଜାଗାରେ ଆବଶ୍ୟକତା ଓ ଗୁଣବତ୍ତା ଅନୁଯାୟୀ ଜଳ, ସାର ଓ କୀଟନାଶକ ସଠିକ ମାତ୍ରା ଓ ସମୟରେ ପ୍ରୟୋଗ କରାଯାଏ। ଭି.ଆର୍.ଟି ଆଧାରିତ ସିଞ୍ଚନ ଯନ୍ତ୍ର ଓ ସାର ପ୍ରୟୋଗ ଯନ୍ତ୍ର ମାଧ୍ୟମରେ କୀଟନାଶକ ଓ ସାର ଆବଶ୍ୟକ ଅନୁଯାୟୀ ପ୍ରୟୋଗ କରାଯାଏ। ଏହାଦ୍ୱାରା ଉର୍ବର ମାଟିରେ ସାମାନ୍ୟ ସାର ଓ ଦୁର୍ବଳ ମାଟିରେ ଅଧିକ ସାର ପ୍ରୟୋଗ କରାଯାଇପାରିବ।

ଆମେ ଅଧିକାଂଶ ସମୟରେ ଜଳସେଚନ ଉପରେ ନିର୍ଭର କରୁ। କିନ୍ତୁ ସେଚନ ଜଳର କାର୍ଯ୍ୟ ଦକ୍ଷତା ମାତ୍ର ୩୫। ଫସଲ ଅମଳ କ୍ଷମତା ମଧ୍ୟ ଫସଲ ଅନୁସାରେ ଭିନ୍ନ। ଏଣୁ ବୁନ୍ଦା ଜଳସେଚନ ପ୍ରଣାଳୀ ସର୍ବଶ୍ରେଷ୍ଠ, ଯାହାର ଦକ୍ଷତା ପ୍ରାୟ ୯୦%। ଫୁଆରା ଓ ବୁନ୍ଦା ଜଳସେଚନ ପୂର୍ବରୁ ମୃତ୍ତିକାର ଜଳୀୟ ଅଂଶ ପରୀକ୍ଷା ପାଇଁ ଟେନସିଓମିଟର ବ୍ୟବହାର କରାଯାଏ। ଏହାପରେ ସେନସର ବ୍ୟବହାର କରି ଯେତିକି ଆବଶ୍ୟକ ସେତିକି ଜଳସେଚନ ବ୍ୟବହାର କରିବା ଯୋଗୁଁ ସୀମିତ ଜଳରୁ ସର୍ବାଧିକ ଅମଳ ମିଳିଥାଏ। ମରୁଡ଼ିରୁ ରକ୍ଷା ପାଇଁ ଜଳଅମଳ ପ୍ରକଳ୍ପ, ଆଡ଼ିବନ୍ଧ, ଫାର୍ମ ପୋଖରୀ, କୂପ ଖନନ ଇତ୍ୟାଦି ଦ୍ୱାରା ବର୍ଷାଜଳ ଅମଳ କରି ଫସଲ ପାଇଁ ବ୍ୟବହାର କରିହେବ। ଜମିରେ ବନ୍ଧ ନିର୍ମାଣ, ଖାଇ ଖନନ ଇତ୍ୟାଦି କରି ବର୍ଷାଜଳ ମାଟିରେ ବହୁଦିନ ସାଇତି ରଖିହେବ। ମିତ ଜଳସେଚନ ନିମନ୍ତେ ବୁନ୍ଦା ଜଳସେଚନ ପ୍ରଣାଳୀ ସବୁଠୁ ଭଲ।

କୃଷି ଦ୍ୱାରା ୧୦-୨୧% ସବୁଜଗୃହ ବାଷ୍ପ ବାୟୁମଣ୍ଡଳକୁ ତ୍ୟାଗ ହୋଇଥାଏ। ପାରମ୍ପରିକ କୃଷି ପରିବର୍ତ୍ତେ ଜଳବାୟୁ ଅନୁକୂଳ କୃଷିପଦ୍ଧତି ଅନୁସରଣ କଲେ ବାୟୁମଣ୍ଡଳକୁ ସୀମିତ ସବୁଜଗୃହ ବାଷ୍ପ ନିର୍ଗତ ହେବ ଏବଂ କୃଷି ପରିବେଶ ଅନୁକୂଳ ହେବ। ଖତ, ସବୁଜ ସାର, ଜୈବସାର ପ୍ରୟୋଗ, ସର୍ବନିମ୍ନ କର୍ଷଣ, ଜଳ ଓ ପୋଷକ ପରିଚାଳନା, ଛାଦନ ଏବଂ ଫସଲ ପର୍ଯ୍ୟାୟ ଅନୁସରଣ କଲେ ମୃତ୍ତିକାର ସ୍ୱାସ୍ଥ୍ୟ ଓ ଉର୍ବରତା ଅକ୍ଷୁଣ୍ଣ ରହିବ। ମୃତ୍ତିକାର ସ୍ୱାସ୍ଥ୍ୟ ଠିକ୍ ରହିଲେ ଜଳବାୟୁ ପରିବର୍ତ୍ତନକୁ ଏହା ସହ୍ୟ କରିବ। ରାସାୟନିକ କୃଷିର ପରିବେଶୀୟ କୁପ୍ରଭାବ ଓ ସ୍ୱାସ୍ଥ୍ୟଗତ କାରଣ ଯୋଗୁଁ ବହୁଚାଷୀ ଏବେ ଜୈବିକ କୃଷି ଆଡ଼କୁ ମୁହାଁଇଲେଣି। କୃଷି ଉତ୍ପାଦକୁ ପ୍ରମାଣିତ କରିବା ପରେ ଏଗୁଡ଼ିକ ଉଚ୍ଚ ମୂଲ୍ୟରେ ବିକ୍ରୟ କରାଯାଏ କିମ୍ବା ବିଦେଶକୁ ରପ୍ତାନୀ କରାଯାଏ। ସେହିପରି ଜମିରେ ଧାନ ଚାଷ ବ୍ୟତୀତ ପୁଷ୍ଟିଶସ୍ୟ, ଡାଲି ଫସଲ ଓ ତୈଳବୀଜ କିମ୍ବା ପନିପରିବା ଫସଲ ଏକକ ବା ମିଶ୍ରିତ ଫସଲ ହିସାବରେ ଚାଷ କରିବା ଭଲ। ପ୍ରତିକୂଳ ଜଳବାୟୁ ସହଣି ଦେଶୀ କିମ୍ବା ଉନ୍ନତ କିସମ ବିହନ ବ୍ୟବହାର ନିମନ୍ତେ ଗ୍ରାମସ୍ତରରେ ବିହନ ବ୍ୟାଙ୍କ ଓ ଶସ୍ୟବ୍ୟାଙ୍କ ସ୍ଥାପନ କରାଗଲେ ଚାଷୀମାନେ ସୁବିଧାରେ ଏହି ବିହନ ପାଇପାରିବେ।

ଜମିରେ ଓଜନିଆ ମେସିନ୍ ବ୍ୟବହାର ନ କରି ବଳଦ ଚାଳିତ ଶୂନ୍ୟକର୍ଷଣ ବା ସର୍ବନିମ୍ନ କର୍ଷଣ ସହିତ ଛାଦନ ଦ୍ୱାରା ଫସଲ ଚାଷ ଜଳବାୟୁ ସହନଶୀଳ ହୁଏ। ଫସଲ ରୁଆ ନ କରି ଧାଡ଼ିବୁଣା ବା ଶ୍ରୀ-ପ୍ରଣାଳୀ ଧାନଚାଷ ଅଧିକ ନିରାପଦ। ଖାଲ ଜମିରେ ଧାନସହ ମାଛଚାଷ, କୁକୁଡ଼ା ପାଳନ, ପନିପରିବା ଓ ଫଳଚାଷ ଗୋଟିଏ ଜମିରେ ସମନ୍ୱିତ ଭାବରେ କରିହେବ। ଏଥିପାଇଁ ଗୋଟିଏ ପୋଖରୀ ଆବଶ୍ୟକ। ଏହି ଚାଷରେ ଗୋଟିକର ବର୍ଜ୍ୟବସ୍ତୁ ଅନ୍ୟଟିରେ ବ୍ୟବହାର ହେଉଥିବାରୁ ପରିବେଶ ଠିକ୍ ରହେ ଏବଂ ଚାଷୀକୁ ବର୍ଷସାରା କାମ ଓ ରୋଜଗାର ମିଳେ। ଢିପଜମିରେ କ୍ଷେତ ଫସଲ ସହ ଫଳଚାଷ, ପ୍ରାଣୀପାଳନ, ମହୁଚାଷ, ତୁତଚାଷ, ଔଷଧବୃକ୍ଷ ଚାଷ ଓ କୃଷି ବନୀକରଣ ଇତ୍ୟାଦି କରାଯାଇପାରିବ।

କୃଷକମାନଙ୍କୁ ସହାୟତା ଦେବା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ପିଏମ କିଷାନ ଯୋଜନା ସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ପରି ବହୁ ରାଜ୍ୟସ୍ତରୀୟ ଯୋଜନା ଏବଂ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ପରି ବହୁ କେନ୍ଦ୍ରୀୟ ସାହାଯ୍ୟପ୍ରାପ୍ତ ଯୋଜନା କାର୍ଯ୍ୟକାରୀ ହେଉଛି। ଏତଦ୍‌ବ୍ୟତୀତ କୃଷକମାନଙ୍କ ଦକ୍ଷତା ବିକାଶ ନିମନ୍ତେ ବିଭିନ୍ନ ପ୍ରଶିକ୍ଷଣ ଓ ଶିକ୍ଷା ପରିଭ୍ରମଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। କୃଷକମାନେ ସର୍ବନିମ୍ନ ସହାୟତା ମୂଲ୍ୟରେ ସରକାରଙ୍କୁ ନିର୍ଦ୍ଧାରିତ ଉତ୍ପାଦ ବିକ୍ରୟ କରିବା ପାଇଁ ମଣ୍ଡି ବ୍ୟବସ୍ଥା ପ୍ରଚଳିତ ଅଛି। ନବୀକରଣ ଯୋଗ୍ୟ ଶକ୍ତି ବ୍ୟବହାର ପାଇଁ ସୌରଶକ୍ତିଚାଳିତ ପମ୍ପ ଓ ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ବ୍ୟବହାର ପାଇଁ ପ୍ରୋତ୍ସାହନ ଦିଆଯାଉଛି। କୃଷକମାନଙ୍କ କଲ୍ୟାଣ ନିମନ୍ତେ ବହୁ ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। 'ଗୋ ସୁଗମ' ଆପ ବ୍ୟବହାର କରି ଚାଷୀମାନେ ସମସ୍ତ ସରକାରୀ ସାହାଯ୍ୟ ପାଇପାରିବେ।

ଏହିସବୁ ନବୋନ୍ମେଷ ଓ କୃଷକ କଲ୍ୟାଣ ଯୋଜନା କୃଷି ଉତ୍ପାଦନ ବୃଦ୍ଧି ଓ କ୍ଷତିଭୟ ହ୍ରାସ ସହିତ କୃଷକମାନଙ୍କ ସାମାଜିକ ତଥା ଆର୍ଥିକ ବିକାଶ ପାଇଁ ନିଶ୍ଚିତ ଭାବେ ସହାୟକ ହେବ। ରାଜ୍ୟର ସାମଗ୍ରିକ କୃଷି ବିକାଶ ପାଇଁ ଦେଶୀୟ ଜ୍ଞାନକୌଶଳ ସହିତ ନୂତନ ଜ୍ଞାନକୌଶଳ ସମ୍ମିଶ୍ରଣ, ସମବାୟ କୃଷି, କୃଷକ ଉତ୍ପାଦକ ସଂଗଠନ, ବିପଣନ ବ୍ୟବସ୍ଥାର ଆଧୁନିକୀକରଣ ଏବଂ ବଳିଷ୍ଠ ଗବେଷଣା, ଉନ୍ନୟନ ଓ ସମ୍ପ୍ରସାରଣ କାର୍ଯ୍ୟକ୍ରମ ପାଦମିଳାଇ ଆଗକୁ ଗତି କରିବା ଆବଶ୍ୟକ। ପରିଶେଷରେ ଏତିକି କହିବା ଆବଶ୍ୟକ ଯେ ଆଗାମୀ କୃଷି କାର୍ଯ୍ୟକ୍ରମ ରୂପାନ୍ତରଣ ପାଇଁ କୃଷି କ୍ଷେତ୍ରରେ ନବସୃଜନ ଓ ବ୍ୟାପକ କୃଷକ କଲ୍ୟାଣକାରୀ ଯୋଜନାଗୁଡ଼ିକ ନିଷ୍ଠାର ସହ ପାଳନ କରିବା ସରକାର ଓ ସମସ୍ତ ଅଂଶୀଦାରମାନଙ୍କ ନୈତିକ ଦାୟିତ୍ୱ। ନିରନ୍ତର ପୁଞ୍ଜି ନିବେଶ, ନୀତି ସହାୟତା ଓ ଗୋଷ୍ଠୀ ସହଭାଗିତା ରାଜ୍ୟର ଚିରନ୍ତନ କୃଷିବିକାଶ ସହିତ କୃଷକମାନଙ୍କ କଲ୍ୟାଣ ନିମନ୍ତେ ଉତ୍ତରଦାୟୀ ହୋଇପାରିବ। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

# ଆତ୍ମହତ୍ୟା ଶେଷ ବିକଳ୍ପ ନୁହେଁ

**ଡକ୍ଟର ଅଜୟ କୁମାର ସାହୁ**

ଆତ୍ମହତ୍ୟା ଏକ ମାନସିକ ବିକାର ବା ବିଷାଦ ଜନିତ ଆବେଗ। ବିଜ୍ଞାନରେ ଏହାକୁ ସିଜୋଫ୍ରିନିଆ ଏବଂ ଇମୋସନାଲ୍ ବ୍ରେକ୍‌ଡାଉନ ମଧ୍ୟ କୁହାଯାଏ। ପରିସ୍ଥିତି ମୁକାବିଲାରେ ଅସହାୟବୋଧ ହିଁ ଏହାର କାରଣ। ଏହାଛଡ଼ା ବାଲ୍ୟାବସ୍ଥାରେ ଘଟିଥିବା କିଛି ବଡ଼ ଅଘଟଣ, ମସ୍ତିଷ୍କ ସଂରଚନା, ନିଶା ଅଭ୍ୟାସ, ରୋଜଗାର ସମସ୍ୟା, ଋଣ ଭାର, ଆତ୍ମୀୟଙ୍କ ମୃତ୍ୟୁ ବା ବିଚ୍ଛେଦ, ଧନ-ସମ୍ପତ୍ତି ଓ ମାନ-ସମ୍ମାନ ହରାଇବା, ଘୋର ଆର୍ଥିକ ଅଭାବ, ଦାରିଦ୍ର୍ୟ, କୃତକାର୍ଯ୍ୟ ନ ହେବା, ନିଜ ଲୋକ ସହ କଳି, ପ୍ରେମରେ ନିରାଶ, ହତୋତ୍ସାହ, ଦୀର୍ଘଦିନ ସ୍ୱାସ୍ଥ୍ୟ ଭଲ ନ ରହିବା, ଭୁଲ ସଂବାଦ ଆଦି ମନକୁ ଅଧିକ ବିଷାଦଗ୍ରସ୍ତ କରି ଆତ୍ମହତ୍ୟାର କାରଣ ହୋଇଥାଏ।

ପରିବେଶରୁ ସୃଷ୍ଟି ଅବସାଦକୁ ରିଆକ୍ଟିଭ୍ ଡିପ୍ରେସନ, ମସ୍ତିଷ୍କ ନିରସ ନିଃସୃତଜନିତ ଅବସାଦକୁ ଏଣ୍ଡୋଜିନ୍ ଡିପ୍ରେସନ, ପାରିପାର୍ଶ୍ୱିକ ଅବସ୍ଥାରୁ ସୃଷ୍ଟ ଅବସାଦକୁ ନ୍ୟୁରୋଟିକ ଡିପ୍ରେସନ, ଗଭୀର ଭାବର ପ୍ରଭାବିତ ଅବସାଦକୁ ସାଇକୋଟିକ ଡିପ୍ରେସନ କୁହାଯାଏ। ବିଷାଦ ଦୁଇ ସପ୍ତାହ ଧରି ବିଷମ ହୋଇ ରହିଲେ ଅବସାଦରେ ରୂପାନ୍ତରିତ ହୋଇଥାଏ। ପ୍ରତ୍ୟେକ ମଣିଷର ଇମୋସନାଲ୍ ବ୍ରେନ୍ ଥାଏ ଏବଂ ସେଥିରେ ନ୍ୟୁରୋଟ୍ରାନ୍ସଲେଟ୍ ସ୍ତର ଥାଏ। ସେହି ସ୍ତର ଅତିକ୍ରମ କଲେ ମଣିଷ ଅବସାଦଗ୍ରସ୍ତ ହୁଏ। ଏହି ଅବସାଦ ଜନିତ ତୀବ୍ର ଭାବପ୍ରବଣତାରେ ହିଁ ମଣିଷ ତା'ର ଶରୀରକୁ ବିଭିନ୍ନ ଉପାୟରେ ହତ୍ୟା କରୁଛି। ଆତ୍ମହତ୍ୟା ସବୁ ଶ୍ରେଣୀ, ସବୁ ବୟସ୍କ ଲୋକଙ୍କୁ ତା'ର କରାଳ ରୂପରେ ମାଡ଼ିବସିଛି। ଏହାର ତାଲିକା ବେଶ୍ ଲମ୍ବା। ଗଣମାଧ୍ୟମରେ ପ୍ରତିଦିନ ପ୍ରକାଶିତ ଆଞ୍ଚଳିକ ଓ ଜାତୀୟସ୍ତରରୁ ଆରମ୍ଭ କରି ବଲିଉଡ୍‌ର ଉଦୀୟମାନ ଲୋକପ୍ରିୟ ଯୁବ ଅଭିନେତା ସୁଶାନ୍ତ ସିଂ ରାଜପୁତ, ବିଦ୍ୟା ଭାରତୀ, ପ୍ରତ୍ୟୁଷ ବାନାର୍ଜୀ, ଜିଆ ଖାନ, ନାଫିସା ଯୋଶେଫ, ସିଲ୍କ ସ୍ମିତା, ଗୁରୁ ଦତ୍ତ ଏବଂ ସିଗମଣ୍ଡ ଫ୍ରେଉଡ୍, କ୍ଲିଓପାଟ୍ରା, ମାର୍କ ଏଣ୍ଟୋନୀ, ବୃଟାସ, ଏଡୋଲଫ ହିଟଲର, ଭିନସେଣ୍ଟ, ସକ୍ରେଟିସ୍, ମାରିଲିନ ମୋନରୋଏ, କୁଂଗଫୁ କିଂଗ ଡେଭିଡ୍ କାରାଡିନ, ରୋମିଓ ଓ ଜୁଲିଏଟ ଆଦି ଅନେକ ବିଶ୍ୱ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ନାମ ଆତ୍ମହତ୍ୟା ତାଲିକାରେ ଇତିହାସ ସାଇତି ରଖିଛି।

ବିଶ୍ୱରେ ପ୍ରତିବର୍ଷ ୮ ଲକ୍ଷ ଲୋକ ଆତ୍ମହତ୍ୟା କରି ଜୀବନ ହାରିଥା'ନ୍ତି। ଅର୍ଥାତ ପ୍ରତି ୪୦ ସେକେଣ୍ଡରେ ଜଣେ ମରନ୍ତି। ଆତ୍ମହତ୍ୟାର ୭୯% ନିମ୍ନମଧ୍ୟବିତ୍ତ ଦେଶ ସମୂହରେ ଘଟିଥାଏ। ଆତ୍ମହତ୍ୟା ମାନସିକତା ହଂଗେରୀ, ଡେନମାର୍କ, ଫିନଲ୍ୟାଣ୍ଡ, ଅଷ୍ଟ୍ରିଆ, ଜର୍ମାନୀ, ସ୍ୱିଡେନ ଓ ସ୍ୱିଜରଲାଣ୍ଡରେ ଅଧିକ। ଫିଲିପାଇନସ, ଆଂଗୋଲା, ଜାମାଇକା, ମେକ୍ସିକୋ, ଜୋର୍ଡାନ ଓ ଇଜିପ୍ଟରେ କମ। ଦକ୍ଷିଣ ସାମୁଦ୍ରିକ ଦ୍ୱୀପ ଓ ଭାରତର ହିନ୍ଦୁକୁଶ ପାର୍ବତ୍ୟାଞ୍ଚଳରେ ଆତ୍ମହତ୍ୟା ପ୍ରାୟ ହୁଏନି। ସେହିପରି ବିଶ୍ୱରେ ବିକଶିତ ରାଷ୍ଟ୍ର ସମୂହରେ ୩୦% ଲୋକ କୀଟନାଶକ ଔଷଧ ସେବନ କରି ଆତ୍ମହତ୍ୟା କରୁଥିବା ବେଳେ ଲାଟିନ ଆମେରିକା ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ମଧ୍ୟ ୫୦% ଲୋକ ଏହି ମାଧ୍ୟମକୁ ବାଛିଥା'ନ୍ତି। ସେହିପରି ବିକଶିତ ରାଷ୍ଟ୍ର ସମୂହରେ ୮୫%ଲୋକ ମାତ୍ରାଧିକ ଔଷଧ ସେବନ ଦ୍ୱାରା ଆତ୍ମହତ୍ୟା କରିଥା'ନ୍ତି। ବିଶ୍ୱରେ ୮୦-୯୦% ଲୋକ ଆଗ୍ନେୟାସ୍ତ୍ର, ୬୫-୮୦% ଲୋକ ପାଣିରେ ବୁଡ଼ି, ୬୦-୮୫% ଲୋକ ଓହଳି, ୩୫-୬୦% ଡେଇଁ, ୬୦-୭୫% କୀଟନାଶକ ଔଷଧ ସେବନ କରି ଆତ୍ମହତ୍ୟା କରିଥା'ନ୍ତି। ଭାରତରେ ପ୍ରତବର୍ଷ ୧, ୩୫, ୦୦୦ଲୋକ ଆତ୍ମହତ୍ୟା କରିଥା'ନ୍ତି। ଦେଶରେ ଜନସଂଖ୍ୟାର ଆତ୍ମହତ୍ୟା ହାର ୧୦.୬% ଥିବା ବେଳେ ଓଡ଼ିଶାରେ ଏହି ହାର ୯%।

ଅବସାଦ ଏକ ମାନସିକ ଅବସ୍ଥା। ନିଜ ପ୍ରତି ନିଜେ ସହନଶୀଳ ହେଲେ ଏହାକୁ ବଦଳାଯାଇପାରିବ। ବିଷାଦ ମଣିଷ ସାଥିରେ ଥିଲା, ଅଛି ଓ ରହିବ। ଜିଇଁବା ପାଇଁ ମଧ୍ୟ ଏହା ଅତ୍ୟନ୍ତ ଜରୁରୀ। ବିଷାଦକୁ ପରିଚାଳନା କରିପାରିଲେ ଏହା ମଣିଷକୁ ସହାୟକ ହୋଇଥାଏ। ଶରୀରକୁ ଆରାମ ଦେବା, ବୁଦ୍ଧିକୁ ସମସ୍ୟାରୁ ସମାଧାନ ମୁହାଁ କରିବା, ଭାବପ୍ରବଣତାକୁ ପରିବର୍ତ୍ତିତ ସ୍ୱାଭିମାନ ମୁହାଁ କରିବା ଓ ଆଧ୍ୟାତ୍ମିକତାକୁ ଅପରାଧମୁକ୍ତ କରି ଦାର୍ଶନିକ ତତ୍ତ୍ୱ ଦେବା ହେଉଛି ବିଷାଦ ପରିଚାଳନାର ମୂଳ ଦର୍ଶନ। ଆତ୍ମହତ୍ୟା କୌଣସି ସମସ୍ୟାର ଶେଷ ବିକଳ୍ପ ବା ସମାଧାନ ନୁହେଁ। ଏହା ବରଂ ଦଣ୍ଡନୀୟ ଅପରାଧ ଓ ମହାପାପ ମଧ୍ୟ। ତେଣୁ ପର ସହ ପ୍ରତିଦ୍ୱନ୍ଦ୍ୱିତା ପ୍ରବୃତ୍ତି ଛାଡ଼ି ନିଜ ସହ ସକାରାତ୍ମକ ପ୍ରତିଦ୍ୱନ୍ଦ୍ୱିତା କରିବା ଉଚିତ। ପ୍ରତ୍ୟେକ ଆଶା ପୂରଣ ପାଇଁ ଧୈର୍ଯ୍ୟର ସହ ଅପେକ୍ଷା କରିବା ଦରକାର। ଅବସାଦର ସାମାନ୍ୟ ଲକ୍ଷଣ ଦିଶିଲେ ତୁରନ୍ତ ମନସ୍ତତ୍ତ୍ୱବିତଙ୍କ ସହ ପରାମର୍ଶ କରିବା ଉଚିତ। ଘରେ ଯୋଗ, ସଙ୍ଗୀତ ଶୁଣିବା, ନିୟମିତ ବହି ପଢ଼ିବା, ନିଶାସେବନ ତ୍ୟାଗ କରିବା, ସମୟାନୁବର୍ତ୍ତୀ ହେବା ଦ୍ୱାରା ଅବସାଦରୁ ମୁକ୍ତି ମିଳିଥାଏ। ପରିସ୍ଥିତି ସହ ଖାପ ଖୁଆଇ ଚଳିବା, ଲାଭ କ୍ଷତିର ହିସାବ ନ କରି ବର୍ତ୍ତମାନ ସହ ବଞ୍ଚିବା, ସକାରାତ୍ମକ ଚିନ୍ତାରେ ରହିବା, ମନର ଆବେଗକୁ ବାଣ୍ଟିବା ଓ ସହଯୋଗୀ ହେବା ଅଭ୍ୟାସ କଲେ ଅବସାର ଦୂର ହୁଏ।

ଆତ୍ମହତ୍ୟାକୁ ମହାପାପ ବୋଲି ମଧ୍ୟ ଭାରତୀୟ ପରମ୍ପରାରେ ବିବେଚନା କରାଯାଏ। ପୃଥିବୀ, ଜଳ, ଅଗ୍ନି, ପବନ ଓ ଆକାଶ ଆଦି ପାଞ୍ଚ ତତ୍ତ୍ୱରେ ଯେଉଁ ମଣିଷ ଶରୀର ତିଆରି ହୋଇଛି। ସ୍ୱାଭାବିକ ମୃତ୍ୟୁ ହେଲେ ଶରୀର ସେହି ପାଞ୍ଚ ତତ୍ତ୍ୱରେ ମିଶିଥାଏ। ଆତ୍ମହତ୍ୟା କଲେ ସେଥିରେ ବ୍ୟତିକ୍ରମ ଘଟେ।

ଆବ୍ରାହମ ଲିଙ୍କନଙ୍କ ମତରେ ଜୀବନ ପବିତ୍ର। ଏହାକୁ ଅସମୟରେ ତ୍ୟାଗ କରିବା ଅପରାଧ। ଆସନ୍ତୁ ନିଜକୁ ଭଲ ପାଇବା ଏବଂ ସୁଖଦ ଜୀବନ ଜିଇଁବା। ଜୀବନ କେବଳ ସମାପ୍ତି ପାଇଁ ନୁହେଁ, ଇତିହାସ ରଚିବା ପାଇଁ। ଅନ୍ୟର ଲୁହ ହେବା ପାଇଁ ନୁହେଁ, ଅନ୍ୟର ଲୁହ ପୋଛିବା ପାଇଁ। ଭଙ୍ଗା ମନର ମରୁଭୂମି ପାଇଁ ନୁହେଁ, ଯୋଡ଼ା ହୃଦୟର ନନ୍ଦନକାନନ ପାଇଁ। ସବୁଦିନ ପାଇଁ ବିଦାୟ ନେବା ପାଇଁ ନୁହେଁ, ସଦା ସଜସ୍ମୃତି ହୋଇ ରହିବା ପାଇଁ। ●

ସେମିଳିଗୁଡ଼ା(କୋରାପୁଟ),
ମୋ: ୯୪୩୭୦୯୦୯୫୪

# ଅସ୍ୱାସ୍ଥ୍ୟକର ବାସନରେ ରନ୍ଧନ

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ଏକଦା ରୋଷେଇ ପାଇଁ ବ୍ୟବହାର ହେଉଥିଲା ମୁଖ୍ୟତଃ ମାଟି ତିଆରି ହାଣ୍ଡି, କଡ଼େଇ ଇତ୍ୟାଦି। ତା'ପରେ ଏଥିରେ ଉପଯୋଗ କରାଗଲା ଲୁହା ତିଆରି ବାସନ ଏବଂ ତାକୁ ଅନୁସରଣ କଲା ଆଲୁମିନିୟମ୍। ତପ୍ରରେ ଏବେ ବହୁଳ ଭାବେ ବ୍ୟବହାର ହେବାକୁ ଲାଗିଲାଣି 'ଟେଫଲନ୍' ନାମକ ରସାୟନର ଲେପଦିଆ ଏବଂ ରାନ୍ଧିବା ବେଳେ ଖାଦ୍ୟ ଲାଗୁ ନଥିବା 'ନନ୍‌ଷ୍ଟିକ୍ ବାସନ। ଏଥିସହିତ ଅଗ୍ନି ନିରୋଧକ ରସାୟନଯୁକ୍ତ ପ୍ଲାଷ୍ଟିକ୍ ବାସନକୁ ମଧ୍ୟ ମାଇକ୍ରୋୱେଭ୍ ଚୁଲ୍ଲୀ ବା ବିଦ୍ୟୁତ୍ ଚାଳିତ ହିଟରରେ ରାନ୍ଧିବା ପାଇଁ ବ୍ୟବହାର କରାଯାଉଛି। ଡାକ୍ତରମାନେ ଏବେ କହିଲେଣି ଯେ ଏହି ଶେଷୋକ୍ତ ତିନୋଟି, ଅର୍ଥାତ୍ ଆଲୁମିନିୟମ, ଟେଫ୍ଲନ୍ ଏବଂ ପ୍ଲାଷ୍ଟିକ ବାସନରୁ ଉଚ୍ଚତାପରେ ବିଷାକ୍ତ ରସାୟନମାନ ନିର୍ଗତ ହୁଏ, ଯାହାକି କର୍କଟ ସମେତ ଅନ୍ୟାନ୍ୟ ବିବିଧ ରୋଗର କାରଣ ହୋଇପାରେ। ସେହି ଡାକ୍ତରମାନଙ୍କ ମଧ୍ୟରୁ ଅନ୍ୟତମ ହେଲେ ନୂଆଦିଲ୍ଲୀ ସ୍ଥିତ 'କ୍ୟାନସର ହିଲର୍ ସେଣ୍ଟର'ର ନିର୍ଦ୍ଦେଶକ ତଥା ସୁପ୍ରସିଦ୍ଧ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ତରଙ୍ଗ କ୍ରିଷ୍ଣା। ବିଗତ ଅଗଷ୍ଟ ମାସ ୧୯ ତାରିଖ (୨୦୨୫) ଦିନ ଏକ ସାକ୍ଷାତକାରରେ ସେ ଏଥିସମ୍ପର୍କରେ ନିମ୍ନୋକ୍ତ ସୂଚନାମାନ ଦେଇଛନ୍ତି।

**ଆଲୁମିନିୟମ୍-** ଏଥିରେ ରୋଷେଇ କଲେ ତହିଁରୁ କିଛିମାତ୍ରାରେ ଧାତୁ ନିର୍ଗତ ହୋଇ ଖାଦ୍ୟରେ ମିଶିଥାଏ। ସମୟକ୍ରମେ ଶରୀର ମଧ୍ୟରେ ଏହାର ମାତ୍ରା ବଢ଼ିବଢ଼ି ଥିଲେ। ତାହା ଜୀବକୋଷ ସ୍ତରରେ କେତେକ ପରିବର୍ତ୍ତନ ଆଣେ, ଯାହାକି କର୍କଟରୋଗର କାରଣ ହୁଏ। ଏହାବ୍ୟତୀତ ତାହା ହଜମକ୍ରିୟା ଜନିତ, ଚର୍ମରୋଗ ଏବଂ ବୃକ୍କ ଉପରେ ଚାପ ଏବଂ ବିବିଧ ସ୍ନାୟବିକ ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ। ଏଣୁ ଆଲଝିମରସ୍, ଦୁଶ୍ଚିନ୍ତା, ସ୍ମୃତିହୀନତା ଆଦି ମାନସିକ ରୋଗ ଦେଖାଯାଏ। ଏହାର ଅନ୍ୟଏକ ଅତ୍ୟନ୍ତ କ୍ଷତିକାରକ ପ୍ରଭାବ ହେଲା ବୃକ୍କର ସାଧାରଣ କ୍ରିୟାକଳାପରେ ବାଧାସୃଷ୍ଟି। ଯେତେ ଅଧିକ ଉଚ୍ଚ ତାପରେ ରନ୍ଧା ଯାଏ ଏ ବିପଦ ସେତେ ଅଧିକ ହୁଏ।

**ଟେଫଲନ୍-** ଏହା ହେଲା 'ପଲିଟେଟ୍ରା ଫ୍ଲୋରାଇଡ୍ଇଥିଲିନି' ନାମକ ଏକ କୃତ୍ରିମ ପଲିମରର ବ୍ୟବସାୟିକ ନାମ। ଆଗେ ଏହାର ପ୍ରସ୍ତୁତିରେ ବ୍ୟବହାର କରାଯାଉଥିଲା ପରଫ୍ଲୋରାଅକ୍ଟାନୋଇକ୍ ଏସିଡ୍। ଏହା କର୍କଟରୋଗ ସୃଷ୍ଟିକାରୀ। ଏବେ ଏହା ବଦଳରେ ବ୍ୟବହାର କରାଯାଉଛି 'ପଲିଫ୍ଲୋରୋ ଏସିଟିଲ୍ ସବ୍‌ଷ୍ଟାନସ୍' ବା ପିଏଫ୍ଏଏସ୍। ତଥାପି ପିଏଫ୍ଏଏସ୍‌ର ସ୍ୱାସ୍ଥ୍ୟ ଉପରେ ଦୀର୍ଘକାଳୀନ ପ୍ରଭାବର ତଥାପି ଅଧ୍ୟୟନ ଚାଲିଛି। ସାଧାରଣତଃ ଉଚ୍ଚତାପରେ (୨୬୦ ଡିଗ୍ରୀ ସେଲ୍ସିୟସ୍‌ରୁ ଅଧିକ) ରନ୍ଧନ କଲେ ଏ ବାସନରୁ 'ଟେଫଲନ୍' ନାମକ ରସାୟନ ନିର୍ଗତ ହୁଏ। ସେଗୁଡ଼ିକ ବିଭିନ୍ନ ରୋଗର କାରଣ ହୁଅନ୍ତି। ତହିଁରୁ ନିର୍ଗତ ଧୂଆଁ ଜ୍ୱରର କାରଣ ହୋଇପାରେ। ଏଭଳି ବାସନକୁ ଇସ୍ପାତ କିମ୍ବା ଆଲୁମିନିୟମ ବ୍ରସରେ ସଫାକଲେ ନାନାଦି ରସାୟନର କ୍ଷରଣ ହୁଏ।

**ପ୍ଲାଷ୍ଟିକ-** ପ୍ଲାଷ୍ଟିକ ବାସନକୁ ଆମେ ଯେତେଶୀଘ୍ର ଫିଙ୍ଗିଦେବା ତାହା ସେତେ ମଙ୍ଗଳକର। ବିଶେଷକରି ମାଇକ୍ରୋୱେଭ ବା ବିଦ୍ୟୁତ୍ ହିଟରରେ ରନ୍ଧନ କାର୍ଯ୍ୟରେ ବ୍ୟବହାର କରାଯାଉଥିବା ଏହିସବୁ ତାପରୋଧକ ପ୍ଲାଷ୍ଟିକରେ ଥାଏ କର୍କଟରୋଗ ସୃଷ୍ଟିକାରୀ ବିସ୍‌ଫିନଲ୍ ଏ ଓ ଆଲେଟ୍‌ସ। ତାପମାତ୍ରା ଅଧିକ ହେଲେ ସେହି ରାସାୟନିକ ପଦାର୍ଥ ବାସନରୁ ନିର୍ଗତ ହୋଇ ଖାଦ୍ୟରେ ମିଶେ। ଏହା ଅନ୍ତଃସ୍ରାବୀଗ୍ରନ୍ଥି, ପ୍ରଜନନ ଓ ସ୍ନାୟବିକ ଅବସ୍ଥାକୁ କ୍ଷତି ପହଞ୍ଚାଏ ଏବଂ ନାନାଦି କର୍କଟରୋଗର ଆଶଙ୍କା ବୃଦ୍ଧି କରେ। ତହିଁରୁ ନିର୍ଗତ ପ୍ଲାଷ୍ଟିକକଣିକା ଅଧିକାଂଶ ଅଙ୍ଗ ଉପରେ କୁପ୍ରଭାବ ପକାଇଥାଏ।

**କେଉଁ ବାସନ ନିରାପଦ-** ପିତ୍ତଳ, ଲୁହା ଓ ଇସ୍ପାତ ବାସନ ଅପେକ୍ଷାକୃତ ନିରାପଦ ବୋଲି କହନ୍ତି ଡକ୍ଟର କ୍ରିଷ୍ଣା। ଏଗୁଡ଼ିକ ଥିଲା ଆମ ପାରମ୍ପରିକ ବାସନ। ଏହାବ୍ୟତୀତ ମାଟି ବାସନର ବ୍ୟବହାର ମଧ୍ୟ ଏକ ଉତ୍ତମ ବିକଳ୍ପ। ତେବେ ପ୍ରଥମେ ତାହାକୁ ପରୀକ୍ଷା କରି ସେଥିରେ ସୀସା କିମ୍ବା ସେହି ଅନୁରୂପ କ୍ଷତିକାରକ ତତ୍ତ୍ୱ ଅଛିକି ନାହିଁ ତାହା ନିଶ୍ଚିତ କରିବା ଦରକାର। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯ ୯୩୭୩୦୧୪୬୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆୟୁର୍ବେଦିକ ମେଡିକାଲ ଅଫିସର୍ ନିଯୁକ୍ତି ପ୍ରସଙ୍ଗରେ ଅଦାଲତଙ୍କ ଆଦେଶ ଅବମାନନା

# ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବଙ୍କୁ ହାଇକୋର୍ଟଙ୍କ ନୋଟିସ

କଟକ,୧୫।୯(ସମିସ): ଆୟୁର୍ବେଦିକ ମେଡିକାଲ ଅଫିସର୍ ନିଯୁକ୍ତି ପ୍ରସଙ୍ଗରେ ଅଦାଲତଙ୍କ ଆଦେଶ ଅବମାନନା ଅଭିଯୋଗରେ ରୁଜୁ ମାମଲାର ଆଜି ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ପ୍ରସଙ୍ଗରେ ପ୍ରତିପକ୍ଷ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି। ଡା. ଲୋପାମୁଦ୍ରା ନନ୍ଦ ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଅଦାଲତ ଅବମାନନା ମାମଲାର ଶୁଣାଣି କରି ଜଷ୍ଟିସ୍ ଏମ୍.ଏସ. ରମଣ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ, ୧୧୦ଟି ଆୟୁର୍ବେଦିକ ମେଡିକାଲ ଅଫିସର ନିଯୁକ୍ତି ପ୍ରସଙ୍ଗରେ ଆବେଦନକାରୀମାନଙ୍କ ଦାବି ପୁନର୍ବିଚାର କରିବାକୁ ମୂଳ ମାମଲାରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଗତ ୧୨.୧୧.୨୦୨୪ ରେ ମାମଲା ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ରଖାଯାଇଥିଲା। ୨୦୨୫ ଜାନୁଆରି ୪ରେ ଏ ସଂକ୍ରାନ୍ତରେ ଆବେଦନକାରୀମାନେ ସ୍ୱାସ୍ଥ୍ୟ ସଚିବଙ୍କୁ ୨୦୨୫ ଜାନୁଆରି ୪ରେ ଅବଗତ କରିବା ସହ ୨୨ଟି ପଦବୀକୁ ରାୟ ଆସିବା ଯାଏଁ ଖାଲି ରଖିବାକୁ ନିବେଦନ କରିଥିଲେ। ୨୦୨୫ ଜାନୁଆରି ୨୭ରେ ରାୟ ପ୍ରକାଶ କରାଯାଇଥିଲା। ହେଲେ, ରାୟ ଆସିବା ପୂର୍ବରୁ ୧୧୦ ଜଣ ଏମ୍.ଓ (ଆୟୁର୍ବେଦ) ପଦବୀରେ ନିଯୁକ୍ତି ପାଇଁ କାଉନସେଲିଂ ପାଇଁ ପ୍ରାର୍ଥୀଙ୍କୁ ଡକାଯାଇଥିଲା। ହାଇକୋର୍ଟଙ୍କ ରାୟ ଆସିବା ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗର ଏତାଦୃଶ ନିଷ୍ପତ୍ତି ଅଦାଲତଙ୍କ ଆଦେଶର ଅବମାନନା ଦର୍ଶାଇ ୨୨ଜଣ ଆବେଦନକାରୀ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର୧୭କୁ ଧାର୍ଯ୍ୟ କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନେପାଳରେ ଟେଣ୍ଟ...

ଶୁଣାଣି ସ୍ଥଗିତ ରଖାଯାଇଛି। ଆବେଦନକାରୀଙ୍କୁ ବର୍ତ୍ତମାନ ଅତିରିକ୍ତ ତାରିଖ ଦିଆଯାଉଛି। ନେପାଳ ଓକିଲ ସଂଘ ସଭାପତି ବିଜୟ ପ୍ରସାଦ ମିଶ୍ର ସ୍ପଷ୍ଟ କରିଛନ୍ତି ଯେ ଏପରି ପରିସ୍ଥିତିରେ କୋର୍ଟ ପୂର୍ଣ୍ଣ କ୍ଷମତାରେ କାମ କରିପାରିବ ନାହିଁ। ପରିସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେବା ପରେ ସମ୍ପୂର୍ଣ୍ଣ ଭାବରେ କାମ ଆରମ୍ଭ ହେବ।

### ୩ ମିନିଟ୍‌ରେ...

ପାଣି ଢାଳିଲେ ବି ଏହା ଛାଡ଼େ ନାହିଁ। ଏହି ଜ୍ଞାନକୌଶଳର ନକଲ କରି ହାଡ଼ ଯୋଡ଼ିବା ପାଇଁ ଏହି ଗ୍ଲୋ ପ୍ରସ୍ତୁତ କରାଯାଇଛି। ଭଙ୍ଗା ହାଡ଼ରେ ଇଞ୍ଜେକ୍ସନ ମାଧ୍ୟମରେ ଏହି ଗ୍ଲୋ ଦିଆଯାଇଥାଏ। ଏହା ଭାଙ୍ଗି ଯାଇଥିବା ଅଂଶକୁ ମଜବୁତ କରି ରଖିଥାଏ। ଏହା ସବୁ ପ୍ରକାରର ଭଙ୍ଗା ହାଡ଼କୁ ଠିକ କରିପାରିବ। ଏହା ହାଡ଼ ଯୋଡିହେବା ପ୍ରକ୍ରିୟା ଆପେ ଆପେ ହୋଇଯାଇଥାଏ। ୧୫୦ ରୋଗୀଙ୍କ ଉପରେ ଏହାର ସଫଳ ପରୀକ୍ଷଣ କରାଯାଇଛି।

### ୱାକଫ୍ ଆଇନରେ...

ମାନ୍ୟବର ଖଣ୍ଡପୀଠ କହିଛନ୍ତି ଯେ ରାଜ୍ୟ ସରକାର ଏଭଳି ସର୍ତ୍ତ ସଂପର୍କରେ ନିୟମ ନକରିବା ପର୍ଯ୍ୟନ୍ତ କେନ୍ଦ୍ରୀୟ ଆଇନ ଯୁକ୍ତିଯୁକ୍ତ ନୁହେଁ। ୱାକଫ ବୋର୍ଡରେ ଅଣମୁସଲିମ ସଭ୍ୟଙ୍କ ପାଇଁ ସଂରକ୍ଷଣ ସଂପର୍କରେ କୋର୍ଟ କହିଛନ୍ତି ଯେ ରାଜ୍ୟ ୱାକଫ ବୋର୍ଡରେ ତିନିରୁ ଅଧିକ ଅଣମୁସଲିମ ସଭ୍ୟ ରହିପାରିବେ ନାହିଁ। ସେହିଭଳି କେନ୍ଦ୍ରୀୟ ୱାକଫ୍ ବୋର୍ଡରେ ୪ରୁ ଅଧିକ ଅଣମୁସଲିମ ସଭ୍ୟ ରହିପାରିବେ ନାହିଁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇ ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ବୋର୍ଡର ମୁଖ୍ୟ ନିର୍ବାହୀ ଅଧିକାରୀ (ସିଇଓ) ମୁସଲିମ ସମୁଦାୟରୁ ହେବା ଉଚିତ।

ଏହାସହିତ କୋର୍ଟ ୱାକଫ୍ ସଂପତ୍ତିର ପଞ୍ଜୀକରଣ ଉପରେ ରୋକ୍ ଲଗାଇବାକୁ ମନା କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି ଯେ ପୁରୁଣା ଆଇନରେ ଏହି ବ୍ୟବସ୍ଥା ରହିଛି। କୋର୍ଟ କହି।ଲେ ଯେ ସଂଶୋଧିକ ୱାକଫ୍ ଆଇନର ତର୍ଜମା କରାଯାଇଛି। ଯାହା ଜଣାପଡୁଛି, ଏଥିରେ ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ ହୋଇନାହିଁ। ତେଣୁ ଆଇନ ଉପରେ ସାମଗ୍ରିକ ରୋକ୍ ଲଗାଇବା ଜରୁରି ନୁହେଁ। କେବଳ ବିରଳରୁ ବିରଳ ମାମଲାରେ ହିଁ ରୋକ୍ ଲଗାଯାଇପାରିବ।

ସୂଚନାଯୋଗ୍ୟ ଯେ ୱାକଫ୍ ଆଇନରେ ବ୍ୟାପକ ସଂଶୋଧନ କରି କେନ୍ଦ୍ର ସରକାର ଗତ ଏପ୍ରିଲ ୮ ତାରିଖରେ ବିଜ୍ଞପ୍ତି ଜାରି କରିଥିଲେ। ବିଭିନ୍ନ ମୁସଲିମ ସଂଗଠନ ଏହାକୁ ସୁପ୍ରିମ କୋର୍ଟରେ ଚାଲେଞ୍ଜ କରିଥିଲେ। ଏହାକୁ ମୁସଲିମ ବିରୋଧୀ ବୋଲି ଯୁକ୍ତି କରି ସେମାନେ ଏହା ଉପରେ ରୋକ ଲଗାଇବାକୁ ଦାବି କରିଥିଲେ। ମାମଲାର ଶୁଣାଣି କରି ମଇ ୨୨ ତାରିଖରେ ମାନ୍ୟବର ସୁପ୍ରିମ କୋର୍ଟ ରାୟ ସଂରକ୍ଷିତ ରଖିଥିଲେ।

### ପ୍ରେମିକକୁ ଗଛରେ...

ହୋଇଥିଲେ ମଧ୍ୟ ସେମାନେ କିଛି ଶୁଣି ନ ଥିଲେ। ପ୍ରାୟ ଅଧଘଣ୍ଟା ଧରି ୪ ଯୁବକ ପାଶବିକ ଅତ୍ୟାଚାର କରିଥିଲେ। ଏହାପରେ ଯୁବକମାନେ ସେଠାରୁ ପଳାଇ ଯାଇଥିଲେ। ପରେ ପ୍ରେମୀଯୁଗଳ ବାଲିହରଚଣ୍ଡୀ ପୀଠକୁ ଆସି ଏ ବାବଦରେ ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ। ଖବର ପାଇ ସଦର ଏସ୍‌ଡିପିଓ ରବିନାରାୟଣ ଭଞ୍ଜ, ସ୍ୱେଶାଲ ସ୍କ୍ୱାଡ୍, ବ୍ରହ୍ମଗିରି ଓ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ କରିଥିଲେ। ଅଭିଯୁକ୍ତଙ୍କ ମଧ୍ୟରୁ ପୁଲିସ ୩ଜଣଙ୍କୁ କାବୁ କରିଥିବା ବେଳେ ଅନ୍ୟ ଜଣେ ଯୁବକ ଫେରାର୍ ହୋଇଯାଇଛି। ତେବେ ଲୋକଲଜ୍ଜା ଭୟରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଶୁଣିବାକୁ ମିଳୁଛି। ପୁଲିସ ମଧ୍ୟ ଯଥାସମ୍ଭବ ଏହାକୁ ଚାପିଦେବାକୁ ଉଦ୍ୟମ କରୁଛି।

ଗଣମାଧ୍ୟମକୁ ଏ ସଂପର୍କରେ କୌଣସି ସୂଚନା ଦିଆଯାଉନାହିଁ।

ଅପରପକ୍ଷେ, ସୋମବାର ଗଣମାଧ୍ୟମ ପ୍ରତିନିଧିମାନେ ପୀଡ଼ିତାଙ୍କ ଘରକୁ ଯାଇଥିଲେ। କିନ୍ତୁ ତାଙ୍କ ଘର ତାଲା ପଡ଼ିଥିବା ଦେଖିବାକୁ ପାଇଥିଲେ। ସେହିପରି ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର ଏବଂ ସଦର ଏସ୍‌ଡିପିଓ ପ୍ରାୟ ୨ ଘଣ୍ଟା ଧରି ବ୍ରହ୍ମଗିରି ଥାନା ଭିତରେ ରୁଦ୍ଧଦ୍ୱାର ଆଲୋଚନା କରିଥିଲେ। ବାହାରେ ଗଣମାଧ୍ୟମ ପ୍ରତିନିଧିମାନେ ଜଗି ରହିଥିଲେ। ବୈଠକ ପରେ ଉଭୟଙ୍କୁ ପ୍ରଶ୍ନ କରିବାରୁ ସେମିତି କିଛି ଅଭିଯୋଗ ହୋଇନାହିଁ କହି ପ୍ରସଙ୍ଗକୁ ଏଡ଼ାଇ ଦେବାକୁ ଚେଷ୍ଟା କରିଥିଲେ।

### ସାର ଅଭାବକୁ...

ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି।

ରାଜଭବନ ସାମ୍ନାରେ ଏହି ଗଣଧାରଣାରେ ହଜାର ହଜାର ଚାଷୀଙ୍କ ସମେତ ବିଜୁ ଜନତା ଦଳର ନେତା ଓ କର୍ମୀମାନେ ଯୋଗ ଦେଇଥିଲେ। ଦଳର ବରିଷ୍ଠ ନେତାମାନେ, ଖରିଫ ଚାଷ ପାଇଁ ଚାଷୀମାନେ କିପରି ହନ୍ତସନ୍ତ ହେଉଛନ୍ତି ଓ ରାଜ୍ୟ ସରକାର ସାର ଯୋଗାଇବାରେ, ସାରର କଳାବଜାରୀ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଥିଲେ। ସାର ବ୍ୟାଗ୍ର ମୂଲ୍ୟ ୨୪୨ ଟଙ୍କା ରହିଥିବା ବେଳେ, ଏହା ବଜାରରେ ୮୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି ହେଉଛି । ଗତ ଦୁଇ ଦଶନ୍ଧିରେ ରାଜ୍ୟର କୃଷକ ମାନେ ସାରର ଅଭାବକୁ ନେଇ ଏଭଳି ଅଭାବନୀୟ ପରିସ୍ଥିତି ରାଜ୍ୟରେ କେବେବି ସୃଷ୍ଟି ହୋଇନଥିଲା । ସାରର ଅଭାବ ଦେଖା ଦେବା ପରେ ତୁରନ୍ତ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀଙ୍କୁ ଚିଠି ଲେଖି ଓଡ଼ିଶାକୁ ପର୍ଯ୍ୟାପ୍ତ ସାର ଯୋଗାଇ ଦେବା ପାଇଁ ଅନୁରୋଧ କଲେ। କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ । ସାର ସ୍ଥିତିକୁ ମୁଖ୍ୟମନ୍ତ୍ରୀ ଦୁଇ ଦୁଇ ଥର ସମୀକ୍ଷା କଲେଣି। ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ସାର ମହଜୁଦ ଥିବା ରାଜ୍ୟ ସରକାର ଦାବି କରୁଛନ୍ତି, ହେଲେ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାରେ ସାର ନପାଇ କୃଷକମାନେ ରାଜରାସ୍ତାକୁ ଓହ୍ଲାଉଥିବା ଖବର ଗଣମାଧ୍ୟମରେ ପ୍ରକାଶ ପାଉଛି। ରାଜ୍ୟରେ ଖରିଫ ଧାନ ଉତ୍ପାଦନ ଅଧିକ ହେଲେ ରାଜ୍ୟ ସରକାରଙ୍କୁ ଅଧିକ ବୋନସ ଦେବାକୁ ପଡିବ। ସେଥିପାଇଁ ରାଜ୍ୟ ସରକାର ଖରିଫ ଉତ୍ପାଦନକୁ କମ୍ କରିବା ପାଇଁ ସାର ଅଭାବର ଷଡ଼ଯନ୍ତ୍ର କରିଛନ୍ତି ବୋଲି ବିଜେଡି ନେତାମାନେ ଅଭିଯୋଗ କରିଛନ୍ତି।

ସଭା ଶେଷ ହେବା ପରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ରାଜଭବନ ଭିତରକୁ ଯାଇ ସାରର ଅଭାବକୁ ନେଇ ଉପୁଜିଥିବା ସ୍ଥିତି ଉପରେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବରିଷ୍ଠ ନେତା ତଥା କୃଷକ ସେଲର ଆବାହକ ପ୍ରସନ୍ନ ଆଚାର୍ଯ୍ୟ ଓ ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ରାଜ୍ୟପାଳଙ୍କୁ ସାର ଅଭାବ ଯୋଗୁଁ ସୃଷ୍ଟି ହୋଇଥିବା ସମସ୍ୟା ଉପରେ ଅବଗତ କରାଇଥିଲେ। ସ୍ମାରକପତ୍ରରେ ରାଜ୍ୟରେ ସାର ଯୋଗାଣ କିପରି ବ୍ୟବସ୍ଥିତ ହୋଇପାରିବ, ସେଥିପାଇଁ ରାଜ୍ୟପାଳ ମହୋଦୟଙ୍କ ହସ୍ତକ୍ଷେପ ଲୋଡ଼ିଛି ବିଜେଡି। ରାଜ୍ୟପାଳଙ୍କ ନିକଟକୁ ଯାଇଥିବା ପ୍ରତିନିଧି ମଣ୍ଡଳୀରେ ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ଦେବୀ ପ୍ରସାଦ ମିଶ୍ର, ପ୍ରଦୀପ ଅମାତ, ସଞ୍ଜୟ କୁମାର ଦାସବର୍ମା, ପ୍ରତାପ କେଶରୀ ଦେବ, ପ୍ରତାପ ଜେନା, ପ୍ରଫୁଲ୍ଲ ସାମଲ, ଚନ୍ଦ୍ରଶେଖର ସାହୁ, ଅତନୁ ସବ୍ୟସାଚୀ ନାୟକ, ପ୍ରୀତିରଞ୍ଜନ ଘଡାଇ, ବ୍ୟୋମକେଶ ରାୟ, ଧ୍ରୁବ ଚରଣ ସାହୁ, ସୁଦାମ ମାରାଣ୍ଡି, ପ୍ରଣବ ବଳବନ୍ତରାୟ, ଡ. ଅମର ପଟ୍ଟନାୟକ, ପ୍ରଶାନ୍ତ ମୁଦୁଲି, ସୁଲତା ଦେଓ, ସୁଭାଶିଷ ଖୁଣ୍ଟିଆ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ପ୍ରଦୀପ ସାହୁ, ଗୌତମବୁଦ୍ଧ ଦାସ, ଦେବୀ ରଞ୍ଜନ ତ୍ରିପାଠୀ, ଗଣେଶ୍ୱର ବେହେରା, ସୌଭିକ ବିଶ୍ୱାଳ, ସୁନିଲ ମହାନ୍ତି, ସୁଦର୍ଶନ ହରିପାଲ, ସୁଜାତା ସାହୁ, ବିଜୟ ନାୟକ, ରାଜେନ୍ଦ୍ର ସାହୁ, ମନ୍ମଥ ରାଉତରାୟ, ଚିନ୍ମୟ ସାହୁ, ଇପ୍ସିତା ସାହୁ, ରମାକାନ୍ତ ଭୋଇ, ନୃସିଂହ ସାହୁ, ପ୍ରଫୁଲ୍ଲ ସିଂ, ବିକ୍ରମ ପଣ୍ଡା, ଜଗନ୍ନାଥ ସାରକା, ଭୃଗୁ ବକ୍ସିପାତ୍ର, ମହେଶ ସାହୁ, ଡ. ଲେଖାଶ୍ରୀ ସାମନ୍ତସିଂହାର, ଲତିକା ପ୍ରଧାନ, ରଞ୍ଜିତା ସାହୁ, ରମେଶ ଚନ୍ଦ୍ର ଚାଉପଟ୍ଟନାୟକ, ପଦ୍ମନାଭ ବେହେରା, ପ୍ରଦୀପ ମାଝୀ, ସୁଧୀର ସାମଲ, ରୁଦ୍ର ମହାରଥୀ, ଉମାକାନ୍ତ ସାମନ୍ତରାୟ, ଅମରେଶ ପତ୍ରି, ସଞ୍ଜିତ ମହାନ୍ତି, ସୁକାନ୍ତ ନାୟକ, ସ୍ୱରୂପ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ସନ୍ଦୀପ ଷଡଙ୍ଗୀ, କୈଳାଶ ପାତ୍ର, ସୁବ୍ରତ ଛାଟୋଇ ପ୍ରମୁଖ ସାମିଲ ଥିଲେ।

### ଶବରେ ପଶିଲା...

କର୍ମଚାରୀ ମିଶି ସଦର ମୁଖ୍ୟ ଚିକିତ୍ସାଳୟରେ ପି. ଲକ୍ଷ୍ମୀଙ୍କୁ ଭର୍ତ୍ତି କରାଇଛନ୍ତି। ତାଙ୍କର ଚିକିତ୍ସା ଚାଲିଛି। ସ୍ୱର୍ଗଦ୍ୱାରରେ ତାଙ୍କ ମା'ଙ୍କ ଜୀବନ ଫେରିଛି। ଏହା ଏକ ଚମତ୍କାର ବୋଲି ପରିବାର ସଦସ୍ୟ କହି ଖୁସିବ୍ୟକ୍ତ କରିଛନ୍ତି। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ସ୍ୱର୍ଗଦ୍ୱାରର ସ୍ୱେଚ୍ଛାସେବୀ ବ୍ରଜକିଶୋର ସାହୁ କହିଛନ୍ତି, ପ୍ରତିଦିନ ୮୦ରୁ ୯୦ ଶବଦାହ ପାଇଁ ଆସୁଛି। ଆମେ ୩ଟି କାଗଜପତ୍ର ରଖୁଛୁ। ମୃତକ ଏବଂ ତାଙ୍କ ସମ୍ପର୍କୀୟଙ୍କ ଆଧାରକାର୍ଡ ଏବଂ ମୃତ୍ୟୁ ପ୍ରମାଣପତ୍ର। ପି.ଲକ୍ଷ୍ମୀ ପହଞ୍ଚିବା ପରେ ଆମେ ଆବଶ୍ୟକ କାଗଜପତ୍ର ମାଗିଥିଲୁ। କିନ୍ତୁ ତାଙ୍କ ପାଖରେ ମୃତ୍ୟୁ ପ୍ରମାଣପତ୍ର ନ ଥିଲା। ଏହାପରେ ସ୍ଥାନୀୟ ସରପଞ୍ଚଙ୍କ ସହ ଯୋଗାଯୋଗ କରାଯାଇଥିଲା। ମୃତ୍ୟୁ ପ୍ରମାଣପତ୍ର ଦେବା ପାଇଁ କୁହାଯାଇଥିଲା। ଏହାରି ଭିତରେ ଜଣେ କର୍ମଚାରୀ ତାଙ୍କ ପାଖକୁ ଯାଇ ଦେଖିଲା ବେଳକୁ ତାଙ୍କର ନିଃଶ୍ୱାସପ୍ରଶ୍ୱାସ ଚାଲିଥିଲା। ସଙ୍ଗେସଙ୍ଗେ ତାଙ୍କୁ ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲୁ। ତାଙ୍କ ପରିବାର ସଦସ୍ୟ ବି ଏଠାରେ ରହିଛନ୍ତି ବୋଲି କହିଛନ୍ତି ବ୍ରଜକିଶୋର।

### ବାଇଶିପାହାଚରେ ଟଳିପଡ଼ିଲେ...

କରିଥିଲେ। ଏବେ ଚାଲିଛି ଅପରପକ୍ଷ। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ତର୍ପଣ ସହ ପିଣ୍ଡଦାନ କରୁଛନ୍ତି ଲୋକେ। ପିତୃପୁରୁଷଙ୍କୁ ପିଣ୍ଡଦାନ ପାଇଁ ପରିବାର ସଦସ୍ୟଙ୍କ ସହିତ ଆସିଥିଲେ ମନ୍ଦାକିନୀ। ସେମାନେ ପିଣ୍ଡଦାନ କର୍ମ ସାରିବା ପରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଅପରାହ୍ଣରେ ମନ୍ଦିରକୁ ଯାଉଥିଲେ। ବାଇଶିପାହାଚ ଚଢ଼ି ଯିବା ବେଳେ ହଠାତ୍ ଅଚେତ୍ ହୋଇ ପଡ଼ି ଯାଇଥିଲେ। ଏହାଦେଖି ପରିବାର ସଦସ୍ୟ ତାଙ୍କୁ ସଙ୍ଗେସଙ୍ଗେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ପୁଲିସ କହିଛି।

### ୨୮ ହଜାର ଲିଟର...

୮ରୁ ୧୦ ଲକ୍ଷ ଟଙ୍କା ମଧ୍ୟରେ ହେବ ବୋଲି ଅନୁମାନ କରାଯାଉଛି।

ସୂଚନାଯୋଗ୍ୟ ଯେ କୁଷ୍ମଙ୍ଗି ଜାତୀୟ ରାଜପଥ କଡ଼ରେ ଥିବା ଏକ ଢାବା ପଛପଟେ ଗତ ୯ ତାରିଖ ରାତିରେ କ୍ଷୀର ଅପମିଶ୍ରଣ କାରବାର ଚାଲିଥିଲା। ଏ ସମ୍ପର୍କରେ ଗୁରୁଡିଝାଟିଆ ଥାନା ପୁଲିସ ଖବର ପାଇ ଅତର୍କିତ ଭାବେ ଘଟଣାସ୍ଥଳରେ ପହଞ୍ଚି ଚଢ଼ଉ କରିଥିଲା। ଅପମିଶ୍ରିତ କ୍ଷୀର ବୋଝେଇ ଟ୍ୟାଙ୍କରକୁ ପୁଲିସ ଜବତ କରିବା ସହ ଏକ ଟାଟା ଏସି ଗାଡ଼ିରେ ରହିଥିବା ୫ଟି ରାସାୟନିକ ପଦାର୍ଥ ମିଶା କ୍ଷୀର ଜାର ଜବତ କରିଥିଲା। ପୁଲିସକୁ ଦେଖି ନକଲି କ୍ଷୀର ଅପମିଶ୍ରଣକାରୀମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। କେବଳ କ୍ଷୀର ବୋଝେଇ ଟ୍ୟାଙ୍କର ଚାଳକକୁ ପୁଲିସ ମାଡ଼ି ବସିଥିଲା। ଜବତ ଟ୍ୟାଙ୍କରରେ ପ୍ରାୟ ୨୮ ହଜାର ଲିଟର ଅପମିଶ୍ରଣ କ୍ଷୀର ରହିଥିବା ଜଣାପଡ଼ିଥିଲା। ଏହି ଘଟଣାରେ ଡ୍ରାଇଭରକୁ ପଚରାଉଚରା କରି ପୁଲିସ ବହୁ ଚାଞ୍ଚଲ୍ୟକର ତଥ୍ୟ ହାସଲ କରିଥିଲା। ସୁଗଠିତ ରାକେଟ୍ ଦ୍ୱାରା କ୍ଷୀର ଅପମିଶ୍ରିତ କାରବାର ଦୀର୍ଘ ଦିନ ଧରି ଚାଲିଥିବା ପୁଲିସ ପ୍ରାଥମିକ ତଦନ୍ତରୁ ପ୍ରମାଣ ପାଇଥିଲା। ଜବତ କ୍ଷୀର ବୋଝେଇ ଟ୍ୟାଙ୍କରଟି ସମ୍ବଲପୁର ଜିଲ୍ଲାରୁ କଟକ ଅଭିମୁଖେ ଆସୁଥିବା ବେଳେ ବାଟରେ ଗୁରୁଡିଝାଟିଆ ଥାନା ଅଞ୍ଚଳ କୁଷ୍ମଙ୍ଗି ନିକଟସ୍ଥ ୫୫ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ହୋଟେଲ ପଛପଟେ ଅପମିଶ୍ରଣ ହେଉଥିଲା। ମେସିନ୍ ଦ୍ୱାରା କ୍ଷୀର ଗାଡ଼ି ମଧ୍ୟରେ ପାଣି ଲୋଡ କରି କ୍ଷୀରକୁ ବାହାର କରି ସେଥିରେ ଲୁଣ, ପାଉଡର୍ ଓ ଏକ କେମିକାଲ ଅପମିଶ୍ରିତ କରି ଦିଆଯାଉଥିଲା। ଏ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ପୁଲିସକୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ଉଠିଛି।

ପ୍ରକାଶଥାଉ କି, ଗତ ୧୨ତାରିଖ ଦିନ ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଅଭିଯୁକ୍ତ ପଶ୍ଚିମବଙ୍ଗ ଅଞ୍ଚଳର ସୁଧିର ତିୱାରୀ ଏବଂ ଚୌଦ୍ୱାର ଥାନା ଅଞ୍ଚଳର ପ୍ରକାଶ ଖୁଣ୍ଟିଆଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଅପମିଶ୍ରିତ କ୍ଷୀର କାରବାର ସର୍ମ୍ପକରେ ପୁଲିସ ଅଧିକ ଖୋଳତାଡ଼ ଜାରି ରଖିଛି। ଅପମିଶ୍ରିତ କ୍ଷୀର ରାଜ୍ୟ ବାହାରକୁ ଚାଲାଣ କରାଯାଉଥିବା ପୁଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି। ଏହି କାରବାରରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସର ଖୋଳତାଡ଼ ଜାରି ରହିଛି।


**ODISHA HYDRO POWER CORPORATION LTD.**
(A Government of Odisha Undertaking) CAD-1757
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT, At: P.O.: BARINIPUT:
DIST. KORAPUT — 764006, PHONE: (06854) 242001
FAX: - (06854) 242038, E-mail: sgmel.ukhep@gmail.com

No. OHPC: SGM: UKHEP: C & P:/ 4600 /Dated, Bariniput the 12/9/25

**NOTICE INVITING TENDER No. 27/25-26 Date. 12/09/25**

Sealed Tenders are invited in single bid basis from Vehicle Owners/Travel Agencies/individuals fulfilling the eligibility criteria as per the tender specification for the work as mentioned below:

| Sl. No. | Description of materials | Cost of tender paper (Non-Refundable) | EMD in Rs. (Refundable) |
|---|---|---|---|
| 1 | Hiring of one number of Ambulance (TATA WINGER/MAHINDRA AMBULANCE) or equivalent with A.C. for Generation Division, UKHEP, Bariniput for four (04) years i.e. 2025-26 to 2028-29. | Rs. 7080/- (Rs.6000/- + 18%GST) | Rs. 25,000/- |

Sale of tender paper : From **18/09/25** to **11:00** Hrs. of **06/10/2025**
Last date of submission of tender : Up to **12:00** Hrs. of **06/10/2025**
Date & Time of opening of tender : At **12:30** Hrs. of **06/10/2025**
For details of the tender documents, terms and conditions please visit our wsbsite www.ohpcltd.com
OIPR-04002/11/0123/2526
**Sd/- C & P Head, UKHEP, Bariniput.**



**NOTICE** (Above 18 years of age)
By Virtue of an Affidavit sworn before the Executive Magistrate, Udala, Mayurbhnaj, dated 04-09-2025 I, Sukulmani Soren, Address At- Andiatikira, Po- Dengam, Ps- Khunta, Dist- Mayurbhanj, Pin- 757104 declare that I have changed my name Srimati Sukulmani Soren to Sukulmani Soren . Henceforth I shall be known as Sukulmani Soren for all purposes.
**Sd/-Sukulmani Soren**

**AFFIDAVIT**
By virtue of an affidavit sworn before The Notary Public, Sunabeda dated 15/09/2025 I, Smt. Laxmi Hial, W/o- Late Sublan Hial, Vill.- Luhaba, Po.- Subai, Ps.- Nandapur, District- Koraput declare that I have changed my name from **Lakhmi Hial** to **Laxmi Hial**. Henceforth, I shall be known as **Laxmi Hial** for all purposes.
Sd/- **Laxmi Hial**

**AFFIDAVIT**
By virtue of an affidavit sworn before The Notary Public, Sunabeda dated 15/09/2025 I, Sri Padu Guntha, S/o- Late Dhana Guntha, Vill.- Kulab, Po.- Subai, Ps.- Similiguda, District- Koraput declare that I have changed my daughter's name from **Babnita Guntha** to **Bobita Guntha**. Her date of birth is 29/03/2017. Hence- forth, she shall be known as **Bobita Guntha** for all purposes.

**AFFIDAVIT**
I, Hawa Bibi, aged about 60 years, W/o- Shaikh Farasat, resident of At- Ajampur, PO/PS- Kakatpur, Dist- Puri, PIN- 752108, Odisha declared by this affidavit No. 1910, dtd- 14/09/2025 that now onwards I shall be known as **HAWA KHATUN** for all future purposes.

**AFFIDAVIT**
By virtue of an affidavit sworn before The Executive Magistrate, Bhubaneswar,vide CF No-39/ dated- 16/08/2025. I, **Itishree Biswal,** W/o- Dinabandhu Mohapatra, Address: At- LB-114, Stage-II, Laxmisagar, Near Lalbahadur Club, Laxmisagar, PO: Budheswari Colony, PS: Laxmisagar, Bhubaneswar, Dist: Khordha, PIN: 751002 Odisha declare that I have changed my name from **Itishree Mohapatra** To **Itishree Biswal.** Henceforth, I shall be known as **Itishree Biswal** (new name) for all future purposes.
**Itishree Biswal**

**AFFIDAVIT**
By virtue of an affidavit sworn before The Notary Public, Sunabeda dated 15/09/2025 I, Sri Ugra Sisha, Vill.- Talageruput, Po.- Malibelgaon, Ps.- Nandapur, District- Koraput declare that I have changed my name from **Ugresan Sisha** to **Ugra Sisha**. Henceforth, I shall be known as **Ugra Sisha** for all purposes.

**AFFIDAVIT**
By virtue of an Affidavit sworn before Executive Magistrate Begunia vide no. - 1336, on dated. 09.09.2025, I Maharaj Shashwata Chaitanya, C/o- Swami Brahmananda Saraswati At- Kendupalli, Po.-Mallipadar, Ps.- Begunia, Dist.- Khordha, PIN- 752061 declare that, I have changed my name from **Srikanta Swain** to **Maharaj Shashwata Chaitanya**. Henceforth, I shall be known as **Maharaj Shashwata Chaitanya** for all purpose.

**AFFIDAVIT**
By virtue of an affidavit before The Executive Magistrate, Saintala, on dated- 11/09/2025. I, **Surubali Chhatria,** formerly called as Bui Chhatria, W/o- Late Jogadhyana Chhatria, permanent resident of At- Phapsi, Po- Gandapatrapali, P.S.- Saintala, Dist.- Balangir, (Odisha), PIN- 767032, now residing at the same place affirm that I have changed my name from **Bui Chhatria** (old name) to **Surubali Chhatria** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Surubali Chhatria** (new name).
**Surubali Chhatria**

**AFFIDAVIT**
I, Kallola Mohapatra, aged about 52 years, S/o- Late Gobardhan Mohapatra, resident of At- Qr No-14/32, MIG-II, BDA Colony, Ps- Chandrasekharpur, Bhubaneswar, Dist- Khurda, Odisha, Pin- 751016, do hereby declare by this affidavit No.1906, dtd. 13/09/2025, that now onwards I shall be known as **KALLOLA KUMAR MOHAPATRA** for all future purposes

**AFFIDAVIT**
I, Tanjum Jahan A, aged about 35 years, W/o- Ayub Mohammad, resident of At- Ajampur, PO/PS- Kakatpur, Dist- Puri, PIN- 752108, Odisha declared by this affidavit No. 1912, dtd- 14/09/2025 that now onwards I shall be known as **TANJUM JAHAN** for all future purposes.

**VEHICLE FOR SALE**
TATA ACE GOLD ELECTRIC-2023 Regn No. OD-29-L-8707 in as is where is condition. Contact: M/S Sundaram Finance Limited, PARADIP BRANCH, Ph:0672-2295252 within 7 days

**VEHICLE FOR SALE**
MAHINDRA 575 DI 45 HP TRACTOR-2023 Regn No. OD-29-L-4086 in as is where is condition. Contact: M/S Sundaram Finance Limited, PARADIP BRANCH Ph:0672-2295252 within 7 days

**AFFIDAVIT**
By virtue of an affidavit before The Executive Magistrate, Titilagarh, on dated- 10/09/2025. I, **Binodini Jani** (Applicant name), aged about 28 years, W/O- Dhansingh Jani, Permanent resident of At- Turekela, PO- Jamkhunta, PS- Sindhekela, Dist- Balangir, (Odisha), PIN- 767035, now residing at the same place affirm that I have changed my minor son's name from **Minaketan Jani** (old name) to **Miniketan Jani** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Miniketan Jani** (new name).
**Binodini Jani**

**AFFIDAVIT**
By virtue of an affidavit sworn before the Notary Public, Kakatpur, Puri, dated- 10/09/2025. I, **Hedayatulah Khan,** S/o- Late Wastullah Khan, Address: Lataharan, PO: Lataharan, Ps: Kakatpur, Dist: Puri, Odisha, PIN: 752119 declare that I have changed my name from **Rajuddin To Hedayatulah Khan.** Henceforth, I shall be known as **Hedayatulah Khan** (new name) for all future purposes.

**AFFIDAVIT**
I, Ayub Mohammed, aged about 40 years, S/o- Sk Farasat, resident of At- Ajampur, PO/PS- Kakatpur, Dist- Puri, PIN- 752108, Odisha declared by this affidavit No. 1911, dtd- 14/09/2025 that now onwards I shall be known as **AYUB MOHAMMAD** for all future purposes.

**AFFIDAVIT**
I, Hansraj Jain, aged about 48 years, S/o- Dalichand Surana, resident of At- Main Road, Malkangiri, PO/PS/Dist- Malkangiri, PIN- 764045, Odisha declared by this affidavit No. 1913, dtd- 14/09/2025 that now onwards I shall be known as **HANSRAJ SURANA** for all future purposes.

**AFFIDAVIT**
I, Aditi Behera, D/o- Amit Kumar Behera, resident of LIG-72, Stage-2, Brit Colony, Nilakantha Nagar, Po/Ps- Berhampur, Dist- Ganjam, Pin- 760002, Odisha declared by this affidavit No. 83, dtd- 11/08/2025 that now onwards I shall be known as **ADITI PRIYADARSHINI** for all future purposes.

**AFFIDAVIT**
I, Ektaben Ajaykumar Yadav, aged about 33 years, W/o- Ajaykumar Yadav, resident of AT- B/7, Lower Camp, Joda West, Ps- Joda, Dist- Keonjhar, Odisha, Pin- 758034 declare by this affidavit No.1916, dtd- 15.09.2025, that now onwards I shall be known as **Dalwadi Ektaben Navnitkumar** for all future purposes.

**AFFIDAVIT**
I, Pragati Chanduka, aged about 28 years, D/o- Parash Kumar Agarwal, resident of At- Old Sadar, Thana Lane, Puri, Dist- Puri, PIN- 752001, Odisha declared by this affidavit No. 1908, dtd- 14/09/2025 that now onwards I shall be known as **PRAGATI AGARWAL** for all future purposes.

**AFFIDAVIT**
I, Rajendra Swar, S/o- Bidyadhar Suara, resident of Plot No- 1970/9861, Near Senior Citizen Club, Satya Vihar, Po.- Rasulgarh, Ps.- Mancheswar, Bhubaneswar, Dist- Khorda, Pin- 751010 Odisha declare by this affidavit CF No.133, dtd.-12/09/2025 that now onwards I shall be known as **RAJENDRA KUMAR SUARA** for all future purposes.

**AFFIDAVIT**
By virtue of an affidavit sworn before Executive Magistrate Bhubaneswar, dated- 29/07/2025, I, **Ranjita Mishra,** Address: Plot No. 63, Bhoinagar, Near Science Park, Bhubaneswar, Khurda, Pin-751022, Odisha declare that I have changed the name of my daughter from **Debasmita Mishra** to **Saloni Mishra.** Henceforth, She shall be known as **SALONI MISHRA** for all purposes.
**Ranjita Mishra**

**AFFIDAVIT**
I, Rashmita Mohapatra, aged about 45 years, W/o- Prasanta Kumar Mishra, resident of At- Ramachandrapur, Khajuria, Brahmagiri, Dist- Puri, PIN- 752011, Odisha declared by this affidavit No. 1909, dtd- 14/09/2025 that now onwards I shall be known as **RASMITA MISHRA** for all future purposes.

**AFFIDAVIT**
I, Mirza Mozibur Rahman, aged about 44 years, S/o- Mirza Mahiraj Baig, resident of At- Quazisahi (Baliorada), Ps- Purunabazar, PO/Dist- Bhadrak, Odisha declared by this affidavit No. 7149, dtd- 18/07/2025 that now onwards I shall be known as **MIRZA MOZIBUR RAHAMAN** for all future purposes.

**AFFIDAVIT**
I, Simanchala Biswal, S/o- Parasu Biswal, resident of At- Nuagada, Po-Angargaon, Dist- Ganjam, Pin- 761035, Odisha declared by this affidavit No. 733, dtd- 09/09/2025 that now onwards I shall be known as **SIMANCHAL BISWAL** for all future purposes.

**AFFIDAVIT**
By virtue of an affidavit before the Executive Magistrate, Khariar, on dated- 11/09/2025. I, **Naresh Sunani** (Applicant name), S/O- Late Maniram Sunani, Permanent resident of Village- Nandigaon, PO- Chalana, PS- Sinapali, Dist- Nuapada, (Odisha), PIN- 766108, now residing at the same place affirm that I have changed my minor son's name from **Satwik Sunani** (old name) to **Samprit Naresh Sunani** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he will be known as **Samprit Naresh Sunani** (new name).
**Naresh Sunani**

**AFFIDAVIT**
By virtue of an affidavit sworn before the Notary Public, Cuttack, dated- 11/09/2025. I, **Sk Safiquddin Tarafdar,** S/o- Sk Sakur Tarafdar, Address: VTC- Sanakadab, PO: Kadab, Sub-District: Begunia, District: Khurda, PIN: 752062, Odisha declare that I have changed my name from **Sheikh Safiqueuddin Tarafdar To Sk Safiquddin Tarafdar.** Henceforth, I shall be known as **Sk Safiquddin Tarafdar** (new name) for all future purposes.

ସକାଳ
THE SAKALA



# ଏନ଼୍ଏସି ଦାବିରେ ଖଇରାବାସୀଙ୍କ ପୁଣି ଗଣଧାରଣା




**କେହି ଶୁଣିଲେନି ଦୁଃଖ**

ଖଇରା,୧୫।୯ (ସମିସ)

ବାଲେଶ୍ୱର ଜିଲ୍ଲା ଅନ୍ୟତମ ପ୍ରମୁଖ ସହର ଖଇରାକୁ ଏନଏସି କରିବାକୁ ଖଇରାବାସୀ ଜଣ ଜଣ କରି ସମସ୍ତଙ୍କୁ ଗୁହାରୀ କଲେ। ତାଲିକାରୁ ବାଦ ପଡିବା ଦିନ ଠାରୁ ନେତା ପ୍ରଶାସନ ସମସ୍ତଙ୍କୁ ଦାବିପତ୍ର ଦେବା ସହ ଖଇରା ବନ୍ଦ ଭଳି ପଦକ୍ଷେପ ମଧ ନିଆଯାଇଥିଲା। ହେଲେ ଦୁଃଖିନୀ ଖଇରାର ଦୁଃଖ କେହି ଶୁଣିଲେନି। ଶେଷରେ ବାଧ ହୋଇ ଖଇରାର ସମସ୍ତ ସଙ୍ଗଠନ ସମର୍ଥନରେ ଗଠିତ ଖଇରା ସ୍ୱାଭିମାନ ମଞ୍ଚ ପକ୍ଷରୁ ଖଇରା ବ୍ଲକ ଗେଟ ସମ୍ମୁଖରେ ସୋମବାରଠାରୁ ଗଣଧାରଣା ଆରମ୍ଭ ହୋଇଛି। ଏଥିରେ ବରିଷ୍ଠ ନାଗରିକ ମଞ୍ଚ, ଖଇରା ସାମ୍ବାଦିକ ସଂଘ, ଜନଜାଗରଣ ମଞ୍ଚ, ଆଞ୍ଚଳିକ ବ୍ରାହ୍ମଣ ସମିତି, ପ୍ରତିଭା ପରିବାର, ଖଇରା ବିକାଶ ପରିଷଦ, ସାହିତ୍ୟ ସଂସଦ, ମୁକୁନ୍ଦ ପ୍ରସାଦ ଫାଉଣ୍ଡେସନ, ରାଧାକୃଷ୍ଣ ୟୁଥ କ୍ଲବ, ଶ୍ରୀ ଗଣେଶ ପୂଜା କମିଟି, ଲିଜେଣ୍ଡ ଲାୟନ୍ସ କ୍ଲବର ସଦସ୍ୟ ମାନେ ଏହି ଗଣଧାରଣାରେ ସାମିଲ ହୋଇଛନ୍ତି। ସଙ୍ଗଠନର କର୍ମକର୍ତ୍ତାମାନେ ବକ୍ତବ୍ୟ ପ୍ରଦାନ ଅବସରରେ ଯେଉଁ ଲୋକପ୍ରତିନିଧି ଦିନେ ବିରୋଧରେ ରହି ଏନଏସି ଦାବି କରୁଥିଲେ ଆଜି କ୍ଷମତାର ମୋହରେ ଅନ୍ଧ ହୋଇ ଖଇରା ଏନଏସି ହେଲେ ସାଧାରଣ ଲୋକଙ୍କୁ ଟ୍ୟାକ୍ସ ବୋଝ ପଡିବ ବୋଲି କହି ଖଇରାବାସୀଙ୍କୁ ଅପମାନିତ କରିଛନ୍ତି। ଗଣତନ୍ତ୍ରରେ ଜନସାଧାରଣଙ୍କ ହାତରେ ଅନେକ କିଛି କ୍ଷମତା ରହିଛି। ହୁଏତ ଯଦି ଖଇରା ପ୍ରତି ଏହି କ୍ଷମତାଧାରୀଙ୍କ ଉପେକ୍ଷା ଜାରି ରହେ ତେବେ ନେପାଳ ଭଳି ପରିସ୍ଥିତି ସୃଷ୍ଟି ହେବାକୁ ବେଶି ସମୟ ଲାଗିବ ନାହିଁ। ଆଉ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବାକୁ ଥିବା ଧାରଣା ଓ ପରବର୍ତ୍ତୀ ପଦକ୍ଷେପ ପାଇଁ ଯାହାବି ପରିସ୍ଥିତି ସୃଷ୍ଟି ହେବ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ପ୍ରକାଶ କରିଥିଲେ। ସିମୁଳିଆର ପ୍ରାକ୍ତନ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଉକ୍ତ ଗଣଧାରଣାକୁ ସମର୍ଥନ ଜଣାଇ ଧାରଣାରେ ସାମିଲ ହୋଇଥିଲେ। ତାଙ୍କ ସରକାର ଏନଏସି ତାଲିକାରେ ଖଇରା ସମେତ ୫୭ଟି ସହରକୁ ଏନଏସି ମାନ୍ୟତା ଦେଇଥିଲା। ଏଥିରୁ ମାତ୍ର ୧୮ଟି ନିଆଯାଇଛି। ଖଇରା ସମେତ ୩୯ଟି ସହରବାସୀ ହକକୁ ବିଜେପି ସରକାର ଛଡାଇନେବା ଅଗଣତାନ୍ତ୍ରିକ। ଘୋଷଣା ନହେବା ପର୍ଯ୍ୟନ୍ତ ମଞ୍ଚକୁ ସମର୍ଥନ ଜାରି ରଖିବେ ବୋଲି କହିଥିଲେ।

## ସୁବର୍ଣ୍ଣରେଖା ରାଇବଣିଆ ରୋଟାରୀ କ୍ଲବ୍ ପକ୍ଷରୁ ନିଃସହାୟଙ୍କୁ ସହାୟତା



ଜଳେଶ୍ୱର ବ୍ଲକ, ୧୫।୯ (ସମିସ): ଆନ୍ତର୍ଜାତିକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ରାଇବଣିଆ ସୁବର୍ଣ୍ଣରେଖା ରୋଟାରୀ କ୍ଲବ୍ ପକ୍ଷରୁ ନିଃସହାୟ ଲୋକଙ୍କୁ ସହାୟତା ପ୍ରଦାନ କରାଯାଇଛି। ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆମ୍ବଲିଅଠା ଛକ ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନେକ ନିଃସହାୟମାନଙ୍କୁ ଛତା, ମଶାରୀ, ଗାମୁଛା ପ୍ରଭୃତି ପ୍ରଦାନ କରାଯାଇଛି। କ୍ଲବର ସଭାପତି ପ୍ରାଣକୃଷ୍ଣ ଗିରିଙ୍କ ପୌରହିତ୍ୟ ଓ ଉପସଭାପତି ସୁକୁମାର ରଣାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ସଭାପତି ଡ. ଅଜିତ୍ କୁମାର ମହାନ୍ତି, ସୁଧିର କୁମାର କର, ଡ. ନୀଳକଣ୍ଠ ଖଣ୍ଡା ଓ ସୁନିଲ କୁମାର ନାୟକ, ବରିଷ୍ଠ ସଭ୍ୟ ଡ. ଅକ୍ଷୟ କୁମାର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଅତିଥି ରୂପେ ରାମେଶ୍ୱର ରାଜ, ଚିତ୍ତରଞ୍ଜନ ପରିଡା, ନନ୍ଦନ କର, ସୁଶାନ୍ତ କୁମାର ଦେ, ସୌରେନ୍ଦ୍ର ଦେ, ସ୍ୱରୂପ ନନ୍ଦୀ, ରଘୁନାଥ ଜେନା ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ସଭ୍ୟ ସପନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ନିଷ୍କାସନ ବ୍ୟବସ୍ଥା ନାହିଁ, ଜମୁଛି ବର୍ଷା ପାଣି



ଚନ୍ଦନେଶ୍ୱର, ୧୫।୯ (ସମିସ) : ଭୋଗରାଇ ବ୍ଲକ କାନ୍ଥଭଉଁରୀ ପଞ୍ଚାୟତର ବିଚିତ୍ରପୁର ୧୦ନଂ ୱାର୍ଡର ମୁଖ୍ୟ ରାସ୍ତା ଉପରେ ଅସରାଏ ବର୍ଷା ହେଲେ ୨ ଫୁଟର ପାଣି ଜମା ହେଉଛି। ଟିକେ ପାଣି ଶୁଖି ଗଲେ ପଙ୍କ, କାଦ ପଚ ପଚ ହୋଇଯାଉଛି। ଫଳରେ ଏହି ରାସ୍ତା ଉପରେ ଯାତାୟାତ କରୁଥିବା ଗ୍ରାମବାସୀ, କାନ୍ଠଥଭଉଁରୀ ନୋଡାଲ ଉ:ପ୍ରା: ବିଦ୍ୟାଳୟର ଛାତ୍ରଛାତ୍ରୀ, ଅନାଦୀ ଏକାଡେମୀର ଛାତ୍ରଛାତ୍ରୀ, ବିଚିତ୍ରପୁର ଉ:ପ୍ରା: ବିଦ୍ୟାଳୟର ଛାତ୍ରଛାତ୍ରୀ, ଅଙ୍ଗନବାଡି କେନ୍ଦ୍ରର କୁନି କୁନି ପିଲା, ବିଚିତ୍ରପୁର ଆରଆଇ ଅଫିସ, ଶ୍ରଦ୍ଧାପୁର ମାର୍କେଟ, କାନ୍ଠଥଭଉଁରୀ ପଞ୍ଚାୟତ ଅଫିସ, ଶ୍ରଦ୍ଧାପପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଚନ୍ଦନେଶ୍ୱର ମନ୍ଦିରକୁ ଯିବା ଆସିବା କରିବାରେ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ତେଣୁ ପ୍ରତ୍ୟେକ ଦିନ ଶହ ଶହ ବାଇକ, ଟ୍ରାକ୍ଟର, ମଧ ଯିବା ଆସିବା କରୁଛି । ପାଣି ଜମି ରହିବା ଯୋଗୁଁ ଅତ୍ୟନ୍ତ ଦୁର୍ଗନ୍ଧ ଓ ଅପରିଷ୍କାର ହେଉଛି। ପାଣି ନିଷ୍କାସନ ହେବାର ବ୍ୟବସ୍ଥା ନ ଥିବାରୁ ଏହି ରାସ୍ତାରେ ୨ଫୁଟର ପାଣି ଜମା ହୋଇ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି । ବର୍ଷା ପରେ ରାସ୍ତା ପଙ୍କ, କାଦ ପଚ ପଚ ହୋଇଯାଉଛି। ରାସ୍ତାର ଅବସ୍ଥା ଏତେ ଖରାପ ହେଉଛି ଯେ ସ୍ଥାନୀୟ ଲୋକଙ୍କ ମଧରେ ଅସନ୍ତୋଷର କାରଣ ପାଲଟିଛି। ତେଣୁ ରାସ୍ତାରେ ଜମୁଥିବା ପାଣି ତୁରନ୍ତ ନିଷ୍କାସନ ଓ ରାସ୍ତା ନିର୍ମାଣର ବ୍ୟବସ୍ଥା କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଶରତ କୁମାର ଖିଲାର, ଦିଲ୍ଲୀପ ଖିଲାର, ଦୁର୍ଯ୍ୟୋଧନ ଖିଲାର, ପ୍ରଦୀପ ବେହେରା,ବନମାଳୀ ବେହେରା, ବେନୁ ଚରଣ ପାତ୍ର, ନରେନ୍ଦ୍ର ବେହେରା, ବିଭୁତି ବେହେରା, ସଞ୍ଜୀବ ବେହେରା, ଜୟନ୍ତୀ ବେହେରା, ଆରତୀ ବେହେରା, ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ଦାବି କରିଛନ୍ତି।

## ସରକାରୀ ସହାୟତାରୁ ବଞ୍ଚିତ ଅସହାୟ ବାସନ୍ତୀ ଓ ରୁକ୍ମିଣୀ





ଜଳେଶ୍ୱର, ୧୫।୯ (ସମିସ): ଗୋପ ଗାଁର ଚଣ୍ଡିମନ୍ଦିର ଠାରେ ଏକ ପଲାଘରେ ବାସ କରୁଥିବା ବାସନ୍ତୀ ଦେହୁରୀ (୬୦) ଉପରେ ନିର୍ଭର କରନ୍ତି ୨ନାତି। ୩ବର୍ଷ ପୂର୍ବେ ପୁତ୍ରର ମୃତ୍ୟୁର ୨ମାସ ପରେ ସ୍ୱାମୀ ମଧ ଆରପାରିକୁ ଚାଲି ଯାଇଥିଲେ। ପୁତ୍ରବଧୂ ଦୁଇ ନାବାଳକ ନାତିକୁ ଛାଡି କେଉଁଆଡେ ପଳାଇ ଯାଇଛନ୍ତି। କୌଣସି ଅଜଣାରୋଗରେ ପୀଡିତ ହୋଇ ୨ଗୋଡ ହରାଇ ନାତିମାନଙ୍କ ମୁହଁକୁ ଚାହିଁ ଗୋଡ ଘୋଷାରି ଘୋଷାରି ଭିକ୍ଷାମାଗି ପରିବାର ଚଳାଉଥିବା ବାସନ୍ତୀ ସରକାରୀ ସହାୟତା ପାଇଁ ବହୁ ଲୋକ, ନେତାଙ୍କୁ ନେହୁରା ହୋଇଛନ୍ତି ହେଲେ କୌଣସି ସୁଫଳ ମିଳିନଥିଲା। ୮ମାସ ତଳେ ଖବର ପାଇ ସାମାଜିକ ସାରକ୍ଷା ଅଧିକାରିଣୀ ସଲମା ରାଉତ ତାଙ୍କ ନିକଟରେ ପହଞ୍ଚିଥିଲେ ଏବଂ ଟ୍ରାଇ ସାଇକେଲର ବ୍ୟବସ୍ଥା କରିଥିଲେ। ଘର ଲାଗି ଆବାସ ଯୋଜନାରେ ଘର ଓ ତୁରନ୍ତ ବିକଳାଙ୍ଗ ଭତ୍ତା କରିଦେବେ ବୋଲି ପ୍ରତିଶୃତି ଦେଇଥିଲେ। ହେଲେ ଏହା ମଧରେ ୮ମାସ ବିତିଯାଇଥିଲେ ମଧ ଭିନ୍ନକ୍ଷମ ବାସନ୍ତୀ ଭତ୍ତା କିମ୍ବା ଆବାସ ଯୋଜନାରୁ ବଂଚିତ ରହିଛନ୍ତି। ଯାଥାଶୀଘ୍ର ସମସ୍ତ ସରକାରୀ ସହାୟତା ତୁରନ୍ତ ଯୋଗାଇ ଦେବାକୁ ସରପଞ୍ଚ ରଂଜନ ମହାନ୍ତି ଦାବି କରିଛନ୍ତି। ଏ ସଂପର୍କରେ ସାମାଜିକ ସୁରକ୍ଷା ଅଧିକାରିଣୀଙ୍କୁ ପଚାରିବାରୁ ବାସନ୍ତୀଙ୍କ ସଂପର୍କରେ ଅବଗତ ରହିଛନ୍ତି। ତାଙ୍କର ଭତ୍ତା ପାଇଁ ଚେଷ୍ଟା ଚାଲିଛି ବୋଲି କହିଥିଲେ। ଅନ୍ୟପକ୍ଷରେ ସେହି ସାହିରେ ରହୁଥିବା ୧୦୦ ଲୋକଙ୍କ ପାଇଁ ଦୂରରେ ଥିବା ଏକମାତ୍ର ନଳକୂପ ହିଁ ଭରସା। ପାଇପଯୋଗେ ଆସୁଥିବା ନାଳି ପାଣି ପିଇବା ଉପଯୋଗୀ ନୁହେଁ। ସାହିର ରୁକ୍ମିଣୀ ଦେହୁରୀ (୬୨) ଜଣେ ଅସହାୟ, ମୁକ ଭାବେ କାଳତିପାତ କରୁଥିବା ବେଳେ ଆବାସ ଯୋଜନା ଓ ଭତ୍ତା ପାଇବାରୁ ବଂଚିତ ହୋଇଛନ୍ତି। ତେଣୁ ତୁରନ୍ତ ସରକାରୀ ସହାୟତା ଯୋଗାଇବାକୁ ସାଧାରଣରେ ଦାବି ହେଉଛି।

## ଡେଙ୍ଗୁ ଆତଙ୍କ; ଗ୍ରାମରେ ପହଞ୍ଚିଲା ମେଡିକାଲ ଟିମ୍



ଜଳେଶ୍ୱର ବ୍ଲକ, ୧୫।୯ (ସମିସ) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବେହେରାସାହି ଗ୍ରାମରେ ଗତ କିଛି ଦିନ ଧରି ଡେଙ୍ଗୁ ଜର ବ୍ୟାପିବାରେ ଲାଗିଛି । ଆଜି ଗ୍ରାମରେ ପହଞ୍ଚିଛନ୍ତି ଜିଲ୍ଲା ଡାକ୍ତରୀ ଟିମ। ଏଥିରେ ଭିବିଡି ସୁପ୍ରଭା ପାଢ଼ୀ, ଡା. ସୂର୍ଯ୍ୟ ପ୍ରକାଶ ରାଉତରାୟ, ହାତିଗର୍ଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଭୀଷ୍ମ ଚରଣ ପରିଡ଼ା, ପିଏଚଇଓ ଫକୀର ମୋହନ ପ୍ରଧାନ ଓ ଖୁଦିଆମାଝୀସାହି ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ କ୍ଷୀତିସ୍ ଦେ ପ୍ରମୁଖ ଉପସ୍ଥିତ ରହି ଗ୍ରାମରେ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ପରୀକ୍ଷା ସାଙ୍ଗକୁ ମଶା ଓ ମାଛିକୁ ଘୋଡାଇବାକୁ ଧୂଆଁ ସ୍ପ୍ରେ କରାଯାଇଥିଲା।

## ଶ୍ରେଣୀଗୃହ ନିର୍ମାଣ ପାଇଁ ଶିଳାନ୍ୟାସ



ସୋର, ୧୫।୯ (ସମିସ): ସୋର ପୌର ପାଳିକା ଅନ୍ତର୍ଗତ କମରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ନୂତନ ଶ୍ରେଣୀଗୃହ ନିର୍ମାଣ ପାଇଁ ସୋର ବିଧାୟକ ଶିଳାନ୍ୟାସ କରିଥିବା ଜଣାପଡିଛି। ବିଧାୟକଙ୍କ ହାତ ପାଣ୍ଠିରୁ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ ମୂଲ୍ୟରେ ନିର୍ମାଣ ହେବାକୁ ଥିବା ଏହି ଶ୍ରେଣୀ ଗୃହକୁ ଆଜି ମଧ୍ୟାହ୍ନରେ ସୋର ବିଧାୟକ ମାଧବ ଧଡ଼ା ମୁଖ୍ୟଅତିଥି ଭାବେ ଯୋଗ ଦେଇ ଶିଳାନ୍ୟାସ କରିଥିଲେ। ଏହି ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସରୋଜିନୀ ପତି, ପୌରାଧକ୍ଷା ସସ୍ମିତା ଦାସ, ପାରିଷଦ ରୀନାରାଣୀ ସେଠୀ, ରମେଶ ସିଂହ, ସେକ ସୁଲତାନ, ସାହେବ ଖାନ କାଦ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଗନ ଗୁଇଁ,ସ୍ମୃତି ରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ସଦସ୍ୟା, ଶିକ୍ଷକ, ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ।

## ଅନ୍ତର୍ଜାତୀୟ ବେଳାଭୂମି ସଫେଇ ସପ୍ତାହ




ଭୋଗରାଇ,୧୫।୯ (ସମିସ): ଭୋଗରାଇ ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନର ରୋଭର ଓ ରେଞ୍ଜର ୟୁନିଟ ଏବଂ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଓ ଗାଇଡ୍ସର ମିଳିତ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ବେଳାଭୂମି ସଫେଇ ସପ୍ତାହ ପାଳିତ ହୋଇଯାଇଛି। ସମୁଦ୍ର ବେଳାଭୂମିକୁ ପରିଷ୍କାର ପରିଚ୍ଛନ୍ନ ରଖିଲେ ସାମୁଦ୍ରିକ ଜୀବଜନ୍ତୁ ସୁରକ୍ଷିତ ରହିବ। ବେଳାଭୂମିର ସୌନ୍ଦର୍ଯ୍ୟ ବଢ଼ିବ ଓ ପର୍ଯ୍ୟଟକଙ୍କ ସଂଖ୍ୟା ବ?ିବା ସହିତ ସ୍ଥାନୀୟ ଲୋକଙ୍କ ଆର୍ଥିକ ମାନଦଣ୍ଡ ବଢ଼ିପାରିବ ବୋଲି ତଳସାରୀ ବେଳାଭୂମିରେ ଉପସ୍ଥିତ ପର୍ଯ୍ୟଟକ ଓ ଦୋକାନୀ ମାନଙ୍କୁ ସଚେତନ କରାଇବା ସହିତ ପଡ଼ିଥିବା ଅଳିଆ ଆବର୍ଜନା ସଫା କରିଥିଲେ। ମହାବିଦ୍ୟାଳୟର ରୋଭର ଲିଡର ଧୀରେନ୍ଦ୍ର କୁମାର ଜେନା ଓ ରେଞ୍ଜର ଲିଡର ପ୍ରୀତିରାଣୀ ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା।ରୋଭର ନିମାଇଁ ପ୍ରଧାନ, ଶୁଭମ ପଣ୍ଡା, ଓମପ୍ରକାଶ ଜେନା, ନିତାଇ ପ୍ରଧାନ, ରଞ୍ଜିତ ସିଂ ମାଝୀ, ତୋଫାନ ପ୍ରଧାନ, ସତ୍ୟଜିତ ଘଡ଼ାଇ, ସୁଭାଶିଷ ଦାସ, ଚନ୍ଦ୍ରଶେଖର ଜେନା, ସତ୍ୟବ୍ରତ ପାଲ ଓ ରେଞ୍ଜର ଲକ୍ଷ୍ମୀ ରଞ୍ଜିତ, ଗୀତାରାଣୀ ଦାସ, ମଧୁସ୍ମିତା ମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରବଳ ବର୍ଷାରେ ଭୋଗରାଇ ବେହାଲ



ଭୋଗରାଇ, ୧୫।୯ (ସମିସ): ଭୋଗରାଇ ବ୍ଲକରେ ସୋମବାର ସକାଳ ୫ ଟାରୁ ସାଢେ ୧୦ଟା ପର୍ଯ୍ୟନ୍ତ ଆକାଶ ଅନ୍ଧାର ହୋଇ ମୂଷଳ ଧାରାରେ ବର୍ଷା ଲାଗି ରହିବା କାରଣରୁ ଜନ ଜୀବନ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଅବିଶ୍ରାନ୍ତ ବର୍ଷାରେ ଏହି ବ୍ଲକର ଗାଡ଼ିଆ ପୋଖରୀ, ବିଲବାଡି ସମ୍ପୂର୍ଣ୍ଣ ଜଳାର୍ଣ୍ଣବ ହୋଇଥିଲାବେଳେ ଗାଁ, ବଜାର, ହାଟ ବୁଡି ଯାଇ ପାଣିର ସ୍ରୋତ ଛୁଟିଥିଲା। ତୁହାକୁ ତୁହା ବର୍ଷା ଯୋଗୁଁ ଦୈନିକ ବଜାର ଚନ୍ଦନେଶ୍ୱର, ଚୌକି, ଥାନାଛକ, ଭୋଗରାଇ ହାଟ, ଦେଉଳା ହାଟ ଓ ଉତ୍ତର ଭୋଗରାଇରେ ବିଭିନ୍ନ ମୁଖ୍ୟ ବଜାର ଏକ ପ୍ରକାର ବନ୍ଦ ହୋଇଥିଲା। ସ୍କୁଲ କଲେଜକୁ ଛାତ୍ରଛାତ୍ରୀ ଯାଇ ନ ପାରି ଘରେ ରହିବାକୁ ବାଧ ହୋଇଥିଲେ। ସନ୍ଧ୍ୟାରେ ଆକାଶ ମେଘାଛନ୍ନ ଥିବାବେଳେ ସ୍ଥାନେ ସ୍ଥାନେ ବିକ୍ଷିପ୍ତ ବର୍ଷା ଲାଗିରହିବାରୁ ଜନଜୀବନ ପ୍ରଭାବିତ ହୋଇଛି। ବହୁ ତଳିଆ ଗ୍ରାମରାସ୍ତା ବର୍ଷାଜଳରେ ଆଣ୍ଠୁଏ ଉପରେ ଜଳରେ ପରିପୂର୍ଣ୍ଣ ହୋଇଥିବାରୁ ଗମନାଗମନର ଅସୁବିଧା ପରିଲକ୍ଷିତ ହୋଇଛି। ତଳିଆ ଧାନ ଜମିରେ ବର୍ଷା ଜଳ ଲହଡି ଭାଙ୍ଗୁଥିବାବେଳେ ଉଚ୍ଚ ଧାନ ଜମିରେ ନିଅଣ୍ଟିଆ ବର୍ଷା ଚାଷୀକୂଳ ଆଶ୍ୱସ୍ତି କରିଛି। ଘନ ଘନ ବନ୍ୟା ଓ ବର୍ଷାରେ ପନିପରିବା ଚାଷ ଉଜୁଡି ଯାଇଥିବାରୁ ବରଗଡ଼ କିମ୍ବା ପଶ୍ଚିମବଙ୍ଗ ଉପରେ ଉତ୍ତରବାଲେଶ୍ୱର ଲୋକେ ନିର୍ଭର କରୁଥିବାରୁ ହାଟ ବଜାରରେ ପନିପରିବା ଦାମ ଆକାଶଛୁଆଁ ହୋଇଛି।

## ଶତାଧିକ ଗୋରୁ ଉଦ୍ଧାର

ରାଜଘାଟ, ୧୫।୯ (ସମିସ): ବେଆଇନ ଭାବରେ ଓଡିଶାରୁ ପଶ୍ଚିମବଙ୍ଗକୁ ଗୋରୁ ଚାଲାଣ ହେଉଥିବା ବେଳେ ଶହେରୁ ଅଧିକ ଗୋରୁ ଅଟକ ରଖିଲେ ଗ୍ରାମବାସୀ। ରାସଗୋବିନ୍ଦପୁର ଥାନା ଖୁଣ୍ଟା ଅଞ୍ଚଳରୁ ଆଜି ସକାଳେ ଶହେରୁ ଅଧିକ ଗୋରୁ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ସଦାନନ୍ଦପୁର ଗାଁ ଦେଇ ଚଲେଇ ଚଲେଇ ପଶ୍ଚିମବଙ୍ଗ ନେଉଥିବା ବେଳେ ଗ୍ରାମବାସୀ ଗୋରୁ ସହିତ ବେପାରୀକୁ ଅଟକ ରଖିଥିଲେ। ପ୍ରତି ସୋମବାର ଏହି ରାସ୍ତା ଦେଇ ହଜାର ହଜାର ଗୋରୁ ପଶ୍ଚିମବଙ୍ଗକୁ ଚାଲାଣ ହେଉଛି। ପ୍ରତ୍ୟେକ ଦିନ ଜାତୀୟ ରାଜପଥରେ କଣ୍ଟେନର ଏବଂ ଟ୍ରକରେ ଗୋରୁ ବୋଝେଇ କରି ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ବେଳେ ଏବେ ମାଫିଆମାନେ ପୁଲିସ ଚେକିଂରୁ ବର୍ତ୍ତିବା ପାଇଁ ଅଭିନବ ଉପାୟରେ ଗୋରୁ ପଲକୁ ଚଲେଇ ଚଲେଇ ରାଜ୍ୟ ପାର କରୁଛନ୍ତି, ତେବେ ଏତେ ସଂଖ୍ୟକ ଗୋରୁ ପଲ ଚଳାଇ ନେଇ ଯାଉଥିବା ବେଳେ ଗ୍ରାମବାସୀ ଅଟକାଇବାରୁ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ଖବର ପାଇ ବସ୍ତା ପୁଲିସ ଘଟଣା ସ୍ଥଳରେ ପହଁଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ଗୋରୁ ଗୁଡିକ ଗୋଶାଳାକୁ ପଠାଇ ଅଧିକ ତଦନ୍ତ କରୁଛି।

### ● ପୋଖରୀରେ ବିଷ ପକାଇଲେ ଦୁର୍ବୃତ୍ତ

## ମରିଗଲେ ୧୦ କ୍ୱିଣ୍ଟାଲ ମାଛ




ଚନ୍ଦନେଶ୍ୱର,୧୫।୯ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ହୁଗୁଳି ଗ୍ରାମପଂଚାୟତର ବରବରିଆ ଗ୍ରାମର ହରିଶ୍ଚନ୍ଦ୍ର ଜେନାଙ୍କ ମାଛ ପୋଖରୀରେ ୧୦ କ୍ୱିଣ୍ଟାଲ ଓଜନର ରୋହି, ଭାକୁର, ଦେଶୀ ବାହୁଲ, ଭେକଟି ମାଛ ମରିଯିବାରୁ ତାଙ୍କର ଲକ୍ଷାଧିକ ଟଙ୍କାର ମାଛ ନଷ୍ଟ ହୋଇଥିବା ଶ୍ରୀ ଜେନା ପ୍ରକାଶ କରିଛନ୍ତି। କେହି ଦୁର୍ବୃତ୍ତ ମାଛ ପୋଖରୀରେ ବିଷାକ୍ତ ଦ୍ରବ୍ୟ ପକାଇଥିବା ପ୍ରକାଶ କରିଛନ୍ତି। ହରିଶ୍ଚନ୍ଦ୍ରଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି।

### ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁର୍ନୀତିର ପ୍ରତିବାଦ

# ସ୍କୁଲ ଫାଟକରେ ତାଲା; ରାସ୍ତାରେ ବସି ପଢ଼ିଲେ ଛାତ୍ରଛାତ୍ରୀ

ଭୋଗରାଇ, ୧୫।୯ (ସମିସ)





ଭୋଗରାଇ ବ୍ଲକ ସିଆଁରୋଇ ପଞ୍ଚାୟତ ବେଲଦା ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ବ୍ୟାପକ ଦୁର୍ନୀତି ପ୍ରତିବାଦରେ ଆଜି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ନ ଯାଇ ରାସ୍ତା ବସି ପାଠ ପଢ଼ିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନାରାମ ବେହେରା ବିଦ୍ୟାଳୟକୁ ଆସିଥିବା ସରକାରୀ ଅନୁଦାନକୁ ସଠିକ ଭାବେ କାର୍ଯ୍ୟ ନ କରି ଅର୍ଥ ଆତ୍ମସାତ କରିବା, ମଧ୍ୟାହ୍ନ ଭୋଜନରେ ନିମ୍ନମାନର ଖାଦ୍ୟ ପିଲାଙ୍କୁ ଦେଇ ଅର୍ଥ ହେର ଫେର କରିବା, ଜାଲ ଦସ୍ତଖତ କରି ବ୍ୟାଙ୍କରୁ ଅର୍ଥ ଉଠାଣ ଭଳି ମନମୁଖି କାର୍ଯ୍ୟ କରିବା ତଥା ବିଦ୍ୟାଳୟକୁ ପ୍ରତିଦିନ ବିଳମ୍ବରେ ଆସିବା ଇତ୍ୟାଦିକୁ ନେଇ ଗ୍ରାମବାସୀ ଓ ଅଭିଭାବକ ମାନେ ବାରମ୍ବାର ଚେତାବନୀ ଦେଇଥିଲେ ମଧ ଏହାକୁ ଖାତିର ନ କରିବାରୁ ବାଧହୋଇ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ଓ ଗ୍ରାମବାସୀ ସମୂହ ଏକାଠି ହୋଇ ସ୍କୁଲ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଫାଟକରେ ତାଲା ପଡ଼ିଥିବାରୁ ଆଜି ପାଠ ପଢା ସମ୍ପୂର୍ଣ୍ଣ ବନ୍ଦ ରହିଥିବା ବେଳେ ଉଭୟ ଛାତ୍ରଛାତ୍ରୀ ଓ ଶିକ୍ଷକ ମାନେ ଫାଟକ ବାହାରେ ରାସ୍ତାରେ ବସିଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଏହି ଦୁର୍ନୀତି ଗ୍ରସ୍ତ ପ୍ରଧାନ ଶିକ୍ଷକଙ୍କ କାର୍ଯ୍ୟକୁ ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ତାଙ୍କ ଉପରେ ଦୃଢ ପଦକ୍ଷେପ ନେବା ସହିତ ତାଙ୍କୁ ଏହି ବିଦ୍ୟାଳୟରୁ ବଦଳି କରିବା ଦାବି କରିଥିଲେ। ଯେ ପର୍ଯ୍ୟନ୍ତ ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କ ବଦଳି ନ ହୋଇଛି ସେ ଦିନ ପର୍ଯ୍ୟନ୍ତ ସ୍କୁଲ ବନ୍ଦ ରହିବା ସହିତ ଧାରଣା ଜାରି ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଥିଲେ। ଏ ବାବଦରେ ସ୍କୁଲର ସଭାପତି ଚିତ୍ତରଞ୍ଜନ ଜେନାଙ୍କୁ ପଚାରିବାରୁ ଧାରଣା ବିଷୟରେ ତାଙ୍କୁ ଅବଗତ କରାଯାଇ ନାହିଁ। ପୂର୍ବରୁ ମଧ୍ୟାହ୍ନ ଭୋଜନରେ ଅନିୟମିତତା ହୋଇଥିଲା କିନ୍ତୁ ଏବେ ସବୁ ଠିକଠାକ ଚାଲିଛି କିଛି ଅସୁବିଧା ନାହିଁ ବୋଲି କହିଥିଲେ। ସେହିପରି ପ୍ରଧାନ ଶିକ୍ଷକ ଶ୍ରୀ ବେହେରା କହିଛନ୍ତି ଏଭଳି ଅଭିଯୋଗ ଉଦ୍ଦେଶ୍ୟ ପ୍ରଣୋଦିତ। ସେ ସବୁଦିନ ଠିକ ସମୟରେ ସ୍କୁଲ ଆସନ୍ତି । ପୂର୍ବରୁ ନିମ୍ନ ମାନର ମଧ୍ୟାହ୍ନ ଭୋଜନ ପିଲାଙ୍କୁ ଦିଆ ଯାଉଥିଲା ବୋଲି ପ୍ରଧାନ ଶିକ୍ଷକ ନିଜେ ସ୍ୱୀକାର କରିଥିଲେ ମାତ୍ର ପରବର୍ତ୍ତୀ ସମୟରେ ତାହା ପରିବର୍ତ୍ତନ କରାଯାଇଛି । ଏ ବାବଦରେ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ଓ ଗ୍ରାମବାସୀ ଅଶ୍ୱିନୀ ଜେନା, ନାରାୟଣ ଚନ୍ଦ୍ର ଦେ, ସୁବ୍ରତ ଜେନା, ରାମକୃଷ୍ଣ ଖଟୁଆ, ବିଜୟ ମହାନ୍ତି, ଅମିତା ଦେ ସୁଭ୍ରଜିତ ଜେନା କହିଥିଲେ ଯେ ପ୍ରଧାନ ଶିକ୍ଷକେ ଶ୍ରୀ ବେହେରା ନିଜକୁ ବଞ୍ଚାଇବା ଏଭଳି କହୁଛନ୍ତି। ତଦନ୍ତ ହେଲେ ସତ୍ୟ ପଦାକୁ ଆସିବ। କିନ୍ତୁ ତାଙ୍କୁ ଏଠାରୁ ବଦଳି କରା ନ ଗଲେ ସ୍କୁଲ ବନ୍ଦ ରହିବ।

# ଆନନ୍ଦପୁର ପାଇଁ ବିଶୁଦ୍ଧ ପାନୀୟଜଳ ଯୋଜନା ଭଣ୍ଡୁର



ଆନନ୍ଦପୁର,୧୫ା୯ (ସମିସ): ଆନନ୍ଦପୁର ପୌରାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ହୋଇଥିବା ଯୋଜନା ଏବେ ଭଣ୍ଡୁର ହୋଇଯାଇଛି ବୋଲି ଅଭିଯୋଗ ହେଉଛି। ଏହି ପ୍ରକଳ୍ପ ହାତେଇଥିବା ଠିକାସଂସ୍ଥା ଇଷ୍ଟ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ କମ୍ପାନୀ ମୁଖ୍ୟ ପାଇପ୍‌ଲାଇନକୁ ନ ବଦଳାଇ ପୁରୁଣା ପାଇପ୍‌ରେ ଜଳଯୋଗାଣ କରିଥିବାରୁ ଯୋଜନା ଲକ୍ଷ୍ୟଠାରୁ ଦୂରେଇଯାଇଛି। ଆନନ୍ଦପୁର ସହରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସରକାର ୭୦କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ହେଲେ ଉକ୍ତ କମ୍ପାନୀ ପାଇଁ ଆଜି

**ଠକିଦେଲା ଠିକାସଂସ୍ଥା**

ଆନନ୍ଦପୁର ସହରବାସୀ ୬୦ ବର୍ଷପୂର୍ବେ ବିଛାଯାଇଥିବା କଳଙ୍କି ପାଇପ୍‌ରେ ପାଣିକୁ ବ୍ୟବହାର କରୁଛନ୍ତି। ଆନନ୍ଦପୁର ସହରକୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ୱାଟ୍‌କୋ ଜରିଆରେ ଇଷ୍ଟ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ କମ୍ପାନୀକୁ ଟେଣ୍ଡର ମାଧ୍ୟମରେ ଚୁକ୍ତିନାମା ମୂଲ୍ୟ ୭୦ କୋଟି ବ୍ୟୟବରାଦ କରାଯାଇଥିଲା। ଆନନ୍ଦପୁର ସହରରେ ସମୁଦାୟ ୯୩ କିଲୋମିଟର ନୂତନ ପାଇପ୍ ବସାଇବାକୁ ଥିବା ବେଳେ ନିର୍ମାଣକାରୀ ଠିକା ସଂସ୍ଥା ବିଭିନ୍ନ ସାହି ବସ୍ତିକୁ ୬୨ କିଲୋମିଟର ପାଇପ ବିଛାଇ ପ୍ରକଳ୍ପକୁ ଶେଷ କରିଦେଇଛି। ହେଲେ ମୁଖ୍ୟପାଇପ୍ ବଦଳା ଯାଇନଥିବାରୁ ପୁରୁଣା ପାଇପ୍ ମାଧ୍ୟମରେ ପାଣି ଯୋଗାଇବାକୁ କାହାଠାରୁ ଅନୁମତି ମିଳିଛି ସେନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କିପରି ଏତେ ବର୍ଷର ପୁରୁଣା କଳଙ୍କି ପାଇପ୍ ଯୋଗେ ବିଶୁଦ୍ଧ ପାଣି ଯୋଗାଇବା ସମ୍ଭବ ସେନେଇ ସଧାରଣରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି। ରାଜ୍ୟ ସରକାର ଓ ୱାଟ୍‌କୋ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ କମ୍ପାନୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଧାରଣରଣରେ ଦାବି ହୋଇଛି।

## ଦେଶୀ ମଦସହ ବାଇକ୍ ଜବତ; ୨ ଗିରଫ

ଯୋଡ଼ା,୧୫ା୯ (ସମିସ): କେନ୍ଦୁଝର ଜିଲ୍ଲା ଯୋଡା ଅବକାରୀ ବିଭାଗ ଜଲହରି ଏବଂ ଯଜାଙ୍ଗ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ୫୩ ଲିଟର ଦେଶୀ ମଦ ଜବତ କରି ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଜଜାଙ୍ଗ ଅଞ୍ଚଳର ଲାଦୁରା ମୁଣ୍ଡା ବୟସ(୩୫) ଏବଂ ଜଲହରିର ରାଜା ମୁଣ୍ଡା(୨୪)। ଯୋଡ଼ା ଅବକାରୀ ବିଭାଗର ଭାରପ୍ରାପ୍ତ ଅଧିକାରୀଙ୍କ ସୂଚନାନୁଯାୟୀ, ଜିଲ୍ଲା ଅବକାରୀ ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସାରା ସ୍ପେସିଆଲ ଡ୍ରାଇଭର ଯାଞ୍ଚ କରୁଥିବା ସମୟରେ ଜଜାଙ୍ଗ ନିକଟରେ ଗୋଟିଏ ବାଇକ୍(ଓଡି ଜିରୋ ଭି୧୭୮୨)ରେ ଦେଶୀ ମଦ ଲୁଚାଛପା ଭାବେ ନେଉଥିଲେ। ଅଧିକାରୀ ପ୍ରଶାନ୍ତ କୁମାର ପରିଡା ଯାଞ୍ଚ କରିବାରୁ ଘଟଣାସ୍ଥଳରେ ବାଇକ୍‌ରୁ ୩୫ ଲିଟର ଦେଶୀ ମଦ ଜବତ କରିଥିଲେ। ସେହିପରି ଆଉ ଜଣେ ଜଲହରି ନିକଟରେ ଦେଶୀ ମଦ ନେଉଥିବା ବେଳେ ୧୮ ଲିଟର ବରାମତ କରିଥିଲେ। ଏନେଇ ଯୋଡ଼ା ଅବକାରୀ ବିଭାଗ ବାଇକ୍‌କୁ ଜବତ କରି ମାମଲା ରୁଜୁକରି ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି।

## ଆନନ୍ଦପୁର ଶିକ୍ଷା କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ସଭା



ଆନନ୍ଦପୁର,୧୫ା୯ (ସମିସ): ଆନନ୍ଦପୁର ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷକ ସମ୍ବଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରୀୟ ମନୋନୀତ କମିଟି ଦ୍ୱାରା ପ୍ରତ୍ୟେକ ବର୍ଷ ଆଦର୍ଶ ଶିକ୍ଷକଙ୍କୁ ପୁରସ୍କୃତ ପାଇଁ ସ୍ଥିର କରାଯାଇଥିବା ବେଳେ, ସମାଜସେବୀ ସ୍ୱର୍ଗତ ଶ୍ରୀପତି ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ପ୍ରତ୍ୟେକ ବର୍ଷ କୃତି ଶିକ୍ଷକଙ୍କୁ ପୁରସ୍କୃତ କରାଯାଉଥିବା ପରିପ୍ରେକ୍ଷୀରେ ଚଳିତ ବର୍ଷ ଶିକ୍ଷକ ସରୋଜ କୁମାର ସାହୁ ଓ ଶିକ୍ଷୟିତ୍ରୀ ସନ୍ଧ୍ୟା ପଟ୍ଟନାୟକଙ୍କୁ ପୁରସ୍କୃତ କରାଯାଇଛି। ଏଥିପାଇଁ ଶିକ୍ଷାଧୀକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବଦ୍ଧନା ସଭାକୁ ହରିହର ଦଳାଇ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଇଓ ଶରତ କୁମାର ରାଉତ ଯୋଗଦେଇଥିଲେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଏବିଓ ଅଭିମନ୍ୟୁ ସାହୁ, ଅତୁଲ କୁମାର ବଳ, ପ୍ରତିଷ୍ଠାନ ଅଧିକାରୀ ରବୀନ୍ଦ୍ର କୁମାର ମିଶ୍ର ଏବିଓ ହେମେନ୍ଦ୍ର କୁମାର ମହାନ୍ତି ଯୋଗଦେଇଥିଲେ। ଅତିଥିମାନେ କୃତୀ ଶିକ୍ଷକ ଶ୍ରୀ ସାହୁ ଓ ଶିକ୍ଷୟିତ୍ରୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

**ଶୁଣିଲାନି ପ୍ରଶାସନ**

# ନିଜ ଗାଁ ରାସ୍ତା ନିର୍ମାଣ କଲେ କେନ୍ଦୁଆ ଗ୍ରାମବାସୀ

ରାମଚନ୍ଦ୍ରପୁର,୧୫ା୯ (ସମିସ)

ନିଜ ଗାଁ ରାସ୍ତାକୁ ପକ୍କା ସଡ଼କରେ ପରିଣତ କରିବାକୁ ନେଇ ବାରମ୍ବାର ଅଭିଯୋଗ ପରେ ପ୍ରଶାସନ ନଶୁଣିବାରୁ ରାସ୍ତା ସଜାଡ଼ିବାକୁ ନିଜେ ଅଣ୍ଟା ଭିଡ଼ିଲେ ଗ୍ରାମବାସୀ। ଘସିପୁରା ବ୍ଲକ୍ ରାଧିକାଦେଇପୁର ପଞ୍ଚାୟତ କେନ୍ଦୁଆ ଗାଁଠାରୁ ବ୍ରାହ୍ମଣିପାଳ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର କିଛି ଅଂଶ ଲଗାଣ ବର୍ଷା ପ୍ରଭାବରେ ଅତି ଦୟନୀୟତଥା କଦର୍ଯ୍ୟ ହୋଇଯାଇଥିଲା। ସେହି ରାସ୍ତାଦେଇ ଯିବାଆସିବା କରିବା ସମୟରେ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟି ଅନେକ ଧନଜୀବନ ହାନୀ ଘଟୁଛି। ଏନେଇ ବାରମ୍ବାର ଅଭିଯୋଗ ପରେ ଶୁଣୁନି ପ୍ରଶାସନ। ଏହି ରାସ୍ତା ଉପରେ ୬ରୁ ଅଧିକ ପଞ୍ଚାୟତବାସୀ ନିର୍ଭର କରୁଥିବା ବେଳେ ରାସ୍ତାକୁ ନେଇ ଅନେକ ସାଧାରଣ ଜନତା କଷ୍ଟ ଭୋଗୁଛନ୍ତି। ପ୍ରଶାସନ ନଶୁଣିବାରୁ ଶେଷରେ ଗ୍ରାମବାସୀ ଏକତ୍ରିତ ହୋଇ ରାସ୍ତା ମରାମତି କରିଛନ୍ତି। ତୁରନ୍ତ ଘଟଣା ଉପରେ



ଦୃଷ୍ଟି ଦେଇ ରାସ୍ତାକୁ ପକ୍କା ସଡ଼କରେ ପରିଣତ କରିବାକୁ ଗ୍ରାମର ରଞ୍ଜନ କୁମାର ସେଠି, ସଂଗ୍ରାମ କେଶରୀ ମହାପାତ୍ର, ଆକାଶ ନାୟକ, ନାରଣ ଦେହୁରୀ, ରଞ୍ଜନ ସେଠୀ, ଶରତ ନାୟକ, ପ୍ରଭାସ ଚକ୍ର, ବିକାସ ନାୟକ, ବିଜୁ ଚକ୍ର, ଲୋଚନ ନାୟକ, ବିଦ୍ୟାଧର ନାୟକ, ଯୋଗେନ୍ଦ୍ର ବାବୁ ଦାସ, ଆଶିଷ ପାତ୍ର, ଜିତୁ ଦାସ, ଉତ୍ତମ ନାୟକ, ସରୋଜ ନାୟକ, ରୟା ପଲେଇ, ରଞ୍ଜିତ ପାତ୍ର ସମେତ ଶତାଧିକ ଜନତା ସରକାରଙ୍କ ଠାରେ ଦାବି ରଖିଛନ୍ତି।

# ନଦୀରୁ ରାତିସାରା ବେଆଇନ ବାଲିଉଠାଣ ନେଇ ଥାନାରେ ମାମଲା



ବେଲବାହାଲି,୧୫ା୯ (ସମିସ)

ଘସିପୁରା ଥାନା ଆନନ୍ଦପୁର ତହସିଲ ଅଧୀନ କୁଶେଇ ନଦୀପଠାରୁ ରାତିସାରା ବେଆଇନ ଭାବରେ ବାଲିଉଠାଣ ନେଇ ଜନଜୀବନ ପ୍ରଭାବିତ ହେଉଥିବାରୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ଭାଟିଶିରା ଓ ଖଡ଼ିବିଲ ଗ୍ରାମବାସୀ। ସେମାନଙ୍କ ଅଭିଯୋଗ ଅନୁଯାୟୀ, କୁଶେଇ ନଦୀର ବେଲବାହାଲି ଠାରୁ ସରେଇଁ ପର୍ଯ୍ୟନ୍ତ କୌଣସି ବାଲି ସୌରାତକୁ ନିଲାମ ଦିଆଯାଇନାହିଁ। ମାତ୍ର କିଛି ବାଲିମାଫିଆ ଦୈନିକ ବେଆଇନ ଭାବରେ ରାତିରେ ବାଲି ଉଠାଇ ବାହାରକୁ ଚାଲାଣ କରୁଛନ୍ତି। ଦୈନିକ ୧୦ରୁ ୧୫ଟି ଟ୍ରାକ୍ଟର ଓ ହାଇୱା ଗାଡି କୁଶେଇନଦୀର ବେଲବାହାଲି ଦେଇ ନଦୀପଠା ଭିତରେ ପ୍ରବେଶ କରିବା ପରେ ପ୍ରାୟ ୧ କିଲୋମିଟର ଭିତରକୁ ଆସି ବାଲି ଉତ୍ତୋଳନ କରୁଛନ୍ତି। ଭାଟିଶିରା ଓ ସଟତିରା ମଝିରେ କୁଶେଇନଦିରୁ ବାଲି ଉତ୍ତୋଳନ କରି ଶହ ଶହ ଟ୍ରିପ୍-ନଦିପଠାର ଉଚ୍ଚ ସ୍ଥାନରେ ବାଲିଗୁଡିକ ପ୍ରଥମେ ଗଚ୍ଛିତ କରି ରଖୁଛନ୍ତି। ପରେ ଦୈନିକ ସନ୍ଧ୍ୟାରୁ ରାତି ୩ଟା ପର୍ଯ୍ୟନ୍ତ ବହୁ ସଂଖ୍ୟାରେ ହାଇୱା ଗାଡିରେ ବେଧଡ଼କ ଭାବରେ କୁଶେଇ ପୋଲ ପାଇଁ ଥିବା ଠିକାଦାର କ୍ୟାମ୍ପ ରାସ୍ତାଦେଇ ମୁଖ୍ୟରାସ୍ତାକୁ ଉଠି ପରେ ମନଇଚ୍ଛା ଭାବରେ ବାହାରକୁ ଚାଲାଣ କରୁଛନ୍ତି। ରାତିସାରା ନିୟମିତ ଭାବରେ ଏତେ ସଂଖ୍ୟାରେ ବାଲି ଲୋଡଥିବା ଗାଡି ଯାତାୟାତ କରିବା ଦ୍ୱାରା ଗ୍ରାମବାସୀଙ୍କର ଗୋଚର, ଗୋହାଣ୍ଡି ଓ ଅନାବାଦି ଜମି ନଷ୍ଟ ହେଉଛି। କୁଶେଇ ନଦୀର ଅତଡାକୁ ଖସାଇ ଦେଇଥିବାରୁ ବର୍ତ୍ତମାନ ଗ୍ରାମବାସୀ ବିଶେଷ କରି ମହିଳାମାନେ ଭୟରେ ନଦୀକୁ ଗାଧୋଇବା ପାଇଁ ପ୍ରବେଶ କରିପାରୁନାହାନ୍ତି ଏବଂ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି।

ବେଆଇନ ବାଲି ପରିବହନକୁ ଲାଭଦାୟକ ବ୍ୟବସାୟରେ ପରିଣତ କରିଥିବା ଏକାଧିକ ଟ୍ରାକ୍ଟର ମାଲିକମାନଙ୍କୁ ବିରୋଧ କରିବାରୁ ସେମାନେ ମାରଣାସ୍ତ୍ର ଧରି ଗ୍ରାମବାସୀଙ୍କୁ ଧମକଦେଇ ବାଲି ପରିବହନକୁ ବିରୋଧ କଲେ ହତ୍ୟାକରି ନଦୀଗର୍ଭକୁ ଫିଙ୍ଗିଦେବେ ବୋଲି ଧମକ ଦେଉଛନ୍ତି। ଏନେଇ ଥାନାରେ ଲିଖିତ ଭାବରେ ଅଭିଯୋଗ ହୋଇଛି। ଏକ ପକ୍ଷରେ ଗ୍ରାମବାସୀ ନିଜକୁ ଅସୁରକ୍ଷିତ ମନେ କରୁଥିବା ବେଳେ ଅନ୍ୟ ପକ୍ଷରେ ଗୃହପାଳିତ ପଶୁମାନେ ମଧ୍ୟ ଖାଦ୍ୟ ଓ ପାନୀୟ ଜଳ ବ୍ୟବହାର କରିପାରୁନଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ବେଆଇନ ଖଣିଜପଦାର୍ଥ ପରିବହନ ଯୋଗୁଁ ଦୈନିକ ସରକାରଙ୍କର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱହାନୀ ଘଟୁଥିବା ଅଭିଯୋଗ କରି ଗ୍ରାମବାସୀ ପ୍ରତିକାର ପାଇଁ ଲିଖିତ ଭାବରେ ଜଣାଇଛନ୍ତି।

## ୬ମାସ ପରେ ବି ବିଦ୍ୟାର୍ଥୀଙ୍କୁ ମିଳିନି ପୋଷାକ

ଚମ୍ପୁଆ,୧୫ା୯ (ସମିସ): ଚଳିତ ୨୦୨୫-୨୬ ଶିକ୍ଷା ବର୍ଷକୁ ୬ମାସ ବିତିବାକୁ ବସିଥିଲେ ମଧ୍ୟ ଚମ୍ପୁଆ ବ୍ଲକ ଅଞ୍ଚଳର ହଜାର ହଜାର ବିଦ୍ୟାର୍ଥୀ ସରକାରଙ୍କ ମାଗଣା ପୋଷାକ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଏପରି ଅବ୍ୟବସ୍ଥାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ ଶିକ୍ଷା ବିଭାଗର ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତା ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଚମ୍ପୁଆ ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନରେ ୧୩ କ୍ଲଷ୍ଟରରେ ମୋଟ ୮୪ଟି ପ୍ରାଥମିକ ୫୦ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,୨୫ଟି ଉଚ୍ଚ ବିଦ୍ୟାଳୟ ଏବଂ ଆଦର୍ଶ ବିଦ୍ୟାଳୟକୁ ମିଶାଇ ଅନୁନ୍ୟ ୧୩,୮୧ ଜଣ ଛାତ୍ରଛାତ୍ରୀ ବର୍ତ୍ତମାନ ସୁଦ୍ଧା ୟୁନିଫର୍ମ ପାଇବାରୁ ବଞ୍ଚିତ ହୋଇଛନ୍ତି। ଚଳିତ ଶିକ୍ଷାବର୍ଷର ଅଗଷ୍ଟ ୧୫ ତାରିଖ ସୁଦ୍ଧା ପୋଷାକ ଯୋଗାଇ




ଦେବାର ନିୟମ ଥିବାବେଳେ ପ୍ରଶାସନିକ ଅବହେଳା କାରଣରୁ ଏହାକୁ ସେପ୍ଟେମ୍ବର ୫ତାରିଖ ସୁଦ୍ଧା ଦେବାପାଇଁ ସରକାରୀ ନିର୍ଦ୍ଦେଶନାମା ରହିଥିଲା। ତଥାପି ଶିକ୍ଷାବର୍ଷର ୬ମାସ ବିତିଯାଇଥିଲେ ହେଁ ଆଜି ପର୍ଯ୍ୟନ୍ତ ଟେଣ୍ଡର କାର୍ଯ୍ୟ ମଧ୍ୟ ସରିନାହିଁ। ଏନେଇ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ଟେଣ୍ଡର ଅନୁମୋଦନ ପାଇଁ ଯାଇଛି। ଆସିବାପରେ ଖୁବଶୀଘ୍ର ହେଡମାଷ୍ଟରଙ୍କ ସହ ବିତରକ ସଂସ୍ଥାର ଚୁକ୍ତି ହୋଇ ପୋଷାକ ଯୋଗାଇ ଦିଆଯିବ।

## କେଏସ୍‌ଇରେ 'ଇଞ୍ଜିନିୟରସ୍ ଡେ' ପାଳିତ

କେନ୍ଦୁଝର,୧୫ା୯ (ସମିସ): ଇଂ ବସନ୍ତ କୁମାର ଦାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ଡିମ୍ବୋ ସ୍ଥିତ କେନ୍ଦୁଝର ସ୍କୁଲ ଅଫ୍ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନରେ ଭାରତୀୟ ଇଞ୍ଜିନିୟରିଂର ପ୍ରବର୍ତ୍ତକ ସାର୍ ଏମ୍. ବିଶ୍ୱେଶ୍ୱରାୟଙ୍କ ଜନ୍ମ ବାର୍ଷିକୀକୁ ସମ୍ମାନ ଜଣାଇ ଜାତୀୟ ଇଞ୍ଜିନିୟର ଦିବସ ପାଳିତ ହୋଇଯାଇଛି। ଉତ୍ସବର ଲକ୍ଷ୍ୟ ଥିଲା ସମାଜ ପ୍ରତି ଇଞ୍ଜିନିୟରମାନଙ୍କ ଅବଦାନକୁ ସ୍ୱୀକାର କରିବା ଏବଂ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ଉଦ୍ଭାବକ ହେବା ପାଇଁ ପ୍ରେରଣା ଦେବା। କଲେଜ କନଫରେନ୍ସ ହଲରେ ଏକ ଆନୁଷ୍ଠାନିକ ସମାରୋହ ସହ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଯେଉଁଠାରେ ଦାନୀ ଗ୍ରୁପ ଅଫ୍ ଇନିଷ୍ଟିଚ୍ୟୁସନର ସିଇଓ ଇଂ ଜିତେନ କ୍ରିଷ୍ଣାରାମ ଦାନୀ, ନିର୍ଦ୍ଦେଶକ ଇଂ ସି. ଦେବ ଦାନୀ, ଅଧ୍ୟକ୍ଷ ଇଂ ଅରୁଣ ପ୍ରକାଶ କାନୁନଗୋ ଏବଂ ଅନୁଷ୍ଠାନର ସମସ୍ତ ବିଭାଗର ମୁଖ୍ୟଙ୍କ ସମେତ ଅନ୍ୟ ଅଧ୍ୟାପକ, ଅଧ୍ୟାପିକା ଯୋଗଦେଇଥିଲେ।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି

ଯୋଡ଼ା,୧୫ା୯ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପଞ୍ଚାୟତ ସମିତି ସଭାଗୃହରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଯୋଡ଼ା ବ୍ଲକ୍‌ର ୧୯ଟି ପଞ୍ଚାୟତ ଏବଂ ଯୋଡ଼ା ବଡ଼ବିଲ ପୌରପାଳିକାରୁ ଅନେକ ଲୋକ, ଜନପ୍ରତିନିଧି ଆସି ନିଜ ତଥା ନିଜ ଅଞ୍ଚଳର ସମସ୍ୟାଗୁଡିକର ସମାଧାନ ନିମନ୍ତେ ଅଭିଯୋଗ କରିଥିଲେ। ମୋଟ ୧୧୪ ଟି ଅଭିଯୋଗ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଶୁଣିଥିବା ବେଳେ ସମସ୍ୟାଗୁଡିକ ତୁରନ୍ତ ସମାଧାନର ପ୍ରତିଶ୍ରୁତି ଦେଇ ଜିଲ୍ଲାର ବିଭିନ୍ନ ବିଭାଗର ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଖଣି ଅଞ୍ଚଳରେ ଜନସାଧାରଣଙ୍କ ଅନେକ ସମସ୍ୟା ମଧ୍ୟରେ ମୁଖ୍ୟତଃ ରାସ୍ତା, ଧୂଳି ଧୂଆଁ, ନିଯୁକ୍ତି, ଜମି ପଟ୍ଟା, ବିଜୁଳି, ଅଙ୍ଗନବାଡି ଆଦି ଅଭିଯୋଗ ରହିଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଳ ସିଂ, ଆରକ୍ଷୀ ଅଧିକ୍ଷକ ନିତିନ କୁଶଲକର ଡାଙ୍ଗଡୁ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଜିଲ୍ଲା ବନ ବିଭାଗ ଅଧିକାରୀ ଏଚ୍‌ଡି ଧନରାଜ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କିଶୋର ଚନ୍ଦ୍ର ପୃଷ୍ଟି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀ କୁମାର ନାଗ ଭୂଷଣ, ଚମ୍ପୁଆ



ରେଞ୍ଜର ଅକ୍ଷୟ ଛତ୍ରିଆ, ବଡ଼ବିଲ ରେଞ୍ଜର ସଞ୍ଜୀବ କୁମାର ରାଉତ, ବଡ଼ବିଲ ଏସଡିପିଓ ଦେବେନ୍ଦ୍ର ପିଙ୍ଗୁଆ, ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡା, ବଡ଼ବିଲ ଥାନା ଅଧିକାରୀ, ଯୋଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ, ଯୋଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରି, ବଡ଼ବିଲ ଏଆରଟିଓ, ଯୋଡ଼ା ବ୍ଲକର ବିଡିଓ ଡାନିସ ବେହେରା, ଯୋଡ଼ା ବ୍ଲକ ଅଧ୍ୟକ୍ଷ କବିନ୍ଦ୍ର ନାଏକଙ୍କ ସହିତ ଅନ୍ୟ ସମସ୍ତ ବିଭାଗର ଆଞ୍ଚଳିକ ଅଧିକାରୀମାନେ ଉପସ୍ଥିତ ଥିଲେ। ଶେଷରେ ଦିବ୍ୟାଙ୍ଗମାନଙ୍କୁ ଟ୍ରାଇ ସାଇକଲ ବଣ୍ଟନ କରାଯାଇଥିଲା।

## ହିନ୍ଦୀ ଶିକ୍ଷକ ସମ୍ବର୍ଦ୍ଧନା ସମାରୋହ

ଆନନ୍ଦପୁର,୧୫ା୯ (ସମିସ): ଆନନ୍ଦପୁର ଉପଖଣ୍ଡସ୍ତରୀୟ ହିନ୍ଦୀ ଶିକ୍ଷକ ସଂଘ ତରଫରୁ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ୨୦୨୪-୨୦୨୫ରେ ଅବସର ଗ୍ରହଣ କରିଥିବା ହିନ୍ଦୀ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ରମେଶ ଚନ୍ଦ୍ର ନନ୍ଦ, ପ୍ରତିମା ସାହୁ, ଶ୍ରୀଧର ମହାରଣା, ଚିତ୍ତରଞ୍ଜନ ଜେନା, ଚିତ୍ତରଞ୍ଜନ ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ରାଜ୍ୟ ହିନ୍ଦୀ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ନାଥ, ମୁଖ୍ୟ ବକ୍ତାଭାବେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ନରହରି ପାଣିଗ୍ରାହୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଝାଡେଶ୍ୱର ଉଚ୍ଚ ବିଦ୍ୟାଳୟ ଘଷିପୁରାର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ରଞ୍ଜନ କୁମାର ଘଡ଼ାଇ ଓ ସାଧାରଣ ସମ୍ପାଦକ କେନ୍ଦୁଝର ଜିଲ୍ଲା ଓସ୍ତା ସଂଗଠନର ଜଳଧର ନାଥ, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ଅକ୍ଷୟ କୁମାର ରାଉତ, ଘଷିପୁରା ହିନ୍ଦୀ ଶିକ୍ଷକ ପରିବାର



ଯୋଗଦେଇଥିଲେ। ସଭାରେ ସଭାପତି ଭାବେ ବିରଞ୍ଜନ ବେହେରା ସଭାପତି ହିନ୍ଦୀ ଶିକ୍ଷକ ପରିବାର ଆନନ୍ଦପୁର ସଭା କାର୍ଯ୍ୟ ପରିଚାଳନା କରିଥିଲେ। ପ୍ରାକ୍ଟିସିଂ ବାଳିକା ଉଚ୍ଚ ବିଦ୍ୟାଳୟ ଫକିରପୁରର ବରିଷ୍ଠ ହିନ୍ଦୀ ଶିକ୍ଷକ ଶ୍ୟାମସୁନ୍ଦର ସାହୁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଜନମଙ୍ଗଳ ଉଚ୍ଚ ବିଦ୍ୟାଳୟର ହିନ୍ଦୀ ଶିକ୍ଷୟିତ୍ରୀ ଅନୁସୁୟା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଆନନ୍ଦପୁର ଉପଖଣ୍ଡର ହିନ୍ଦୀ ଶିକ୍ଷକ ଅର୍ଜୁନ କୁମାର ଗାହାଣ, ଅତିଶ କୁମାର ଜେନା, ଦେବବ୍ରତ ଗୁରୁ, ଅବଦୁସ୍ ସଲାମ ଖାନ୍, ପ୍ରତାପ କିଶୋର ସାହୁ ଓ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ଖଣ୍ଡାଇ, ରେବତୀ ନନ୍ଦ, ରୁନୁବାଳା ଦାସ, ଖିରପ୍ରଭା ଆଚାର୍ଯ୍ୟ, ସୁକାନ୍ତି ସାହୁ, ସୋନାଲୀ ପୃଷ୍ଟି, ଶୁଭଲକ୍ଷ୍ମୀ ମୁଦୁଲି ଓ ଅନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

ତୁରୁମୁଙ୍ଗା,୧୫ା୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ୍ ତୁରୁମୁଙ୍ଗାସ୍ଥିତ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରେଡ୍ ରିବନ କ୍ଲବ୍ ଓ ଯୁବ ରେଡକ୍ରସ ପକ୍ଷରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅଶ୍ୱତ୍ଥାମା ଗିରିଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା। ଇଂରାଜୀ ବିଭାଗର ଅଧ୍ୟାପିକା ଅନ୍ନପୂର୍ଣ୍ଣା ମିଶ୍ର ସଂଯୋଜନାସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ତୁରୁମୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡା. ସୁବାଷ ଚନ୍ଦ୍ର କର ମୁଖ୍ୟଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ରେଡକ୍ରସର ପରାମର୍ଶଦାତା ପ୍ରଭଞ୍ଜନ ନାଏକ 'ଫାଷ୍ଟଏଡ୍' କିପରି ଦିଆଯାଏ ତାହା ଛାତ୍ରଛାତ୍ରୀଙ୍କୁ ଶିଖାଇଥିଲେ। ପଦାର୍ଥ ବିଜ୍ଞାନର ପ୍ରାଧ୍ୟାପକ ଯତୀନ୍ଦ୍ର କୁମାର ମିଶ୍ର, ସ୍ନାତକୋତ୍ତର ଶିକ୍ଷକ ଦିବ୍ୟାରାଣୀ ପ୍ରସାଦ, ସୁଜାତା ସାମନ୍ତରାୟ, କୁମୁଦିନୀ ମହାନ୍ତ, ମନି ରାଉତ, ରବିଶଙ୍କର ପ୍ରଧାନ, ତପସ୍ୱିତା ମୁଣ୍ଡା, ଦୁର୍ଯ୍ୟୋଧନ ଜେନା, ସତ୍ୟପ୍ରକାଶ ମହାନ୍ତ, ଡେମନଷ୍ଟ୍ରେଟର ସୁଧାଂଶୁ ଶେଖର ସାହୁ, ରାଜେନ୍ଦ୍ର କୁମାର ମହାନ୍ତ, କ୍ରୀଡ଼ା ଶିକ୍ଷକ ସୁଶୀଲ କୁମାର ପ୍ରଧାନ, ହୃଦାନନ୍ଦ ମହାନ୍ତ, ପଦ୍ମଲୋଚନ ସାହୁ, ମଦନ ମୋହନ ସାହୁ, ଭଗବାନ ମହାନ୍ତ, ସପନ କୁମାର ହାଁସଦା, ଜଗଦୀଶ ଚନ୍ଦ୍ର ସାହୁ, ତାପସ କୁମାର ନାଏକ, ପୁଷ୍ପା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଭଲିବଲ ଏବଂ ସତରଞ୍ଜ ପ୍ରତିଯୋଗିତା

ରାମଚନ୍ଦ୍ରପୁର,୧୫ା୯ (ସମିସ): କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଲକ୍ଷ୍ମୀନାରାୟଣ ହାଇସ୍କୁଲ ଖେଳପଡିଆରେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଭଲିବଲ ଏବଂ ସତରଞ୍ଜ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ବିଡିଓ ବିନୀତା ବିଜୟନୀ, ବ୍ଲକ ଶିକ୍ଷା ଅଧିକାରୀ ସଦ୍ୟସ୍ନାତ ପଣ୍ଡା, ଏଡିଓ ଶ୍ରୀକାନ୍ତ ବେହେରା, ସ୍ଥାନୀୟ ସରପଞ୍ଚ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡା ପ୍ରତିଯୋଗିତା ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଜିଲ୍ଲାର ୧୩ଟି ବ୍ଲକରୁ ୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଦକ୍ଷତା ଭିତ୍ତିରେ ଜିଲ୍ଲାସ୍ତରରୁ ରାଜ୍ୟସ୍ତରକୁ ଭଲିବଲ ଏବଂ ସତରଞ୍ଜ ଖେଳାଳି ଚୟନ କରାଯିବ। ଘସିପୁରା ବ୍ଲକ ସଭାପତି ଶତ୍ରୁଘ୍ନ ସାହୁ ଏବଂ ସମ୍ପାଦକ ବିଜୟକୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କ୍ରୀଡା ଶିକ୍ଷକ ସୁରେଶ ଭୂୟାଁ, ବିଦ୍ୟୁଭୂଷଣ ଜେନା, ଦେବାଶିଷ ରାଉତ, ସୁବ୍ରତ ଲେଙ୍କା, ଭଞ୍ଜ ସୋରେନ, ଲାଲୁପ୍ରସାଦ ସେଠୀ, ସୌଜନ୍ୟ କୁମାର ପଣ୍ଡା, ସୋମ୍ୟରଞ୍ଜନ ସାହୁ, ପ୍ରଶାନ୍ତ ପରିଡା, ବରଦା ପ୍ରଶନ୍ନ ଖୁଣ୍ଟିଆ, ପ୍ରମୋଦ ବେହେରା, ଉମାଶଙ୍କର ରାଉତରାୟ, ବିଭୂଭୂଷଣ ମହାନ୍ତୀ ପ୍ରମୁଖ ଅନେକ ଅଭିଜ୍ଞ କ୍ରୀଡ଼ା ଶିକ୍ଷକ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ବୋନସ୍ ଦାବିରେ ଓଏମ୍‌ସି ଆଞ୍ଚଳିକ କାର୍ଯ୍ୟାଳୟ ଘେରାଉ

କେନ୍ଦୁଝର,୧୫ା୯ (ସମିସ)

ଓଡ଼ିଶା ଖଣି ନିଗମର ବିଭିନ୍ନ ଖଣିରେ କାର୍ଯ୍ୟରତ ଠିକାଦାର ଶ୍ରମିକମାନଙ୍କୁ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଶତକଡା ୨୦ପ୍ରତିଶତ ବୋନସ୍ ଦେବା ଦାବିରେ ସେପ୍ଟେମ୍ବର ୧୫ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା। କେନ୍ଦୁଝର ଜିଲ୍ଲାର ଓଡିଶା ଖଣି ନିଗମର ଅନେକ ଲୌହ ଓ ମାଙ୍ଗାନିଜ ଖଣି ରହିଛି। ବାର୍ଷିକ ଲକ୍ଷ ଲକ୍ଷ ଟନ୍ ଲୁହା ପଥର ଉତ୍ତୋଳନ କରାଯାଇ ଖଣି ନିଗମକୁ ହଜାର ହଜାର କୋଟି ଟଙ୍କାର ଲାଭ ମିଳିଥାଏ। ଖଣି ଉତ୍ତୋଳନରେ କାର୍ଯ୍ୟରତ ସମସ୍ତ ଶ୍ରମିକମାନେ ବିଭିନ୍ନ ଠିକାଦାର ଅଧୀନରେ ବର୍ଷ ବର୍ଷ ଧରି କାର୍ଯ୍ୟକରି ଆସୁଛନ୍ତି। ଠିକାଦାର ଶ୍ରମିକମାନଙ୍କୁ ଜୀବନ ସାରା ସରକାରଙ୍କ ଦ୍ୱାରା ଘୋଷିତ ସର୍ବନିମ୍ନ ମଜୁରୀ ପାଇଥାନ୍ତି। ସେମାନଙ୍କ କେବେ କି ପ୍ରମୋସନ କିମ୍ବା ଇନକ୍ରିମେଣ୍ଟ୍ ହୁଏ ନାହିଁ।




ରହିବା ପାଇଁ ବାସଗୃହ, ମାଗଣାରେ ଚିକିତ୍ସା ଇତ୍ୟାଦି ସର୍ବନିମ୍ନ ସୁବିଧା ମଧ୍ୟ ମିଳୁ ନାହିଁ ବୋଲି ଅଭିଯୋଗ ହୁଏ।

ୟୁନିୟନ ତରଫରୁ ବାରମ୍ବାର ଦାବି ସତ୍ତ୍ୱେ ଖଣି ନିଗମ କର୍ତ୍ତୃପକ୍ଷ କର୍ଣ୍ଣପାତ କରୁନାହାନ୍ତି। ନିଗମର ଉତ୍ପାଦନ ଓ ଲାଭରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏହି ଶ୍ରମିକ ମାନଙ୍କୁ ସର୍ବନିମ୍ନ ଶତକଡା ୮.୩୩ ପ୍ରତିଶତ ହାରରେ ବୋନସ୍ ଦିଆଯାଉଛି। ଖଣି ନିଗମର ବିଭାଗୀୟ କର୍ମଚାରୀମାନେ ଶତକଡା ୨୦ପ୍ରତିଶତ ହାରରେ ବୋନସ୍ ପାଇବାସହ ଲକ୍ଷେ ଟଙ୍କା ପର୍ଯ୍ୟନ୍ତ ଗିଫ୍ଟ ଆକାରରେ ଦୁର୍ଗା ପୂଜା ସମୟରେ ପାଇଥାନ୍ତି। କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଘରୋଇ ଖଣି ଓ ସରକାରୀ ଖଣିର ଠିକାଦାର ଶ୍ରମିକମାନଙ୍କୁ ଶତକଡା ୨୦ପ୍ରତିଶତ ହାରରେ ବୋନସ ମିଳୁ ଥିବା ବେଳେ ନିଗମର ଗନ୍ଧମାର୍ଦ୍ଦନ ଖଣି, ଜିଳିଂ ଲଙ୍ଗାଲଟା ଖଣି, ଖଣ୍ଡବନ୍ଧ ଖଣି, ବାଂଶପାଣି ଖଣିର ଠିକାଦାର ଶ୍ରମିକ ଶତକଡା ୮.୩୩ ପ୍ରତିଶତ ହାରରେ ବୋନସ୍ ଦିଆଯାଉଛି। ମାସେ ପୂର୍ବରୁ ଶତକଡା ୨୦ପ୍ରତିଶତ ହାରରେ ବୋନସ୍ ପ୍ରଦାନ ନିମନ୍ତେ ଖଣିରେ କାର୍ଯ୍ୟରତ ଠିକାଦାର ସଂସ୍ଥା ତଥା କେସିସି ଲିଃ, ଡେକୋ ଲିଃ, ଗ୍ରୁପ୍ ଫୋର ସିକ୍ୟୁରର ସଲୁସନ, କୁଇସ୍ କର୍ପୋରେସନ, ଏସଜିଏସ୍ ଓ କୋଟେକନା ଇଣ୍ଡିଆର ଅଧିକାରୀମାନଙ୍କୁ ନୋଟିସ୍ ଦିଆଯାଇଥିଲା। ଗତ ସେପ୍ଟେମ୍ବର ୯ ତାରିଖରେ କେନ୍ଦ୍ରୀୟ ଶ୍ରମ ପ୍ରବର୍ତ୍ତନ ଅଧିକାରୀ, ବଡବିଲଙ୍କ କାର୍ଯ୍ୟାଳୟରେ ଠିକାଦାରମାନଙ୍କ ପ୍ରତିନିଧି ଓ ୟୁନିୟନ ପ୍ରଧିନିଧି ଉପସ୍ଥିତିରେ ଆଲୋଚନା କରା ଯାଇଥିଲେ। ସେହି ଆଲୋଚନାରେ ଠିକାଦାର ପ୍ରତିନିଧି ମାନେ ଶତକଡା ୮.୩୩ପ୍ରତିଶତ ହାରରୁ ଅଧିକ ବୋନସ୍ ଦେବା ରୋକ୍ ଠୋକ୍ ମନାକରି ଦେଇଥିଲେ। ତେଣୁ ବାଧ ହୋଇ ଆମେ ସେପ୍ଟମ୍ବର ୧୫ ତାରିଖରୁ ଖଣି ନିଗମର ଗନ୍ଧମାର୍ଦ୍ଦନ ଖଣି କାର୍ଯ୍ୟାଳୟ, ଜିଳିଂ ଖଣି କାର୍ଯ୍ୟାଳୟ, ଖଣ୍ଡବନ୍ଧ ଖଣି କାର୍ଯ୍ୟାଳୟ ଓ ବାଂଶପାଣି ଖଣି କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଶାନ୍ତିପୂର୍ଣ୍ଣ ଧାରଣା ଚାଲୁ କରାଯାଇଛି। ଶହ ଶହ ସଂଖ୍ୟାରେ ଠିକାଦାର ଶ୍ରମିକ ଭାଗ ନେବା ସହ ୟୁନିୟନ ନେତୃତ୍ୱ ମଧ୍ୟରେ ସାଧାଉଣ ସମ୍ପାଦକ ସାଥୀ ମହେଶ୍ୱର ରାଉତ, ଉପସାଧାରଣ ସମ୍ପାଦକ ସାଥୀ କପିଳ ମହାନ୍ତି, ଉପ ସଭାପତି କାହ୍ନୁଚରଣ ସାମଲ, ସମ୍ପାଦକ ବଦ୍ରୁ ଜାମା, ଉପ ସଭାପତି ଶ୍ରୀହରି ଘଣା, ହୃଦାନନ୍ଦ ପାତ୍ର, ବିରଞ୍ଚି ଦେହୁରୀ, ମାର୍କଣ୍ଡ ଦେହୁରୀ, ମିଟୁ ମହାନ୍ତ, ରାଜାରାମ ମୁଣ୍ଡା, ହୃଦାନନ୍ଦ ପ୍ରଧାନ ପ୍ରମୁଖ ଭାଗ ନେଇଥିଲେ।

## ବନ୍ୟଜନ୍ତୁ ସାମଗ୍ରୀ ଜବତ; ଶିକାରୀ ଗିରଫ



ମହୁଲଡିହା,୧୫।୯ (ସମିସ): ଠାକୁରମୁଣ୍ଡା ବଣ୍ୟପ୍ରାଣୀ ବନାଞ୍ଚଳ କମ୍ପାର୍ଟମେଣ୍ଟ ୧୨ରେ ଅନଧିକାର ପ୍ରବେଶ କାରଣରୁ କେଶଡିହା ଗ୍ରାମର କୁଞ୍ଜ ସଏଙ୍କ ବନ ବିଭାଗ ଚଢଉ କରି ବିଭିନ୍ନ ବନ୍ୟଜନ୍ତୁ ସାମଗ୍ରୀ ଜବତ କରିବା ସହିତ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଘଟଣାରୁ ପ୍ରକାଶ ଯେ, ଏଆଇ କ୍ୟାମେରା ଫଟୋ ଆଧାରରେ ଶିମିଳିପାଳ ସଂରକ୍ଷିତ ଜଙ୍ଗଲ କମ୍ପାର୍ଟମେଣ୍ଟ ୧୨ରେ ଧନୁ, ତୀର ଧରି ଶିକାର ଉଦ୍ଦେଶ୍ୟରେ କୁଞ୍ଜ ସଏ ପଶିଥିବା ଜଣାପଡିଥିଲା। ବନ ବିଭାଗ ଗତ ୧୩ ତାରିଖରେ ଚଢ଼ଉ କରି ତାଙ୍କ ଘରୁ ହରିଣ ଶିଙ୍ଗ, କୋଚିଲା ଖାଇ ଚଢେଇ ଥଣ୍ଟ, ଧନୁ, ତୀର, ଫାଶ ଆଦି ଜବତ କରିଛି। ଗତ ୧୪ ତାରିଖ ସନ୍ଧ୍ୟାରେ ଅଭିଯୁକ୍ତକୁ ବାରିପଦା କୋର୍ଟରେ ହାଜର କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ମୁଣ୍ଡାରୀ କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ବଣ୍ଟନ



ବଡସାହି,୧୫।୯ (ସମିସ): ମୁଣ୍ଡାରୀ ଭାଷା ସମନ୍ୱୟ କମିଟି ଦ୍ୱାରା ପରିଚାଳିତ ମୁଣ୍ଡାରୀ ବିଦ୍ୟାଳୟରେ ଜୁନ୍ ୮ ତାରିଖରେ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସୋମବାର ବଡସାହି ବ୍ଲକ ଯଦୁନାଥପୁର ଗ୍ରାମପଞ୍ଚାୟତ ଚନ୍ଦନଚତୁରି ଏବଂ ଲକ୍ଷ୍ମଣସାହି ଗ୍ରାମପଞ୍ଚାୟତ ଭାଦୁଶୋଳ ମୁଣ୍ଡାରୀ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ବଣ୍ଟନ କରାଯାଇଛି। ଏହି ଅବସରରେ ଗ୍ରାମବାସୀଙ୍କୁ ନେଇ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଚାଲିଥିବା ଭାଷା ଆନ୍ଦୋଳନ ଆଗାମୀ ଦିନରେ ସବୁ ମୁଣ୍ଡାରୀ ଭାଷାଭାଷୀ ଗ୍ରାମରେ ବ୍ୟାପକ କରାଯିବା ସହିତ ଏହି ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ସାମିଲ କରିବା ଦାବିରେ ଦିଲ୍ଲୀ ଯନ୍ତରମନ୍ତରରେ ଧାରଣା ଦିଆଯିବ ଏବଂ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଗୃହ ମନ୍ତ୍ରୀଙ୍କୁ ସାକ୍ଷାତ କରାଯିବା ଯୋଜନା ରହିଛି ବୋଲି ବକ୍ତାମାନେ କହିଥିଲେ। ଏଥିସହିତ ଏହି ଗ୍ରାମରେ ପ୍ରତ୍ୟେକ ରବିବାର ମୁଣ୍ଡାରୀ ଭାଷା ଶିକ୍ଷା ନିମନ୍ତେ ଥିବା ବିଦ୍ୟାଳୟରେ ଆବାଳବୃଦ୍ଧ ବନିତା ସମସ୍ତଙ୍କ ପାଇଁ ଶିକ୍ଷା ଗ୍ରହଣର ସୁବିଧା କରାଯିବା ପାଇଁ ଆହ୍ୱାନ ଦିଆଯାଇଥିଲା। ମୁଣ୍ଡାରୀ ଭାଷା ସମନ୍ୱୟ ସଦସ୍ୟତା ଅଭିଯାନକୁ ଲୋକାଭିମୁଖୀ କରିବାକୁ ନୂତନ ସଦସ୍ୟଙ୍କୁ ବାର୍ଷିକ ପଞ୍ଜିକରଣ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ଉପଦେଷ୍ଟା ତଥା ଶ୍ୟାମାଖୁଣ୍ଟି ବ୍ଲକ ୪୯ ନମ୍ବର ଜୋନ୍ ଜିଲ୍ଲାପରିଷଦ ସଦସ୍ୟ ମଧୁସୂଦନ ସିଂ, ସାଧାରଣ ସମ୍ପାଦକ ଇଂ ସୁନାରାମ ସିଂ, ପର୍ଯ୍ୟବେକ୍ଷକ ରାମେଶ୍ୱର ସିଂ, ଶଶିଧର ସିଂ, ମୁଣ୍ଡାରୀ ଶିକ୍ଷା ପରିଷଦର ସମ୍ପାଦକ ବୁଧିଆ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ତଃ ରାଜ୍ୟ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା



କରଞ୍ଜିଆ,୧୫।୯ (ସମିସ): କରଞ୍ଜିଆ କ୍ରୀଡା ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତଃ ରାଜ୍ୟ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତାର ଷଷ୍ଠ ଦିନର ପ୍ରଥମ ରାଉଣ୍ଡ ଖେଳ ପଳସାଗଡିଆ ବନାମ ହୁଡିଂତୋଟା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। କେହି କାହାକୁ ଗୋଲ ଦେଇ ନ ପାରିବାରୁ ଟାଇ ବ୍ରେକର ଜରିଆରେ ହୁଡିଂତୋଟା ଦଳ ୩-୨ ଗୋଲରେ ବିଜୟ ଲାଭ କରି ତୃତୀୟ ରାଉଣ୍ଡ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ। ଦ୍ୱିତୀୟ ରାଉଣ୍ଡ ଖେଳ ସରଧା ବନାମ ମହିଷାମୁଣ୍ଡା ମଧ୍ୟରେ ହୋଇଥିଲା। ପରେ ଟାଇବ୍ରେକର ଜରିଆରେ ମହିଷାମୁଣ୍ଡା ୪-୩ ଗୋଲରେ ବିଜେତା ହୋଇ ତୃତୀୟ ରାଉଣ୍ଡ ଖେଳରେ ହୁଡିଂତୋଟା ଦଳ ସହିତ ଖେଳିଥିଲେ। ଫଳରେ ହୁଡିଂତୋଟା ଦଳ ୧-୦ ଗୋଲରେ ବିଜୟୀ ହୋଇଛି। ମୁଖ୍ୟ ଅତିଥି ଦେଓ ଜଳ ସେଚନ ସହକାରୀ ଯନ୍ତ୍ରୀ ମଧୁସୂଦନ ହେମ୍ବ୍ରମ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତାକାଲି ଖେଳ ମରିଡା ଏଫସି ବନାମ ଗୋଧିନାଳି ଦ୍ୱିତୀୟ ରାଉଣ୍ଡରେ ତିରିଂ ଏଫ୍ ସି ବନାମ ଖୁଣ୍ଟାପଡ଼ା ମଧ୍ୟରେ ହେବ।

## ସେଙ୍ଗେଲ ଅଭିଯାନ ପକ୍ଷରୁ ଆନନ୍ଦପୁର ପ୍ରଶାସନକୁ ଦାବିପତ୍ର

ଆନନ୍ଦପୁର,୧୫।୯ (ସମିସ): ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସଂଗଠନର କେନ୍ଦୁଝର ଜୋନାଲ କମିଟି ମୁଖ୍ୟକଲ୍ୟାଣ ବାସ୍କେଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତ୍ତା ଓ କେତେକ ସଦସ୍ୟ ଶାନ୍ତିପୂର୍ଣ୍ଣ ଭାବେ ଆସି ଦାବିପତ୍ର ପ୍ରଦାନ କରି ମାଝୀ ପାର୍ଗନା ବ୍ୟବସ୍ଥାର ଉଚ୍ଛେଦ କରାଯିବାକୁ ଦାବି ଜଣାଇଥିଲେ। କେନ୍ଦ୍ର ସରକାର ଏଦିଗରେ କୌଣସି ବିଧବଦ୍ଧ ପଦକ୍ଷେପ ଗ୍ରହଣ କରୁନଥିବାରୁ ସଂଗଠନର କର୍ମକର୍ତ୍ତା କ୍ଷୋଭ ପ୍ରକାଶ କରିଥିଲେ। ଏହିପ୍ରତିନିଧି ଦଳରେ ଚନ୍ଦ୍ରମଣି ସୋରେନ, ବଳରାମ ଟୁଡୁ, ଦାସ ସୋରେନ, ରବୀନ୍ଦ୍ର ସୋରେନ, ଦଶମତ ଟୁଡୁ, ଗୋବିନ୍ଦ ମୁର୍ମୁ ପ୍ରମୁଖ ଉପସ୍ଥିତ ଥିଲେ।

### ବିଇଓଙ୍କ ମନମାନୀ ପାଇଁ ଶିକ୍ଷକ ପରିବାର ହନ୍ତସନ୍ତ

# ୨ ଦିନ ମଧ୍ୟରେ ହାଉସ୍ ବିଲ୍ଡିଂ ବିଲ୍ ନ ମିଳିଲେ ଆତ୍ମଦାହ

ବଡସାହି,୧୫।୯ (ସମିସ)

ବଡସାହି ବ୍ଲକ ଛେଳିଆ ଉନ୍ନିତ ଉଚ୍ଚବିଦ୍ୟାଳୟର ସହକାରୀ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଜେନାଙ୍କ ଗୃହ ଋଣ ୧୦ ଦିନ ହେଲା ରିଜିଓନାଲ ଡାଇରେକ୍ଟରଙ୍କ ପକ୍ଷରୁ ମଞ୍ଜୁର ହୋଇଛି। ଇତିମଧ୍ୟରେ ଶିକ୍ଷକ ଶ୍ରୀ ଜେନା ଏବଂ ତାଙ୍କ ପରିବାର ୩ଥର ବଡସାହି ବିଇଓ ମଧୁସ୍ମିତା ଗିରିଙ୍କୁ ଭେଟି ଟଙ୍କାର ଆବଶ୍ୟକତା ଥିବାର ଦର୍ଶାଇ ଅନୁରୋଧ କରିଥିଲେ; କିନ୍ତୁ ସେ ଆକ୍ରୋଶମୂଳକ ଭାବେ ବିଲ କରୁ ନ ଥିବା ଶିକ୍ଷକ ଶ୍ରୀ ଜେନା ଅଭିଯୋଗ କରିଛନ୍ତି। ସୋମବାର ଶ୍ରୀ ଜେନା ଏ ସଂକ୍ରାନ୍ତରେ ଜିଲ୍ଲା ଶିକ୍ଷାଧିକାରୀ ଓ ବଡସାହି ଆଇଆଇସିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏହାର ଏକ ନକଲ ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ପ୍ରଦାନ କରିଛନ୍ତି। ଆସନ୍ତା ୧୭ ତାରିଖ ସୁଦ୍ଧା ଗୃହ ଋଣ ବିଲ ନ ହେଲେ ତାଙ୍କ ପରିବାର ୧୮ ତାରିଖରେ ବିଇଓ ଅଫିସ ସମ୍ମୁଖରେ ଆତ୍ମହୂତି ଦେବେ ବୋଲି ଜଣାଇଛନ୍ତି। ଶିକ୍ଷକ ଶ୍ରୀ ଜେନା ଗତ ୨୦୨୩ରେ ହାଉସ ବିଲଡିଂ ଲୋନ ଆବେଦନ କରିଥିବା ବେଳେ ଜୁନ ୨୦୨୩ ଲୋନ ପରିମାଣର ୬୦ ପ୍ରତିଶତ ପାଇଥିଲେ। ମାତ୍ର ୨ବର୍ଷ ପରେ ୩୧ ମେ ୨୦୨୫ରେ ବାକି ଥିବା ୪୦ ପ୍ରତିଶତ ମଞ୍ଜୁରୀ ରିଜିଓନାଲ ଡାଇରେକ୍ଟରଙ୍କ ନିକଟରୁ ବିଇଓଙ୍କ ଅଫିସକୁ ଆସିଥିଲା। ମାତ୍ର ଏହି ମଞ୍ଜୁରୀ ଚିଠି ନମ୍ବରରେ ଦୁଇଟି ଅଙ୍କ ଭୁଲଥିବାରୁ ଏହା ଗତ ୨୭ ଜୁଲାଇରେ ଟ୍ରେଜେରୀରୁ ପୁଣି ବିଇଓଙ୍କ ନିକଟକୁ ଫେରି ଆସିଥିଲା। ତତ୍କାଳୀନ ସମୟରେ ବାରମ୍ବାର ଅନୁରୋଧ ପରେ ମଧ୍ୟ ଲୋନ ରାଶିର ୬୦ ପ୍ରତିଶତର ମଂଜୁରୀ ଚିଠି ଓ ଏହି ୪୦ ପ୍ରତିଶତର ମିଜୁରୀ ଚିଠି ସେହି ଜଣେ ଶିକ୍ଷକଙ୍କ ବୋଲି ବିଇଓ ଟ୍ରେଜେରୀକୁ ନ ଜଣାଇ ପୁଣି ତାଙ୍କୁ ରିଜିଓନାଲ ଡାଇରେକ୍ଟରଙ୍କ ପାଖକୁ ପଠାଇଦେଇଥିଲେ। ଶିକ୍ଷକ ଶ୍ରୀ ଜେନା ଅଗଷ୍ଟ ୪ରେ ରିଜିଓନାଲ ଡାଇରେକ୍ଟରଙ୍କୁ ଦେଖା କରିବାରୁ ସେ ଲୋନ ଟଙ୍କା ଉଠାଣ ହୋଇନାହିଁ ବୋଲି ବିଇଓ ଏକ ଚିଠି କରନ୍ତୁ ବୋଲି କହିଥିଲେ। ଏ ସମ୍ପର୍କରେ ବିଇଓଙ୍କୁ ଅବଗତ କରିବା ପରେ ମଧ୍ୟ ସେ ବିଲ କଲେ ନାହିଁ। ଫଳରେ ଅଗଷ୍ଟ ୨୧ରେ ପୁଣି ଶିକ୍ଷକ ଜଣକ ରିଜିଓନାଲ ଡାଇରେକ୍ଟରଙ୍କୁ ଦେଖା କରିବା ପରେ ସେ ଫୋନ ଯୋଗେ ବିଇଓଙ୍କୁ ତୁରନ୍ତ ଚିଠି କରିବା ପାଇଁ କହିଥିଲେ। ମାତ୍ର ଇତିମଧ୍ୟରେ ୬ଦିନ ବିତି ଯାଇଥିଲେ ମଧ୍ୟ କୋ÷ଣସି ସୁଫଳ ନ ମିଳିବାରୁ ସେ ବାଧ ହୋଇ 'ଆମ ଓଡିଶା ଶାସନ' ଆପ୍‌ରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଥିଲେ। ଫଳରେ ରିଜିଓନାଲ ଡାଇରେକ୍ଟର ତାଗିଦ ପରେ ବିଇଓ ଚିଠି କରିବା ପରେ ଶିକ୍ଷକଙ୍କର ମଂଜୁରୀ ଚିଠିଟି ସଂଶୋଧନ ହୋଇ ଗତ ୪ ତାରିଖରୁ ବିଇଓଙ୍କ ଅଫିସକୁ ଆସିଛି। ମାତ୍ର ୧୦ଦିନ ବିତି ଥିଲେ ହେଁ ବିଭିନ୍ନ ଆଳ କରି ଓ ମନ୍ଦ ଉଦ୍ଦେଶ୍ୟ ରଖି ବିଇଓ ବିଲ କରୁ ନ ଥିବାର ଶ୍ରୀ ଜେନା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଇଓ ମଧୁସ୍ମିତା ଗିରିଙ୍କୁ ଯୋଗଯୋଗ କରିବାରୁ କାର୍ଯ୍ୟବ୍ୟସ୍ତତା ପାଇଁ ବିଳମ୍ବ ହୋଇଛି। ବିଲ ପ୍ରସ୍ତୁତ କରିବା ପାଇଁ କିରାଣୀଙ୍କୁ କହିଥିବା ପ୍ରକାଶ କରିଛନ୍ତି।

● ମୁଖ୍ୟମନ୍ତ୍ରୀ ଓ ମିଶନଶକ୍ତି ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

## ଏସ୍ଏଚ୍‌ଜି ପୁନର୍ଗଠନ ବିରୋଧରେ ଗର୍ଜିଲେ ଇସି ସଦସ୍ୟା

ବିଶୋଇ,୧୫।୯ (ସମିସ): ସରକାରଙ୍କ ସ୍ୱୟଂ ସହାୟକ ଗୋଷ୍ଠୀ ପୁନର୍ଗଠନ ନିଷ୍ପତ୍ତିକୁ ବିରୋଧ କରି ସୋମବାର ବିଶୋଇ ବ୍ଲକ ମିଶନ ଶକ୍ତି ବିଭାଗର ଇସି ସଦସ୍ୟାମାନେ ଗର୍ଜିଛନ୍ତି। ବ୍ଲକରେ କାର୍ଯ୍ୟରତ ୨୧୨ ଜଣ ଇସି ସଦସ୍ୟା ଏକତ୍ରିତ ହୋଇ ସରକାରଙ୍କ ନିଷ୍ପତ୍ତିକୁ ବିରୋଧ କରିବା ସହିତ ନିନ୍ଦା କରିଛନ୍ତି। ତୁରନ୍ତ ପୁନର୍ଗଠନ ନିଷ୍ପତ୍ତିକୁ ପ୍ରତ୍ୟାହୃତ କରିବା ପାଇଁ ଇସି ସଦସ୍ୟାମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମିଶନଶକ୍ତି ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓ ସାଗର ଚନ୍ଦ୍ର ମୁର୍ମୁଙ୍କୁ ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ, ୧୫ ବର୍ଷ ଧରି ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ଇସି ସଦସ୍ୟାମାନେ ବିନା ପାରିଶ୍ରମିକରେ କାର୍ଯ୍ୟକରି ଆସୁଛନ୍ତି। ମାତ୍ର ରାଜ୍ୟ ସରକାର ଗ୍ରାମାଞ୍ଚଳରେ ସକ୍ରିୟ ଥିବା ସ୍ୱୟଂ ସହାୟକ ଗୋଷ୍ଠୀର ପୁନର୍ଗଠନ କରିବା ପାଇଁ କଡା ନିର୍ଦ୍ଦେଶ ଦେଇ ଇସି ସଦସ୍ୟାଙ୍କୁ ନିଜ ପଦବୀରୁ ବିତାଡିତ କରିବାକୁ ଉଦ୍ୟମ କରୁଛନ୍ତି। ରାଜ୍ୟରେ ଜିପିଏଲଏଫ ଓ ବିଏଲଏଫ ସ୍ତରରେ କାର୍ଯ୍ୟରତ ଇସି ସଦସ୍ୟାମାନେ ପୂର୍ବରୁ ନିଜର ଏହି ସମସ୍ୟା ନେଇ ସରକାରଙ୍କ ନିକଟରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଏ ନେଇ ଉଚ୍ଚ ନ୍ୟାୟାଳୟରେ ଇସି ସଦସ୍ୟାମାନେ ଦ୍ୱାରସ୍ଥ ହୋଇଥିଲେ। ପରେ ଉଚ୍ଚ ନ୍ୟାୟାଳୟ ପୁନର୍ଗଠନ ପ୍ରକ୍ରିୟା ନିଷ୍ପତ୍ତିକୁ ସ୍ଥଗିତ ରଖିଛନ୍ତି; ମାତ୍ର ରାଜ୍ୟ ସରକାର ନ୍ୟାୟାଳୟ ନିର୍ଦ୍ଦେଶକୁ ଅବମାନନା କରି ଓଲଟା ଏସ୍.ଏଚ୍.ଜି ପୁନର୍ଗଠନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଚାଲିଛନ୍ତି ବୋଲି ସଦସ୍ୟାମାନେ ଅଭିଯୋଗ କରିଚନ୍ତି। ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ କରାନଗଲେ ଇସିମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ବିଶୋଇ ବିଏଲଫ ସଭାପତି ଚନ୍ଦ୍ରିକା ମହାନ୍ତି, ସମ୍ପାଦିକା ସାବିତ୍ରୀ ନାଏକ, କୋଷାଧ୍ୟକ୍ଷା ଆରତୀ ମହାନ୍ତ ସମେତ ବହୁ ସଦସ୍ୟଙ୍କ ଉପସ୍ଥିତିରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ନାହିଁ ସ୍ଥାୟୀ ଉପନିବନ୍ଧକ କାର୍ଯ୍ୟାଳୟ

**କର୍ମଚାରୀ ଅଭାବ, ତହସିଲ ଭିତରେ ଚାଲିଛି କାର୍ଯ୍ୟାଳୟ**

ହାଟଡ଼ିହୀ,୧୫।୯ (ସମିସ): ହାଟଡ଼ିହୀ ତହସିଲ ଅଧୀନରେ ଥିବା ସବ୍-ରେଜିଷ୍ଟର(ଉପନିବନ୍ଧକ) କାର୍ଯ୍ୟାଳୟ ପାଇଁ ସ୍ଥାୟୀ କାର୍ଯ୍ୟାଳୟ ଗୃହ ନଥିବାରୁ ତହସିଲ କାର୍ଯ୍ୟାଳୟ ଭିତରେ ଚାଲୁଛି। ଏନେଇ ସରକାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରୁନି। ହାଟଡ଼ିହୀ ତହସିଲଟି ଜିଲ୍ଲାସ୍ତରରେ ଆୟତନ ଅନୁସାରେ ସର୍ବବୃହତ ହୋଇଥିବାରୁ ଏଠାରେ ଜନସଂଖ୍ୟା ଅନୁସାରେ ଜମିଜମା ମାମଲା ଅଧିକ ଲାଗିରହୁଛି। ପୃଥକ ଭାବେ ଉପନିବନ୍ଧକ କାର୍ଯ୍ୟାଳୟ ଗୃହ ନଥିବାରୁ ତହସିଲ କାର୍ଯ୍ୟାଳୟ ଭିତରେ ଉପନିବନ୍ଧକ କାର୍ଯ୍ୟାଳୟରେ ଅନେକ ସମୟରେ ଭିଡ଼ ପରିଲକ୍ଷିତ ହେଉଛି। ଏପରି ଯୋଗୁଁ ତହସିଲକୁ ଆସୁଥିବା ଲୋକେ ନାନା ସମସ୍ୟା ଭୋଗୁଛନ୍ତି। ଉପନିବନ୍ଧକ ଅଧିକାରୀ ଭାବେ ଅତିରିକ୍ତ ତହସିଲଦାର ଏହାର ଦାୟିତ୍ୱ ସମ୍ପାଦନ କରୁଥିଲା ବେଳେ ଏଠାରେ ବରିଷ୍ଠ ନିବନ୍ଧକ ସହାୟକ ସ୍ଥାନ ଖାଲି ପଡ଼ିଛି। କନିଷ୍ଠ ନିବନ୍ଧକ ସହାୟକ ଭାବେ ୨ଜଣ କାର୍ଯ୍ୟରତ ଅଛନ୍ତି। ସେଥିମଧ୍ୟରୁ ଜଣେ ବରିଷ୍ଠ ନିବନ୍ଧକ ସ୍ଥାନରେ କାର୍ଯ୍ୟଭାର ତୁଲାଉଛନ୍ତି। ଡାଟାଏଣ୍ଟ୍ରି ଅପରେଟର ଭାବେ ଜଣେ କାର୍ଯ୍ୟ କରୁଛନ୍ତି। ତେବେ ମୁଖ୍ୟ ସମସ୍ୟା ଭାବେ ସ୍ଥାୟୀ ଉପନିବନ୍ଧକ କାର୍ଯ୍ୟାଳୟ ନଥିବାରୁ ଲୋକଙ୍କ ସହ କର୍ମଚାରୀମାନେ ନାନା ସମସ୍ୟା ଭୋଗୁଛନ୍ତି। ଏଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରି ତୁରନ୍ତ ଏଭଳି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

**ଜାତୀୟ ରାଜପଥ ଅଧିଗ୍ରହଣ**

## ଅଧିକ କ୍ଷତିପୂରଣ ଦାବିରେ ଚାଷୀ ଅଟଳ

ତୁରୁମୁଙ୍ଗା,୧୫।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବାଇପାସ୍ ଦେଇଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥ ପ୍ରଶସ୍ତ ପାଇଁ ପାଟଣା ଆର୍‌ଆଇ ସର୍କଲର ଦୁର୍ଗାଦେଇପୁର ଏବଂ ଟିକାୟତପାଟଣା ମୌଜା ଜମି ଅଧିଗ୍ରହଣ ହେବାକୁ ଥିବା ବେଳେ ଏନ୍‌ଏଚ୍‌ଆଇ ଉଚିତ ମୂଲ୍ୟ ଦେଉନଥିବାରୁ ଜମି ହରା ଚାଷୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ସୋମବାର ୨୦ରୁ ଅଧିକ ଚାଷୀ ତହସିଲଦାର ଅଶ୍ୱିନୀ କୁମାର ନାଏକଙ୍କୁ ଭେଟି ଦାବିପତ୍ର ଦେଇ ଜମିର ମୂଲ୍ୟ ବୃଦ୍ଧି କରିବାକୁ ଦାବି କରିଛନ୍ତି। ସୂଚନା ଯେ ସରକାର ଡିସିମିଲ ୨ହଜାର ଟଙ୍କା କ୍ଷତିପୂରଣ ଦେବାକୁ ନୋଟିସ୍ ଦେଇଥିବା ବେଳେ ଉକ୍ତ ଅଞ୍ଚଳରେ ଜମି ଡିସମିଲ ପିଛା ୩ଲକ୍ଷ ଟଙ୍କାରେ ବିକ୍ରି ହୋଇଥିବାର ଚାଷୀମାନେ ଦର୍ଶାଇଛନ୍ତି। ଡିସିମିଲ ପିଛା ୨ହଜାର ଟଙ୍କା ନେବାକୁ ଚାଷୀମାନେ ମନା କରିଦେଇଛନ୍ତି। ଫଳରେ ପ୍ରଶସ୍ତ ହେବାକୁ ଥିବା ଜାତୀୟ ରାଜପଥ କାର୍ଯ୍ୟରେ ବିଳମ୍ବ ଦେଖାଦେଇଛି। ତହସିଲଦାରଙ୍କୁ ଯୁଗୋଳ କିଶୋର ଦାଶ, ଅକ୍ଷୟ କୁମାର ସାହୁ, ସବୀର ଦାଶ, ଦକ୍ଷ ପ୍ରସାଦ ସାହୁ, ଶରତ ଚନ୍ଦ୍ର ଦାଶ, ସନାତନ ଦାଶ, ଦୋଳଗୋବିନ୍ଦ ସାହୁ, ଗୋବିନ୍ଦ ଚନ୍ଦ୍ର ପାତ୍ର, ଚିତ୍ତରଞ୍ଜନ ଦାଶ, ରଘୁନାଥ ଦାଶ, ସୋମନାଥ ଦାଶ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସୁଜିତ୍ କୁମାର ଦାଶ, ଜୟଚନ୍ଦ୍ର ସାହୁ ପ୍ରମୁଖ ତହସିଲ ଦାରଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।




## ଶିକ୍ଷକତା ସହିତ ସାମାଜିକ କାର୍ଯ୍ୟ ପାଇଁ ଶିକ୍ଷକ ସମ୍ବର୍ଦ୍ଧିତ



କେନ୍ଦୁଝର,୧୫।୯ (ସମିସ): ଶିକ୍ଷକତା ହେଉଛି କର୍ମ। ସାମାଜିକ କାର୍ଯ୍ୟ ହେଉଛି ଧର୍ମ। ଏଭଳି ଉଦ୍ଦେଶ୍ୟ ରଖି କାର୍ଯ୍ୟକରି ଆସୁଛନ୍ତି ସ୍ଥାନୀୟ ଏନ୍‌ଏସ୍ ପୁଲିସ ହାଇସ୍କୁଲର ସୁନାମଧନ୍ୟ ଶିକ୍ଷକ ବିଜୟ କୁମାର ବେହେରା। ବିଦ୍ୟାଳୟରେ ପାଠ ପଢ଼ାଇବା ସହ ଏନ୍‌ସିସି କ୍ୟାଡେଟଙ୍କୁ ତାଲିମ୍ ଦେବା, ଚାରାରୋପଣ କରିବା ସହ ବିଭିନ୍ନ ସ୍ୱତନ୍ତ୍ର ଦିନରେ ଚାରା ଉପହାର ଦେଇ ଜଙ୍ଗଲ ଓ ପରିବେଶ ସୁରକ୍ଷା ପାଇଁ ସଚେତନତାର ବାର୍ତ୍ତାଦେଇ ଆସୁଛନ୍ତି। ନିଜେ ରକ୍ତଦାନ କରିବାସହ ଗରିବ ଅସହାୟଙ୍କ ପାଇଁ ମେଡିକାଲରେ ରକ୍ତ ଯୋଗାଡ କରି ସହାୟତା ପ୍ରଦାନ କରି ଆସୁଛନ୍ତି। ସେହିପରି ବିଭିନ୍ନ ସେବାମୂଳକ କାର୍ଯ୍ୟ କରିବାସହ ସର୍ବସାଧାରଣ ସ୍ଥାନରେ ସଫେଇ କାର୍ଯ୍ୟକରି ସ୍ୱଚ୍ଛ ଭାରତର ବାର୍ତ୍ତା ବାଣ୍ଟୁଛନ୍ତି। ଏଥିପାଇଁ ସେ ଶିକ୍ଷାଦାନ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର, ରୋଟାରୀ ନେସନ୍ ବିଲଡର ଆୱାଡର୍, କାସାଣ୍ଡ୍ରା ଗୁରୁ ସମ୍ମାନ, ଶ୍ରେଷ୍ଠ ଏନ୍‌ସିସି ଅଫିସର୍ ଆୱାଡର୍ ଓ ସାମାଜିକ କାର୍ଯ୍ୟ ପାଇଁ ପ୍ରକୃତି ବନ୍ଧୁ ପୁରସ୍କାର, ଶ୍ରେଷ୍ଠ ବିଏଲ୍‌ଓ, ହିନ୍ଦ୍ ଗୌରବ ଆୱାଡର୍, ବସନ୍ତ କୁମାର ବିଶ୍ୱାଳ ଆୱାଡର୍ ଆଦି ବହୁ ସମ୍ମାନରେ ସମ୍ବର୍ଦ୍ଧିତ ହୋଇଛନ୍ତି। ସେହିପରି ସେପ୍ଟେମ୍ବର ୧୪ରେ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲଠାରେ ଅନୁଷ୍ଠିତ ମା' ଶାରଳା ଫାଉଣ୍ଡେସନର ପ୍ରଥମ ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟଅତିଥି ଶିଳ୍ପ, ବୈଷୟିକ ଓ ବିକାଶ ଦକ୍ଷତା ବିଭାଗ, ଓଡ଼ିଶା ସରକାରଙ୍କ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ, ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ମା' ଶାରଳା ଫାଉଣ୍ଡେସନର ସଭାପତି ମୀରାବାଈ ମହାପାତ୍ର, ସାଧାରଣ ସମ୍ପାଦକ ଅନୀଲ କୁମାର ରାଉତ, ପ୍ରତିଷ୍ଠାତ୍ରୀ ସୋନାଲି ମହାନ୍ତି ଶ୍ରୀ ବେହେରାଙ୍କୁ ମା' ଶାରଳା ସେବା ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ।

## ଦୋବଲାପାଳ ଉଚ୍ଚ ବିଦ୍ୟାୟରେ ହିନ୍ଦୀ ଦିବସ



ତେଲକୋଇ,୧୫।୯ (ସମିସ): ଦୋବଲାପାଳ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ସଭାରେ ତେଲକୋଇ ବ୍ଲକ ହିନ୍ଦୀ ଶିକ୍ଷକ ସଂଘର ସଭାପତି ଉମାକାନ୍ତ ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଚିନ୍ମୟ ମିଶନ ଖୁଲୁଡି ଶାଖାର ସ୍ୱାମିଜୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ କେଶବଚନ୍ଦ୍ର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଦୋବଲାପାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ବାରିକ, ତେଲକୋଇ ବାଳିକା ଉଚ୍ଚ ବିଦ୍ୟାଳୟର ବରିଷ୍ଠ ସଂସ୍କୃତ ଶିକ୍ଷକ ତଥା ତେଲକୋଇ ଓଷ୍ଟା ସଂଘର ସମ୍ପାଦକ ଚିତ୍ତରଞ୍ଜନ ପଟ୍ଟନାୟକ, ବରିଷ୍ଠ ହିନ୍ଦୀ ଶିକ୍ଷକ ଦିବାକର ମହାନ୍ତ, ସରକାରୀ ଶିକ୍ଷକ ଧିରେନ କୁମାର ମହାକୁଡ଼ ପ୍ରମୁଖ ଯୋଗ ଦେଇଥିଲେ। ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭାଷଣ, ସଙ୍ଗୀତ, କବିତା ଆବୃତ୍ତି ଓ ଶୁଦ୍ଧ ହିନ୍ଦୀ ଲିଖନ ପ୍ରତିଯୋଗିତା କରାଯାଇଥିଲା। ସେଥିରୁ ଭାଷଣରେ ଶୁଭ୍ରାଜିତ ମହାକୁଡ଼ ପ୍ରଥମ, ନମିତା ମହାନ୍ତ ଦ୍ୱିତୀୟ, ଶୁଭମ୍ ପେଣ୍ଟେଇ ତୃତୀୟ ଓ ସଙ୍ଗୀତରେ ପାପାଲି ପାତ୍ର ପ୍ରଥମ, ରୁନି ପ୍ରଧାନ ଦ୍ୱିତୀୟ, ରଶ୍ମିତା ମହାନ୍ତ ତୃତୀୟ ଓ କବିତା ଆବୃତ୍ତିରେ ମାମାଲି ପାତ୍ର ପ୍ରଥମ, ଶୃତିରାଣୀ ମହାନ୍ତ ଦ୍ୱିତୀୟ, ମୌସୁମୀ ନାୟକ ତୃତୀୟ ଓ ଶୁଦ୍ଧ ହିନ୍ଦୀ ଲିଖନରେ ଉଗ୍ରସେନ ପାତ୍ର ପ୍ରଥମ, ରୋଜାଲିନ ମହାକୁଡ଼ ଦ୍ୱିତୀୟ ଓ ସରସ୍ୱତୀ ପେଣ୍ଟେଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମକୁ ହିନ୍ଦୀ ଶିକ୍ଷକ ବିଜୟ କୁମାର ସାହୁ ସଭା ପରିଚାଳନା କରିଥିବା ବେଳେ ହିନ୍ଦୀ ଶିକ୍ଷକ ସଂଘର ସଂପାଦକ ପ୍ରତାପ ଚନ୍ଦ୍ର ମହାନ୍ତ ସଂପାଦକୀୟ ବିବରଣୀ ପାଠ କରିଥିଲେ। ହିନ୍ଦୀ ଶିକ୍ଷକ ହୃଦାନନ୍ଦ ମହାନ୍ତ, ତରୁଣ କୁମାର ସାହୁ, ସୋମନାଥ ନାୟକ ସହଯୋଗ କରିଥିବା ବେଳେ ହିନ୍ଦୀ ଶିକ୍ଷକ ପୁରୁଷୋତ୍ତମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସହିଦ୍ ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ



ବହଳଦା, ୧୫।୯ (ସମିସ)

ତିରିଂ ଥାନା ଲୁପୁଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଇବାଡି ଗ୍ରାମର ସାମାୟ ମୁର୍ମୁଙ୍କ ପୁଅ ଲାଲୁ ମୁର୍ମୁ (୩୫) ତ୍ରିପୁରା ରାଜ୍ୟ ସୀମାନ୍ତ ଚିତାବାଡି ଆଉଟପୋଷ୍ଟରେ ସୀମା ସୁରକ୍ଷାବଳ ଯବାନ ଭାବେ କାର୍ଯ୍ୟରତ ଥିଲେ। ଅଚାନକ ତାଙ୍କର ପରଲୋକ ହୋଇଥିବାବେଳେ ଆଜି ତାଙ୍କ ପୈତୃକ ଗ୍ରାମରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ ସମ୍ପନ୍ନ ହୋଇଛି। ସେ ୧୩ ତାରିଖ ଡ୍ୟୁଟିରୁ ଆଉଟପୋଷ୍ଟରେ ପହଞ୍ଚି ସକାଳ ୬.୩୫ ସମୟରେ ବାଥରୁମରେ ହାତମୁହଁ ଧୋଇବାକୁ ଯାଇଥିବାବେଳେ ପଡିଯାଇ ସଂଜ୍ଞାହୀନ ହୋଇଯାଇଥିଲେ। ତାଙ୍କୁ ଅଚେତ ଅବସ୍ଥାରେ ନିକଟସ୍ଥ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ଗତକାଲି ତାଙ୍କ ପାର୍ଥିବ ଶରୀର ତିରିଂ ପହଞ୍ଚିବାରେ ବିଳମ୍ବ ହେବାରୁ ତାଙ୍କୁ ପୁରଣା ତିରିଂ ଥାନା ପରିସରରେ ରଖାଯାଇଥିଲା। ସେଠାରୁ ସକାଳରେ ସ୍ଥାନୀୟ ଯୁବକ ଓ ରାଇବାଡି ଗ୍ରାମବାସୀ ଭାରତୀୟ ଜାତୀୟ ପତାକା ସହ ବିଶାଳ ବାଇକ ଶୋଭାଯାତ୍ରାରେ ସହିଦ୍ ବୀର ଯବାନ ଲାଲୁ ମୁର୍ମୁ ଅମର ରହେ, ଭାରତ ମାତା କି ଜୟ ଆଦି ସ୍ଲୋଗାନ ଦେଇ ତାଙ୍କ ପୈତୃକ ଗ୍ରାମ ରାଇବାଡିରେ ପହଞ୍ଚିଥିଲେ। ସେ ୨୦୧୦ରେ ସେନା ବାହିନୀରେ ଯୋଗ ଦେଇ ଦୀର୍ଘ ୧୬ ବର୍ଷ ସୀମା ସୁରକ୍ଷା ବଳରେ କାର୍ଯ୍ୟରତ ଥିଲେ। ଗତ ମେ ମାସରେ ଛୁଟିରେ ଗାଁକୁ ଆସିଥିବାବେଳେ ଅପରେସନ ସିନ୍ଦୁର ପରିସ୍ଥିତି ପାଇଁ ଡ୍ୟୁଟିରେ ଯୋଗଦେବାକୁ ଡାକରା ଆସିଥିଲା। ସୀମା ସୁରକ୍ଷା ବଳ ୧୨୧ ବାଟାଲିୟନର ଇନିସ୍ପେକ୍ଟର ସନାତନ ଟୁଡୁ, ଏସଆଇ ଆରଜେ ମାହାତୋ ଏବଂ ଏସଆଇ ଜଡା ଟୁଡୁଙ୍କ ସମେତ ମୋଟ ୧୫ ଜଣ ଯବାନ ସହିଦ୍ ଲାଲୁ ମୁର୍ମୁଙ୍କ ପାର୍ଥିବ ଶରୀର ନେଇ ପହଞ୍ଚିଥିଲେ। ପରେ ଶୋକାକୂଳ ପରିବେଶରେ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷ ସଲାମୀ ଦେଇଥିଲେ। ଜିଲ୍ଲାପରିଷଦ ପରେଶଚନ୍ଦ୍ର ମୁଣ୍ଡା, ତିରିଂବ୍ଲକ ଅଧ୍ୟକ୍ଷ ପରମେଶ୍ୱର ସାମାଡ, ତିରିଂ ପିଢ ପରଗଣା ଛୋଟରାୟ ହେମ୍ବ୍ରମ, ବିଡିଓ ଭାଗବତ ମହାପାତ୍ର, ତହସିଲଦାର ସୁଶାନ୍ତ କୁମାର ବେହେରା, ତିରିଂଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନା, ଲୁପୁଙ୍ଗ ସରପଞ୍ଚ ଦେଓଗୀ ହେମ୍ବ୍ରମ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଜେମାମଣୀ ସୁଣ୍ଡି ଏବଂ ବଳଦେବ ହେମ୍ବ୍ରମଙ୍କ ସହିତ ବହୁ ଗଣ୍ୟମାନ ବ୍ୟକ୍ତି ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପୁଅର ମୃତ୍ୟୁ ଖବର ଶୁଣି ମାଆ ବାରିପଦା, ବାପା ରାଇରଙ୍ଗପୁର ଏବଂ କକା ବହଳଦା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

## ଦେଓଗାଁରେ ବିଶ୍ୱ ଭାତୃତ୍ୱ ଦିବସ ପାଳିତ

ଆନନ୍ଦପୁର,୧୫।୯ (ସମିସ): ଘଷିପୁରା ବ୍ଲକ୍ ଅଧୀନ ଦେଓଗାଁସ୍ଥିତ ଅଗ୍ରଣୀ ଶିକ୍ଷାନୁଷ୍ଠାନ ବିବେକାନନ୍ଦ ଆଦର୍ଶ ବିଦ୍ୟାଳୟରେ ଆଜି ବିଶ୍ୱ ଭାତୃତ୍ୱ ଦିବସ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଅନାମ ଚରଣ ମାଝୀଙ୍କ ସଂଯୋଜନାରେ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ସଙ୍ଗୀତ ଗୁରୁ ରବୀନ୍ଦ୍ରନାଥ ବଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାପ୍ତ ପ୍ରଧାନଶିକ୍ଷକ ହରିପ୍ରସାଦ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ମୁଖ୍ୟ ବକ୍ତା ଭାବେ କୁମାରୀ ବିବେକାନନ୍ଦ କେନ୍ଦ୍ରର ସମ୍ମାନିତ କନ୍ୟା କୁମାରୀ ସଂଯୋଜିକା ଭଗ୍ନୀ ରଶ୍ମିତା ଏବଂ ସମ୍ମାନିତ ଅତିଥି ଭାବେ ବିଶ୍ୱ ଭାରତୀ ବିଶ୍ୱ ବିଦ୍ୟାଳୟ ଶାନ୍ତି ନିକେତନର ପ୍ରଫେସର ଡ.ସନତ କୁମାର ରଥ ଏବଂ ଦେଓଗାଁ ଶାଖାର ସଂଯୋଜକ ଦିଲ୍ଲୀପ କୁମାର ଭୂୟାଁ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କର ଜୀବନ ଆଦର୍ଶ ଉପରେ ବକ୍ତବ୍ୟ ରଖି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଉପସ୍ଥିତ ଛାତ୍ରଛାତ୍ରୀ, ଅଭିଭାବକ, ଅଭିଭାବିକା ତଥା ଉପସ୍ଥିତ ଅଞ୍ଚଳବାସୀଙ୍କୁ ଆହ୍ୱାନ କରିଥିଲେ। ବିଶ୍ୱ ଭାତୃତ୍ୱ ଦିବସ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀ ଏବଂ ଭାରତୀୟ ଶିକ୍ଷା ପରିଷଦ ଭୁବନେଶ୍ୱର ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମେଧା ବୃଦ୍ଧି ପରୀକ୍ଷା ତଥା ଅଲମ୍ପିଆଡ଼ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଏବଂ ୨୦୨୩-୨୪ ଶିକ୍ଷା ବର୍ଷରେ ଘଷିପୁରା ବ୍ଲକ ସରକାରୀ ମେଧା ବୃତ୍ତି ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟସ୍ତରୀୟ ଅଲମ୍ପିଆଡ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶୁଭସ୍ମିତା ରଣା, ବିଗ୍ନେଶ ଭୂୟାଁ, ପ୍ରତ୍ୟୁଷ ପତି, ଦାଶକ୍ତିଙ୍କୁ ଯଥାକ୍ରମେ ୫୦୦ ଏବଂ ୨୫୦୦ ଲେଖାଏଁ ଅର୍ଥ ରାଶି ପ୍ରଦାନ କରାଯିବା ସହିତ ଅନ୍ୟ ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ "ରଥ ସେବା' ପ୍ରତିଷ୍ଠାନ ପକ୍ଷରୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପରିଚାଳନା କମିଟିର ସମ୍ପାଦକ ହଳଧର ଆଚାର୍ଯ୍ୟ, ସ୍ଥାନୀୟ ବିବେକାନନ୍ଦ ଶାଖାର ସଂଯୋଜିକା ରାଜଶ୍ରୀ ଭୂୟାଁ, ସତ୍ୟରଞ୍ଜନ ସେଠୀ, ସୁଶାନ୍ତ ଭାଇ, ଗଙ୍ଗାଧର ଭାଇ ପ୍ରମୁଖ ସହଯୋଗ କରିଥିବା ବେଳେ ଦିଲ୍ଲୀପ କୁମାର ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ।



## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିପାରନ୍ତି। ପେଟ ଜନିତ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ବୃଷ:** ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମ ଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଚକ୍ଷୁ ସମସ୍ୟା ଦେଖା ଦେବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସ ଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ


- ୧୮୨୧- ମେକ୍ସିକୋ ସ୍ପେନ୍‌ଠାରୁ ସ୍ୱାଧୀନ ହେଲା।
- ୧୯୦୮- ଜେନେରାଲ ମୋଟର୍ସର ସ୍ଥାପନା।
- ୧୯୫୬- ଅଷ୍ଟ୍ରେଲିଆରେ ଟେଲିଭିଜନ ପ୍ରସାରଣ ଆରମ୍ଭ ହେଲା।
- ୧୯୭୫- ପାପୁଆ ନ୍ୟୁଗିନି ଅଷ୍ଟ୍ରେଲିଆରୁ ସ୍ୱାଧୀନ ହେଲା।
- ୧୯୭୮- ଜେନେରାଲ୍ ଜିଆ ଉଲ୍ ହକ୍ ପାକିସ୍ତାନର ରାଷ୍ଟ୍ରପତି ହେଲେ।



## ବିଶ୍ୱ ଓଜୋନ ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ମାସ ୧୬ ତାରିଖକୁ "ବିଶ୍ୱ ଓଜୋନ ଦିବସ" ଭାବରେ ପାଳନ କରାଯାଇଥାଏ। ଲୋକଙ୍କ ମଧ୍ୟରେ ଓଜୋନସ୍ତରକୁ ନେଇ ସଚେତନତା ସୃଷ୍ଟି କରିବା ହିଁ ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ଓଜୋନ ଆମ ବାୟୁମଣ୍ଡଳରେ ପୃଥିବୀ ପୃଷ୍ଠରୁ ୧୦ ରୁ ୪୦ କିଲୋମିଟର (ଷ୍ଟ୍ରାଟୋସ୍ଫିୟର) ମଧ୍ୟରେ ରହିଛି। ପୃଥିବୀ ପୃଷ୍ଠରେ ଏହାର ପରିମାଣ ଖୁବ୍ କମ୍। ବାୟୁମଣ୍ଡଳର ୯୦ ପ୍ରତିଶତ ଓଜୋନ ଷ୍ଟ୍ରାଟୋସ୍ଫିୟରରେ ହିଁ ରହିଛି। ଷ୍ଟ୍ରାଟୋସ୍ଫିୟରରେ ଥିବା ଓଜୋନ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମିର ପ୍ରଭାବରୁ ଆମକୁ ରକ୍ଷା କରେ। ଏହା ବାୟୁମଣ୍ଡଳର ନିମ୍ନସ୍ତରରେ ରହି ବାୟୁମଣ୍ଡଳରୁ ବିଷାକ୍ତ କଣିକା ଦୂର କରିବାରେ ସାହାଯ୍ୟ କରେ। ଯଦି ଓଜୋନସ୍ତର ନ ଥାନ୍ତା ତେବେ ପୃଥିବୀ ପୃଷ୍ଠରେ ଜୀବଜଗତ ତିଷ୍ଠିବା ଏକ ପ୍ରକାର ଅସମ୍ଭବ ହୋଇପଡ଼ନ୍ତା। ମଣିଷଙ୍କଠାରୁ ଆରମ୍ଭ କରି, ଜୀବଜନ୍ତୁ, ଗଛଲତା ସମସ୍ତଙ୍କ ପାଇଁ ଖୁବ୍ ହାନିକାରକ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମି। ସୂର୍ଯ୍ୟଙ୍କ ଏହି ରଶ୍ମି ଦାଉରୁ ଆମ ବାୟୁମଣ୍ଡଳକୁ ସୁରକ୍ଷା ଦେବା ପାଇଁ ଏହି ଓଜୋନସ୍ତରର ସଂରକ୍ଷଣ କରିବା ନିହାତି ଜରୁରି। ନଚେତ ପୃଥିବୀ ଯେ ଦିନେ ଜୀବଶୂନ୍ୟ ହୋଇଯିବ ଏଥିରେ କୌଣସି ସନ୍ଦେହ ନାହିଁ। ସୂର୍ଯ୍ୟକିରଣରେ ଆସୁଥିବା କେତେକ ମାରାତ୍ମକ ବିକିରଣକୁ ଓଜୋନସ୍ତର ଭୂପୃଷ୍ଠକୁ ଛାଡେ ନାହିଁ। ସେଭଳି ଏକ ମାରାତ୍ମକ ବିକିରଣ ହେଉଛି 'ଅତିବାଇଗଣୀ-ଖ' (ୟୁଭି-ବି)। ଏହି ବିକିରଣ ଆମ ଶରୀରରେ ବିଶେଷକରି ଚର୍ମରେ କର୍କଟ, ବାର୍ଦ୍ଧକ୍ୟ ଓ ଆଖିରେ ପରଳ ସୃଷ୍ଟି କରିପାରେ। ଏହି ବିକିରଣ କୃଷି ଉତ୍ପାଦନ ଉପରେ ମଧ୍ୟ କୁପ୍ରଭାବ ପକାଇଥାଏ। ସୂର୍ଯ୍ୟକିରଣରେ ଏହି ଅତିବାଇଗଣୀ ବିକିରଣ ରହିଲେ ଗଛର ପତ୍ର ଛୋଟ ହୁଏ ଓ ଫୁଲ ଧରିବାରେ ବିଳମ୍ବ ହୁଏ। ମାଛ ଯାଆଁଳା ଠିକ୍ ଭାବରେ ବଢ଼ିପାରନ୍ତି ନାହିଁ। ଅତିବାଇଗଣୀ ବିକିରଣ ଦ୍ୱାରା ଘର, ଲୁଗାପଟା ଓ ଆସବାବ ଉପକରଣର ରଙ୍ଗ ଶୀଘ୍ର ଫିକା ପଡ଼ିଯାଏ। ୧୯୮୫ରେ ପ୍ରଥମେ ଆଣ୍ଟାର୍କଟିକା ଉପରେ ଏକ ଓଜୋନ ହୋଲ୍ ବା ଗର୍ତ୍ତ ହୋଇଥିବା ବ୍ରିଟିଶ ଆଣ୍ଟାର୍କଟିକା ସର୍ଭେରେ ପ୍ରକାଶ ପାଇଥିଲା। ପରେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇବା ସହ ଏହାର ସୁରକ୍ଷା ଉପରେ ଜାତିସଂଘ ଗୁରୁତ୍ୱ ଦେଇଥିଲା। ୧୯୮୭ ମସିହାର ଏହି ଦିନରେ ମଣ୍ଟ୍ରିଲ ପ୍ରୋଟୋକଲ ନାମକ ଏକ ଅନ୍ତଃରାଷ୍ଟ୍ରୀୟ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା। ଏହି ସନ୍ଧିର ମୂଳ ଲକ୍ଷ୍ୟ ଥିଲା ବାୟୁମଣ୍ଡଳରେ ଓଜୋନସ୍ତରକୁ କ୍ଷୀଣ ବା ହ୍ରାସ କରୁଥିବା କିଛି ପଦାର୍ଥର ପ୍ରସ୍ତୁତି ବା ଉତ୍ପାଦନ ସମୟବଦ୍ଧ ଉପାୟରେ ବନ୍ଦ କରିବା, ଯଦ୍ୱାରା ଓଜୋନସ୍ତରକୁ ସଂରକ୍ଷଣ କରାଯାଇପାରିବ। ଏହି ଐତିହାସିକ ଦିନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ୧୯ ଡିସେମ୍ବର ୨୦୦୦ ଦିନ ସଂଯୁକ୍ତ ରାଷ୍ଟ୍ର ମହାସଭାରେ ୧୬ ସେପ୍ଟେମ୍ବରକୁ ଅନ୍ତଃରାଷ୍ଟ୍ରୀୟ ଓଜୋନସ୍ତର ସଂରକ୍ଷଣ ଦିବସ ରୂପେ ପାଳିବାକୁ ଏକ ଘୋଷଣାନାମା ଗୃହୀତ ହେଲା। ଚୁକ୍ତି ସ୍ୱାକ୍ଷର ହେବାର ପ୍ରାୟ ୩୦ ବର୍ଷ ପରେ ଓଜୋନସ୍ତରରେ ଦେଖାଦେଇଥିବା ଛିଦ୍ର ବନ୍ଦ ହେବାର ଦେଖିବାକୁ ମିଳିଥିଲା। ତଥାପି ଏହି ଓଜୋନସ୍ତର କ୍ଷୀଣ ହେବା ଯୋଗୁଁ ନିର୍ଗତ ବିଷାକ୍ତ ଗ୍ୟାସର ପ୍ରଭାବ ପୃଥିବୀ ଉପରେ ପରବର୍ତ୍ତୀ ୫୦ରୁ ୧୦୦ ବର୍ଷ ପର୍ଯ୍ୟନ୍ତ ରହିବ ବୋଲି ଅନୁମାନ କରଯାଏ। ଓଜୋନସ୍ତର ଜୀବଜଗତର ଜୀବନ ରକ୍ଷାକାରୀ ସ୍ତର। ଓଜୋନସ୍ତରକୁ ସୁରକ୍ଷିତ କରି ରଖିବା ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

## ଗୋଟିଏ ରେଳ ଷ୍ଟେସନର ଦେଶ



ଭାରତରେ ପ୍ରତିଦିନ ଲକ୍ଷ ଲକ୍ଷ ଯାତ୍ରୀ ଟ୍ରେନ୍‌ରେ ଯାତ୍ରା କରିଥାନ୍ତି। ୟୁରୋପରେ ଏମିତି ଏକ ଦେଶ ଅଛି ଯେଉଁଠି ମାତ୍ର ଗୋଟିଏ ରେଳ ଷ୍ଟେସନ ରହିଛି। ଏହି ଦେଶର ନାଁ ହେଉଛି ମୋନାକୋ। ଏହା ଧନୀମାନଙ୍କ ରାଜଧାନୀ ଭାବେ ଜଣାଶୁଣା। ଫ୍ରାନ୍ସ ନିକଟରେ ଅବସ୍ଥିତ ମୋନାକୋ ବିଶ୍ୱର ସବୁଠୁ ଛୋଟ ଦେଶ ଭାବେ ଦ୍ୱିତୀୟ ସ୍ଥାନରେ ରହିଛି। ଏଠାରେ ପାଖାପାଖି ୪୦ ହଜାର ଲୋକ ବାସ କରନ୍ତି। ତେବେ ମୋନାକୋରେ ଥିବା ଏକମାତ୍ର ରେଳ ଷ୍ଟେସନର ନାଁ ହେଉଛି ମୋନାକୋ-ମୋଣ୍ଟେ କାର୍ଲୋ। ଏହି ଷ୍ଟେସନ୍‌ଟି ମାର୍ସିଲେ, ନିସ୍, ପ୍ୟାରିସ୍ ଆଦି ଫ୍ରାନ୍ସର ବଡ଼ ବଡ଼ ସହରକୁ ସଂଯୋଗ କରିଥାଏ। ଏହି ଷ୍ଟେସନ ଦେଇ ପ୍ରତିଦିନ ପ୍ରାୟ ୨୦ରୁ ୩୦ ଟ୍ରେନ୍ ଯାତାୟାତ କରିଥାନ୍ତି। ଏହି ଷ୍ଟେସନଟି ଭୂମିଠାରୁ ୪୩ ଫୁଟ ତଳେ ନିର୍ମାଣ କରାଯାଇଛି। ସୁଡ଼ଙ୍ଗ ଭିତରେ ନିର୍ମିତ ଏହି ଷ୍ଟେସନର ଲମ୍ବ ପ୍ରାୟ ୧,୫୨୯ ଫୁଟ ଏବଂ ପ୍ରସ୍ଥ ୭୨ ଫୁଟ। ତେଣୁ ଏଠାରେ ଜନସଂଖ୍ୟା କମ୍ ଥିବାରୁ ସମଗ୍ର ଦେଶକୁ କେବଳ ଗୋଟିଏ ଷ୍ଟେସନ ଦ୍ୱାରା ସେବା ଯୋଗାଇ ଦିଆଯାଉଛି। ଅନ୍ୟପଟେ ମୋନାକୋର ପ୍ରତି ତିନିଜଣଙ୍କରୁ ଜଣେ ବ୍ୟକ୍ତିଙ୍କର ସମ୍ପତ୍ତି ଭାରତୀୟ ମୁଦ୍ରାରେ ଆଠକୋଟି ଟଙ୍କାରୁ ଅଧିକ ଥାଏ। ମୋନାକୋର ଅର୍ଥନୀତି ମୁଖ୍ୟତଃ ପର୍ଯ୍ୟଟନ ଉପରେ ନିର୍ଭରଶୀଳ। ଆଉ ଏକ ଖାସ୍ କଥା ହେଉଛି, ଏହି ଦେଶରେ ଲୋକଙ୍କୁ ଆୟକର କର ଦେବାକୁ ପଡ଼େ ନାହିଁ।

## ଓଟିଟି ‘କାନ୍ତାରା ଚାପ୍ଟର ୧’ର ରେକର୍ଡ



ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ଋଷଭ ସେଟ୍ଟୀ ‘କାନ୍ତାରା ଚାପ୍ଟର ୧’କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏହାର ପୋଷ୍ଟର୍ ରିଲିଜ୍ ହେବା ପରଠାରୁ ଫିଲ୍ମକୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି। ‘କାନ୍ତାରା’ର ଅପାର ସଫଳତା ପରେ ଏବେ ଏହାର ନିର୍ମାତା ଫିଲ୍ମର ଦ୍ୱିତୀୟ ଭାଗ ‘କାନ୍ତାରା ଚାପ୍ଟର ୧’ ଆଣୁଛନ୍ତି। ଏହା ଅକ୍ଟୋବର ୨ରେ ମୁକ୍ତିଲାଭ କରିବ। ଇତିମଧ୍ୟରେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଏହାର ଟ୍ରେଲର୍ ଏଇ ୨୦ ତାରିଖରେ ଆସିପାରେ ବୋଲି ଚର୍ଚ୍ଚା ହେଉଛି। ଅବଶ୍ୟ ଏନେଇ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ। ତେବେ ଏହି ଫିଲ୍ମ ରିଲିଜ୍ ପୂର୍ବରୁ ଏକ ବଡ଼ ରେକର୍ଡ ସେଟ୍ କରିଛି। ଏହାର ଓଟିଟି ରାଇଟ୍‌ସକୁ ପାଖାପାଖି ୧୨୫ କୋଟିରେ ବିକ୍ରି କରାଯାଇଛି। ପ୍ରଥମ ଥର ପାଇଁ କୌଣସି କନ୍ନଡ଼ ଫିଲ୍ମର ଓଟିଟି ରାଇଟ୍‌ସ ଏତେ ଦାମ୍‌ରେ ବିକ୍ରି ହୋଇଛି। ଫିଲ୍ମରେ ଋଷଭ ଲିଡ୍ ରୋଲରେ ଅଭିନୟ କରିବା ସହ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଏଥିରେ ତାଙ୍କ ବିପକ୍ଷରେ ରୁକ୍ମିଣୀ ବସନ୍ତ ଦେଖାଯିବେ।



## ସୁବର୍ଣ୍ଣା

## ମାଛ ଖାଦ୍ୟ ପ୍ରସ୍ତୁତି



ଅଧୁନା ମତ୍ସ୍ୟଚାଷ କରି ଅଧିକାଂଶ ଜୀବିକା ନିର୍ବାହ କରୁଛନ୍ତି। ମାଛଚାଷରେ ମାଛଙ୍କୁ ସଠିକ୍ ପୋଷଣ ଦେଲେ ମାଛ ଶରୀର ଓ ଓଜନ ବୃଦ୍ଧି ହୋଇଥାଏ। ମାଛ ସୁସ୍ଥ ରୁହନ୍ତି। ତେଣୁ ପ୍ରାୟତଃ ମାଛ ଖାଦ୍ୟ ପାଇଁ ସମାନ ଅନୁପାତ କୁଣ୍ଡା ଓ ପିଡ଼ିଆ ମିଶାଇ ଖାଦ୍ୟରୂପେ ବ୍ୟବହାର କରନ୍ତି। ଆଉ କିଛି ବଜାରରେ ଉପଲବ୍ଧ ଦାନା ଦେଇଥାନ୍ତି। ମାଛ ଦାନା ପାଇଁ ଖର୍ଚ୍ଚ କିନ୍ତୁ ଅଧିକ ବଢ଼ିଥାଏ। ହେଲେ ଏବେ ଏହି ସମସ୍ୟାକୁ ଫିଡ ମେକିଂ ମେସିନ୍ ତଥା ମାଛ ଦାନା ପ୍ରସ୍ତୁତି ଉପକରଣ ଦୂର କରିପାରିବ। ବଜାରରେ ବିଭିନ୍ନ ପ୍ରକାରର ମାଛ ଖାଦ୍ୟ ପ୍ରସ୍ତୁତ ମେସିନ୍ ଉପଲବ୍ଧ ରହିଛି। ଛୋଟ ପୋଖରୀର ମାଛ ପାଇଁ କମ୍ ଦାନା ବନାଇବାକୁ ଛୋଟ ମେସିନ୍, ବୃହତକାର ଉତ୍ପାଦନ ଏବଂ ବ୍ୟବସାୟ ପାଇଁ ବଡ଼ ମେସିନ୍, ଶସ୍ତା ଏବଂ ଅଧିକ ପରିଶ୍ରମ ଚାହୁଁଥିଲେ ହସ୍ତଚାଳିତ ମେସିନ୍, ସ୍ୱୟଂଚାଳିତ ମେସିନ୍‌ର ସୁବିଧା ମଧ୍ୟ ରହିଛି। ମେସିନ୍‌ର ମୂଲ୍ୟ ୪୫,୦୦୦ଟଙ୍କାରୁ ୨,୫୦,୦୦୦ ଟଙ୍କା ମଧ୍ୟରେ ଥାଏ। ଘରେ ମାଛ ଖାଦ୍ୟ ବା ଦାନା ବନାଇବାକୁ ମକ୍କା, ଚଣା, ସୋୟାବିନ୍, ସୋରିଷ ପିଡ଼ିଆ, କୁଣ୍ଡା ଆଦି କଞ୍ଚାମାଲ ଆବଶ୍ୟକ ହୋଇଥାଏ। ମକ୍କା ସହିତ ଚଣା କିମ୍ବା ସୋୟାବିନ୍ ସହିତ ସୋରିଷ ପିଡ଼ିଆ, କୁଣ୍ଡା ମିଶାଇ ବିଭିନ୍ନ ଆକାରର ମାଛ ଖାଦ୍ୟ ବନାଇପାରିବେ। ଏହା ବିଭିନ୍ନ ସ୍ୱାଦ ସହିତ ଶୁଖିଲା ରୁହେ। ଚାଷୀ ଅଧିକ ଖର୍ଚ୍ଚାନ୍ତ ହୁଅନ୍ତିନି। ଏହି ଖାଦ୍ୟ ୨୪ଘଣ୍ଟାରୁ ଅଧିକ ସମୟ ଧରି ପାଣିରେ ଭାସିପାରିବ। ତେବେ କମ୍ ଖର୍ଚ୍ଚରେ ମାଛ ଖାଦ୍ୟ ବନାଇବା ଦ୍ୱାରା ମାଛ ସୁସ୍ଥ ରୁହନ୍ତି। ଓଜନ ବୃଦ୍ଧି ହୁଏ। ତେବେ ଜଣେ ଚାହିଁଲେ ଅତିରିକ୍ତ ଦାନାକୁ ବିକ୍ରି କରି ଆୟ ବୃଦ୍ଧି କରିପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ତ୍ତମାନ ଧାନ ପିଲ ଅବସ୍ଥାରେ ରହିଛି। ଧାନ ବୁଦା ପ୍ରତି ୨ଟି ପତ୍ରମୋଡ଼ା ପୋକ ଦେଖା ଦେଲେ ଏକର ପ୍ରତି କ୍ଲୋରାଣ୍ଟ୍ରାନିଲିପ୍ରୋଲ ୧୮.୫% ଏସ୍‌ସି ୬୦ ମିଲି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଭେଣ୍ଡି, ଝୁଡ଼ଙ୍ଗ, କଖାରୁ, କଲରା, ଜହ୍ନି, କାକୁଡ଼ି ଆଦି ପନିପରିବା ଫସଲରେ ଲାଗୁଥିବା ସାହେବୀ ରୋଗର ପରିଚାଳନା କରିବା ପାଇଁ ବିହନଗୁଡିକୁ ଇମିଡାକ୍ଲୋପ୍ରିଡ୍ ୭୦% ଡବ୍ଲୁଏସ ୭ ଗ୍ରାମ୍/କେଜି ବିହନ କିମ୍ବା ଥିୟୋମିଥୋକ୍ସାମ ୭୦% ଡବ୍ଲୁଏସ ୭ ଗ୍ରାମ୍ କେଜି ବିହନ ସହିତ ବିଶୋଧନ କରନ୍ତୁ।
- ସେପ୍ଟେମ୍ବର ମାସ ଟମାଟୋ ଲଗାଇବାର ଉପଯୁକ୍ତ ସମୟ। ଟମାଟୋ କିସମ ବିଟି-୨, ବିଟି-୧୦, ବିଟି-୧୨, ନୀଳାଦ୍ରି, ସଦାବାହାର, ମାଧୁରୀ, ମହାରଥୀ, ରଶ୍ମି ଓ ନବୀନ ଇତ୍ୟାଦି ଲଗାନ୍ତୁ।
- ବର୍ଷା ପାଗ ଯୋଗୁଁ ଅମୃତଭଣ୍ଡାରେ ମୂଳପଚା ରୋଗର ନିରାକରଣ ପାଇଁ କାଣ୍ଡ ମୂଳ ମାଟିରେ କପର ଅକ୍ସିକ୍ଲୋରାଇଡ୍ ୩ ଗ୍ରାମ୍ କିମ୍ବା ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ପ୍ରତି ଲିଟର ପାଣିରେ ମିଶାଇ ୧୫ ଦିନ ଅନ୍ତରରେ ସିଞ୍ଚନ କରନ୍ତୁ।

## ଡ୍ରେନେଜ୍ ପାଇପ୍‌ରେ ୨୫ ପ୍ରକାର ଚାଷ

ପେଶାରେ ସେ ଜଣେ କମ୍ପ୍ୟୁଟର ଇଞ୍ଜିନିୟର। ମହାମାରୀ କରୋନା ସମୟରେ ଛାତରେ ବୁଲୁବୁଲୁ ସେ ନିଆରା ଶୈଳୀରେ ଚାଷ କରିବାକୁ ଚିନ୍ତା କରିଥିଲେ। ଆଉ ଏବେ ଛାତ ଉପରେ ଡ୍ରେନେଜ୍ ପାଇପ୍‌ରେ ପ୍ରାୟ ୨୫ରୁ ୩୦ ପ୍ରକାର ପନିପରିବା ଚାଷ କରି ଚର୍ଚ୍ଚାରେ ଅଛନ୍ତି ଦିଲ୍ଲୀର ମିଥିଲେଶ କୁମାର ସିଂହ। ସେ ପ୍ଲାଷ୍ଟିକ୍ କି ସିମେଣ୍ଟ କୁଣ୍ଡ ବଦଳରେ ଡ୍ରେନେଜ୍ ପାଇପ୍‌କୁ ଛୋଟ ଛୋଟ ଷ୍ଟାଣ୍ଡ କରନ୍ତି। ସେଥିରେ ଜୈବିକ ଖତ ଓ ଉର୍ବର ମାଟି ଦେଇ ଭେଣ୍ଡି, ଲାଉ, ବାଇଗଣ, ଲଙ୍କା, କଲରା, ଧଣିଆ, ଶାଗ ତଥା ଋତୁଅନୁଯାୟୀ ବିଭିନ୍ନ ପ୍ରକାର ଫଳ ଚାଷ କରୁଛନ୍ତି। ୩ ଫୁଟ ବିଶିଷ୍ଟ ପ୍ରତିଟି ପାଇପ୍ କୁଣ୍ଡରେ ପାଞ୍ଚ ପ୍ରକାର ପନିପରିବା ଲଗାଯାଇପାରିବ। ଏହି ଷ୍ଟାଣ୍ଡକୁ ସ୍ୱଳ୍ପ ସ୍ଥାନରେ ବି ରଖାଯାଇପାରିବ। ମିଥିଲେଶ ଛାତ ଉପରେ ଅଧିକ ଖମ୍ବ ରଖି ସେଥିରେ ଲେମ୍ବୁ, ନିମ୍ବ, ସଜନା ଆଦି ଲଗାଇଛନ୍ତି। ଚାଷ ସହିତ ପତ୍ନୀ ବିନ୍ଧ୍ୟବାସିନୀ ସିଂହଙ୍କ ସହିତ ନିଜସ୍ୱ ବ୍ୟବସାୟ ଲଞ୍ଚ କରିଛନ୍ତି। ବର୍ତ୍ତମାନ ସେ ଦିଲ୍ଲୀ–ଏନ୍‌ସିଆରରେ ୧୫୦ରୁ ଅଧିକ ଘରେ ଏହି ଡ୍ରେନେଜ୍ ପାଇପ୍ ଷ୍ଟାଣ୍ଡ ପହଞ୍ଚାଇଛନ୍ତି। ମିଥିଲେଶ କୁହନ୍ତି, ଅର୍ଥ ଉପାର୍ଜନ ମୂଳ ଲକ୍ଷ୍ୟ ନୁହେଁ; ଜଣେ କମ୍ ଖର୍ଚ୍ଚରେ ଶୁଦ୍ଧ ପନିପରିବା କିପରି ପାଇବ ତାହା ତାଙ୍କର ଲକ୍ଷ୍ୟ। ଛାତ ଉପରେ ବଗିଚା କରିବା ଦ୍ୱାରା ମୋବାଇଲ୍‌ରେ ଅଧିକ ସମୟ ବିତାଇବାକୁ ପଡ଼େନାହିଁ। ଜୀବନରେ ସକାରାତ୍ମକ ଚିନ୍ତାଧାରା ସୃଷ୍ଟି ହୋଇଥାଏ।



## ଚିନାବାଦାମରୁ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି



**ଡ. କଳ୍ପନା ରାୟଗୁରୁ**

ଆମ ରାଜ୍ୟରେ ବହୁଳ ପରିମାଣରେ ଚିନାବାଦାମ ଚାଷ କରାଯାଏ। ଚିନାବାଦାମ ମଞ୍ଜିରୁ ସାଧାରଣତଃ ତେଲ ନିଷ୍କାସନ କରାଯାଇ ତା'ର ଖଦଡା ଅଂଶ ପଶୁଖାଦ୍ୟ କିମ୍ବା ଖତପିଡିଆ ଭାବେ ବ୍ୟବହୃତ ହୋଇଥାଏ। ଚିନାବାଦାମ ମଞ୍ଜିରେ ବହୁଳ ପରିମାଣର ପୁଷ୍ଟିସାର ଏବଂ ଶ୍ୱେତସାର ଥାଏ। ତେବେ ଓଡିଶା ଜଳବାୟୁରେ ଅଧିକ ସମୟ ଚିନବାଦାମ ସଂରକ୍ଷଣ ହୋଇପାରୁନଥିବା ଚାଷୀଙ୍କ ପାଇଁ ମୁଖ୍ୟ ସମସ୍ୟା ହୋଇଥାଏ। ହେଲେ ଚାଷୀମାନେ ଚିନାବାଦାମରୁ ଅତି ସହଜ ଉପାୟରେ କିଛି ମୂଲ୍ୟଯୁକ୍ତ ଖାଦ୍ୟ ଉତ୍ପାଦ ଯଥା- ଚିନାବାଦାମ କ୍ଷୀର, ଛେନା, ପନୀର, ଲହୁଣ ଆଦି କରି ଆୟ ବୃଦ୍ଧି କରି ପାରିବେ। କେବଳ ସେତିକି ନୁହେଁ, ଗାଈ କ୍ଷୀର ସହ୍ୟ କରିପାରୁନଥିବା ବ୍ୟକ୍ତିଙ୍କ ପାଇଁ ଚିନାବାଦାମରୁ ପ୍ରସ୍ତୁତ କ୍ଷୀର ଓ ଛେନା ଆଦି ଏକ ସୁଲଭ ବିକଳ୍ପ ହୋଇପାରିବ।

**ଚିନାବାଦାମ କ୍ଷୀର**

ଏକ କେଜି ଚିନାବାଦାମ ମଞ୍ଜିରୁ ପାଖାପାଖି ୪.୫ ଲିଟର କ୍ଷୀର ପ୍ରସ୍ତୁତ ହୋଇପାରିବ। ପ୍ରଥମେ ମଞ୍ଜିକୁ ସଫାପାଣିରେ ସାରାରାତି (ପ୍ରାୟ ୮ ଘଣ୍ଟା) ଭିଜାଇବାକୁ ହେବ। ଏହାଦ୍ୱାରା ମଞ୍ଜିଗୁଡିକ ଫୁଲି ନରମ ହୁଏ ଏବଂ ବାଟିବାପାଇଁ ସହଜ ହୁଏ। ୧ କେଜି ଭିଜା ମଞ୍ଜିକୁ ଚାରିଲିଟର ପାଣି ମିଶାଇ ଚିକ୍କଣ କରି ବାଟି ସେହି ମିଶ୍ରଣକୁ ଦୁଇପରସ୍ତ ମଶାରୀକନା ବା ଷ୍ଟିଲ ଜାଲିରେ ଭଲ ଭାବରେ ଛାଣିବା ଆବଶ୍ୟକ। ଏହାଦ୍ୱାରା କ୍ଷୀରଅଂଶ ଖଦଡା ଅଂଶରୁ ଅଲଗା ହୋଇଥାଏ। ଫଳରେ କ୍ଷୀରରେ ଅଧିକ ପୁଷ୍ଟିସାର ରହିଥାଏ। ଖଦଡା ଅଂଶକୁ ଶୁଖାଇ ମୂଲ୍ୟଯୁକ୍ତ ଖାଦ୍ୟଉତ୍ପାଦ ବା ପଶୁଖାଦ୍ୟ ଭାବରେ ବ୍ୟବହାର କରାଯାଇପାରିବ। ଚିନାବାଦାମ କ୍ଷୀରକୁ ଅଧିକ ସ୍ୱାଦିଷ୍ଟ ଓ ସୁଗନ୍ଧିତ କରିବାକୁ ଏଥିରେ ଗୁଜୁରାତି, ଲବଙ୍ଗ ଓ ଭାନିଲା ଆଦି ମିଶାଇ ପାରିବେ। ଗାଈକ୍ଷୀର ସହ୍ୟ କରିପାରୁନଥିବା ମନୁଷ୍ୟଶରୀର ପାଇଁ ଏହି ଚିନାବାଦାମ କ୍ଷୀର ଅତ୍ୟନ୍ତ ଉପଯୋଗୀ।

**ଚିନାବାଦାମ ଛେନା**

ଉପରୋକ୍ତ ପଦ୍ଧତିରେ ଚିନାବାଦାମ କ୍ଷୀର ପ୍ରସ୍ତୁତ କରି, ତାହାକୁ ଫୁଟାଇ ସେଥିରେ ଶତକଡ଼ା ତିନି ଭାଗ ଭିନେଗାର ମିଶାଯାଏ। ଏହାକୁ ଭଲଭାବେ ଘାଣ୍ଟି ଅଧଘଣ୍ଟା ପର୍ଯ୍ୟନ୍ତ ସ୍ଥିର ରଖିଲେ କ୍ଷୀରଟି ଛେନା ଓ ଛେନାପାଣିରେ ଭାଗ ହୋଇଯାଏ। ଏହାକୁ ଷ୍ଟିଲ୍ ଜାଲି ବା ମଶାରୀ କପଡାରେ ଛାଣି ଘରୋଇ ପଦ୍ଧତିରେ ଛେନା ପ୍ରସ୍ତୁତ କରାଯାଏ।

ସେହିପରି ଛେନା ବ୍ଲକ(ପନିର) ପ୍ରସ୍ତୁତ କରିବା ପାଇଁ ଛେନାପ୍ରେସ (Cheese Press) ବ୍ୟବହାର କରାଯାଇପାରିବ। ଏହି ପଦ୍ଧତିରେ ପ୍ରସ୍ତୁତ ଛେନା ଏକ ବ୍ଲକ ଆକାରରେ ବାହାରିଥାଏ। ଏହାକୁ ନିଜ ପସନ୍ଦ ଅନୁଯାୟୀ ଛେନାଖଣ୍ଡ କାଟି ଖାଦ୍ୟ ପ୍ରସ୍ତୁତ ହୋଇପାରିବ। ଏକ କେଜି ଚିନାବାଦାମ ମଞ୍ଜିରୁ ହାରାହାରି ୮୦୦ଗ୍ରାମ ପନିର ପ୍ରସ୍ତୁତ ହୋଇପାରିବ।

**ଚିନାବାଦାମ ଲହୁଣୀ**

ଚିନାବାଦାମ ଲହୁଣୀ (Butter) ପ୍ରସ୍ତୁତି ନିମନ୍ତେ ପ୍ରାୟ ୩୦୦ ଗ୍ରାମ ଛଡାମଞ୍ଜିରେ ୧/୪ ଚାମଚ ଲୁଣ, ୨ ଚାମଚ ମହୁ ଓ ୨ ଚାମଚ ତେଲର ବ୍ୟବହାର ହୁଏ। ପ୍ରଥମେ ଚୋପାଛଡ଼ା ଚିନାବାଦାମ ମଞ୍ଜିକୁ ବାଦାମୀରଙ୍ଗ ହେବା ପର୍ଯ୍ୟନ୍ତ ଭଜାଯାଏ। ମଞ୍ଜିଗୁଡିକ ଥଣ୍ଡା ହେବାପରେ ତାକୁ ଗ୍ରାଇଣ୍ଡରରେ ଗୁଣ୍ଡକରି ସେଥିରେ ଲୁଣ, ମହୁ ମିଶାଇ ଆଉଥରେ ବାଟିଦେଲେ ତାହା ଚିକ୍କଣ ଓ ଚମକଥିବା ଲହୁଣୀ ପରି ଲାଗିବ।

ସ୍ୱଳ୍ପ ଖର୍ଚ୍ଚରେ, ଘରେ ଏବଂ ବ୍ୟବସାୟିକ ଭିତ୍ତିରେ ଚିନାବାଦାମ ମଞ୍ଜିରୁ ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି କରାଯାଇପାରିବ। ଏହି ପଦ୍ଧତି ଅନୁସରଣ କରି ଗାଁ'ର ବେକାର ଯୁବକ ଯୁବତୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ରୋଜଗାରର ପନ୍ଥା ପାଇ ପାରିବେ।

ଅବସରପ୍ରାପ୍ତ ପ୍ରଫେସର, ଓୟୁଏଟି, ଭୁବନେଶ୍ୱର

**ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ବହିଷ୍କୃତ ନହେଲେ ...**

# ଏସିଆ କପ୍‌ରୁ ଓହରିଯିବାକୁ ପାକିସ୍ତାନର ଧମକ

ଦୁବାଇ,୧୫।୯ (ଏଜେନ୍ସି)



ଭାରତ ଓ ପାକିସ୍ତାନ ମଧ୍ୟରେ ସେପ୍ଟେମ୍ବର ୧୪ରେ ଅନୁଷ୍ଠିତ ହାଇଭୋଲଟେଜ୍ ଗ୍ରୁପ୍-ଏ' ଲିଗ୍ ମ୍ୟାଚ୍‌କୁ ନେଇ ହାଇ ଡ୍ରାମା ଆରମ୍ଭ ହୋଇଯାଇଛି । ଏହି ମ୍ୟାଚ୍‌ରେ ଭାରତ ପ୍ରଭାବୀ ପ୍ରଦର୍ଶନ କରି ୭ ୱିକେଟରେ ପାକିସ୍ତାନକୁ ପରାସ୍ତ କରିଥିଲା । ମ୍ୟାଚ୍ ଆରମ୍ଭ ବେଳେ କିମ୍ବା ମ୍ୟାଚ୍ ଶେଷହେବା ପରେ ଉଭୟ ପକ୍ଷର ଖେଳାଳିମାନେ କେହି କାହା ସହ ହାତ ମିଳାଇ ନ ଥିଲେ । ଟସ୍ ପଡ଼ିବା ସମୟରେ ମ୍ୟାଚ୍ ରେଫରି ଜିମ୍ବାୱେର ଆଣ୍ଡି ପାଇକ୍ରଫ୍ଟ ପାକିସ୍ତାନ ଅଧିନାୟକ ସଲମାନ ଅଲି ଆଘାଙ୍କୁ ପ୍ରତିପକ୍ଷ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସହ ହାତ ମିଳାଇବାକୁ କୁଆଡେ ମନା କରି ଥିଲେ । ମ୍ୟାଚ୍ ଶେଷ ହେବାର ଗୋଟିଏ ଦିନ ପରେ ପାକିସ୍ତାନ କ୍ରିକେଟ ବୋର୍ଡ ଏହି ମ୍ୟାଚ୍ ରେଫରିଙ୍କୁ ତୁରନ୍ତ ବିଦା କରିବାକୁ ଆଇସିସି ନିକଟରେ ଅଭିଯୋଗ କରିଛି । ପାଇକ୍ରଫ୍ଟଙ୍କୁ ବହିଷ୍କୃତ କରା ନ ଗଲେ ଏସିଆ କପ୍‌କୁ ପାକିସ୍ତାନ ଓହରିଯିବାକୁ ଧମକ ଦେଇଛି । ସେହିପରି ମ୍ୟାଚ୍ ପରେ ଭାରତୀୟ ଖେଳାଳି ହାତ ମିଳାଇ ନ ଥିବାରୁ ପାକିସ୍ତାନ କ୍ରିକେଟ ଦଳର ମ୍ୟାନେଜର ଏସୀୟ କ୍ରିକେଟ କାଉନ୍ସିଲ ନିକଟରେ ଅଭିଯୋଗ କରିଛନ୍ତି । ଆଣ୍ଡି ପାଇକ୍ରଫ୍ଟ ଆଇସିସି ଆଚରଣ ସଂହିତା ଓ ସ୍ପିରିଟ୍ ଅଫ୍ ଦି ଗେମ୍‌ର ଉଲ୍ଲଙ୍ଘନ କରିଥିବା ଏବଂ ଭାରତୀୟ ଖେଳାଳିମାନେ ଖେଳୱାଡ ମନୋଭାବ ଦେଖାଇନାହାନ୍ତି ବୋଲି ଅଭିଯୋଗ କରିଛନ୍ତି । ଏହାକୁ ବିରୋଧ କରି ପାକିସ୍ତାନ ତାହାର ଅଧିନାୟକ ସଲମାନ୍ ଅଲିଙ୍କୁ ସାମ୍ବାଦିକ ସମ୍ମିଳନୀକୁ ପ୍ରତିକ୍ରିୟା ଦେବାକୁ ଛାଡି ନ ଥିଲେ । ଅନ୍ୟପକ୍ଷରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏହି ବିଜୟକୁ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକ ଓ ସେମାନଙ୍କ ପରିବାର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ଅଭିଯୋଗ ଆଣିଥିବା ପାକିସ୍ତାନ କ୍ରିକେଟ ବୋର୍ଡ ଏବଂ ଏସୀୟ କ୍ରିକେଟ କାଉନ୍‌ସିଲର ସଭାପତି ଜଣେ ବ୍ୟକ୍ତି । ସେ ହେଉଛନ୍ତି ପାକିସ୍ତାନର ମୋହସିନ ନକ୍‌ଭି । ସେହିପରି ଆଇସିସି ଅଧ୍ୟକ୍ଷ ଭାବେ ଭାରତର ଜୟ ଶାହା ରହିଛନ୍ତି । ଏଭଳି ସ୍ଥିତିରେ ଏହି ଅଭିଯୋଗ ସମ୍ପର୍କରେ କିପରି ବିଚାର କରାଯିବ ତାହାକୁ ନେଇ ବେଶ ଚର୍ଚ୍ଚା ଚାଲିଛି । ସେହିପରି ଉଭୟ ଦଳ ସେପ୍ଟେମ୍ବର ୨୧ରେ ପରସ୍ପର ସହ ପୁଣିଥରେ ଭେଟାଭେଟି ହେବାର ସମ୍ଭାବନା ରହିଛି । ଯଦି ଏହି ଭେଟାଭେଟି ସମ୍ଭବ ହୁଏ, ତେବେ ନିଶ୍ଚିତଭାବେ ଉତ୍ତେଜନାମୂଳକ ହେବ ବୋଲି ନିଶ୍ଚିତଭାବେ ଆଶଙ୍କା କରାଯାଉଛି ।

## ମ୍ୟାଚ୍ ରେଫରିଙ୍କୁ ବହିଷ୍କାର ଲାଗି ଆଇସିସି ନିକଟରେ ପିସିବିର ଫେରାଦ



ଭାରତ-ପାକିସ୍ତାନ ମ୍ୟାଚ୍‌କୁ ବୟକଟ କରିବାକୁ ଆହ୍ୱାନ ଓ ଫାଙ୍କା ଷ୍ଟାଡିୟମ୍‌ରେ ନିରୁତ୍ସାହଜନକ ମ୍ୟାଚ୍ ପରେ ଏହାକୁ ନେଇ ଡ୍ରାମା ଚାଲିଛି । ଏହି ମ୍ୟାଚ୍‌ର ରେଫରି ଜିମ୍ବାୱେର ଆଣ୍ଡି ପାଇକ୍ରଫ୍ଟ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାରଙ୍କ ହାତ ମିଳାଇବାକୁ ପାକିସ୍ତାନ ଅଧିନାୟକ ସଲମାନଙ୍କୁ ବାରଣ କରିଥିଲେ । ଏହା ଜଣାପଡ଼ିବା ପରେ ମ୍ୟାଚ୍ ଶେଷ ହେବାର ଗୋଟିଏ ଦିନ ପରେ ମ୍ୟାଚ୍ ରେଫରି ପାଇକ୍ରଫ୍ଟଙ୍କୁ ତୁରନ୍ତ ଏସିଆ କପ୍‌ରୁ ବିଦା କରିବାକୁ ପାକିସ୍ତାନ କ୍ରିକେଟ ବୋର୍ଡ ପକ୍ଷରୁ ଆଇସିସି ନିକଟରେ ଅଭିଯୋଗ କରାଯାଇଛି । ଅଭିଯୋଗରେ ଆଇସିସି ଆଚରଣ ସଂହିତା ଓ ମ୍ୟାଚ୍ ପରିଚାଳନା ଲାଗି ଏମସିସି ପକ୍ଷରୁ ପ୍ରଣୟନ କରାଯାଇଥିବା ସ୍ପିରିଟ୍ ଅଫ୍ କ୍ରିକେଟ ନିୟମକୁ ପାଇକ୍ରଫ୍ଟ ଉଲ୍ଲଙ୍ଘନ କରିଥିବା ଦର୍ଶାଯାଇଛି । ଏହି ଅଭିଯୋଗ କରିଛନ୍ତି ପାକିସ୍ତାନ ତଥା ଏସୀୟ କ୍ରିକେଟ ବୋର୍ଡର ଅଧ୍ୟକ୍ଷ ମୋହସିନ ନକ୍‌ଭି । ସେ ଏହି ଅଭିଯୋଗ ଆଇସିସିର ଅଧ୍ୟକ୍ଷ ଥିବା ଭାରତୀୟ ଜୟ ଶାହଙ୍କ ନିକଟରେ କରିଛନ୍ତି ।

ଏସିଆ କପ୍ ଆୟୋଜନରେ ଆଇସିସିର କୌଣସି ଭୂମିକା ନାହିଁ । ମ୍ୟାଚ୍ ବା ଟୁର୍ଣ୍ଣାମେଣ୍ଟ ପରିଚାଳନା ଲାଗି ଆଇସିସି ପକ୍ଷରୁ ମ୍ୟାଚ୍ ରେଫରି ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କୁ ନିଯୁକ୍ତି କରାଯାଇଥାଏ । ମ୍ୟାଚ୍ ରେଫରିଙ୍କୁ ବହିଷ୍କାର କରିବା କିମ୍ବା ପରିବର୍ତ୍ତନ କରିବା ଅଧିକାର କେବଳ ଆଇସିସିର ରହିଛି । ଏହା ଆୟୋଜନ କରୁଥିବା ଦେଶର ଇଚ୍ଛା ବିରୋଧରେ କରିପାରିବ ନାହିଁ । ୟୁଏଇରେ ଏବେ ଚାଲିଥିବା ଏସିଆ କପ୍‌ର ଆୟୋଜନ ଭାରତ କରୁଛି । ଏଣୁ ଭାରତୀୟ କ୍ରିକେଟ ବୋର୍ଡ ବା ବିସିସିଆଇର ବିନା ପରାମର୍ଶରେ ପାଇକ୍ରଫ୍ଟଙ୍କୁ ବିଦା କରିବା କିମ୍ବା ପରିବର୍ତ୍ତନ କରିବା ଆଇସିସି ପକ୍ଷେ ସମ୍ଭବ ହେବ ନାହିଁ ।

## ଅଣଖେଳୱାଡ ମନୋଭାବକୁ ବିରୋଧ

ପାକିସ୍ତାନକୁ ୭ ୱିକେଟରେ ହରାଇ ପ୍ରଭାବୀ ବିଜୟ ହାସଲ କରିବା ପରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର କେବଳ ତାଙ୍କ ବ୍ୟାଟିଂ ପାର୍ଟନରଙ୍କ ସହ ହାତମିଳାଇ ସିଧା ପାଭିଲିୟନ ଚାଲିଯାଇଥିଲେ । ମ୍ୟାଚ୍ ପରେ ପ୍ରତିଦ୍ୱନ୍ଦ୍ୱୀ ଖେଳାଳିଙ୍କ ସହ ପାରମ୍ପରିକ ହାତ ନ ମିଳାଇବାକୁ ସେ ଏଡ଼ାଇଯାଇଥିଲେ । ଏହି ଘଟଣା ପାକିସ୍ତାନ ଖେଳାଳି ଓ କର୍ମକର୍ତ୍ତାଙ୍କୁ କ୍ଷୁବ୍ଧ କରିଥିଲା । ଏହାକୁ ବିରୋଧ କରି ପାକିସ୍ତାନ ଅଧିନାୟକ ସଲମାନ ଅଲି ଆଘା ସାମ୍ବାଦିକ ସମ୍ମିଳନୀକୁ ଆସି ନ ଥିଲେ । କୋଚ୍ ମାଇକ୍ ହେସନ ଏହି ଘଟଣାକୁ ନିରାଶାଜନକ ବୋଲି କହିଥିଲେ । ଆମ ଖେଳାଳିମାନେ ହାତ ମିଳାଇବାକୁ ପ୍ରସ୍ତୁତ ଥିଲେ, କିନ୍ତୁ ଭାରତୀୟ ଖେଳାଳି ଏହାକୁ ଏଡ଼ାଇଯାଇଥିଲେ ବୋଲି ହେସନ କହିଥିଲେ । ସେହିପରି ପାକିସ୍ତାନ କ୍ରିକେଟ ଟିମ୍ ମ୍ୟାନେଜର ଏହାକୁ ବିରୋଧ କରି ଟୁର୍ଣ୍ଣାମେଣ୍ଟ କମିଟି ଆଗରେ ଭାରତୀୟ ଖେଳାଳିଙ୍କ ଅଣଖେଳୱାଡ ମନୋଭାବ ବିରୋଧରେ ଅଭିଯୋଗ ଆଣିଛନ୍ତି ।

## ପହଲଗାମ ମୃତ ଓ ସେମାନଙ୍କ ପରିବାରଙ୍କୁ ସୂର୍ଯ୍ୟଙ୍କ ସମର୍ଥନ

ଅନ୍ୟପକ୍ଷରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଭାରତର ଏହି ବିଜୟକୁ ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ମୃତ୍ୟୁବରଣ କରିଥିବା ପର୍ଯ୍ୟଟକ, ସେମାନଙ୍କ ପରିବାର ଓ ଅପରେସନ ସିନ୍ଦୁରରେ ସାହସ ଉଚିତ ପଦକ୍ଷେପ ନେଇଥିବା ଭାରତୀୟ ସେନାକୁ ଉତ୍ସର୍ଗ କରିଛନ୍ତି । ଆମେ ସମସ୍ତେ ଏକ ବୋଲି ସେ କହିଛନ୍ତି । ଆମେ ଯାହା କରିଛୁ ତାହା ଭାରତ ସରକାର ଓ ବିସିସିଆଇର ମିଳିତ ନିଷ୍ପତ୍ତି । ଏଣୁ ଏହାକୁ ଆମେ ହେୟ ମନେ କରୁନାହୁଁ । ମୁଁ ଭାବୁଛି ଖେଳୁଆଡମନୋଭାବ ପ୍ରଦର୍ଶନ ବାହାରେ ମଧ୍ୟ ଜୀବନରେ ଅନେକ କିଛି ରହିଛି । ଯାହାକୁ ଆମେ ଏଡ଼ାଇଯାଇ ପାରିବୁ ନାହିଁ । ପାକିସ୍ତାନ ଖେଳାଳିଙ୍କ ସହ ହାତ ନ ମିଳାଇବା କେବଳ ମୋର ନିଷ୍ପତ୍ତି ନ ଥିଲା । ମୁଁ ଭାବୁଛି ଏହା ପ୍ରତିଦ୍ୱନ୍ଦ୍ୱୀଙ୍କୁ ଉପଯୁକ୍ତ ଜବାବ । ସରକାର ଓ ବିସିସିଆଇ ଏକତ୍ର ହୋଇ ନିଷ୍ପତ୍ତି ନେଉଛନ୍ତି । ଆମେ କେବଳ ଏଠାରେ ଖେଳିବାକୁ ଆସିଛୁ ବୋଲି ସୂର୍ଯ୍ୟକୁମାର କହିଥିଲେ ।

## ଦଣ୍ଡିତ ହେବ କି ଭାରତ ?

ଏସିଆ କପ୍‌ରେ ମ୍ୟାଚ୍ ପରେ ପାକିସ୍ତାନୀ ଖେଳାଳିଙ୍କ ସହ ହାତ ନ ମିଳାଇ ପାଭିଲିୟନ ଫେରିଥିବା ଭାରତୀୟ ଖେଳାଳି କିମ୍ବା ଦଳ ଭୁଲ କରିଛନ୍ତି କି? ଏପରି କରିବା ଠିକ୍ ହୋଇଛି କି? ଏଭଳି ଅନେକ ପ୍ରଶ୍ନର ଉତ୍ତର କେବଳ ଦେଇ ପାରିବ ଆଇସିସି ଦ୍ୱାରା ପ୍ରଣୀତ ଆଚରଣ ସଂହିତା । ଆଇସିସି ଆଚରଣ ସଂହିତାରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି, 'ପ୍ରତିଦ୍ୱନ୍ଦ୍ୱୀଙ୍କୁ ସେମାନଙ୍କ ସଫଳତାରେ ଅଭିନନ୍ଦନ ଜଣାଅ ଏବଂ ନିଜ ଦଳ ସହ ଖେଳକୁ ଉପଭୋଗ କର । ମ୍ୟାଚ୍‌ର ଫଳାଫଳ ଯାହା ହେଉନା କାହିଁକି ପ୍ରତିଦ୍ୱନ୍ଦ୍ୱୀ ଦଳର କର୍ମକର୍ତ୍ତା ଓ ମ୍ୟାଚ୍ ପରିଚାଳନା କରୁଥିବା କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦିଅ ।' ଏହା ସହ ଆଇସିସି ଆଚରଣ ସଂହିତାର ଧାରା ୨.୧.୧ରେ ସ୍ପଷ୍ଟ ଉଲ୍ଲେଖ ରହିଛି ଖେଳବେଳେ କିମ୍ବା ଖେଳଶେଷରେ ସ୍ପିରିଟ୍ ଅଫ ଦି ଗେମ୍‌ର ବିରୋଧାଚରଣ କଲେ ଲେଭଲ-୧ ଅପରାଧ ଭାବେ ବିବେଚନା କରାଯିବ । ଏହାର ଅର୍ଥ ଭାରତୀୟ ଖେଳାଳିମାନେ କିଛି ତ୍ରୁଟି କରିଛନ୍ତି ଓ ଅଣଖେଳୁଆଡ ମନୋଭାବ ପ୍ରଦର୍ଶନ କରିଛନ୍ତି । ଏହି ଘଟଣାରେ ଏଯାଏ କିଛି ଦଣ୍ଡବିଧାନ କରାଯାଇନାହିଁ । କିନ୍ତୁ ଏଭଳି ଅପରାଧ କରୁଥିବା ଦଳ ବିରୋଧରେ କଠୋର ନୁହେଁ ହାଲ୍‌କା ଦଣ୍ଡ ବିଧାନ କରିବାର ପରମ୍ପରା ରହିଛି । ଅଧିକ ଦଣ୍ଡ ଭାବେ ଦଳକୁ ଚେତାବନୀ କିମ୍ବା କିଛି ଅର୍ଥଦଣ୍ଡ ଦିଆଯିବ ।

DP WORLD ASIA CUP 2025

**ଆଜିର ମ୍ୟାଚ୍**

**ବାଂଲାଦେଶ-ଆଫଗାନିସ୍ତାନ**
ଭେନ୍ୟୁ : ଆବୁଧାବି
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

## ଦୁବାଇରେ ସ୍ପିନରଙ୍କ କମାଲ

ଦୁବାଇ,୧୫।୯ (ଏଜେନ୍ସି): ବୋଲରଙ୍କ ଚମତ୍କାର ଓ ବ୍ୟାଟରଙ୍କ ବିସ୍ଫୋରକ ପ୍ରଦର୍ଶନ ବଳରେ ଏଠାରେ ରବିବାର ଅନୁଷ୍ଠିତ ଏସିଆ କପ୍ ଗ୍ରୁପ୍-ବି'ର ହାଇଭୋଲଟେଜ୍ ମ୍ୟାଚ୍‌ରେ ଭାରତ ତାହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୭ ୱିକେଟରେ ପରାସ୍ତ କରିଛି । ଏହି ମ୍ୟାଚ୍‌ରେ ଭାରତୀୟ ସ୍ପିନର କୁଲଦୀପ ଯାଦବ ଓ ଅକ୍ଷର ପଟେଲ ମିଳିତଭାବେ ୫ଟି ଓ ଯଶପ୍ରୀତ୍ ବୁମ୍‌ରା ଆଉ ୨ଟି ୱିକେଟ ନେବା ଫଳରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ ହରାଇ କରିଥିଲା ୧୨୭ ରନ୍ । ଜବାବରେ ୧୨୮ ରନ୍‌ର ଲକ୍ଷ୍ୟକୁ ପିଛା କରି ଭାରତ ୧୫.୫ ଓଭରରେ ୩ ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଲା । ଦଳ ପକ୍ଷରୁ ଅଭିଷେକ ଶର୍ମା ୩୧, ତିଳକ ବର୍ମା ୩୧ ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଅପରାଜିତ ୪୭ ରନ୍ କରିଥିଲେ । ପ୍ରଥମ ମ୍ୟାଚ୍‌ରେ ୟୁଏଇକୁ ୯ ୱିକେଟରେ ହରାଇଥିବା ଭାରତ ଗ୍ରୁପ୍-ଏ'ରେ କ୍ରମାଗତ ଦ୍ୱିତୀୟ ବିଜୟ ସହ ପ୍ରଥମ ଦଳ ଭାବେ ସୁପର-୪'ରେ ପ୍ରବେଶ କରିଛି । ଆସନ୍ତା ୧୯ ତାରିଖରେ ଓମାନ ସହ ଭାରତ ତାହାର ଶେଷ ଗ୍ରୁପ୍ ଲିଗ୍ ମ୍ୟାଚ୍ ଖେଳିବ । ପାକିସ୍ତାନ ବିପକ୍ଷ ଆଜିର ମୁକାବିଲାରେ ୪ ଓଭର ବୋଲିଂ କରି ୧୮ ରନ୍‌ରେ ୩ଟି ୱିକେଟ ନେଇଥିବା ଭାରତର ବାମହାତୀ ସ୍ପିନର କୁଲଦୀପ ଯାଦବ ପୁଣିଥରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି ।

## ବାଦ୍ ପଡ଼ିଲେ ନବୀନ-ଉଲ-ହକ୍



ଦୁବାଇ,୧୫।୯ (ଏଜେନ୍ସି): କାନ୍ଧରେ ଆଘାତ ଲାଗିଥିବାରୁ ଆଫଗାନିସ୍ତାନର ଫାଷ୍ଟ ବୋଲର ନବୀନ-ଉଲ-ହକ୍ ଚଳିତ ଏସିଆ କପ୍‌ରେ ବାଦ୍ ପଡ଼ିଛି । ଆଫଗାନିସ୍ତାନକୁ ଏହା ଶକ୍ତ ଧକ୍କା ଦେଇଥିଲାବେଳେ ରିଜର୍ଭ ଖେଳାଳି ଫାଷ୍ଟ ବୋଲର ଅବଦୁଲ୍ଲା ଅହମ୍ମଦ୍‌ଜାଇଙ୍କୁ ଦଳରେ ସାମିଲ କରାଯାଇଛି । ଆଫଗାନିସ୍ତାନ ତାହାର ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଥିଲାବେଳେ ଆସନ୍ତାକାଲି ବାଂଲାଦେଶ ସହ ଦ୍ୱିତୀୟ ମ୍ୟାଚ୍ ଖେଳିବ । ଏହି ମ୍ୟାଚ୍‌ରେ ବିଜୟୀ ହେଲେ ସୁପର-୪'ରେ ସ୍ଥାନ ପାଇବା ଆଶା ରହିବ ।

## ୟୁଏଇର ପ୍ରଥମ ବିଜୟ

ଆବୁଧାବି,୧୫।୯ (ଏଜେନ୍ସି): ଫାଷ୍ଟ ବୋଲର ଜନୈଦ ସିଦ୍ଦିକ (୪/୨୩)ଙ୍କ ଘାତକ ବୋଲିଂ, ଅଧିନାୟକ ମହମ୍ମଦ୍ ୱାସିମ୍ (୬୯) ଓ ଆଲିସାନ ସରାଫୁ (୫୧)ଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ସୋମବାର ଅନୁଷ୍ଠିତ ଏସିଆ କପ୍ ଗ୍ରୁପ୍-ଏ' ମୁକାବିଲାରେ ୟୁଏଇ ୪୨ ରନ୍‌ରେ ଓମାନକୁ ପରାସ୍ତ କରି ପ୍ରଥମ ବିଜୟ ହାସଲ କରିଛି । ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ୟୁଏଇ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୧୭୨ ରନ୍ କରିଥିଲା । ଓମାନର ଜିତେନ ରାମଚଣ୍ଡି ୨ଟି ୱିକେଟ ପାଇଥିଲେ । ଜବାବରେ ଓମାନ ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରି ୧୮.୪ ଓଭରରେ ୧୩୦ ରନ୍ କରି ଅଲଆଉଟ ହୋଇଯାଇଥିଲା । ଓମାନ ପକ୍ଷରୁ ଆର୍ଯ୍ୟନ ବିସ୍ତ ସର୍ବାଧିକ ୨୪, ବିନାୟକ ଶୁକ୍ଳା ଓ ଅଧିନାୟକ ଜତିନ୍ଦର ସିଂହ ୨୯ ରନ୍ ଲେଖାଏଁ, ରାମଚଣ୍ଡି ୧୩, ସକିଲ ଅହମ୍ମଦ୍ ଅପରାଜିତ ୧୭ ରନ୍ କରି ଡବଲ ଫିଗର ଛୁଇଁଥିଲେ । ବିଜୟୀ ୟୁଏଇ ପକ୍ଷରୁ ଜୁନୈଦଙ୍କ ବ୍ୟତୀତ ହାଇଦର ଅଲି ଓ ମହମ୍ମଦ୍ ଜୱାଦୁଲ୍ଲା ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ ।

## ଆଜି ଆଫ୍‌ଗାନିସ୍ତାନ-ବାଂଲାଦେଶ ମୁକାବିଲା

ଆବୁଧାବି, ୧୫।୯ (ଏଜେନ୍ସି): ଚଳିତ ଏସିଆ କପ୍ ଏବେ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ପହଞ୍ଚିଛି । ଗ୍ରୁପ 'ଏ' ଅପେକ୍ଷା ଗ୍ରୁପ୍ 'ବି'ରେ ସୁପର-୪ ସ୍ଥାନ ପାଇଁ ଜୋରଦାର ଲଢ଼େଇ ହେଉଛି । ଗ୍ରୁପ୍ ଅଫ୍ ଡେଥ୍ କୁହାଯାଉଥିବା ଏହି ଗ୍ରୁପ୍‌ରେ ଶ୍ରୀଲଙ୍କା, ଆଫ୍‌ଗାନିସ୍ତାନ ଓ ବାଂଲାଦେଶ ମଧ୍ୟରୁ ୨ଟି ଦଳ ସୁପର-୪କୁ ଯିବେ । ହଂକଂ ଏହି ଦୌଡ଼କରୁ ବାଦ୍ ପଡ଼ିସାରିଛି । ଶ୍ରୀଲଙ୍କା ୨ଟିଯାକ ମ୍ୟାଚ୍ ଜିତି ସୁପର-୪ ଦ୍ୱାରରେ ପହଞ୍ଚିଛି । ମଙ୍ଗଳବାର ଆଫ୍‌ଗାନିସ୍ତାନ ଓ ବାଂଲାଦେଶ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ମୁକାବିଲା ହେବ । ପ୍ରଥମ ମ୍ୟାଚ୍‌ରେ ଆଫ୍‌ଗାନିସ୍ତାନ ୯୪ ରନ୍‌ରେ ହଂକଂକୁ ହରାଇ ୨ ପଏଣ୍ଟ ପାଇଛି । ତେବେ ବାଂଲାଦେଶ ସହଜରେ ହଂକଂକୁ ପରାସ୍ତ କରିଥିବା ବେଳେ ୨ୟ ମ୍ୟାଚ୍‌ରେ ଶ୍ରୀଲଙ୍କାଠାରୁ ପରାସ୍ତ ହୋଇଛି । ତେଣୁ ସୁପର-୪ ପର୍ଯ୍ୟାୟରେ ପହଞ୍ଚିବାକୁ ହେଲେ ଏହାକୁ ଆଫ୍‌ଗାନିସ୍ତାନକୁ ନିଶ୍ଚୟ ହରାଇବାକୁ ପଡ଼ିବ । ଅନ୍ୟପକ୍ଷରେ ଆଫ୍‌ଗାନିସ୍ତାନ ଏହି ମ୍ୟାଚ୍ ଜିତିଲେ ସୁପର-୪ରେ ପହଞ୍ଚିବ ଏବଂ ବାଂଲାଦେଶ ବିଦାୟ ନେବ । ତେଣୁ ବାଂଲାଦେଶ ପାଇଁ ଏହି ମ୍ୟାଚ୍ 'କର ବା ମର' ଭଳି ହୋଇଛି । ଉଭୟ ଦଳର ଶକ୍ତିକୁ ଦେଖିଲେ ବାଂଲାଦେଶ ଅପେକ୍ଷା ଆଫ୍‌ଗାନିସ୍ତାନ ଶକ୍ତିଶାଳୀ ମନେହେଉଛି । ଏହାର ବ୍ୟାଟିଂ ମଜଭୁତ ଅଛି । ତେବେ ଦଳର ଶକ୍ତି ହେଉଛି ସ୍ପିନ୍ ଆକ୍ରମଣ; ଯାହା ଆବୁଧାବି ପିଚ୍‌କୁ ସୁହାଇବ । ଆଫ୍‌ଗାନିସ୍ତାନର ଯୁବ ଓପ୍‌ନର ସେଦିକୁଲ୍ଲା ଅଟଲ ହଂକଂ ବିପକ୍ଷରେ ପୂରା ୨୦ ଓଭର ବ୍ୟାଟିଂ କରିଥିଲେ । ଅଜ୍‌ମତୁଲ୍ଲା ଓମରଜାଇ ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଅଭିଜ୍ଞ ମହମ୍ମଦ ନବି ଭଲ ଇନିଂସ ଖେଳିଥିଲେ । ଇବ୍ରାହିମ୍ ଜାଦ୍ରାନ୍, କରିମ୍ ଜନତ୍ ଓ ଗୁଲ୍‌ବାଦିନ ନାଇବ୍ ଭଲ ବ୍ୟାଟ୍‌ସମ୍ୟାନ । ଏହାର ବୋଲର ଚମତ୍କାର ପ୍ରଦର୍ଶନ କରିଥିଲେ । ବିଶେଷକରି ଅଧିନାୟକ ରସିଦ୍ ଖାଁ ଓ ନୂର୍ ଅହମ୍ମଦ ବହୁତ ଭଲ ସ୍ପିନର । ବାଂଲାଦେଶର ଦୁଇ ଓପ୍‌ନର ତାଞ୍ଜିଦ୍ ହାସନ୍ ଓ ପରଭେଜ ହୋସେନ୍ ଇମନ୍‌ଙ୍କୁ ରନ୍ କରିବାକୁ ପଡ଼ିବ । ଅଧିନାୟକ ଲିଟନ ଦାସ ଦଳର ପ୍ରମୁଖ ବ୍ୟାଟ୍‌ସମ୍ୟାନ ଏବଂ ପ୍ରଥମ ମ୍ୟାଚ୍‌ରେ ସେ ଅର୍ଦ୍ଧଶତକ ହାସଲ କରିଛନ୍ତି । ଲିଟନ୍ ବିସ୍ଫୋରକ ବ୍ୟାଟିଂ କରିପାରନ୍ତି । ତୌହିଦ ହୃଦୟ ଉକ୍ତ ମ୍ୟାଚ୍‌ରେ ରନ୍ କରିଥିଲେ ହେଁ ଧିମା ବ୍ୟାଟିଂ କରିଥିଲେ । ତେବେ ମେହ୍‌ଦି ହାସନ୍, ଜାକିର ଅଲୀ ଓ ସମିମ୍ ହୋସେନ୍‌ଙ୍କଠାରୁ ଦଳ ଭଲ ଇନିଂସର ଆଶା ରଖିବ । ତାଞ୍ଜିମ୍ ହାସନ୍ ସାକିବ୍ ଓ ସରିଫୁଲ୍ ଇସ୍‌ଲାମ ଦଳର ଦୁଇ ପ୍ରମୁଖ ପେସ୍ ବୋଲର । ତେବେ ସରିଫୁଲଙ୍କ ସ୍ଥାନରେ ଅଭିଜ୍ଞ ପେସ୍ ବୋଲର ତାସ୍କିନ୍ ଅହମ୍ମଦ ଏକାଦଶକୁ ଫେରିପାରନ୍ତି । ଅଭିଜ୍ଞ ମୁସ୍ତାଫିଜୁର ରେହ୍‌ମାନ ଗତ ମ୍ୟାଚ୍‌ରେ ଦୁର୍ବଳ ବୋଲିଂ କରିଥିଲେ । ରିସାଦ୍ ହୋସେନ୍ ଓ ସମିମ୍ ହୋସେନ୍‌ଙ୍କୁ ମଧ୍ୟ ଭଲ ବୋଲିଂ କରିବାକୁ ପଡ଼ିବ । ପୁଣି ବାଂଲାଦେଶ ତା'ର ବ୍ୟାଟିଂ ସମସ୍ୟାର ସମାଧାନ ପାଇଁ ଦୁଇ ଉପର ଅର୍ଡର ବ୍ୟାଟ୍‌ସମ୍ୟାନ ସୈଫ୍ ହାସନ୍ ଓ ନୁରୁଲ ହାସନ୍‌ଙ୍କୁ ଖେଳାଇବା କଥା ଚିନ୍ତା କରିପାରେ । ଆଫ୍‌ଗାନିସ୍ତାନର ନେଟ୍ ରନ୍‌ରେଟ୍ ଅଧିକ ଥିବାରୁ କେବଳ ବିଜୟ ଏହାକୁ ସୁପର-୪ରେ ସ୍ଥାନ ଦେଇପାରିବ ।

## କ୍ୟାଣ୍ଡିଡେଟସ ଚେସ୍ ଲାଗି ବୈଶାଳୀଙ୍କ ଯୋଗ୍ୟତା

ନୂଆଦିଲ୍ଲୀ,୧୫।୯ (ଏଜେନ୍ସି): ଭାରତୀୟ ମହିଳା ଚେସ୍ ତାରକା ଆର୍ ବୈଶାଳୀ ଫିଡେ ମହିଳା ଗ୍ରାଣ୍ଡ ସ୍ୱିସ୍ ଟାଇଟଲ ବଜାୟ ରଖିଛନ୍ତି । ଏହା ଫଳରେ ସେ ୨୦୨୬ରେ ଖେଳାଯିବାକୁ ଥିବା ସମ୍ମାନଜନକ କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଗ୍ରାଣ୍ଡ ସ୍ୱିସ୍ ଟୁର୍ଣ୍ଣାମେଣ୍ଟରେ ୨୪ ବର୍ଷୀୟା ବୈଶାଳୀ ଶେଷ ରାଉଣ୍ଡରେ ତାନ ଝୋଙ୍ଗୟିଙ୍କ ସହ ମ୍ୟାଚ ଡ୍ର ରଖିବା ଫଳରେ ୧୧ ରାଉଣ୍ଡରୁ ୮ ପଏଣ୍ଟ ପାଇଥିଲେ । ଏହି ପଏଣ୍ଟ ତାଙ୍କୁ ଟାଇଟଲ ଜିତିବାରେ ସହାୟକ ହୋଇଥିଲା । ବୈଶାଳୀଙ୍କ ପୂର୍ବରୁ ଭାରତରୁ କୋନେରୁ ହମ୍ପି ଓ ଦିବ୍ୟା ଦେଶମୁଖ କ୍ୟାଣ୍ଡିଡେଟସ ଚେସ୍ ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି । ଉଭୟ ଖେଳାଳି ଫିଡେ ମହିଳା ୱାର୍ଲ୍ଡ କପ୍ ଫାଇନାଲରେ ପ୍ରବେଶ କରିବା ସହ କ୍ୟାଣ୍ଡିଡେଟସ ଚେସ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ ।



## ୧୧ ବର୍ଷ ପରେ ଦୁଲୀପ ଟ୍ରଫି ଜିତିଲା କେନ୍ଦ୍ରାଞ୍ଚଳ

ବେଙ୍ଗାଲୁରୁ, ୧୫।୯ (ଏଜେନ୍ସି)





ରଜତ ପାଟିଦାରଙ୍କ କେନ୍ଦ୍ରାଞ୍ଚଳ ଚଳିତବର୍ଷର ପ୍ରଥମ ବିସିସିଆଇ ଟୁର୍ଣ୍ଣାମେଣ୍ଟ ଦୁଲୀପ ଟ୍ରଫି ଚାମ୍ପିଅନ୍ ହୋଇଛି । ସୋମବାର ୫ମ ତଥା ଅନ୍ତିମ ଦିନରେ ସମାପ୍ତ ହୋଇଥିବା ଫାଇନାଲ ମ୍ୟାଚ୍‌ରେ ଦକ୍ଷିଣାଞ୍ଚଳକୁ ୬ ୱିକେଟ୍‌ରେ କେନ୍ଦ୍ରାଞ୍ଚଳ ପରାସ୍ତ କରିଛି । ଫାଇନାଲ ମ୍ୟାଚ୍ ଜିତିବା ପାଇଁ କେନ୍ଦ୍ରାଞ୍ଚଳକୁ ଦ୍ୱିତୀୟ ଇନିଂସରେ ମାତ୍ର ୬୫ ରନ୍‌ର ବିଜୟଲକ୍ଷ୍ୟ ମିଳିଥିଲା । ଶେଷ ଦିନର ପ୍ରଥମ ଅଧିବେଶନରେ ୪ ୱିକେଟ୍ ହରାଇ କେନ୍ଦ୍ରାଞ୍ଚଳ ଫାଇନାଲ ମ୍ୟାଚ୍‌କୁ ଜିତି ନେଇଥିଲା । ୨୦୧୪-୧୫ ଋତୁରେ ଶେଷଥର ଦୁଲୀପ ଟ୍ରଫି ଜିତିଥିବା କେନ୍ଦ୍ରାଞ୍ଚଳ ୧୧ ବର୍ଷ ପରେ ଏହି ଟ୍ରଫି ଜିତିପାରିଛି । ମୋଟଉପରେ ୭ମ ଥର କେନ୍ଦ୍ରାଞ୍ଚଳ ଦୁଲୀପ ଟ୍ରଫି ଚମ୍ପିଆନ୍ ହୋଇପାରିଛି । ପ୍ରଥମ ଇନିଂସରେ ଦକ୍ଷିଣାଞ୍ଚଳ ୩୬୨ ରନ୍ ପଛରେ ରହିବା ପରେ ୨ୟ ଇନିଂସରେ ୪୨୬ ରନ୍ କରି ପାରିଥିଲା । ଫଳରେ ୨ୟ ଇନିଂସରେ କେନ୍ଦ୍ରାଞ୍ଚଳକୁ ମାତ୍ର ୬୫ ରନ୍‌ର ବିଜୟଲକ୍ଷ୍ୟ ମିଳିଥିଲା । ଶେଷଦିନର ପିଚ୍‌ରେ ବ୍ୟାଟିଂ କରିବା ସହଜ ନଥିଲା । ଦକ୍ଷିଣାଞ୍ଚଳର ବାମହାତି ପେସ୍ ବୋଲର ଗୁରଜାପନୀତ ସିଂହ ଓ ବାମହାତି ସ୍ପିନର ଅଙ୍କିତ ଶର୍ମା ଚମତ୍କାର ବୋଲିଂ କରିବାରୁ କେନ୍ଦ୍ରାଞ୍ଚଳ ୫ମ ତଥା ଶେଷଦିନରେ ୨୪ ରନ୍‌ରେ ୩ଟି ୱିକେଟ ହରାଇଥିଲା । ଓପ୍‌ନର ଡାନିସ୍ ମାଲେୱାର ୫, ଶୁଭମ୍ ଶର୍ମା ୮ ଓ ସାରାଂଶ ଜୈନ ୪ ରନ୍‌କରି ବିଦାୟ ନେଇଥିଲେ । ଅଧିନାୟକ ରଜତ ପାଟିଦାର ୧୩ ରନ୍‌କରି ଆଉଟ୍ ହୋଇଥିଲେ । ଅନ୍ୟ ଓପ୍‌ନର ଅକ୍ଷୟ ୱାଡ଼କର ୧୯ ଓ ଯଶ ରାଠୋଡ଼ ୧୩ ରନ୍‌କରି ଅପରାଜିତ ଥିଲେ । ଗୁରଜାପନୀତ ସିଂହ ଓ ଅଙ୍କିତ ଶର୍ମା ୨ଟି ଲେଖାଏଁ ୱିକେଟ୍ ନେଇଥିଲେ । ପ୍ରଥମ ଇନିଂସରେ ୧୯୪ ରନ୍ କରିଥିବା ଯଶ ରାଠୋଡ଼ ପ୍ଲେୟର ଅଫ୍ ଦି ମ୍ୟାଚ୍ ଏବଂ ଟୁର୍ଣ୍ଣାମେଣ୍ଟରେ ୧୩୬ ରନ୍ କରିବା ସହ ୧୬ଟି ୱିକେଟ୍ ନେଇଥିବା ସାରାଂଶ ଜୈନ ପ୍ଲେୟର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ହୋଇଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS